ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଏପ୍ରିଲ ୨୦/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, April 20/2025 | Page 14 | ₹ 7.00
୫୧ଶ ଭାଗ ୧୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 145 | ମୂଲ୍ୟ ₹୭/-

# ଓଡ଼ିଶାର ଓମ୍ ପ୍ରକାଶଙ୍କୁ ୧୦୦ ପର୍ସେଣ୍ଟାଇଲ୍

**ନୂଆଦିଲ୍ଲୀ,୧୯।୪**

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଶନିବାର ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ଜେଇଇ(ମେନ୍) ଫଳାଫଳ ଘୋଷଣା କରିଛି। ୨୪ ପରୀକ୍ଷାର୍ଥୀ ୧୦୦ ପର୍ସେଣ୍ଟାଇଲ୍ ହାସଲ କରିଥିବାବେଳେ ରାଜସ୍ଥାନରୁ ସର୍ବାଧିକ ୭ ଜଣ ଟପ୍ପର ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଓଡ଼ିଆ ବିଦ୍ୟାର୍ଥୀ ଓମ୍ ପ୍ରକାଶ ବେହେରା ଅଛନ୍ତି। ଶିକ୍ଷାନଗରୀ ରୂପେ ପରିଚିତ କୋଟାର ଏକ କୋଚିଂ ସେଣ୍ଟରରେ ପଢ଼ି ସେ ଜେଇଇ(ମେନ୍) ପାଇଁ ପ୍ରସ୍ତୁତ ହେଉଥିଲେ। ଏଥିପାଇଁ ସେ ମୋବାଇଲ ଓ ସୋସିଆଲ ମିଡିଆରୁ ଦୂରେଇ ରହୁଥିଲେ। ତେବେ ଓମ୍ ପ୍ରକାଶ ଏହି ସଫଳତାର ଶ୍ରେୟ ତାଙ୍କ ମା'ଙ୍କୁ ଦେଇଛନ୍ତି। ମା' ସ୍ମିତାରାଣୀ ବେହେରା ଜଣେ ଅଧ୍ୟାପିକା ଏବଂ ବାପା କମଳାକାନ୍ତ ବେହେରା ଜଣେ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଅଧିକାରୀ। କୋଟାରେ ପ୍ରସ୍ତୁତି ଚଳାଇଥିବାବେଳେ ସେଥିରେ ମା' ପୂର୍ଣ୍ଣ ସହଯୋଗ କରିଥିବା ଓମ୍ ପ୍ରକାଶ କହିଛନ୍ତି। ପିଲାମାନେ ପରୀକ୍ଷା ପୂର୍ବରୁ ଆଦୌ ଚିନ୍ତିତ ନ ହୋଇ ଯେଉଁ ବିଷୟରେ ଦୁର୍ବଳ ଥିବେ ତା' ଉପରେ ଅଧିକ ପରିଶ୍ରମ କଲେ ସଫଳତା ମିଳିବ ବୋଲି ଓମ୍ ପ୍ରକାଶ ପରାମର୍ଶ ଦେଇଛନ୍ତି।

**ଜେଇଇ ମେନ୍ ରେଜଲ୍ଟ**



ଓମ୍ ପ୍ରକାଶ ବେହେରା




# ହିନ୍ଦୀ ପୂରାଇ ଦେବୁନି: ଠାକ୍‌ରେ ଭ୍ରାତା ଏକାଠି

## ମହାରାଷ୍ଟ୍ର ସରକାର ହିନ୍ଦୀକୁ 'ତୃତୀୟ ଭାଷା' ରୂପେ ସ୍କୁଲ ପାଠ୍ୟକ୍ରମରେ ବାଧ୍ୟତାମୂଳକ କରିଛନ୍ତି

**ମହାରାଷ୍ଟ୍ରର ଭାଜପା-ଶିବସେନା ମହାଯୁତି ସରକାର କେନ୍ଦ୍ରର ଜାତୀୟ ଶିକ୍ଷାନୀତି (ଏନ୍‌ଇପି-୨୦୨୦) ଅଧୀନ ୩ ଭାଷା ସୂତ୍ରକୁ ଅନୁସରଣ କରି ରାଜ୍ୟର ପ୍ରାଥମିକ ସ୍କୁଲଗୁଡ଼ିକରେ ହିନ୍ଦୀକୁ ତୃତୀୟ ଭାଷାର ମାନ୍ୟତା ଦେଇଛନ୍ତି। ପୂର୍ବରୁ ବିଦ୍ୟାଳୟ ପାଠ୍ୟକ୍ରମରେ ମରାଠୀ ଓ ଇଂଲିଶ୍ ପ୍ରଚଳିତ ଥିବାବେଳେ ରାଜ୍ୟ ସରକାର ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ହିନ୍ଦୀ ଶିକ୍ଷାଦାନକୁ ବାଧ୍ୟତାମୂଳକ କରିଛନ୍ତି। ସରକାରଙ୍କ ଏଭଳି ପଦକ୍ଷେପକୁ ବିରୋଧୀ ଦଳଗୁଡ଼ିକ 'ମରାଠୀ ଅସ୍ମିତା'ର ପରିପନ୍ଥୀ ଦର୍ଶାଇ ତୀବ୍ର ବିରୋଧ କରିଛନ୍ତି। କଂଗ୍ରେସ ଏବଂ ଶରଦ ପାୱାରଙ୍କ ଏନ୍‌ସିପି-ଏସ୍‌ପି ମହାରାଷ୍ଟ୍ର ଉପରେ ହିନ୍ଦୀ ଭାଷା ଲଦାଯିବାକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଛନ୍ତି। ଏହି ପ୍ରସଙ୍ଗ ମହାରାଷ୍ଟ୍ର ରାଜନୀତିର ମୋଡ଼ ବଦଳାଇବାକୁ ଯାଉଛି। ମରାଠୀ ଓ ହିନ୍ଦୁ ଭୋଟକୁ ଆଧାରକରି ରାଜ୍ୟରେ ଶକ୍ତିଶାଳୀ ଥିବା ଶିବସେନା(ୟୁବିଟି)ର ମୁଖ୍ୟ ଉଦ୍ଧବ ଠାକ୍‌ରେ ଓ ତାଙ୍କ କାକାପୁଅ ଭାଇ ତଥା ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ଅଧ୍ୟକ୍ଷ ରାଜ୍ ଠାକ୍‌ରେ ଏକାଠି ହୋଇପାରନ୍ତି ବୋଲି ଉଭୟେ ସଙ୍କେତ ଦେଇଛନ୍ତି। ରାଜ୍ କହିଛନ୍ତି, ଆମ ଭିତରେ ଥିବା ମତପାର୍ଥକ୍ୟ ବଡ଼ ନୁହେଁ, ମହାରାଷ୍ଟ୍ରର ଆତ୍ମସମ୍ମାନ ରକ୍ଷା ହେଉଛି ସର୍ବୋଚ୍ଚ ପ୍ରାଥମିକତା। ରାଜ୍‌ଙ୍କ ଏହି ମନ୍ତବ୍ୟ ପରେ ତାଙ୍କ ସହ ଥିବା ସମସ୍ତ ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇ ଦେଇଥିବା ଉଦ୍ଧବ କହିଛନ୍ତି। ଗତ କିଛିବର୍ଷର ରାଜ୍ୟ ରାଜନୀତିରେ ଠାକ୍‌ରେ ଭ୍ରାତାଙ୍କ ସ୍ଥିତି ସେମାନଙ୍କୁ ଏବେ ଏକାଠି ହେବାକୁ ଦିଗ ଦେଖାଉଛି। ହିନ୍ଦୀକୁ ବିରୋଧର ମାଧ୍ୟମ କରି ସେମାନେ ଶାସକ ମହାଯୁତିକୁ ଶକ୍ତ ଜବାବ ଦେଇପାରନ୍ତି ବୋଲି ବିଶ୍ଳେଷକମାନେ ମତ ଦେଉଛନ୍ତି।**


ଉଦ୍ଧବ ଠାକ୍‌ରେ


ରାଜ୍ ଠାକ୍‌ରେ

**ମୁମ୍ବାଇ,୧୯।୪**

ମହାରାଷ୍ଟ୍ର ରାଜନୈତିକ ଦୃଶ୍ୟପଟରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ହେବାକୁ ଯାଉଛି। ଶିବସେନା (ୟୁବିଟି) ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ତାଙ୍କଠାରୁ ଦୂରେଇ ଯାଇଥିବା ଭାଇ ତଥା ଏମ୍‌ଏନ୍‌ଏସ୍ ମୁଖ୍ୟ ରାଜ୍ ଠାକ୍‌ରେଙ୍କ ସହ ହାତ ମିଳାଇବାକୁ ଶନିବାର ଆଗ୍ରହ ପ୍ରକାଶ କରିଛନ୍ତି। ହିନ୍ଦୀକୁ ବିରୋଧ ପ୍ରସଙ୍ଗ ୨ ଭାଇଙ୍କୁ ପରସ୍ପରର ନିକଟତର କରାଇଛି। ଚଳିତବର୍ଷ ଶେଷଭାଗରେ ବ୍ରିହନ୍‌ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି) ନିର୍ବାଚନ ପାଇଁ ମହାରାଷ୍ଟ୍ର ପ୍ରସ୍ତୁତି ଚଳାଇଥିବାବେଳେ ଶିବସେନା (ୟୁବିଟି) ଏବଂ ଏମ୍‌ଏନ୍‌ଏସ୍ ମଧ୍ୟରେ ରାଜନୈତିକ ମେଣ୍ଟ ହେବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ମହାରାଷ୍ଟ୍ରରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ହିନ୍ଦୀକୁ ବାଧ୍ୟତାମୂଳକ ତୃତୀୟ ଭାଷା କରାଇବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବାବେଳେ ଏହାକୁ ରାଜ୍ ଠାକ୍‌ରେ ଦୃଢ଼ ବିରୋଧ କରିଥିଲେ। ରାଜ୍ୟରେ ହିନ୍ଦୀକୁ ବାଧ୍ୟତାମୂଳକ ହେବାକୁ ଦିଆଯିବ ନାହିଁ ବୋଲି ଶନିବାର ଉଦ୍ଧବ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଶିବସେନା (ୟୁବିଟି)ର ଶ୍ରମିକ ସଙ୍ଗଠନ ଭାରତୀୟ କାମଗାର ସେନାକୁ ଉଦ୍‌ବୋଧନ ଦେଇ ଉଦ୍ଧବ କହିଛନ୍ତି, ହିନ୍ଦୀ ଭାଷା ପ୍ରତି ତାଙ୍କ ଦଳର ଘୃଣା ନାହିଁ। ତେବେ ଏହାକୁ କ'ଣ ପାଇଁ ଲଦିଦିଆଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ଛୋଟମୋଟ ବିବାଦକୁ ପଛରେ ପକାଇବାକୁ ସେ ପ୍ରସ୍ତୁତ ଅଛନ୍ତି। ମହାରାଷ୍ଟ୍ରର ସ୍ୱାର୍ଥ ପାଇଁ ସମସ୍ତ ମରାଠୀ ଜନସାଧାରଣ ଏକାଠି ହେବାକୁ ସେ ନିବେଦନ କରିଛନ୍ତି। ଶିଳ୍ପସଂସ୍ଥାଗୁଡ଼ିକ ଗୁଜରାଟ ଚାଲିଯାଉଥିବା ନେଇ ଆମେ ପାର୍ଲାମେଣ୍ଟରେ ଉଠାଇଥିଲୁ। ସେତେବେଳେ ଯଦି ଆମେ ଏକାଠି ହୋଇଥାନ୍ତୁ, ତେବେ ସରକାର ଗଢ଼ିପାରିଥାନ୍ତୁ, ଯାହା ମହାରାଷ୍ଟ୍ର ପାଇଁ କାମ କରିଥାନ୍ତା। ଯିଏ ମହାରାଷ୍ଟ୍ର ସ୍ୱାର୍ଥ ବିରୋଧରେ କାର୍ଯ୍ୟ କରିବ, ଆମେ ତାଙ୍କୁ ଘରକୁ ଡାକିବା ନାହିଁ କି ତାଙ୍କ ସହ ବସିବା ନାହିଁ ବୋଲି ଉଦ୍ଧବ କହିଛନ୍ତି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ମହାବିକାଶ ଅଘାଡ଼ି(ଏମ୍‌ଭିଏ) ପରାଜିତ ହେବା ପରେ ବିରୋଧୀ ମେଣ୍ଟରେ ଆଭ୍ୟନ୍ତରୀଣ ସଙ୍କଟ ଦେଖାଦେଇଥିବାବେଳେ ଉଦ୍ଧବଙ୍କ ଏଭଳି ମନ୍ତବ୍ୟରୁ ରାଜଙ୍କ ସହ ଏକାଠି କାମ କରିବା ଦ୍ୱାରା ମରାଠୀଙ୍କ ସ୍ୱାର୍ଥର ସୁରକ୍ଷା ହୋଇପାରିବ ବୋଲି ସେ ଅନୁଭବ କରିଥିବା ପ୍ରତିଫଳିତ ହୋଇଛି। ବିଶେଷ କରି ରାଜ୍ୟର ଭାଷାଗତ ଏବଂ ସାଂସ୍କୃତିକ ପରିଚୟର ସୁରକ୍ଷାକୁ ନେଇ ବିତର୍କ ଚାଲିଥିବାବେଳେ ଉଦ୍ଧବଙ୍କ ମନ୍ତବ୍ୟ ପ୍ରଣିଧାନଯୋଗ୍ୟ।

ଉଦ୍ଧବଙ୍କ ସହ ବିବାଦକୁ ନେଇ ରାଜ୍ ଶିବସେନାଠାରୁ ଦୂରେଇ ଯାଇ ୨୦୦୬ରେ ଏମ୍‌ଏନ୍‌ଏସ୍ ଗଢ଼ିଥିଲେ। ଚଳଚ୍ଚିତ୍ର ନିର୍ମାତା ମହେଶ ମଞ୍ଜରେକରଙ୍କ ସହ ପଡ୍‌କାଷ୍ଟରେ ଆଲୋଚନା ବେଳେ ରାଜ୍ କହିଛନ୍ତି, ଉଦ୍ଧବଙ୍କ ସହ ତାଙ୍କ ବିବାଦ ଛୋଟ ଘଟଣା, କିନ୍ତୁ ମହାରାଷ୍ଟ୍ର ସବୁକିଛିଠାରୁ ବହୁତ ବଡ଼। ଉକ୍ତ ମତଭେଦ ମହାରାଷ୍ଟ୍ର ଏବଂ ମରାଠୀଙ୍କ ପାଇଁ ମୂଲ୍ୟ ଦେବାକୁ ପଡ଼ିଛି। ଏକାଠି ହେବା କଷ୍ଟକର ନୁହେଁ, ଏହା ଇଚ୍ଛାର କଥା। ଆମେ ଏକ ବୃହତ୍ତର ଛବି ଦେଖିବା ଆବଶ୍ୟକ। ମହାରାଷ୍ଟ୍ରର ସମ୍ମାନ ପାଇଁ ସେ ନିଜ ଅହଂଭାବକୁ ପ୍ରତିବନ୍ଧକ ହେବାକୁ ଦେବେନାହିଁ।

# ୨୧ କି.ମି. ଦୌଡ଼ିଲେ ୨୧ ରୋବୋ

**ବେଜିଂ, ୧୯।୪ (ପି.ଟି.)**

ରୋବୋଟିକ୍ସ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (କୃତ୍ରିମ ବୁଦ୍ଧିମତ୍ତା) କ୍ଷେତ୍ରରେ ଅନ୍ୟ ଦେଶଗୁଡ଼ିକଠାରୁ ବହୁ ଆଗରେ ଥିବା ନେଇ ଚାଇନା ପୁଣିଥରେ ପ୍ରମାଣିତ କରିଛି। ଶନିବାର ବେଜିଂରେ ବିଶ୍ୱର ପ୍ରଥମ ରୋବୋ ହାଫ୍ ମାରାଥନ୍‌ର ଆୟୋଜନ କରାଯାଇଛି। ବେଜିଂସ୍ଥିତ ଅର୍ଥନୈତିକ ପ୍ରଯୁକ୍ତିବିଦ୍ୟା ବିକାଶ କ୍ଷେତ୍ରରେ ଆୟୋଜିତ ଏହି ନିଆରା ମାରାଥନ୍ ଦୌଡ଼ରେ ୨୧ଟି ହ୍ୟୁମାନଏଡ୍ ରୋବୋ ମଣିଷଙ୍କ ସହ ୨୧ କି.ମି. ପର୍ଯ୍ୟନ୍ତ ଦୌଡ଼ିଥିଲେ। ଏହି ମାରାଥନ୍‌ରେ ଦୌଡ଼ିବା ପାଇଁ ମଣିଷ ଓ ରୋବୋଙ୍କ ପାଇଁ ଭିନ୍ନ ଭିନ୍ନ ଟ୍ରାକ୍ ହୋଇଥିଲା। ବିଭିନ୍ନ ଆକୃତି ଏବଂ ଆକାରର ରୋବୋ ଦୌଡୁଥିବାବେଳେ ସେମାନଙ୍କୁ ଦେଖିବା ପାଇଁ ଟ୍ରାକର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଜନସମାଗମ ଘଟିଥିଲା। ଏହି ପ୍ରତିଯୋଗିତାରେ ଚାଇନାର ବିଭିନ୍ନ ବିଶ୍ୱବିଦ୍ୟାଳୟ, ଗବେଷଣା ପ୍ରତିଷ୍ଠାନ ଏବଂ ପ୍ରଯୁକ୍ତିବିଦ୍ୟା କମ୍ପାନୀଗୁଡ଼ିକର ୨୦ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଦୌଡ଼ିବା ସମୟରେ ଏହି ରୋବୋଗୁଡ଼ିକୁ ସେମାନଙ୍କ ଇଞ୍ଜିନିୟର ଦୂରରୁ ଅପରେଟ କରୁଥିଲେ।

ଏହି ମାରାଥନ୍ ରେସ୍‌କୁ ବେଜିଂ ଇନୋଭେଶନ୍ ସେଣ୍ଟର ଅଫ୍ ହ୍ୟୁମାନ ରୋବୋଟିକ୍ସ ଦ୍ୱାରା ପ୍ରସ୍ତୁତ ଟିଆନଗଙ୍ଗ ଅଲଟ୍ରା ନାମକ ରୋବୋ ୨ ଘଣ୍ଟା ୪୦ ମିନିଟରେ ଶେଷ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ।

**ବେଜିଂରେ ରୋବୋ ମାରାଥନ୍**







# ୨୪ରେ ନୂଆ ଆବେଦନକାରୀଙ୍କୁ ମିଳିବ ସୁଭଦ୍ରା ଟଙ୍କା

**ଭୁବନେଶ୍ୱର, ୧୯।୪ (ସୁନିତ୍ ମିଶ୍ର)**

ସୁଭଦ୍ରା ଯୋଜନାରେ ଯେଉଁମାନେ ନୂଆ ଆବେଦନକାରୀ ଅଛନ୍ତି, ସେମାନଙ୍କୁ ଆସନ୍ତା ୨୪ରେ ସୁଭଦ୍ରା ଟଙ୍କା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶନିବାର ସୂଚନା ଦେଇଛନ୍ତି। ରାଜ୍ୟରେ ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ ହେବାକୁ ଯାଉଛି। ପୂର୍ବରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ମାର୍ଚ୍ଚ ୫ ଅବସରରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଥିଲା। ହେଲେ ନିକଟରେ ରାଜ୍ୟ ସରକାର ମାର୍ଚ୍ଚ ୫ ପରିବର୍ତ୍ତେ ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସ ପାଳନ କରିବାକୁ ଯାଉଛନ୍ତି। ଏହିଦିନ ପୁରୀଠାରେ ଟଙ୍କା ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ରାଜ୍ୟର ପ୍ରାୟ ୧ ଲକ୍ଷ ୭୦ ହଜାର ମହିଳା ଏକାଥରେ ୨ଟି କିସ୍ତି ଟଙ୍କା ଏହିଦିନ ପାଇବେ। ଯେଉଁମାନେ ନୂଆ ଆବେଦନ କରିଛନ୍ତି, ସେମାନଙ୍କୁ ଏହି ଟଙ୍କା ଦିଆଯିବ। ପ୍ରଭାତୀ ଆହୁରି କହିଛନ୍ତି, ସୁଭଦ୍ରାକୁ ସହଜ କରିବା ପାଇଁ ସର୍ଭେ କରାଯିବ। ଅଯୋଗ୍ୟ ହିତାଧିକାରୀଙ୍କ ସର୍ଭେ ପରେ ୩ୟ କିସ୍ତି ଦିଆଯିବ। ତୃତୀୟ କିସ୍ତି ପରେ ଯେଉଁମାନଙ୍କ ବୟସ ୨୧ ବର୍ଷ ହୋଇଯାଇଥିବ ସେମାନଙ୍କ ପାଇଁ ପୁଣି ସୁଭଦ୍ରା ପୋର୍ଟାଲ ଓପନ୍ କରାଯିବ।



**ଜୟ ଶ୍ରୀରାମ ନ କହିବାରୁ ନାବାଳକଙ୍କୁ ଆକ୍ରମଣ**

ଉତ୍ତରପ୍ରଦେଶର କାନପୁରସ୍ଥିତ ସରସୌଲରେ ଜୟ ଶ୍ରୀରାମ ସ୍ଲୋଗାନ ନ ଦେବାରୁ ଜଣେ ୧୩ ବର୍ଷୀୟ ମୁସଲମାନ ବାଳକଙ୍କୁ ୩ ଅନ୍ୟ ନାବାଳକ ଆକ୍ରମଣ କରିଛନ୍ତି। ୩ ଅଭିଯୁକ୍ତ ପୀଡ଼ିତଙ୍କୁ ମାଡ଼ପିଟ କରିଥିଲେ। ଏହାପରେ ସେମାନେ ଏକ କାଚ ବୋତଲକୁ ଭାଙ୍ଗିବା ସହ ସେଥିରୁ ଭଙ୍ଗା କାଚ ଆଣି ପୀଡ଼ିତଙ୍କ ଜଙ୍ଘକୁ ଭୁସିଥିଲେ। ପୀଡ଼ିତଙ୍କ ଗୋଡ଼ରେ ଗୁରୁତର ଆଘାତ ଲାଗିଥିଲା। ଶନିବାର ପୀଡ଼ିତଙ୍କ ଜେଜେବାପାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ଆଫଗାନିସ୍ତାନରେ ଭୂକମ୍ପ

**ଦିଲ୍ଲୀ, ଜମ୍ମୁ-କଶ୍ମୀରରେ ଝଟକା**

ନୂଆଦିଲ୍ଲୀ,୧୯।୪

ଆଫଗାନିସ୍ତାନରେ ଶନିବାର ଅପରାହ୍ନ ୧୨ଟା ୧୭ ମିନିଟ୍ ସମୟରେ ୫.୮ ତୀବ୍ରତାର ଭୂକମ୍ପ ହୋଇଛି। ତେବେ ଏଥିରେ କେହି ମୃତାହତ ହୋଇଥିବାର ଖବର ମିଳିନାହିଁ। ଏହାର ପ୍ରଭାବରେ ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ, ଜମ୍ମୁ-କଶ୍ମୀର ସମେତ ଉତ୍ତରଭାରତର ଅଧିକାଂଶ ଅଞ୍ଚଳରେ କମ୍ପନ ଅନୁଭୂତ ହୋଇଛି। ଭୂକମ୍ପର କେନ୍ଦ୍ରସ୍ଥଳ ୩୬.୧୦ ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୭୧.୨୦ ଡିଗ୍ରୀ ପୂର୍ବ ଦ୍ରାଘିମା ମଧ୍ୟରେ ଏବଂ ୧୩୦ କିଲୋମିଟର ଗଭୀରରେ ବୋଲି ଜଣାପଡ଼ିଛି। ପାକିସ୍ତାନରେ ପୂର୍ବାହ୍ନ ୧୧ଟା ୪୭ରେ ସଂଘଟିତ ଅନ୍ୟ ଏକ ଭୂକମ୍ପର କେନ୍ଦ୍ରସ୍ଥଳ ଆଫଗାନିସ୍ତାନ-ତାଜିକିସ୍ତାନ ସୀମାନ୍ତ ଅଞ୍ଚଳର ୯୪ କିଲୋମିଟର ଗଭୀରରେ ବୋଲି ନ୍ୟାଶନାଲ ସିସ୍‌ମିକ୍ ମନିଟରିଂ ସେଣ୍ଟର ପକ୍ଷରୁ କୁହାଯାଇଛି। ପାକିସ୍ତାନର ଇସ୍‌ଲାମାବାଦ, ଲାହୋର, ପେଶାୱର, ରାୱଲପିଣ୍ଡି ଏବଂ ଖାଇବର ପଖ୍‌ତୁନ୍‌ଖ୍ୱାର ବିଭିନ୍ନ ଅଞ୍ଚଳରେ କମ୍ପନ ଅନୁଭୂତ ହୋଇଛି।

### ଡ୍ରଗ୍ସ ମାମଲାରେ ମାଲୟାଲମ ଅଭିନେତା ଗିରଫ


ଶାଇନ୍ ଟମ୍ ଚାକୋ

କୋଚି, ୧୯।୪

ଏକ ଡ୍ରଗ୍ସ କାରବାର ମାମଲାରେ ମାଲୟାଲମ ଅଭିନେତା ଶାଇନ୍ ଟମ୍ ଚାକୋଙ୍କୁ ଶନିବାର ଗିରଫ କରାଯାଇଛି। କିଛିଦିନ ତଳେ କୋଚିର ଏକ ହୋଟେଲରେ ଚଢ଼ାଉ ବେଳେ ସେ ଖସି ପଳାଇଥିଲେ। ଶନିବାର ଚାକୋଙ୍କୁ ୪ ଘଣ୍ଟା ଜେରା ପରେ ପୋଲିସ ଗିରଫ କରିଥିଲା। ତାଙ୍କ ବିରୋଧରେ ବେଆଇନ ନିଶା କାରବାର ଆଇନର ଧାରା ୨୭ ଏବଂ ୨୯ ଅନୁଯାୟୀ, ମାମଲା ରୁଜୁ କରାଯାଇଛି। ଶୁକ୍ରବାର ଚାକୋଙ୍କୁ ପୋଲିସ ସମନ କରିଥିଲା। ତେବେ ଗିରଫ ହେବାର କିଛି ଘଣ୍ଟା ପରେ ଶନିବାର ରାତିରେ ତାଙ୍କୁ ଜାମିନ ମିଳିଛି।

# ହିନ୍ଦୁ ନେତାଙ୍କୁ ହତ୍ୟାରୁ ବଢ଼ୁଛି ଅଶାନ୍ତି



ସଂଖ୍ୟାଲଘୁଙ୍କ ସୁରକ୍ଷା ଦାବିରେ ବାଂଲାଦେଶରେ ବିକ୍ଷୋଭ କରାଯାଉଛି।

## ବାଂଲାଦେଶକୁ ନିନ୍ଦାକଲା ଭାରତ

ନୂଆଦିଲ୍ଲୀ,୧୯।୪

ବାଂଲାଦେଶର ପ୍ରମୁଖ ହିନ୍ଦୁ ନେତା ଭବେଶ ଚନ୍ଦ୍ର ରୟଙ୍କୁ ହତ୍ୟା ଘଟଣାରେ ଭାରତ ଶନିବାର ମହମ୍ମଦ ୟୁନୁସ୍ ସରକାରଙ୍କୁ ନିନ୍ଦା କରିଛି। ଅନ୍ତରୀଣ ସରକାରଙ୍କ ଶାସନରେ ପଡ଼ୋଶୀ ଦେଶର ସଂଖ୍ୟାଲଘୁଙ୍କ ପ୍ରତି ବ୍ୟବସ୍ଥିତ ଉତ୍ପୀଡ଼ନ ଢାଞ୍ଚାର ଏକା ଏକ ଅଂଶବିଶେଷ ବୋଲି ନୂଆଦିଲ୍ଲୀ କହିଛି। ହିନ୍ଦୁ ନେତା ୫୮ ବର୍ଷୀୟ ଭବେଶଙ୍କୁ ଦିନାଜପୁରସ୍ଥିତ ତାଙ୍କ ଘରୁ ଅପହରଣ କରିନିଆଯାଇ ପିଟି ହତ୍ୟା କରାଯାଇଥିଲା। ତାଙ୍କ ମୃତଦେହ ଗୁରୁବାର ରାତିରେ ମିଳିଥିଲା। ଭବେଶ ବାଂଲାଦେଶ ପୂଜା ଉଦ୍‌ଯାପନ ପରିଷଦର ଉପସଭାପତି ଏବଂ ହିନ୍ଦୁ ସମ୍ପ୍ରଦାୟର ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଥିଲେ। ଭବେଶଙ୍କୁ ଅପହରଣ ଏବଂ ଜଘନ୍ୟ ହତ୍ୟା ସଂଖ୍ୟାଲଘୁ ହିନ୍ଦୁଙ୍କ ପ୍ରତି ବ୍ୟବସ୍ଥିତ ଉତ୍ପୀଡ଼ନ ଓ ଏହାକୁ ଆମେ ଦୃଢ଼ ନିନ୍ଦା କରୁଛୁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ଏକ୍ସରେ ଏକ ବିବୃତିରେ କହିଛି। ସଂଖ୍ୟାଲଘୁ ସମ୍ପ୍ରଦାୟର ସୁରକ୍ଷା ପ୍ରତି ବାଂଲାଦେଶ ଅନ୍ତରୀଣ ସରକାରଙ୍କ ଦାୟିତ୍ୱ ସମ୍ପର୍କରେ ଭାରତ ସ୍ମରଣ କରାଇଦେଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି।

ଗତବର୍ଷ ଅଗଷ୍ଟରେ ବାଂଲାଦେଶରେ ଛାତ୍ର ଆନ୍ଦୋଳନ ହିଂସ୍ର ରୂପ ନେବା ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ନିଜ ପଦବୀରୁ ଇସ୍ତଫା ଦେଇ ଭାରତ ପଳାଇଆସିଥିଲେ। ମହମ୍ମଦ ୟୁନୁସ୍‌ଙ୍କୁ ଅନ୍ତରୀଣ ସରକାରର ମୁଖ୍ୟ ଉପଦେଷ୍ଟା କରାଯାଇଥିଲା। ଏହା ପରେ ବାଂଲାଦେଶରେ ଭାରତ ବିରୋଧୀ ମନୋଭାବ ବୃଦ୍ଧି ପାଇବା ସହ ହିନ୍ଦୁମାନେ ବାରମ୍ବାର ଆକ୍ରମଣ ଏବଂ ନିର୍ଯାତନାର ଶିକାର ହୋଇଆସୁଛନ୍ତି। ଗତବର୍ଷ ଢାକା ବିମାନବନ୍ଦରରୁ ହିନ୍ଦୁ ସନ୍ଥ ଚିନ୍ମୟ କ୍ରିଷ୍ଣ ଦାସଙ୍କୁ ଗିରଫ କରାଯିବା ପରେ ଭାରତ ବାଂଲାଦେଶକୁ ସଂଖ୍ୟାଲଘୁଙ୍କ ଅଧିକାରର ସୁରକ୍ଷା କର୍ତ୍ତବ୍ୟ ସମ୍ପର୍କରେ ବାରମ୍ବାର ସ୍ମରଣ କରାଇଥିଲା। ସଂଖ୍ୟାଲଘୁଙ୍କ ବିରୋଧରେ ହିଂସାକୁ ଗଣମାଧ୍ୟମର ଅତିଶୟୋକ୍ତି କହି ଏଡ଼ାଇ ଦିଆଯାଇପାରିବ ନାହିଁ ବୋଲି ଜୟସ୍ୱାଲ କହିବା ସହ ସଂଖ୍ୟାଲଘୁଙ୍କ ସୁରକ୍ଷା ପାଇଁ ୟୁନୁସ୍ ପ୍ରଶାସନକୁ ନିବେଦନ କରିଥିଲେ।

## ବାଂଲାଦେଶ ପାଇଁ ନୂଆ ଟ୍ରାଭେଲ୍ ଆଡ୍‌ଭାଇଜରି ଜାରି କଲା ଆମେରିକା

ୱାଶିଂଟନ,୧୯।୪

ବାଂଲାଦେଶରେ ନାଗରିକ ଅଶାନ୍ତି, ଅପରାଧ ଏବଂ ଆତଙ୍କବାଦ ଯୋଗୁ ସେହି ଦେଶକୁ ଭ୍ରମଣରେ ଯିବା ବିପଦପୂର୍ଣ୍ଣ ହୋଇଛି। ତେଣୁ ବାଂଲାଦେଶ ଯିବା ନେଇ ଆମେରିକା ପରରାଷ୍ଟ୍ର ବିଭାଗ ଶୁକ୍ରବାର ଏହାର ନାଗରିକଙ୍କ ନିମନ୍ତେ କଠୋର ଟ୍ରାଭେଲ୍ ଆଡ୍‌ଭାଇଜରି ଜାରି କରି ସେମାନଙ୍କୁ ସତର୍କ କରାଇଛି। ବାଂଲାଦେଶ ପାଇଁ 'ଲେବଲ ୩: ରିକନ୍‌ସିଡର ଟ୍ରାଭେଲ୍' ଆଲର୍ଟ ଏବଂ ଚାଟ୍ଟାଗଙ୍ଗ ହିଲ୍ ଟ୍ରାକ୍ ଅଞ୍ଚଳ ପାଇଁ 'ଲେବଲ୪: ଡୋଣ୍ଟ ଟ୍ରାଭେଲ' ୱାର୍ନିଂ ଜାରି ହୋଇଛି। ଚିଟ୍ଟାଗଙ୍ଗ ପାର୍ବତ୍ୟାଞ୍ଚଳରେ ଖଗ୍ରାଚାରୀ, ରଙ୍ଗାମାଟି ଏବଂ ବନ୍ଦରବାନ ଜିଲା ଯାଉଥିବାବେଳେ ଏହାକୁ ବିପଜ୍ଜନକ ଅଞ୍ଚଳ ବିବେଚନା କରାଯାଉଛି। ସେଠାରେ ଧର୍ମୀୟ ସଂଖ୍ୟାଲଘୁମାନଙ୍କୁ ଟାର୍ଗେଟ କରାଯାଉଛି। ବିଚ୍ଛିନ୍ନତାବାଦୀ ସଂଗଠନ ଏବଂ ରାଜନୈତିକ ହିଂସା ମଧ୍ୟ ବାହାର ଦେଶର ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିଛି। ସାମ୍ପ୍ରଦାୟିକ ହିଂସା, ଅପରାଧ, ଆତଙ୍କବାଦ, ଅପହରଣ ଏବଂ ଅନ୍ୟାନ୍ୟ ବିପଦ ରହିଛି ଓ ଅନେକ ସମୟରେ ଆଇଇଡି ବିସ୍ଫୋରଣ ଓ ଗୁଳିକାଣ୍ଡ ଘଟୁଛି। ତେଣୁ ଚିଟ୍ଟାଗଙ୍ଗ ପାର୍ବତ୍ୟାଞ୍ଚଳକୁ ନ ଯିବା ଲାଗି ଆଡ୍‌ଭାଇଜରିରେ ଆମେରିକୀୟମାନଙ୍କୁ ପରାମର୍ଶ ଦିଆଯାଇଛି।

### ଜେଇଇ ମେନ୍: ୨୪ ଟପ୍ପରଙ୍କ ମଧ୍ୟରୁ ରାଜସ୍ଥାନରୁ ସର୍ବାଧିକ ୭

ନୂଆଦିଲ୍ଲୀ,୧୯।୪

ଜେଇଇ ମେନ୍ ପରୀକ୍ଷାରେ ମୋଟ ୨୪ ଜଣ ୧୦୦ ପର୍ସେଣ୍ଟାଇଲ୍ ରଖି ଟପ୍ପର ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ରାଜସ୍ଥାନରୁ ସର୍ବାଧିକ ୭, ତେଲଙ୍ଗାନା, ଉତ୍ତରପ୍ରଦେଶ ଏବଂ ମହାରାଷ୍ଟ୍ରରୁ ୩ ଜଣ ଲେଖାଏ, ଦିଲ୍ଲୀ, ଗୁଜରାଟ ଏବଂ ପଶ୍ଚିମବଙ୍ଗରୁ ୨ ଜଣ ଲେଖାଏ ଏବଂ କର୍ନାଟକ ଓ ଆନ୍ଧ୍ରପ୍ରଦେଶରୁ ଜଣେ ଲେଖାଏ ରହିଛନ୍ତି। ଟପ୍ପରଙ୍କ ମଧ୍ୟରେ ୨ ଛାତ୍ରୀ ଥିବାବେଳେ ୨୧ ଜଣ ସାଧାରଣ ବର୍ଗର ଏବଂ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପଛୁଆ ବର୍ଗରୁ ଜଣେ ଲେଖାଏ ଅଛନ୍ତି। ଚଳିତ ମାସରେ ୫୩୧ଟି ସେଣ୍ଟରରେ ଅନୁଷ୍ଠିତ ଜେଇଇ ଦ୍ୱିତୀୟ ସଂସ୍କରଣ ପରୀକ୍ଷାରେ ୯.୯୨ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରଥମ ସଂସ୍କରଣର ପରୀକ୍ଷାର୍ଥୀଙ୍କ ସଂଖ୍ୟା ୧୦.୬୧ ଲକ୍ଷ ଥିଲା। ଜେଇଇ(ମେନ୍) ପ୍ରଥମ ଓ ଦ୍ୱିତୀୟ ପତ୍ର ଫଳାଫଳ ଆଧାରରେ ଛାତ୍ରୀଛାତ୍ରଙ୍କୁ ଜେଇଇ(ଆଡଭାନ୍ସଡ) ପାଇଁ ଶର୍ଟଲିଷ୍ଟେଡ୍ କରାଯିବ, ଯାହାକି ଦେଶର ୨୩ଟି ଆଇଆଇଟିରେ ନାମଲେଖା ପାଇଁ ୱାନ୍-ଷ୍ଟପ୍ ପରୀକ୍ଷା। ମେନ୍ ପରୀକ୍ଷା ୧୩ଟି ଭାଷା ଓଡ଼ିଆ, ବେଙ୍ଗଲୀ, ଅସମୀୟା, ଇଂଲିଶ, ଗୁଜରାଟୀ, ହିନ୍ଦୀ, କନ୍ନଡ଼, ମାଲାୟାଲମ୍, ମରାଠୀ, ପଞ୍ଜାବୀ, ତାମିଲ, ତେଲୁଗୁ ଏବଂ ଉର୍ଦ୍ଦୁରେ କରାଯାଇଥିଲା। ଭାରତ ବାହାରେ ବିଭିନ୍ନ ଦେଶର ୧୫ଟି କେନ୍ଦ୍ରରେ ମଧ୍ୟ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

## ବିଲ୍ଡିଂ ଭୁଶୁଡ଼ି ୧୧ ମୃତ

ନୂଆଦିଲ୍ଲୀ, ୧୯।୪

ଉତ୍ତର-ପୂର୍ବ ଦିଲ୍ଲୀର ମୁସ୍ତାଫାବାଦସ୍ଥିତ ଶକ୍ତି ବିହାର ଅଞ୍ଚଳରେ ଶନିବାର ଭୋର୍ ୩ଟା ସମୟରେ ଏକ ୪ ମହଲା କୋଠା ଭୁଶୁଡ଼ି ୧୧ ଜଣଙ୍କ ମୃତ୍ୟୁ ଘଟିବା ସହ ୧୧ ଆହତ ହୋଇଛନ୍ତି। ଭଗ୍ନାବଶେଷ ତଳେ ଅନେକେ ଚାପି ହୋଇ ଯାଇଥିଲେ। ତୁରନ୍ତ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍), ଅଗ୍ନିଶମ ବାହିନୀ ଓ ପୋଲିସ ପହଞ୍ଚି ରେସ୍କ୍ୟୁ ଅପରେଶନ ଆରମ୍ଭ କରିଥିଲେ। ଶନିବାର ସନ୍ଧ୍ୟା ସୁଦ୍ଧା ୨୨ ଜଣଙ୍କୁ ଉଦ୍ଧାର କରାଯାଇଛି। ୧୧ ଜଣଙ୍କ ମୃତ୍ୟୁ ଘଟିଥିବା ଅଗ୍ନିଶମ ବାହିନୀ କହିଛି। କେତେଜଣ ଭଗ୍ନାବଶେଷ ତଳେ ଫସିରହିଥିବାରୁ ରେସ୍କ୍ୟୁ ଅପରେଶନ ଜାରି ରହିଛି। ଘଟଣାକୁ ନେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଶୋକ ପ୍ରକଟ କରିଛନ୍ତି। ସେ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏକ୍ସ'ରେ ପୋଷ୍ଟ କରିଛନ୍ତି। କୋଠା ମାଲିକାଣୀ ତେହସିନ (୬୦)ଙ୍କ ସମେତ ତାଙ୍କ ପରିବାରର ୭ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩ ମହିଳା ଓ ୪ ଜଣ ଶିଶୁ ରହିଛନ୍ତି। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।


ମୁସ୍ତାଫାବାଦସ୍ଥିତ ଶକ୍ତି ବିହାର ଅଞ୍ଚଳର ୪ ମହଲା ବିଶିଷ୍ଟ ଆବାସିକ କୋଠା ଭୁଶୁଡ଼ି ଯିବା ପରେ ରେସ୍କ୍ୟୁ ଅପରେଶନ ଜାରି ରହିଛି।

### ଘୃଣା ଅପରାଧ ପୀଡ଼ିତଙ୍କୁ ସମାନ କ୍ଷତିପୂରଣ ଆବେଦନର ଶୁଣାଣି ୨୩ରେ

ନୂଆଦିଲ୍ଲୀ,୧୯।୪(ପି.ଟି.)

ଘୃଣା ହିଂସା ଏବଂ ଭିଡ଼ ହିଂସାର ପୀଡ଼ିତମାନଙ୍କୁ ସମାନ କ୍ଷତିପୂରଣ ମଞ୍ଜୁରୀ ଲାଗି ଦାଏର ପିଟିଶନର ଶୁଣାଣି ୨୩ରେ କରିବାକୁ ସୁପ୍ରିମକୋର୍ଟ ଧାର୍ଯ୍ୟ କରିଛନ୍ତି। ଇଣ୍ଡିଆନ୍ ମୁସଲିମ୍ ଫର୍ ପ୍ରୋଗ୍ରେସ୍ ଆଣ୍ଡ ରିଫର୍ମ୍ସ (ଆଇଏମ୍‌ପିଏଆର୍) ପକ୍ଷରୁ ଦାଏର ଏହି ପିଟିଶନ ଉପରେ ସର୍ବୋଚ୍ଚ ଅଦାଲତ ୨୦୨୩ ଏପ୍ରିଲରେ କେନ୍ଦ୍ର, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଜବାବ ମାଗିଥିଲେ। ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ ୨୩ରେ ସେଗୁଡ଼ିକର ଶୁଣାଣି କରିବେ।

## କାନାଡାରେ ଗୁଳିବାଜି ଭାରତୀୟ ଛାତ୍ରୀ ମୃତ

ଓଟ୍ଟାୱା, ୧୯।୪

କାନାଡାର ଓଣ୍ଟାରିଓ ରାଜ୍ୟ ହାମିଲଟନ ସହରରେ ଗୁଳି ବାଜିବାରୁ ଜଣେ ୨୧ ବର୍ଷୀୟା ଭାରତୀୟ ଛାତ୍ରୀ ହର୍‌ସିମରତ କୌର ରନ୍ଧାୱାଙ୍କର ମୃତ୍ୟୁ ହୋଇଯାଇଛି। ଟୋରଣ୍ଟୋରେ ଥିବା ଭାରତୀୟ କନ୍‌ସୁଲେଟ ଜେନେରାଲ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ହର୍‌ସିମରତ ହାମିଲଟନସ୍ଥିତ ଏକ ବସ୍ ଷ୍ଟପ୍‌ରେ ଅପେକ୍ଷା କରି ରହିଥିବା ବେଳେ ସେଠାରେ ୨ ଗୋଷ୍ଠୀ ପକ୍ଷରୁ ପୃଥକ୍ କାର୍‌ରେ ପରସ୍ପର ସହ ଗୁଳି ବିନିମୟ ହୋଇଥିଲା। ଏହି ସମୟରେ ଏକ ଗୁଳି ଆସି ହର୍‌ସିମରତଙ୍କ ଶରୀରରେ ବାଜିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ସେ ଓଣ୍ଟାରିଓସ୍ଥିତ ମୋହକ କଲେଜର ଛାତ୍ରୀ ଥିଲେ। ଘଟଣାକୁ ନେଇ ତଦନ୍ତ ଜାରି ରହିଥିବାବେଳେ ହର୍‌ସିମରତଙ୍କ ପରିବାରକୁ ସବୁ ପ୍ରକାରର ସହାୟତା ଯୋଗାଇ ଦିଆଯିବ ବୋଲି ଟରୋଣ୍ଟୋସ୍ଥିତ ଭାରତୀୟ କନ୍‌ସୁଲେଟ ଜେନେରାଲ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ହର୍‌ସିମରତ ହେଉଛନ୍ତି ପଞ୍ଜାବର ତାରାତରଣ ଜିଲା ଧୁଣ୍ଡା ଗ୍ରାମର ମୂଳ ନିବାସୀ। ତାଙ୍କ ମୃତଦେହକୁ ଭାରତ ଫେରାଇ ଆଣିବାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ହର୍‌ସିମରତଙ୍କ ପରିବାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି।


ହର୍‌ସିମରତ କୌର ରନ୍ଧାୱା

### ଚୋରି ସନ୍ଦେହରେ ୨ ଶ୍ରମିକଙ୍କୁ ବିଦ୍ୟୁତ୍ ଶକ୍


କୋର୍ବା,୧୯।୪

ଛତିଶଗଡ଼ର କୋର୍ବା ଜିଲାରେ ଏକ ଆଇସ୍‌କ୍ରିମ୍ ଫ୍ୟାକ୍ଟ୍ରିର ୨ ଜଣ ଶ୍ରମିକଙ୍କୁ ଚୋରି ସନ୍ଦେହରେ ନିଯୁକ୍ତିଦାତା ଓ ତାଙ୍କ ସହଯୋଗୀ ଅକଥନୀୟ ନିର୍ଯାତନା ଦେଇଛନ୍ତି। ଶ୍ରମିକଙ୍କ ନଖ ତାଡ଼ିନେବା ସହ ସେମାନଙ୍କୁ ବିଦ୍ୟୁତ୍ ଶକ୍ ଦିଆଯାଇଥିବା ପୋଲିସରେ ଅଭିଯୋଗ ହୋଇଛି। ଶ୍ରମିକ ଅଭିଷେକ ଭାମ୍ବି ଏବଂ ବିନୋଦ ଭାମ୍ବିଙ୍କ ଘର ରାଜସ୍ଥାନର ଭିଲୱାରା ଜିଲାରେ। ସେମାନେ ଖପ୍ରଭଟ୍ଟି ଅଞ୍ଚଳରେ ଛୋଟୁ ଗୁର୍ଜାରଙ୍କ ଆଇସ୍‌କ୍ରିମ୍ ଫ୍ୟାକ୍ଟ୍ରିରେ ଠିକା ଶ୍ରମିକ ଭାବେ କାମ କରୁଥିଲେ।

## ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ଇଷ୍ଟର ଅସ୍ତ୍ରବିରତି ଘୋଷଣା କଲେ ପୁଟିନ୍

ମସ୍କୋ,୧୯।୪

ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ୧,୧୫୦ ଦିନ ବିତିଥିବାବେଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଶନିବାର ଇଷ୍ଟର ଅସ୍ତ୍ରବିରତି ଘୋଷଣା କରିଛନ୍ତି। ଅସ୍ତ୍ରବିରତି ଶନିବାର ସନ୍ଧ୍ୟାରୁ ଆରମ୍ଭ ହୋଇ ରବିବାର ମଧ୍ୟରାତ୍ର ପର୍ଯ୍ୟନ୍ତ ବଳବତ୍ତର ରହିବ। ରୁଷିଆ ଚିଫ୍ ଅଫ୍ ଷ୍ଟାଫ୍ ଭାଲେରି ଗାରାସିମୋଭ୍‌ଙ୍କ ସହ ଆଲୋଚନା ବେଳେ ପୁଟିନ୍ ଏକ ଟେଲିଭିଜନ ବାର୍ତ୍ତାରେ ଏହା କହିଛନ୍ତି। ଯୁଦ୍ଧର ଅବସାନ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ କିଛି ମାସ ହେଲା ଉଦ୍ୟମ କରିଆସୁଛନ୍ତି। ଆଗାମୀ କିଛିଦିନ ଭିତରେ ଶାନ୍ତି ଚୁକ୍ତି ସ୍ୱାକ୍ଷର ହେବା ନେଇ ସ୍ପଷ୍ଟ ସଙ୍କେତ ନ ମିଳିଲେ ଟ୍ରମ୍ପ ପିସ୍ ଡିଲ୍ ମଧ୍ୟସ୍ଥତାରୁ ଓହରିଯିବେ ବୋଲି ଶୁକ୍ରବାର ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ଚେତାବନୀ ଦେଇଥିଲେ। ପ୍ୟାରିସ୍‌ରେ ୟୁରୋପୀୟ ଏବଂ ୟୁକ୍ରେନୀୟ ନେତାଙ୍କ ସହ ବୈଠକ ପରେ ରୁବିଓ କହିଥିଲେ, ଯୁଦ୍ଧ ଶେଷ ପାଇଁ ଆମେରିକା ଆଉ ଅନେକ ମାସ ଧରି ଉଦ୍ୟମ ଜାରି ରଖିବ ନାହିଁ। ଜରୁରୀ ଭିତ୍ତିରେ ସବୁକିଛି ନିର୍ଦ୍ଧାରଣ କରିବାକୁ ପଡ଼ିବ। ଏହାର ଦିନକ ପରେ ପୁଟିନ୍ ଇଷ୍ଟର ପର୍ବ ଅବସରରେ ସାମୟିକ ଅସ୍ତ୍ରବିରତି ଘୋଷଣା କରିଛନ୍ତି।


ଭ୍ଲାଡିମିର ପୁଟିନ୍

## ଏଲିୟନ୍ ଜୀବନର ସମ୍ଭାବ୍ୟ ସଙ୍କେତ ଚିହ୍ନଟ

ଲଣ୍ଡନ, ୧୯।୪

**ପୃଥିବୀଠାରୁ ୧୨୦ ଆଲୋକବର୍ଷ ଦୂରରେ ଅବସ୍ଥିତ କେ୨-୧୮ବି ଗ୍ରହର ବାୟୁମଣ୍ଡଳରେ ଏକ ଆକର୍ଷଣୀୟ ରାସାୟନିକ ସଙ୍କେତକୁ ଭାରତୀୟ ବୈଜ୍ଞାନିକ ଡକ୍ଟର ନିକ୍କୁ ମଧୁସୂଦନ ଓ ତାଙ୍କ ଟିମ୍ ଚିହ୍ନଟ କରିଛନ୍ତି।**

ଭାରତୀୟ-ବ୍ରିଟିଶ ଜ୍ୟୋତିର୍ବିଜ୍ଞାନୀ ଡକ୍ଟର ନିକ୍କୁ ମଧୁସୂଦନ ଏବଂ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ତାଙ୍କ ଟିମ୍ ପକ୍ଷରୁ କେ୨-୧୮ବି ନାମକ ଏକ ଦୂରବର୍ତ୍ତୀ ଗ୍ରହରେ ଏଲିୟନ୍ ଜୀବନର ସମ୍ଭାବ୍ୟ ସଙ୍କେତକୁ ଚିହ୍ନଟ କରାଯାଇଛି। ଆମେରିକୀୟ ମହାକାଶ ସଂସ୍ଥା (ନାସା)ର ଜେମସ୍ ୱେବ୍ ସ୍ପେସ୍ ଟେଲିସ୍କୋପର ବ୍ୟବହାର କରି ଏହି ଟିମ୍‌ର ବୈଜ୍ଞାନିକମାନେ ସୌରଜଗତ ବାହାରେ ଏଲିୟନଙ୍କ ସମ୍ଭାବ୍ୟ ଜୀବନ ଚିହ୍ନଟ ନେଇ ସବୁଠୁ ଶକ୍ତିଶାଳୀ ସଙ୍କେତ ପାଇଛନ୍ତି। ପୃଥିବୀଠାରୁ ୧୨୦ ଆଲୋକବର୍ଷ ଦୂରରେ ଅବସ୍ଥିତ କେ୨-୧୮ବି ଗ୍ରହର ବାୟୁମଣ୍ଡଳରେ ମଧୁସୂଦନ ଓ ତାଙ୍କ ଟିମ୍ ଏକ ଆକର୍ଷଣୀୟ ରାସାୟନିକ ସଙ୍କେତକୁ ଚିହ୍ନଟ କରିଛନ୍ତି, ଯେଉଁଥିରେ ମୁଖ୍ୟତଃ ଡାଇମିଥାଇଲ ସଲ୍‌ଫାଇଡ(ଡିଏମ୍‌ଏସ୍) ଏବଂ ଡାଇମିଥାଇଲ ଡାଇ ସଲ୍‌ଫାଇଡ (ଡିଏମ୍‌ଡିଏସ୍) ରହିଛି। ପୃଥିବୀରେ ଏହି ଗ୍ୟାସ୍‌ଗୁଡ଼ିକ ମୁଖ୍ୟତଃ ସାମୁଦ୍ରିକ ଶୈବାଳ ଦ୍ୱାରା ଉତ୍ପାଦିତ ହୋଇଥାଏ। ମଧୁସୂଦନ କହିଛନ୍ତି, କେ୨-୧୮ବି ଗ୍ରହର ବାୟୁମଣ୍ଡଳରେ ପ୍ରଚୁର ଉଦ୍‌ଯାନ ଥିବାବେଳେ ଏହାତଳେ ସମ୍ଭବତଃ ସମୁଦ୍ର ରହିଛି। ଏହି ଅନନ୍ୟ ବୈଶିଷ୍ଟ୍ୟଗୁଡ଼ିକ ଉକ୍ତ ଗ୍ରହରେ ବାହ୍ୟ ଜୀବ ସନ୍ଧାନର ସମ୍ଭାବନାକୁ ସୃଷ୍ଟି କରିଛି। ପ୍ରକାଶ ଯେ, ମଧୁସୂଦନ ବାରାଣସୀସ୍ଥିତ ବନାରସ ହିନ୍ଦୁ ୟୁନିଭର୍ସିଟିରୁ ବିଟେକ୍ କରିବା ପରେ ବ୍ରିଟେନ୍ ଯାଇ ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଏମ୍‌ଆଇଟି)ରେ ମାଷ୍ଟର ଡିଗ୍ରୀ ଏବଂ ପିଏଚ୍‌ଡି କରିଥିଲେ। ୨୦୧୩ରୁ ସେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରିବା ସହ ଜଣେ ଗବେଷକ ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି।




ନିକ୍କୁ ମଧୁସୂଦନ

### ଅଗ୍ନିବୀରଙ୍କ ପାଇଁ ପୋଲିସ ପଦବୀ ସଂରକ୍ଷିତ ରଖ: କେନ୍ଦ୍ର

ନୂଆଦିଲ୍ଲୀ,୧୯।୪

୨୦୨୨ରେ ନିଯୁକ୍ତି ପାଇଥିବା ପ୍ରଥମ ବ୍ୟାଚ୍ ଅଗ୍ନିବୀରଙ୍କ ୪ ବର୍ଷିଆ କାର୍ଯ୍ୟକାଳ ୨୦୨୬ରେ ଶେଷ ହେବା ପରେ ସେମାନଙ୍କୁ ପୋଲିସ ବିଭାଗରେ ଥଇଥାନ କରାଇବା ପାଇଁ ପଦବୀ ସଂରକ୍ଷିତ ରଖିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରାଜ୍ୟଗୁଡ଼ିକୁ କହିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏନେଇ ମୁଖ୍ୟମନ୍ତ୍ରୀମାନଙ୍କୁ ପତ୍ର ଲେଖିଥିବାବେଳେ ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ ରାଜ୍ୟ ମୁଖ୍ୟ ସଚିବମାନଙ୍କୁ ଚିଠି ଲେଖିଛନ୍ତି। ଅଗ୍ନିବୀରଙ୍କ ମଧ୍ୟରୁ କେବଳ ୨୫%ଙ୍କ ନିଯୁକ୍ତି ସେନାରେ କାଏମ ରହିବାକୁ ଥିବାବେଳେ ୪ ବର୍ଷ କାର୍ଯ୍ୟକାଳ ପରେ ୭୫% ବାହାରିବେ। ରାଜ୍ୟ ସ୍ତରରେ ଆଇନ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକ ପାଇଁ ସାମରିକ ତାଲିମପ୍ରାପ୍ତ ଅଗ୍ନିବୀରମାନେ ଅଧିକ ଉପଯୁକ୍ତ ହେବେ ବୋଲି ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯାଇଛି। ପୂର୍ବ ଘୋଷଣା ଅନୁଯାୟୀ, କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ପିଏପିଏଫ୍)ଗୁଡ଼ିକରେ ଅଗ୍ନିବୀରଙ୍କ ପାଇଁ ୧୦% କୋଟା ରହିବ। ରାଜ୍ୟଗୁଡ଼ିକ ୧୫ରୁ ୨୦% ଅଗ୍ନିବୀରଙ୍କୁ ପୋଲିସ ପଦବୀରେ ନିଯୁକ୍ତି ଦେବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଚାହୁଁଛି।

## ଫୁରସତ୍

# ସବୁଠୁ ବୟସ୍କ ପେଙ୍ଗୁଇନ୍

ଲଣ୍ଡନ

ବେଳେବେଳେ ଅନେକ ପ୍ରାଣୀ ସେମାନଙ୍କର ସାଧାରଣ ଜୀବନକାଳଠାରୁ ଅଧିକ ସମୟ ପର୍ଯ୍ୟନ୍ତ ବଞ୍ଚିରହି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାନ୍ତି। ଏହିପରି ଏକ ପ୍ରାଣୀ ନିକଟରେ ଚର୍ଚ୍ଚାରେ ରହିଛି, ଯାହା ନିଜ ପ୍ରଜାତିର ଅନ୍ୟ ପ୍ରାଣୀଙ୍କ ଅପେକ୍ଷା କେବଳ ବର୍ଷେ କିମ୍ବା ୨ ବର୍ଷ ନୁହେଁ ବରଂ ୨ରୁ ୩ଗୁଣା ଅଧିକ ସମୟ ବଞ୍ଚି ରେକର୍ଡ ସୃଷ୍ଟି କରିଛି। ଗତ ୧୬ ତାରିଖରେ ବିଶ୍ୱର ସବୁଠାରୁ ବୟସ୍କ ହମ୍‌ବୋଲ୍ଟ ପେଙ୍ଗୁଇନ୍ ସ୍ପନେବ ନିଜର ୩୭ତମ ଜନ୍ମଦିନ ପାଳନ କରି ରେକର୍ଡ କରିଛି। ଏହି ଅବସରରେ ସ୍ପନେବ ଥିବା ଇଂଲଣ୍ଡର କର୍ନୱାଲ ଅନ୍ତର୍ଗତ ହାୟଲେସ୍ଥିତ ପାରାଡାଇଜ୍ ପାର୍କ ପ୍ରାଣୀ ଉଦ୍ୟାନରେ ବରଫ ଏବଂ ମାଛରେ ତିଆରି ଏକ କେକ୍ କରାଯାଇଥିଲା। ସାଧାରଣତଃ ଏକ ହମ୍‌ବୋଲ୍ଟ ପ୍ରଜାତିର ପେଙ୍ଗୁଇନ୍‌ଙ୍କ ଆୟୁ ସାଧାରଣତଃ ୧୦ରୁ ୧୫ ବର୍ଷ ହୋଇଥିବା ବେଳେ ସ୍ପନେବର ବର୍ତ୍ତମାନର ବୟସ ଏହାଠାରୁ ପ୍ରାୟ ୩ ଗୁଣା ଅଧିକ। ୧୯୮୮ ମସିହାରୁ ଏହି ପେଙ୍ଗୁଇନ୍‌ଟି ପାରାଡାଇଜ୍ ପାର୍କ ପ୍ରାଣୀ ଉଦ୍ୟାନରେ ରହିଆସୁଛି।

ସ୍ପନେବର ଯତ୍ନ ନେଉଥିବା ପ୍ରାଣୀ ଉଦ୍ୟାନର କର୍ମଚାରୀମାନେ କହିଛନ୍ତି, ସାରା ବିଶ୍ୱରୁ ସଂଗୃହିତ ରେକର୍ଡ ଅନୁଯାୟୀ ସ୍ପନେବ ହେଉଛି ନିଜ ପ୍ରଜାତିର ସବୁଠାରୁ ବୟସ୍କ ପେଙ୍ଗୁଇନ୍। ତେବେ ବୃଦ୍ଧାବସ୍ଥାରେ ଥିଲେ ମଧ୍ୟ ସ୍ପନେବ ସଂପୂର୍ଣ୍ଣ ଭାବେ ସୁସ୍ଥ ଥିବା ସହ ଠିକ୍ ଭାବେ ଚାଲି ପାରୁଛି ବୋଲି ସେମାନେ କହିଛନ୍ତି। ସ୍ପନେବ ହମ୍‌ବୋଲ୍ଟ ପ୍ରଜାତିର ସବୁଠାରୁ ବୟସ୍କ ପେଙ୍ଗୁଇନ୍ ହୋଇଥିବା ବେଳେ ଏବେ ମଧ୍ୟ ଏହା ବିଶ୍ୱର ସବୁଠାରୁ ବୟସ୍କ ପେଙ୍ଗୁଇନ୍ ହେବାର ରେକର୍ଡକୁ ହାସଲ କରିପାରିନାହିଁ। ଏହି ଅନନ୍ୟ ରେକର୍ଡ ଦକ୍ଷିଣ ଆଫ୍ରିକାର ଏକ ପେଙ୍ଗୁଇନ୍ ନାମରେ ରହିଛି, ଯାହାର ମୃତ୍ୟୁ ୨୦୨୩ରେ ହୋଇଥିଲା। ସ୍ପନେବ ୧୯୮୮ରେ ଇଂଲଣ୍ଡର ସରେରେ ଜନ୍ମ ହୋଇଥିଲା। ଏହାପରେ ସ୍ପନେବକୁ ପାରାଡାଇଜ୍ ପାର୍କ ପ୍ରାଣୀ ଉଦ୍ୟାନକୁ ସ୍ଥାନାନ୍ତରିତ କରାଯାଇଥିଲା।



ପାରାଡାଇଜ୍ ପାର୍କ ପ୍ରାଣୀ ଉଦ୍ୟାନରେ ସ୍ପନେବ ପେଙ୍ଗୁଇନ୍‌ର ୩୭ତମ ଜନ୍ମଦିନ ପାଳନ କରାଯାଉଛି।

ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ରବିବାର, ଏପ୍ରିଲ ୨୦/୨୦୨୫ | Bhubaneswar, Sunday, April 20/2025


# ରେଳଲାଇନ୍ ନିର୍ମାଣକୁ ବିରୋଧ | ପୋଲିସ-ଜନତା ଖଣ୍ଡଯୁଦ୍ଧ

**ସୁନ୍ଦରଗଡ଼ ଜିଲା ବିଶ୍ରା ବ୍ଲକ ଅନ୍ତର୍ଗତ ବନ୍ଧମୁଣ୍ଡା ପଞ୍ଚାୟତର ଡୁମେର୍ତା ରେଳଷ୍ଟେଶନରୁ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଯାଏ ହେଉଥିବା ରେଳ ଲାଇନ୍ କାମକୁ ସ୍ଥାନୀୟ ଅଞ୍ଚଳବାସୀ ତୀବ୍ର ବିରୋଧ କରିଛନ୍ତି। ଶନିବାର ପୂର୍ବାହ୍ନ ୧୧ଟାରେ ଏହି କାମ ଆରମ୍ଭବେଳେ ପୋଲିସ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଛି। ଏଥିରେ ବରକାନି ଗ୍ରାମର ଏତୋ ଏକ୍କା(୩୫) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଘଟଣାରେ ୧୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଏବଂ ପୋଲିସ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍)ରେ ଭର୍ତ୍ତି କରାଯାଇଛି। ଆନ୍ଦୋଳନକାରୀଙ୍କ ସହ ବରିଷ୍ଠ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ଆଲୋଚନା ପରେ ଉତ୍ତେଜନା ଥମିଛି। କିନ୍ତୁ ଜମିହରାଙ୍କୁ ରୋଜଗାର ଓ କ୍ଷତିପୂରଣ ଦାବିରେ ଆନ୍ଦୋଳନକାରୀମାନେ ମୃତଦେହ ରଖି ଧାରଣା ଦେଇଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ (ସନ୍ଧ୍ୟା ୭ଟା) ଧାରଣା ଜାରି ରହିଥିଲା। ଅଧିକ ଅପ୍ରୀତିକର ଘଟଣାକୁ ଏଡ଼ାଇବା ପାଇଁ ୬ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି।**

## ■ ଜେସିବି ଧକ୍କା ଦେବାରୁ ଯୁବକଙ୍କ ମୃତ୍ୟୁ
## ■ ୧୦ରୁ ଊର୍ଦ୍ଧ୍ୱ ପୋଲିସ, ଅଞ୍ଚଳବାସୀ ଆହତ



ବରକାନିରେ ଉତ୍ତେଜନା ଯୋଗୁ ପୋଲିସ ଫୋର୍ସ ମୁତୟନ କରାଯାଇଛି।

**ବନ୍ଧମୁଣ୍ଡା/ ରାଉରକେଲା, ୧୯।୪ (ସୁବ୍ରତ ଡେ/ ସଙ୍ଗୀତା ଜେନା)**

ଡୁମେର୍ତାରୁ ଆର୍‌ଏସ୍‌ପି ପର୍ଯ୍ୟନ୍ତ ପ୍ରାୟ ଅଢ଼େଇ ମାସ ହେଲା ରେଳଲାଇନ୍ ବିଛାକାର୍ଯ୍ୟ ଚାଲିଛି। ଏଥିପାଇଁ ୨୦୦୬ରୁ ଜମି ହରାଇଥିବା ସ୍ଥାନୀୟ ଅଞ୍ଚଳବାସୀ କ୍ଷତିପୂରଣ ଏବଂ ରୋଜଗାର ଦାବିରେ ରେଳଲାଇନ ନିର୍ମାଣ କାର୍ଯ୍ୟକୁ ବିରୋଧ କରି ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଆସୁଥିଲେ। ଶୁକ୍ରବାର ଜିଲା ପ୍ରଶାସନର ଉପସ୍ଥିତିରେ ବରକାନିରେ ଏକ ନୂତନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଖବର ପାଇ ଅଞ୍ଚଳବାସୀ ଘଟଣାସ୍ଥଳକୁ ଯାଇ କାମ ବନ୍ଦ କରାଇଥିଲେ। ଶନିବାର ପୂର୍ବାହ୍ନ ୧୧ଟାରେ ପୁନର୍ବାର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବାରୁ ଅଞ୍ଚଳବାସୀ ସେଠାରେ ପହଞ୍ଚି କାର୍ଯ୍ୟ ବନ୍ଦ ପାଇଁ ଦାବି କରିଥିଲେ। ଏହି ସମୟରେ ପୋଲିସ ଏବଂ ଜନତା ମୁହାଁମୁହିଁ ହୋଇଥିଲା। କିଛି ଲୋକ ଜେସିବି ସମ୍ମୁଖରେ ଶୋଇପଡ଼ିଥିଲେ। ଏହି ସମୟରେ ଜେସିବି ଧକ୍କା ଦେବାରୁ ଏତୋ ଏକ୍କାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଉତ୍ତ୍ୟକ୍ତ ଲୋକେ ପୋଲିସ ଏବଂ ପ୍ରଶାସନିକ ଅଧିକାରୀଙ୍କ ଉପରେ ପଥର ମାଡ଼ କରିଥିଲେ। ସେମାନେ ପୋଲିସ ସହ ଧସ୍ତାଧସ୍ତି ହେବା ସହ ପୋଲିସ ଗାଡ଼ିକୁ ଓଲଟାଇ ଦେଇଥିଲେ। ପଥର ମାଡ଼ରେ ବିଶ୍ରା ସହକାରୀ ତହସିଲଦାର ପୁରୁଷୋତ୍ତମ ନାୟକ, ପୋଲିସ କନ୍‌ଷ୍ଟେବଲ ମନୋରଞ୍ଜନ ଦାସ, ରାଜେଶ ମହାରଣା, ଜେସିବି ଚାଳକ ସାମୁଏଲ ମାସିଙ୍କ ସମେତ ପୋଲିସ କର୍ମୀମାନେ ଆହତ ହୋଇଥିଲେ। ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ଏସ୍‌ପି ନିତେଶ ୱାଧୱାନୀ, ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର ଏବଂ ପାନପୋଷ ଉପଜିଲାପାଳ ବିଜୟ ନାୟକ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। କିନ୍ତୁ ଜେସିବି ଧକ୍କାରେ ଯୁବକଙ୍କ ମୃତ୍ୟୁ ଖବର ପ୍ରଚାରିତ ପରେ ଅଧିକ ସଂଖ୍ୟାରେ ଅଞ୍ଚଳବାସୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ସହ ଧାରଣା ଦେଇଛନ୍ତି। ଦାବି ପୂରଣ ନେଇ ଲିଖିତ ପ୍ରତିଶ୍ରୁତି ନ ମିଳିବା ଯାଏ ମୃତଦେହ ଉଠିବ ନାହିଁ ବୋଲି ସେମାନେ ଅଡ଼ି ବସିଛନ୍ତି। ଅନ୍ୟପକ୍ଷରେ ଘଟଣାର ପ୍ରତିବାଦରେ ଅଞ୍ଚଳବାସୀ ରବିବାର ୧୨ ଘଣ୍ଟିଆ ବନ୍ଧମୁଣ୍ଡା ବନ୍ଦ ଡାକରା ଦେଇଛନ୍ତି।

**ଆଜିର ସମ୍ପାଦକୀୟ**
**ଚାଇନା ଆଗକୁ ବଢୁଛି**

# କୁପୋଷଣମୁକ୍ତ ଓଡ଼ିଶା ପ୍ରାଥମିକତା: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୯।୪(ସୁନିତ୍ ମିଶ୍ର)**

ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଓଡ଼ିଶାକୁ କୁପୋଷଣ ମୁକ୍ତ କରିବା ଆମର ପ୍ରାଥମିକତା। ଏଥିପାଇଁ ଅନେକ ଫଳପ୍ରଦ ଯୋଜନା କରାଯାଇଛି। ଏହାର ସଫଳତା ପାଇଁ ସାମୂହିକ ସଚେତନତା ଜରୁରୀ। ମହିଳା ଓ ଶିଶୁ ପ୍ରତିଷ୍ଠାନରେ ଆୟୋଜିତ ରାଜ୍ୟ ସ୍ତରୀୟ ପୋଷଣ ପକ୍ଷ-୨୦୨୫ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିବା ସହ ପୋଷଣ ଅଭିଯାନକୁ ସଫଳ କରି ସୁସ୍ଥ ମାନବ ସମ୍ବଳ ତିଆରି କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରର ଲକ୍ଷ୍ମୀସାଗର-ଝାରପଡ଼ା ସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଂସ୍ଥାରେ ୮୪ ଶଯ୍ୟା ବିଶିଷ୍ଟ ଏକ ନୂତନ ହଷ୍ଟେଲ ସହିତ ଏକ ଲାଇବ୍ରେରୀ ହଲ୍ ଏବଂ ଅଙ୍ଗନୱାଡ଼ି ଟ୍ରେନିଂ ସେଣ୍ଟରକୁ ଉଦ୍‌ଘାଟନ କରିଛନ୍ତି। ରାଜ୍ୟରେ ପୂଜ୍ୟପୂଜା ପରମ୍ପରାକୁ ଆଗେଇ ନେଇ ମୁଖ୍ୟମନ୍ତ୍ରୀ ଏହି ପ୍ରତିଷ୍ଠାନର ୮ଟି ବିଲ୍‌ଡିଂକୁ ଓଡ଼ିଶାର ମହୀୟସୀ ମହିଳାଙ୍କ ନାମରେ ନାମିତ କରିବା ପାଇଁ ଘୋଷଣା କରିଛନ୍ତି। ଏହାସହ ପ୍ରତିଷ୍ଠାନର କନ୍‌ଫରେନ୍‌ସ ହଲ୍‌କୁ ରମାଦେବୀ ସମ୍ମିଳନୀ କକ୍ଷ ନାମରେ ନାମିତ କରି ଏହାର ପରିଧିକୁ ବୃଦ୍ଧି କରିବାକୁ ମଧ୍ୟ ଘୋଷଣା କରିଛନ୍ତି। ଏହି ପ୍ରତିଷ୍ଠାନର ଅଡିଟୋରିୟମ୍ ହଲ୍‌କୁ ସରଳା ଦେବୀ ପ୍ରେକ୍ଷାଳୟ, ଲାଇବ୍ରେରୀ ହଲ୍‌କୁ କମଳା ପୂଜାରୀ ଗ୍ରନ୍ଥାଗାର, ଅଙ୍ଗନୱାଡ଼ି ଟ୍ରେନିଂ ସେଣ୍ଟରକୁ ଶୈଳବାଳା ଦାସ ପ୍ରଶିକ୍ଷଣ କକ୍ଷ, ନୂଆ ହଷ୍ଟେଲକୁ ମାଳତୀ ଚୌଧୁରୀ ନିବାସ, ଅଙ୍ଗନୱାଡ଼ି କର୍ମୀ ହଷ୍ଟେଲକୁ ବାଙ୍ଗରା ଦେବୀ ନିବାସ ଏବଂ ଗେଷ୍ଟ ହାଉସ୍‌କୁ ଗୁରୁବାରୀ ଜାନୀ ଅତିଥି ଭବନ ନାମରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ୧୦୦ କୋଟି ଟଙ୍କା ଅନୁଦାନରେ 'ଓଡ଼ିଶା ପୁଷ୍ଟି ମିଶନ' ମଧ୍ୟ ପ୍ରତିଷ୍ଠା କରାଯିବ। ପୋଷଣ ଅଭିଯାନରେ ମହିଳା ଓ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଦେବାପାଇଁ ଚଳିତବର୍ଷ ବଜେଟରେ ୨୮୪ କୋଟି ଟଙ୍କା ବରାଦ କରାଯାଇଛି। ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାରେ ଦୁଇଟି କନ୍ୟା ସନ୍ତାନ ପାଇଁ ସହାୟତା ରାଶିକୁ ୧୦ ହଜାର ଟଙ୍କାରୁ ୧୨ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ସବୁ ପଦକ୍ଷେପ ଓଡ଼ିଶାର ପିଲାମାନଙ୍କର ପୋଷଣରେ ଉନ୍ନତି ଆଣିବ ବୋଲି ସେ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ନିଜେ ନିଜର ପୋଷକତତ୍ତ୍ୱକୁ ଠିକ୍ ରଖିବା ସହିତ ସମାଜ ପାଖରେ ପହଞ୍ଚାଇପାରିଲେ ଏକ ସୁସ୍ଥ ଓ ବିକଶିତ ଓଡ଼ିଶା ଆମେ ଗଠନ କରିପାରିବା। ଉନ୍ନୟନ କମିଶନର ଅନୁ ଗର୍ଗ କହିଛନ୍ତି, ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ ସୂଚକାଙ୍କରେ ଉନ୍ନତି ନ ଆସିଲେ ଦାରିଦ୍ର୍ୟ ହ୍ରାସ ହେବନାହିଁ। ପୋଷଣ ପକ୍ଷ ପାଳନ ଅବସରରେ ଏ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ପୁରୀ, କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରିଛନ୍ତି।



ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଂସ୍ଥାରେ ୮୪ ଶଯ୍ୟା ବିଶିଷ୍ଟ ନୂତନ ହଷ୍ଟେଲକୁ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

**ରାଜ୍ୟସ୍ତରୀୟ ପୋଷଣ ପକ୍ଷ-୨୦୨୫ ପାଳନ**

**ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନର ୮ ବିଲ୍ଡିଂ ୮ ମହୀୟସୀ ମହିଳାଙ୍କ ନାମରେ ନାମିତ**



**ଆଜିର ମନ୍ତବ୍ୟ**

"ୱକ୍ଫ ପ୍ରସଙ୍ଗରେ ଭାଜପା ଗୁଜବ ପ୍ରସାର କରୁଛି। ବିଲ୍ ବିରୋଧରେ କଂଗ୍ରେସ ସବୁ ବିରୋଧୀ ଦଳଙ୍କୁ ଏକାଠି କରିଥିଲା। ସେମାନେ ଉଠାଇଥିବା ପ୍ରଶ୍ନକୁ ସୁପ୍ରିମକୋର୍ଟ ଗୁରୁତ୍ୱ ଦେଇଛନ୍ତି। -ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ"

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓପିଟିସିଏଲ୍ ଶ୍ରମିକ କର୍ମଚାରୀ ସଂଘର ସପ୍ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: ଦି ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା, ମାଷ୍ଟରକ୍ୟାଣ୍ଟିନ ଛକ ନିକଟ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଲେଖିକା ସଂସଦର ୩୨ତମ ବାର୍ଷିକ ଉତ୍ସବ ଓ ସାହିତ୍ୟ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରେଲୱେ ଘରୋଇକରଣ ବିରୋଧରେ ଏବଂ ରେଳଯାତ୍ରୀଙ୍କ ନିରାପତ୍ତା ଦାବିରେ ବିକ୍ଷୋଭ, ସ୍ଥାନ: ରେଳଷ୍ଟେଶନ ମୁଖ୍ୟ ଫାଟକ ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା।
- ଓଡ଼ିଶା ଲେଖକ ସମବାୟ ସମିତି ଲିମିଟେଡ୍ ପକ୍ଷରୁ ମାସିକ ସାହିତ୍ୟ ଆଲୋଚନାଚକ୍ର 'ଗୋପୀନାଥଙ୍କ ସାହିତ୍ୟ ସମ୍ଭାର', ସ୍ଥାନ: ସମିତି କାର୍ଯ୍ୟାଳୟ ପରିସର, ପୁରୁଣା ବସ୍‌ଷ୍ଟାଣ୍ଡ ନିକଟ, ସମୟ: ଅପରାହ୍ନ ୫ଟା ୩୦।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୩୪ତମ ଗୋପୀନାଥ ମହାନ୍ତି ସ୍ମାରକୀ ବକ୍ତୃତା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଐତିହାସିକ କେଦାରନାଥ ମହାପାତ୍ରଙ୍କ ୪୪ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ ସଭାଗୃହ, ବିନ୍ଦୁସାଗର ନିକଟ, ପୁରୁଣା ଭୁବନେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।
- ମାରୱାଡ଼ି ଯୁବ ମଞ୍ଚର ବାର୍ଷିକ ସାଧାରଣ ବୈଠକ ଓ ନୂତନ କର୍ମକର୍ତ୍ତାଙ୍କ ଶପଥଗ୍ରହଣ ଉତ୍ସବ, ସ୍ଥାନ: ଲା ଫିଏଷ୍ଟା କନ୍‌ଭେନଶନ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ଶ୍ରୀ ସୀତା ରାମେଶ୍ୱର ରାମଲୀଳା ଗୀତିନାଟ୍ୟ ସଂଘ ଆନୁକୂଲ୍ୟରେ ନାଟକ 'ସୀତା ଠାବ', ସ୍ଥାନ: ସୀତା ରାମେଶ୍ୱର ମନ୍ଦିର ସମ୍ମୁଖ, ଗୋତଲିନ୍ଧା, ସମୟ: ରାତି ୧୧ଟା ୩୦।
- ଶ୍ରୀ ଶ୍ରୀ ପତିତପାବନ ଦେବ ରାମଲୀଳା ନାଟ୍ୟ ପରିଷଦ ଆନୁକୂଲ୍ୟରେ ରାମଲୀଳାର ନାଟକ 'ରାବଣ ଛତ୍ର ମୁକୁଟ ଛେଦନ', ସ୍ଥାନ: ଶ୍ରୀ ପତିତପାବନ ମନ୍ଦିର ପରିସର କାକରୁଦ୍ରପୁର, ସମୟ: ରାତି ୧୧ଟା ୩୦।
- ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ରାମଲୀଳାର ନାଟକ 'ରାବଣର ଛତ୍ର କାଟ ଓ ଇନ୍ଦ୍ରଜିତର ମୋହନ ଅସ୍ତ୍ର ପ୍ରୟୋଗ, ସ୍ଥାନ: ଶ୍ରୀରାମ ମନ୍ଦିର ସମ୍ମୁଖ ରାମଲୀଳା ପଡ଼ିଆ ବେଣ୍ଟପୁର, ସମୟ: ରାତି ୧୧ଟା ୩୦।

## କଟକ

- ରାଷ୍ଟ୍ରୀୟ ପୂଜ୍ୟପୂଜା ପରିଷଦ ପକ୍ଷରୁ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଓ ପ୍ରତିଭା ପୂଜା, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ସକାଳ ୯ଟା ୩୦।
- ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ ପ୍ରତିଭା ପୂଜା ଓ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ : କଟକ କଳାବିକାଶ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଇପ୍‌ସାର ପକ୍ଷରୁ ୩୨ତମ ବାର୍ଷିକ ଉତ୍ସବ, ସ୍ଥାନ: କ୍ୟାମ୍ପସ୍-୩, ସତୀଚଉରା, ସମୟ: ଅପରାହ୍ନ ୪ଟା।
- ଅନ୍ନପୂର୍ଣ୍ଣା ଥିଏଟର ବି-ଗ୍ରୁପ୍ ପକ୍ଷରୁ ମଞ୍ଚସ୍ଥ ହେବ ନାଟକ କାହାଣୀ ଟିଏ, ସ୍ଥାନ: ଅନ୍ନପୂର୍ଣ୍ଣା ପ୍ରେକ୍ଷାଳୟ, ବାରପଥର, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ପୁରୀ ଲିଟେରାରି ଫେଷ୍ଟିଭାଲ, ସ୍ଥାନ: ହୋଟେଲ ତାଜ୍, ପୁରୀ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ମା' ଶୀତଳା ଓ ତାରିଣୀ ମାତାଙ୍କ ପୂଜା ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ:ୟୁନାଇଟେଡ୍ କ୍ଲବ ପ୍ରାଙ୍ଗଣ, ଦୁବଲାଗଡ଼ି, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ସାର୍ବଜନୀନ ଚଡ଼ଦମାଦଳ ମହୋତ୍ସବର ଉଦ୍‌ଯାପନୀ ଦିବସ,ସ୍ଥାନ:ଜହତା ଶିବ ମନ୍ଦିର ପଡ଼ିଆ, ରୂପ୍‌ସା,ସମୟ: ଦିବସବ୍ୟାପୀ।

## ଭଦ୍ରକ

- 'ସ୍ରଷ୍ଟା ଓ ସୃଷ୍ଟି'ର ପ୍ରତିଷ୍ଠା ଉତ୍ସବ ଓ ଜାତୀୟକବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଅଟଳ ବିହାରୀ ହାଇସ୍କୁଲ ଛକ, ବାସୁଦେବପୁର, ସମୟ: ସକାଳ ୮ଟା।
- ଗଗନ ଗୁରୁଜୀଙ୍କ ପ୍ରବଚନ, ସ୍ଥାନ: ମା' ପରମ ବୈଷ୍ଣବୀଙ୍କ ମନ୍ଦିର, ସାବରଙ୍ଗ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଅଷ୍ଟମ ପ୍ରହରୀ ନାମଯଜ୍ଞ, ନାମ ସଂକୀର୍ତ୍ତନ, ସ୍ଥାନ: ବଡ଼ ରମ୍ଭାସ, ଛେନାପଦି, ସମୟ: ସକାଳ ୬ ଟା।
- ଲକ୍ଷ୍ମୀନାରାୟଣ ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ବଞ୍ଝୋ, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- ଶନିଦେବଙ୍କ ପୀଠରେ ବାର୍ଷିକ ଉତ୍ସବ, ସ୍ଥାନ: ୱାଲିଗଞ୍ଜ ବାରିପଦା, ସମୟ: ସକାଳ ୭ଟା।
- ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍, ସ୍ଥାନ: ବାରିପଦା ଇନ୍‌ଡୋର ଷ୍ଟାଡିୟମ୍, ସମୟ: ସକାଳ ୯ଟା।
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବନ୍ଧନ କଲ୍ୟାଣ ମଣ୍ଡପ, ବେତନଟୀ, ସମୟ: ସକାଳ ୯ଟା।

## ବ୍ରହ୍ମପୁର

- କଳିଙ୍ଗ ସାହିତ୍ୟ ସମାଜର ମାସିକ ସାହିତ୍ୟ ଆସର, ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ସନ୍ଧ୍ୟା ୬ଟା।

## କନ୍ଧମାଳ

- ଏକ ଦିବସୀୟ ଆଧ୍ୟାତ୍ମିକ ସମ୍ମିଳନୀ, ସ୍ଥାନ: କ. ନୂଆଗାଁ ଦିବ୍ୟ ଜୀବନ ସଂଘ,ସମୟ: ସକାଳ ୯ଟା।

## ଗଜପତି

- ସମବାୟ ପ୍ରଚାର ରଥ ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮.୩୦।

## ଢେଙ୍କାନାଳ

- ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ଦ୍ୱିତୀୟ ବାର୍ଷିକ ଉତ୍ସବ, ସ୍ଥାନ: ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ସାଢେ ୧୦ଟା।

## ଜଗତ୍‌ସିଂହପୁର

- ଗଣପତି ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାଲିଝରା,ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ସ୍ମୃତି କମିଟି ପକ୍ଷରୁ ରାଜନେତା ସ୍ୱର୍ଗତ ନଳିନୀକାନ୍ତ ମହାନ୍ତିଙ୍କ ଶ୍ରାଦ୍ଧ ବାର୍ଷିକ ସମାରୋହ, ସ୍ଥାନ: ଗୋପାଳପୁର, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ସ୍ୱପ୍ନେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପନୀ ଉତ୍ସବ : ସ୍ଥାନ : ଧର୍ମଶାଳା ବ୍ଲକ, ମହିଶରା ପଞ୍ଚାୟତ ବାଟୀଜୋଡ଼ାସ୍ଥିତ ବିଦ୍ୟାଳୟ ପରିସର, ସମୟ : ସକାଳ ୭ଟା।

## ନୟାଗଡ଼

- ନିଆଳି କୈବର୍ତ୍ତ ସମାଜର ବାର୍ଷିକୋତ୍ସବ, ସ୍ଥାନ: ଭାପୁର ବ୍ଲକର ଗୋଲାପୋଖରୀ ଖେଳପଡିଆ, ସମୟ:ଅପରାହ୍ନ ୩ଟା।
- ଜିଲାସ୍ତରୀୟ ବ୍ୟାଡ୍ ମିଣ୍ଟନ ଟୁର୍ନାମେଣ୍ଟ ଓଡ଼ଗାଁ କପର ଉଦ୍‌ଯାପନ ଉତ୍ସବ, ସ୍ଥାନ: ଓଡ଼ଗାଁ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ଗଣିଆ ଲଙ୍କାପୋଡ଼ି ମହୋତ୍ସବରେ ଶ୍ରୀରାମ ବିଳାପ, ସୁଗ୍ରୀବ ଭେଟ ଓ ବାଳିବଧ, ସ୍ଥାନ: ଗଣିଆ ଯାତ୍ରା ପଡିଆ, ସମୟ: ରାତି ୧୦ଟା।

## ରାୟଗଡ଼ା

- ସୌର୍ଯ୍ୟ ଜାଗରଣ ଯାତ୍ରା ଅବସରରେ ନଗର ପରିକ୍ରମା, ସ୍ଥାନ: ରାୟଗଡ଼ା ରାମ ମନ୍ଦିରରୁ କୃଷ୍ଣ ମନ୍ଦିର, ସମୟ: ସନ୍ଧ୍ୟା ୪ଟା।

## କୋରାପୁଟ

- ନାଲ୍‌କୋ ଏସ୍‌ସି/ଏସ୍‌ଟି କର୍ମଚାରୀ ସଂଘର ନିର୍ବାଚନ, ସ୍ଥାନ: ସେକ୍ଟର-୨ ସଂଘ କାର୍ଯ୍ୟାଳୟ, ନାଲକୋ ଟାଉନଶିପ, ଦାମନଯୋଡ଼ି, ସମୟ: ସକାଳ ୭ଟା।

## ମାଲକାନଗିରି

- ପ୍ରମୋଦ ସାହୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ବାଲିମେଳା ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଶ୍ରୀଶ୍ରୀ ପଣ୍ଡିତ ମହାସଭା ଆୟୋଜିତ ଶ୍ରୀଶ୍ରୀ ଶତଚଣ୍ଡି ମହାଯଜ୍ଞରେ ସୂର୍ଯ୍ୟପୂଜା, ଗୋପୂଜା, ଧରିତ୍ରୀ ପୂଜା, ସ୍ଥାନ : ମନ୍ଦଲିଆ ସମଲେଶ୍ୱରୀ ମହାବିଦ୍ୟାଳୟ ପରିସର, ସମୟ : ସକାଳ ୮ଟା।

## ରାଉରକେଲା

- ନ୍ୟାୟ ଦାବିରେ ବନ୍ଦ ଡାକରା, ସ୍ଥାନ: ବନ୍ଧମୁଣ୍ଡା, ସମୟ: ସକାଳ ୭ଟା।
- ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିରର ୨ୟ ଦିବସ, ସ୍ଥାନ: ଜଗଦା ମା' ବାଟ ମଙ୍ଗଳା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ରେଳବାଇ କର୍ମଚାରୀଙ୍କ ବୈଠକ, ସ୍ଥାନ: ଏଆଇଜିୟୁସି କକ୍ଷ, ସମୟ: ପୂର୍ବାହ୍ନ ୧୦ଟା

## ବରଗଡ଼

- ନାମଯଜ୍ଞର ପୂର୍ଣ୍ଣାହୂତି,ସ୍ଥାନ: ଭୋଇପାଲି, ଅତାବିରା, ସମୟ:ସନ୍ଧ୍ୟା ୫ଟା ୩୫।
- ହେମଚନ୍ଦ୍ର ଜୟନ୍ତୀ ଶତବାର୍ଷିକୀ ସମାରୋହ, ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ,ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ

- ବହିରା ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ପଞ୍ଚଦଶ ଦିବସ ନାଟକ ରାଜାଭିଷେକ, ସ୍ଥାନ: ବହିରା ରାମଲୀଳା ମଣ୍ଡପ, ବହିରା, ସମୟ: ରାତି ୯ଟା।

## ଦେବଗଡ଼

- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଅରୁନ୍ଧତି ବାନ୍ଧକଳାର ଶିଳାନ୍ୟାସ ଉତ୍ସବ, ସ୍ଥାନ: ସୋନପୁର ବ୍ଲକର ଛେପାପାଲି, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଷୋହଳ ପ୍ରହରୀ ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୂତି, ଖଡ଼ିଆଳ ବ୍ଲକ ଚଳାନପଡା ଗାଁ ସମୟ: ସକାଳ ୯ଟା ୫।
- ଷୋହଳ ପ୍ରହରୀ ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ:ନୂଆପଡ଼ା ବ୍ଲକ ଅଁଳାଯୁବା ଗାଁ ସମୟ: ସକାଳ ୯ଟା ୧୫।

## ଝାରସୁଗୁଡ଼ା

- ୧୭ ବର୍ଷରୁ କମ ଆନ୍ତଃ ରାଜ୍ୟ ମହିଳା ହକି ଟୁର୍ନାମେଣ୍ଟ ଉଦ୍‌ଯାପନୀ, ସ୍ଥାନ: ହକି ଷ୍ଟାଡିୟମ, ଏଚ. କଣ୍ଟାପାଲି, ସମୟ: ସକାଳ ୮ଟା।
- ଅଷ୍ଟ ପ୍ରହର ନାମଯଜ୍ଞ, ସ୍ଥାନ: ଗୁଡମ ନାମ ମଣ୍ଡପ, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆପଣ ଯାହା ଆଶା କରିଛନ୍ତି ଆଜି ତାହା ସୁବିଧାରେ ପାଇଯିବେ । ଅଶ୍ୱିନୀ ନକ୍ଷତ୍ର ସକାଶେ ବାଣିଜ୍ୟ ଓ ନିର୍ମାଣ ତଥା ପରିବହନ ସମସ୍ୟାଯୁକ୍ତ ରହିବ। କେତେକ କ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କ ସହ ପ୍ରତିଯୋଗିତା ମନୋଭାବ ସୃଷ୍ଟି ହୋଇପାରେ। ଅର୍ଥ ସମ୍ପର୍କିତ କାମକୁ ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା ହାସଲ କରିପାରିବେ।

**ବୃଷ** ପରିସ୍ଥିତି ଯାହା ହୋଇଥାଉନା କାହିଁକି, ସମୟ ସ୍ରୋତରେ ଅନ୍ୟମାନଙ୍କ ପ୍ରେରଣାରେ ଆଗକୁ ମାଡ଼ି ଚାଲିବେ। ଆଲୋଚନା କ୍ଷେତ୍ରରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇପାରନ୍ତି। ସାହିତ୍ୟ, ସାମ୍ବାଦିକତା, ଏଜେନ୍ସି ଓ ପ୍ରକାଶନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। କୃତ୍ତିକା ନକ୍ଷତ୍ରର ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ।

**ମିଥୁନ** ରାଶ୍ୟାଧିପତିଙ୍କ ଦୁର୍ବଳତା କାରଣରୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ମନ୍ଦ ନ ଥିବାରୁ ଅସମ୍ପୂର୍ଣ୍ଣ କାର୍ଯ୍ୟ ବଢ଼ିଚାଲିବ। ମୃଗଶିରା ନକ୍ଷତ୍ର ଯୁକ୍ତିଯୁକ୍ତ କଥା କହି ପ୍ରତ୍ୟେକ କ୍ଷେତ୍ରକୁ ସାଧାରଣ ଅବସ୍ଥାକୁ ଆଣିବାରେ ସମର୍ଥ ହେବେ। ପରିବହନ, ପ୍ରଶାସନ, ରାଜନୀତି ଓ ଆନୁଷ୍ଠାନିକ କାମ ଉନ୍ନତମାନର ରହିବ।

**କର୍କଟ** ଧନାଧିପ ରବି କର୍ମଭାବସ୍ଥ ଯୋଗୁ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ ସାଙ୍ଗକୁ ବୈଷୟିକ ଅଭିବୃଦ୍ଧି ଘଟିବ। ପୁନର୍ବସୁ ନକ୍ଷତ୍ର ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ସେମିତି କିଛି ହେବନାହିଁ। ଦ୍ୱାଦଶସ୍ଥାନ ପ୍ରତି ଶନିଙ୍କ ଦୃଷ୍ଟି ହେତୁ ଅର୍ଥହାନି ଘଟିପାରେ। ଭୁଲ୍ ବୁଝାମଣାଜନିତ ବନ୍ଧୁଙ୍କ ଉପରେ କ୍ରୋଧଜନିତ ଅନର୍ଥ ଓ ଶତ୍ରୁତାର ଆଶଙ୍କା ରହିଛି।

**ସିଂହ** ରବିଙ୍କ ପ୍ରସାଦରୁ ଅଟକି ରହିଥିବା କାମଟି ସମ୍ମାନର ସହ ହଠାତ୍ ହୋଇଯିବ। ଅର୍ଥ ଲାଭ ସାଙ୍ଗକୁ ଶାରୀରିକ ସୁସ୍ଥତା ଯୋଗୁ ମନ ଖୁସି ରହିବ। ମଘା ନକ୍ଷତ୍ର ସକାଶେ ସାମାଜିକ ସ୍ତରରେ ବିରୋଧୀମାନେ ମୃଦୁ ଗୁଞ୍ଜରଣ ସୃଷ୍ଟି କରିପାରନ୍ତି। ଜମିଜମା, ନିର୍ମାଣ, ଆଇନ, ଅଦାଲତ କ୍ଷେତ୍ର ପାଇଁ ସ୍ଥିତି ମଧ୍ୟମ ପ୍ରକାର ରହିବ।

**କନ୍ୟା** ଦୀର୍ଘଦିନର ଅପୂରଣୀୟ ଆଶା ମନରେ ଆଲୋଡ଼ନ ସୃଷ୍ଟି କରିବ। କର୍ମକ୍ଷେତ୍ରରେ ଅବହେଳା ଯୋଗୁ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ଆଜି ଯାନବାହନ, ବିବାଦୀୟ ସ୍ଥାନ, ଏକାକୀ ଯାତ୍ରାରୁ ଦୂରେଇ ରହିବା ଭଲ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର କାରିଗରି, ସାହିତ୍ୟ, ସଙ୍ଗୀତ ପ୍ରଭୃତି କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ତୁଳା** ବୃହସ୍ପତିଙ୍କ ବିପରୀତ ରାଜଯୋଗ ପ୍ରଭାବରେ ପୂର୍ବ ସ୍ଥିରୀକୃତ ଯୋଜନାନୁଯାୟୀ କାର୍ଯ୍ୟାରମ୍ଭ ସଫଳତାପ୍ରାପ୍ତ ହେବ। ଖର୍ଚ୍ଚଭାର ବୃଦ୍ଧି ପାଇଲେ ମଧ୍ୟ ଆବଶ୍ୟକ ଅର୍ଥ ପାଇବାରେ ଅସୁବିଧା ହେବ ନାହିଁ। ଆଜିର ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା, ସାହିତ୍ୟରେ ସମସ୍ୟା ବିଳମ୍ବରେ ସମାଧାନ ହେବ। ଶିଳ୍ପ, ବାଣିଜ୍ୟ ଓ ପ୍ରଶାସନିକ ସ୍ତରରେ ସୁଫଳ ପାଇପାରିବେ।

**ବିଛା** ଆଜି ଅଷ୍ଟମାଧିପତି ଦ୍ୱିତୀୟସ୍ଥ ଯୋଗୁ ବିବାଦୀୟ କଥାରେ ପାରିବାରିକ ଅଶାନ୍ତି ସୃଷ୍ଟିହେବ। ଅନୁରାଧା ନକ୍ଷତ୍ରର କ୍ରୀଡ଼ା, କଳା, ସାହିତ୍ୟ ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ବାଣିଜ୍ୟ ଓ ପରିବହନରେ ଉନ୍ନତି ସୂଚନା ରହିଛି। କଳା, ସାହିତ୍ୟ ସଙ୍ଗୀତ ଓ ଷ୍ଟେଶନାରି ଜିନିଷ ବ୍ୟବସାୟରେ ଲାଭବାନ୍ ହେବେ।

**ଧନୁ** ଚତୁର୍ଥ ଭାବସ୍ଥ ଚତୁଃଗ୍ରହଙ୍କ ସ୍ଥିତି ପ୍ରଭାବରୁ ପାରିବାରିକ ସମସ୍ୟା ଜଟିଳ ହେତୁ ଭାବପ୍ରବଣତା ବୃଦ୍ଧି ପାଇବ। ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ନିକଟସ୍ଥ ପଡ଼ୋଶୀମାନଙ୍କ ଉପରେ ପୂର୍ଣ୍ଣ ଭରସା କରିବା ପୂର୍ବରୁ ପରଖିନେବା ଭଲ ହେବ। ବାଣିଜ୍ୟ, ବ୍ୟବସାୟ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ର ଉନ୍ନତ ରହିବ।

**ମକର** ଆଜି କଲ୍ୟାଣଚନ୍ଦ୍ର ଯୋଗୁ ପ୍ରତ୍ୟୁଷରେ ଯେଉଁ କାମରେ ବାହାରିଛନ୍ତି ସେଥିରେ ସଫଳତା ପାଇବେ। କର୍ମକ୍ଷେତ୍ରରେ ଉପର ଅଧିକାରୀ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ରପ୍ତାନୀ କାରବାର, ଏଜେନ୍ସି, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ଶ୍ରବଣା ନକ୍ଷତ୍ର ଜାତ ବ୍ୟକ୍ତି ଆନୁଷ୍ଠାନିକ କାମରେ ସମ୍ମାନିତ ହେବେ।

**କୁମ୍ଭ** ଆଜି ଯେତେ ଭଲ କାମ କଲେ ମଧ୍ୟ ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ସମାଲୋଚିତ ହେବେ। ଧନିଷ୍ଠା ନକ୍ଷତ୍ର ଜଣେ ବନ୍ଧୁଙ୍କୁ ଅନୁରୋଧକରି ସମସ୍ୟା ସମାଧାନର ଚେଷ୍ଟା କରିବେ। ମାଲିମକଦ୍ଦମା, ଜମିଜମା, ଅର୍ଥନୈତିକ କାର୍ଯ୍ୟ, ଭ୍ରମଣ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଆର୍ଥିକ ଉନ୍ନତି ଘଟିବ, କିଛି ବ୍ୟାଙ୍କ ଜମା ମଧ୍ୟ କରିବାର ସମ୍ଭାବନା ରହିଛି।

**ମୀନ** ଉତ୍ତରଭାଦ୍ରପଦ ନକ୍ଷତ୍ର ସକାଶେ ଆନୁଷ୍ଠାନିକ କର୍ମ ଭିତିରେ ଗୁରୁଦାୟିତ୍ୱ ବହନ କରିବେ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ ହେବ। ବିଶିଷ୍ଟ ବ୍ୟକ୍ତିଙ୍କ ନିମନ୍ତ୍ରଣ ପାଇ ଆନୁଷ୍ଠାନିକ କାର୍ଯ୍ୟରେ ଯୋଗଦେଇପାରନ୍ତି। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

ଆଜି ଏପ୍ରିଲ ୨୦ତାରିଖ, ଇଷ୍ଟର ରବିବାର, ବୈଶାଖ କୃଷ୍ଣ ସପ୍ତମୀ ରବିବାର। ରାଶି ନକ୍ଷତ୍ର- ଦିବା ଘ.୧୧।୪୭ ମି. ଗତେ ଉତ୍ତରାଷାଢ଼ା/ଧନୁ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ. ୦୫।୨୮ ଗତେ, ଘ.୦୯।୪୦ ମଧ୍ୟେ , ଘ.୦୧।୧୯ ଗତେ, ଘ.୦୧।୫୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୪।୨୮ ଗତେ, ଘ.୦୬।୦୨ ମଧ୍ୟେ ରାହୁକାଳ।

# ଠାଣେକରଙ୍କ ପକ୍ଷରୁ ଡ. ରବୀନ୍ଦ୍ର ପ୍ରଭୁଦେଶାଇଙ୍କୁ ନାଗରିକ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୯।୪: (ଅଭୟ ଦାଶ)



ପୀତାମ୍ବରୀ ଶିଳ୍ପ ଗୋଷ୍ଠୀର ପରିଚାଳନା ନିର୍ଦ୍ଦେଶକ ଡ. ରବୀନ୍ଦ୍ର ପ୍ରଭୁଦେଶାଇଙ୍କୁ ନିକଟରେ ପୁଣେର ତିଲକ ମହାରାଷ୍ଟ୍ର ବିଶ୍ୱବିଦ୍ୟାଳୟ ପକ୍ଷରୁ ଡି. ଲିଟ୍ ଡିଗ୍ରୀ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ମହାରାଷ୍ଟ୍ର ଠାଣେର ନାଗରିକ ଅନୁଗ୍ରହ କମିଟି ଦ୍ୱାରା ଡ. କାଶୀନାଥ ଘନେକର ଥିଏଟରଠାରେ ଏକ ସ୍ୱତନ୍ତ୍ର ନାଗରିକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା। ଏହି ଅବସରରେ ଠାଣେର ନାଗରିକ ଅନୁଗ୍ରହ କମିଟି ଦ୍ୱାରା ଡକ୍ଟର କାଶୀନାଥ ଘନେକର ଥିଏଟରଠାରେ ତାଙ୍କର ନାଗରିକ ସମ୍ବର୍ଦ୍ଧନା ଆୟୋଜିତ ହୋଇଥିଲା। ଏହି ଅବସରରେ ବରିଷ୍ଠ ପରମାଣୁ ବୈଜ୍ଞାନିକ ପଦ୍ମ ବିଭୂଷଣ ଡ. ଅନିଲ କାକୋଡକର, ଅଧ୍ୟାପକ ଡ. ସଚ୍ଚିଦାନନ୍ଦ ଶେଭଡେ, ଚିତାଲେ ଶିଳ୍ପ ଗୋଷ୍ଠୀର ପ୍ରମୁଖ ଶ୍ରୀକୃଷ୍ଣ ଚିତାଲେଙ୍କ ସମେତ ବିଧାୟକ ସଞ୍ଜୟ କେଲକର, ବିଧାୟକ ନିରଞ୍ଜନ ଦାଭଖରେ ପ୍ରମୁଖ ଉପସ୍ଥିତ ଥିଲେ। ଏପରି କି ବିଭିନ୍ନ ବ୍ୟବସାୟ କ୍ଷେତ୍ର, ଏନ୍‌ଜିଓ ଇତ୍ୟାଦିର ଦର୍ଶକଙ୍କ ଉପସ୍ଥିତିରେ ଡ. ରବୀନ୍ଦ୍ର ପ୍ରଭୁଦେଶାଇଙ୍କୁ ପୁଣେରୀ ପଗଡ଼ି ଏବଂ ପ୍ରଶଂସାପତ୍ର ସହ ସମ୍ମାନିତ କରାଯାଇଥିଲା। ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀସ ଏବଂ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଡ. ରବୀନ୍ଦ୍ର ପ୍ରଭୁଦେଶାଇଙ୍କ ଡକ୍ଟରେଟ୍ ଗ୍ରହଣ ସମ୍ପର୍କରେ ତାଙ୍କୁ ପଠାଇଥିବା ବାର୍ତ୍ତା ମଞ୍ଚରୁ ପାଠ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ପୀତାମ୍ବରୀ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ରବୀନ୍ଦ୍ର ପ୍ରଭୁଦେଶାଇଙ୍କୁ ଶିଳ୍ପକ୍ଷେତ୍ରରେ ତାଙ୍କର ଚମତ୍କାର ସଫଳତା ଏବଂ ସାମାଜିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ପୁଣେର ତିଲକ ମହାରାଷ୍ଟ୍ର ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ପ୍ରତି ଡି. ଲିଟ୍ ଡିଗ୍ରୀ ପ୍ରଦାନ କରାଯାଇଛି।

ଏ ନେଇ ରବନ୍ଦ୍ର ପ୍ରଭୁଦେଶାଇ କହିଥିଲେ, ମୁଁ ପାଇଥିବା ଏହି 'ଡକ୍ଟରେଟ୍' ଡିଗ୍ରୀକୁ ପୀତାମ୍ବରୀ ଇଣ୍ଡଷ୍ଟ୍ରିଜକୁ ସମର୍ଥନ କରୁଥିବା ପ୍ରତ୍ୟେକ ସଂଗଠନକୁ ମୁଁ ହୃଦୟର ସହିତ ଉତ୍ସର୍ଗ କରୁଛି। ବିଶେଷକରି ଦେଶୀ ଗାଈର ସୁସ୍ଥ ଏବଂ ଆଧ୍ୟାତ୍ମିକ ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ ଏବଂ ପୀତାମ୍ବରୀଙ୍କ 'ଗୋମୂତ୍ର' କ୍ୟାପସୁଲର ଉତ୍ପାଦନ ଏବଂ ପ୍ରଭାବ ବିଷୟରେ ସୂଚନା ଦେଇଥିଲେ।

ଭବିଷ୍ୟତରେ ପୀତାମ୍ବରୀଙ୍କ 'ଗୋମୂତ୍ର' ଉପରେ ସେ ଅଧିକ ଗବେଷଣା ଆବଶ୍ୟକ ବୋଲି ମତ ମଧ୍ୟ ପ୍ରକାଶ କରିଥିଲେ। ସେ ଏହା ମଧ୍ୟ କହିଥିଲେ, ସଚ୍ଚିଦାନନ୍ଦ ପରଂବ୍ରହ୍ମ ଡ. ଜୟନ୍ତ ଆଠୱଲେଙ୍କ ମାର୍ଗଦର୍ଶନ ଏବଂ ସନାତନ ସଂସ୍ଥାର ମାର୍ଗଦର୍ଶକ ନୀତି ଅନୁସାରେ ଗୁରୁକୃପା ଯୋଗ ଅନୁସାରେ ସାଧନା କିପରି ପୀତାମ୍ବରୀଙ୍କୁ ତାଙ୍କର ବୃତ୍ତିଗତ ଅଭିବୃଦ୍ଧିରେ ସାହାଯ୍ୟ କରିଥିଲା ସେ ବିଷୟ ସେ କହିଥିଲେ।

# ଓଆଇଏସ୍‌ଏଫ୍‌ର ଆଉ ଏକ ବାଟାଲିଅନ ଗଠନ ହେବ

## ୧୦୪୦ ପଦବୀ ସୃଷ୍ଟି ଲାଗି ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁରୀ

ଭୁବନେଶ୍ୱର, ୧୯।୪(ସୁନିତ୍ ମିଶ୍ର)

ରାଜ୍ୟରେ 'ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ'(ଓଆଇଏସ୍‌ଏଫ୍)ର ଆଉ ଏକ ବାଟାଲିଅନ ଗଠନ କରାଯିବ। ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଞ୍ଜୁର କରିଛନ୍ତି। ଏହି ନୂତନ ବାଟାଲିଅନ ପାଇଁ ସମୁଦାୟ ୧୦୪୦ଟି ପଦବୀ ମଧ୍ୟ ସୃଷ୍ଟି କରାଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ଓଆଇଏସ୍‌ଏଫ୍‌ରେ ଗୋଟିଏ ବାଟାଲିଅନ କାର୍ଯ୍ୟରତ ଅଛି। ଏହାର ସମୁଦାୟ ପଦବୀ ସଂଖ୍ୟା ୧୮୦୭ ରହିଛି। ନୂଆ ବାଟାଲିଅନ ସୃଷ୍ଟି ହେବା ପରେ ଏଥିରେ ସମୁଦାୟ ୨ଟି ବାଟାଲିଅନ କାର୍ଯ୍ୟ କରିବ। ୨ଟି ବାଟାଲିଅନର ପଦବୀ ସଂଖ୍ୟା ୨୮୪୭ ହେବ। ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରି ପଦକ୍ଷେପ ନେଉଛନ୍ତି। ନୂଆ ନୂଆ ଶିଳ୍ପ ପ୍ରତିଷ୍ଠା ହେବା ସହିତ ଆଗାମୀ ଦିନରେ ଏହି କ୍ଷେତ୍ରରେ ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ଶିଳ୍ପ ପ୍ରତିଷ୍ଠାନ ଓ ବାଣିଜ୍ୟିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକର ସୁରକ୍ଷା ଜରୁରୀ ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନୂଆ ବାଟାଲିଅନ ଗଠନକୁ ମଞ୍ଜୁରୀ ଦେଇଛନ୍ତି।

# ପାର୍ଲାମେଣ୍ଟର ବ୍ୟବସ୍ଥାପିକା କ୍ଷମତା ହାତକୁ ନେଉଛନ୍ତି ସୁପ୍ରିମକୋର୍ଟ: ନିଶିକାନ୍ତ

ନୂଆଦିଲ୍ଲୀ,୧୯।୪

ସୁପ୍ରିମକୋର୍ଟଙ୍କ କ୍ଷମତାକୁ ନେଇ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ପ୍ରଶ୍ନ ଉଠାଇବା ପରେ ଭାଜପା ନେତା ନିଶିକାନ୍ତ ଦୁବେ ନିଆଁରେ ଘିଅ ଢାଳିଛନ୍ତି। ଯଦି ସୁପ୍ରିମକୋର୍ଟ ଆଇନ ପ୍ରଣୟନ କରନ୍ତି, ତେବେ ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡ଼ିକୁ ବନ୍ଦ କରିଦିଆଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ବ୍ୟବସ୍ଥାପିକା ଦ୍ୱାରା ଗୃହୀତ ଆଇନକୁ ଖାରଜ କରିଦେଇ ସର୍ବୋଚ୍ଚ ଅଦାଲତ ପାର୍ଲାମେଣ୍ଟର ବ୍ୟବସ୍ଥାପିକା କ୍ଷମତାକୁ ନିଜ ହାତକୁ ନେଉଛନ୍ତି। ରାଷ୍ଟ୍ରପତି ସୁପ୍ରିମକୋର୍ଟ ବିଚାରପତିମାନଙ୍କ ନିଯୁକ୍ତି କର୍ତ୍ତୃପକ୍ଷ ହୋଇଥିବାବେଳେ ତାଙ୍କ ପାଇଁ ନିର୍ଦ୍ଦେଶ ଜାରି କରାଯାଉଥିବା ଦୁବେ ଏକ୍ସରେ ଲେଖିଛନ୍ତି। ଦେଶର ଧର୍ମୀୟ ସଂଘର୍ଷକୁ ଉସୁକାଇବାରେ ସୁପ୍ରିମକୋର୍ଟଙ୍କୁ ସେ ଦାୟୀ କରିଛନ୍ତି। ସର୍ବୋଚ୍ଚ ଅଦାଲତ ସୀମା ଉଲ୍ଲଂଘନ କରୁଛନ୍ତି। ଯଦି ସବୁକଥାରେ ଜଣେ ସୁପ୍ରିମକୋର୍ଟ ଯାଏ, ତେବେ ପାର୍ଲାମେଣ୍ଟ ଓ ବିଧାନସଭା ବନ୍ଦ ହେବା ଆବଶ୍ୟକ ବୋଲି ଦୁବେ କହିଛନ୍ତି। ବିଧାନସଭାରେ ଗୃହୀତ ବିଧେୟକ ଉପରେ ୩ ମାସ ମଧ୍ୟରେ ରାଷ୍ଟ୍ରପତି ନିଷ୍ପତ୍ତି ନେବା ନିମନ୍ତେ ସୁପ୍ରିମକୋର୍ଟ ସମୟସୀମା ଧାର୍ଯ୍ୟ କରିବାକୁ ନେଇ ବିବାଦ ଥମୁନାହିଁ। ସୁପ୍ରିମକୋର୍ଟଙ୍କ ଉପରୋକ୍ତ ରାୟକୁ ଉପରାଷ୍ଟ୍ରପତି ଗୁରୁବାର ସମାଲୋଚନା କରିଥିଲେ। ଭାଜପା ଜାଣିଶୁଣି ସୁପ୍ରିମକୋର୍ଟଙ୍କୁ ଟାର୍ଗେଟ କରିବା ସହ ଦୁର୍ବଳ କରାଉଥିବା କଂଗ୍ରେସ ଶନିବାର ଅଭିଯୋଗ କରିଛି। ସାମ୍ବିଧାନିକ ପଦବୀରେ ରହିଥିବା ବ୍ୟକ୍ତି, ମନ୍ତ୍ରୀ ଓ ଭାଜପା ଏମ୍‌ପିମାନେ ସର୍ବୋଚ୍ଚ ଅଦାଲତଙ୍କୁ ଦୁର୍ବଳ କରିବା ପାଇଁ ଏହା ବିରୋଧରେ କହିଚାଲିଥିବା କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି।

# ୨୦୩୬ ସୁଦ୍ଧା ଓଡ଼ିଶାର ସର୍ବାଙ୍ଗ ବିକାଶ: ମନ୍ତ୍ରୀ ହରିଚନ୍ଦନ




ଭୁବନେଶ୍ୱର,୧୯।୪: (ଅଭୟ ଦାଶ)

ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଏକଦିବସୀୟ ଜାତୀୟ ସମ୍ମିଳନୀ ଶନିବାର ଭୁବନେଶ୍ୱରର ମେ'ଫେୟାର ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ 'ବିକଶିତ ଓଡ଼ିଶା-୨୦୩୬ ପରିକଳ୍ପନା' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ସେହିଭଳି ଉକ୍ତ ସମ୍ମିଳନୀରେ ଅଧ୍ୟକ୍ଷତା କରି ଆଇସିସିର ଅଧ୍ୟକ୍ଷ ରାଜୀବ ସାହୁ କହିଥିଲେ, ବିକଶିତ ଓଡ଼ିଶା ଗଠନ ପାଇଁ ଆଇସିସି ବଦ୍ଧପରିକର। ଏପରି କି ଓଡ଼ିଶା ସରକାରଙ୍କ ସହାୟତାରେ ଆଇସିସି ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଓ ୨୦୪୭ ସୁଦ୍ଧା ଓଡ଼ିଶାର ଅର୍ଥନୀତିକୁ ୧.୫ ଟ୍ରିଲିୟନରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହା ସହ ଭାରତର ଅର୍ଥନୈତିକ ବିକାଶରେ ମଧ୍ୟ ଆଇସିସି ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସାହୁ କହିଥିଲେ।

ଅପରପକ୍ଷରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ୨୦୩୬ ସୁଦ୍ଧା ଓଡ଼ିଶାର ସର୍ବାଙ୍ଗ ବିକାଶ ହେବ, ଏଥିରେ ଦ୍ୱିମତ ନାହିଁ। ଭିତ୍ତିଭୂମି, ଶିଳ୍ପ, କୃଷି ଭଳି ପ୍ରମୁଖ ଦିଗରେ ସଫଳତା ପାଇବାକୁ ଯେଉଁ ପ୍ରକ୍ରିୟା ଜାରି ରହିଛି, ତାହା ଆମେ ଆରମ୍ଭ କରିସାରିଛୁ। ବିଶେଷକରି ଶିକ୍ଷା କ୍ଷେତ୍ରରେ ବିକାଶ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟଠୁ ଆରମ୍ଭ କରି ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷାରେ ମଧ୍ୟ କିପରି ଉତ୍କର୍ଷତା ଆସିବ ତାହା ଉପରେ ଆମେ ଯୋଜନା ପ୍ରସ୍ତୁତ କରୁଛୁ। ଆମ ପାଖରେ ଲକ୍ଷ୍ୟ ସ୍ଥିର ଅଛି। ୨୦୩୬ ସୁଦ୍ଧା ପଏଣ୍ଟ ୫ ଟ୍ରିଲିୟନ ୟୁଏସ୍‌ଡି ଅର୍ଥନୀତି ପାଇଁ ଲକ୍ଷ୍ୟ ରଖାଯାଇଛି। ଅର୍ଥ ମନ୍ତ୍ରଣାଳୟ ସଚିବ ନାଗରାଜୁ ମାଦିରାଲା କହିଥିଲେ, ଓଡ଼ିଶାର ଅର୍ଥନୀତି ଉତ୍କୃଷ୍ଟ। ନୀତି ଆୟୋଗର ତଥ୍ୟ ଅନୁସାରେ ଓଡ଼ିଶା ବିକାଶ କରୁଛି। ଓଡ଼ିଶାରେ ବିକାଶର ସମ୍ଭାବନା ଅଛି। ଓଡ଼ିଶାରେ ମାତ୍ର ବ୍ୟାଙ୍କିଙ୍ଗ୍ ସେବାରେ ଅଗ୍ରଗତି ଆବଶ୍ୟକ ରହିଛି। ଆଇସିସି ପକ୍ଷରୁ ଆୟୋଜିତ ହୋଇଥିବା ଏହି ସମ୍ମିଳନୀରେ ବିଭିନ୍ନ ବ୍ୟାଙ୍କିଙ୍ଗ୍ ସେବାର ମୁଖ୍ୟ ଯୋଗଦେବା ଦ୍ୱାରା ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଅଧିକ ଅଗ୍ରଗତି ଆସିପାରିବ ବୋଲି ସେ କହିଥିଲେ।

ଉନ୍ନୟନ କମିଶନର ଅନୁ ଗର୍ଗ କହିଥିଲେ, ଆସନ୍ତା ୫ବର୍ଷ ମଧ୍ୟରେ ଜଳସେଚନ କ୍ଷେତ୍ରରେ ୧୫ ଲକ୍ଷ ହେକ୍ଟର ବଢ଼ାଇବାକୁ ଯୋଜନା ରଖାଯାଇଛି। ୩୦ଲକ୍ଷ ପର୍ଯ୍ୟଟକ ସଂଖ୍ୟା ବଢ଼ାଇବାକୁ ଆଗ୍ରହ ରହିଛି। ଅର୍ବନାଇଜେଶନ ଡେଭେଲପମେଣ୍ଟ ବା ଉନ୍ନତି ପାଇଁ ବିଭିନ୍ନ ଜିଲାଗୁଡ଼ିକୁ ନେଇ କ୍ଲଷ୍ଟର ପ୍ରସ୍ତୁତ ହେବା ନେଇ ଲକ୍ଷ୍ୟ ରଖାଯାଇଛି। ଏହା ପାଇଁ ପୂରା ଓଡ଼ିଶାରେ ବିଭିନ୍ନ ପ୍ରୋଜେକ୍ଟ କରାଯାଉଛି। ବିକଶିତ ଓଡ଼ିଶା ପାଇଁ ମୋଟ ୪ଟି ବିନ୍ଦୁକୁ ଗୁରୁତ୍ୱ ଦିଆଯାଇଛି। ପ୍ରସ୍‌ପରିଟି ବା ରାଜ୍ୟର ସମୃଦ୍ଧି, ସ୍ୱାସ୍ଥ୍ୟ ଏବଂ ଅର୍ଥନୀତି ଅର୍ଥାତ୍ ସାମଗ୍ରିକ ବିକାଶର ଲକ୍ଷ୍ୟ, କେବଳ ସମୃଦ୍ଧି ଗୋଟିଏ ଜିଲା ବା ସହରରେ ନୁହେଁ, ପୂରା ରାଜ୍ୟରେ ବିକାଶ ନିରନ୍ତର ଭାବେ ହେବ। ପରିଶେଷରେ ଆଇସିସି ଉପାଧ୍ୟକ୍ଷ ନୀଳାଞ୍ଜନା ମୁଖାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଦେଶର ବିଭିନ୍ନ ପ୍ରମୁଖ ବ୍ୟାଙ୍କର ମୁଖ୍ୟ ଓ ବିଭିନ୍ନ ଶିଳ୍ପର ମୁଖ୍ୟମାନେ ଯୋଗଦେଇ ନିଜର ମତବ୍ୟକ୍ତ କରିଥିଲେ। ଓଡ଼ିଶା ଆଇସିସି ଆଞ୍ଚଳିକ ମୁଖ୍ୟ ଜେପି ପାଲ ଓ ଆଇସିସିର ଅନ୍ୟ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

**୬ଷ୍ଠ ଶ୍ରେଣୀ ଛାତ୍ରୀ ଗର୍ଭବତୀ, ତଦନ୍ତ ଆରମ୍ଭ**

ରାୟଗଡ଼ା,୧୯।୪(ଆଶିଷ ରଞ୍ଜନ ପଣ୍ଡା): ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଅଞ୍ଚଳର ଜଣେ ୬ଷ୍ଠ ଶ୍ରେଣୀ ଛାତ୍ରୀ ୬ ମାସର ଗର୍ଭବତୀ ଥିବା ଶୁକ୍ରବାର ଜଣାପଡ଼ିଥିଲା। ଶନିବାର ସ୍ଥାନୀୟ ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ସହଯୋଗରେ ସମ୍ପୃକ୍ତ ନାବାଳିକାଙ୍କୁ ରାୟଗଡ଼ା ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରାଯାଇଛି। ଏହାପରେ କମିଟି ତଦନ୍ତ ଆରମ୍ଭ କରିଛି। ଦୀର୍ଘ ସମୟ ଧରି ନାବାଳିକାଙ୍କୁ ସମସ୍ତ ବିଷୟରେ ପଚରାଉଚରା କରାଯାଇଥିଲା। ଏହି ଘଟଣାର ତଦନ୍ତ ଚାଲିଥିବା ଶିଶୁ ମଙ୍ଗଳ କମିଟି ଅଧକ୍ଷା ବିଦ୍ୟୁଲତା ହୁଇକା ସୂଚନା ଦେଇଛନ୍ତି।

# ୨୦୩୦ ସୁଦ୍ଧା ୧୦ଲକ୍ଷ ହେନ୍ତାଳ ଚାରାରୋପଣ ଲକ୍ଷ୍ୟ




ପୁରୀ ଜିଲା ଅସ୍ତରଙ୍ଗ ଭଉଁରିଆ ସେତୁ ନିକଟରେ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ(ଓପ୍‌ସା) ପକ୍ଷରୁ ଶନିବାର ଆୟୋଜିତ ହେନ୍ତାଳ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମରେ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଅନ୍ୟମାନେ।



ଦେବୀ ମୁହାଣରେ ଅତିଥିମାନେ ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ହେନ୍ତାଳ ଚାରାରୋପଣ କରୁଛନ୍ତି।

କାକଟପୁର/ଅସ୍ତରଙ୍ଗ,୧୯।୪
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

- **ଧରିତ୍ରୀ ପକ୍ଷରୁ ଓପ୍‌ସାକୁ ୧ଲକ୍ଷ ଟଙ୍କାର ଅନୁଦାନ ଘୋଷଣା**
- **ବିପର୍ଯ୍ୟୟକୁ ସାମ୍ନା କରିବ ହେନ୍ତାଳ ବନ**

ପୁରୀ ଜିଲା ଅସ୍ତରଙ୍ଗ ଭଉଁରିଆ ସେତୁ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ(ଓପ୍‌ସା), ଅସ୍ତରଙ୍ଗ ସବୁଜ ଶାଖା ଏବଂ 'ଧରିତ୍ରୀ' ପକ୍ଷରୁ ଶନିବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଯୁବ ପରିବେଶବିତ୍ ସୌମ୍ୟ ରଞ୍ଜନ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ଧରିତ୍ରୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ସମ୍ପାଦକ ତଥାଗତ ସତପଥୀ, ଶିକ୍ଷାବିତ୍ କାଳନ୍ଦୀ ଚରଣ ଛାଟୋଇ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସାମାଜିକ କର୍ମୀ ଦୁଷ୍ମନ୍ତ କୁମାର ପରିଡ଼ା, ବିଚିତ୍ରାନନ୍ଦ ବିଶ୍ୱାଳ, ଚାରୁଲତା ବିଶ୍ୱାଳ, ସବୁଜ ଶାଖା ସଭାପତି ରମାକାନ୍ତ ବଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ। ୨୦୩୦ ସୁଦ୍ଧା ୧୦ ଲକ୍ଷ ହେନ୍ତାଳ ଚାରାରୋପଣ ପାଇଁ ପ୍ରୟାସ ଜାରି ରହିବ ବୋଲି ଯୁବ ପରିବେଶବିତ୍ ବିଶ୍ୱାଳ କହିଛନ୍ତି। ୧୦ଲକ୍ଷ ହେନ୍ତାଳ ଚାରାରୋପଣ ପାଇଁ ଓପ୍‌ସାର ଏହି ମହତ୍ ଲକ୍ଷ୍ୟ ଲାଗି ଧରିତ୍ରୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ୧ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି। ଏହି ଅବସରରେ ହେନ୍ତାଳବନ ସଂରକ୍ଷଣ ଏବଂ ଦେବୀ ନଦୀ ମୁହାଣ ଅଞ୍ଚଳର ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା କାହ୍ନୁଚରଣ ମଲ୍ଲିକ, ପ୍ରଶାନ୍ତ କୁମାର ବେହେରା ଏବଂ କେତେଜଣ ସ୍ୱୟଂ ସଶକ୍ତିକରଣ ଗୋଷ୍ଠୀ(ସେଲ୍ଫ ଏମ୍ପାୱାରମେଣ୍ଟ ଗ୍ରୁପ)ର ସଦସ୍ୟମାନଙ୍କୁ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଜଳବାୟୁ ପରିବର୍ତ୍ତନ ଯୋଗୁ ଦକ୍ଷିଣ ପଶ୍ଚିମ ମୌସୁମୀ ବର୍ଷାରେ ଅନିୟମିତତା ଦେଖାଯାଉଛି। ବର୍ଷାଦିନେ ଗରମ ଅନୁଭୂତ ହେବା, ଶୀତଋତୁରେ ଥଣ୍ଡା ହ୍ରାସ ହେବାରୁ ଜଳବାୟୁରେ ଅସମାନତା ସୃଷ୍ଟି ହେଉଛି। ଏହାର କାରଣ ନିରାକରଣ ପାଇଁ ବିଶ୍ୱର ପରିବେଶବିତ୍ ଓ ପାଣିପାଗ ବିଶେଷଜ୍ଞମାନେ ଚିନ୍ତାପ୍ରକଟ କରିଛନ୍ତି। ତାପମାତ୍ରା ବୃଦ୍ଧି ଯୋଗୁ ସାମୁଦ୍ରିକ ବାତ୍ୟା ସୃଷ୍ଟିହୋଇ ୩ଶହ କି.ମି. ପର୍ଯ୍ୟନ୍ତ ପବନ ମଧ ଅତୀତରେ ବହିଛି। ୧୯୯୯ ମହାବାତ୍ୟା, ୨୦୧୩ ଫାଇଲିନ୍, ୨୦୧୪ ହୁଡ୍‌ହୁଡ୍, ୨୦୧୮ ତିତ୍‌ଲି, ୨୦୧୯ ଫନୀ ଭଳି ସାମୁଦ୍ରିକ ବାତ୍ୟାରେ ଉପକୂଳ ଅଞ୍ଚଳରେ ନାହିଁ ନ ଥିବା କ୍ଷତି ଘଟିଥିଲା। ଏହି ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବାକୁ ହେଲେ ପ୍ରଚୁର ପରିମାଣରେ ହେନ୍ତାଳ ଜଙ୍ଗଲ ଆବଶ୍ୟକ। ଏହି ଗଛ ଉପକୂଳ ଅଞ୍ଚଳରେ ସୁରକ୍ଷା ପାଚେରି ଭାବେ ଉଭା ହେବ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି। ସମ୍ପ୍ରତି ସବୁଜ ଗୃହ ବାଷ୍ପ ନିର୍ଗମନରେ ବୃଦ୍ଧି ହେତୁ ପୃଥିବୀ ପୃଷ୍ଠରେ ଉତ୍ତାପ ବୃଦ୍ଧି ଘଟୁଛି, ଯାହା ଜଳବାୟୁରେ ଘୋର ଅନିୟମିତତାର କାରଣ ହେଉଛି। ୨୦୧୯ରେ ଫନୀ ଏବଂ ୨୦୨୦ରେ ଅମ୍ଫନ ବାତ୍ୟା ହୋଇଥିଲା। ଏହିଭଳି ସାମୁଦ୍ରିକ ଝଡ଼ର ସଂଖ୍ୟା ବୃଦ୍ଧି ପାଉଥିବାରୁ ସମୁଦ୍ର ତଟରେ ଲୁଣା ଜଙ୍ଗଲର ଗୁରୁତ୍ୱ ବୃଦ୍ଧି ପାଇଛି ବୋଲି ଧରିତ୍ରୀ ସମ୍ପାଦକ ତଥାଗତ କହିଛନ୍ତି। ଅନୁଧ୍ୟାନରୁ ଜଣାଯାଇଛି, ଭିତରକନିକାରେ ଲୁଣା ଜଙ୍ଗଲ ହେତୁ ଏକ ବିସ୍ତୃତ ଅଞ୍ଚଳ ୧୯୯୯ ମହାବାତ୍ୟା ପ୍ରକୋପରୁ କେତେକାଂଶ ରକ୍ଷା ପାଇବାରେ ସମର୍ଥ ହୋଇଥିଲା। ସାମୁଦ୍ରିକ ଝଡ଼ରୁ ସୁରକ୍ଷାଦେବା ସହିତ ଲୁଣା ଜଙ୍ଗଲର ଅନେକ ବିଶେଷତା ରହିଛି। ଏହା ଜୈବବିବିଧତାର ଗନ୍ତାଘର। ଏଠାରେ ବିଭିନ୍ନ ପ୍ରକାରର ଉଦ୍ଭିଦ, ଶୈବାଳ, ପ୍ଲାଙ୍କଟନ ଠାରୁ ଆରମ୍ଭ କରି ଅନେକ ପ୍ରଜାତିର ମତ୍ସ୍ୟ, ସରୀସୃପ, ସ୍ତନ୍ୟପାୟୀ ପ୍ରାଣୀ, ଜାତିଜାତିକା ପକ୍ଷୀ ବାସ କରନ୍ତି। ଲୁଣା ଜଙ୍ଗଲ ମାଛ, ଚିଙ୍ଗୁଡ଼ି, କଙ୍କଡ଼ା ଆଦିର ଅଣ୍ଡିରାଶାଳ ରୂପେ ପରିଗଣିତ। ଲୁଣା ଜଙ୍ଗଲର ଚେରରେ ସାମୁଦ୍ରିକ ଜୀବର ଶାବକମାନେ ଲୁଚିରହି ତତ୍‌ସଂଲଗ୍ନ କାଦୁଆଭୂମିରୁ ସେମାନେ ଖାଦ୍ୟ ସଂଗ୍ରହ କରିଥାନ୍ତି। ବଡ଼ ହେଲେ ଏହି ଜୀବଜନ୍ତୁମାନେ ସମୁଦ୍ର ଗର୍ଭକୁ ଚାଲିଯାଆନ୍ତି। ଏଥିପାଇଁ ଲୁଣା ଜଙ୍ଗଲର ଅବସ୍ଥିତି ସାମୁଦ୍ରିକ ପରିସଂସ୍ଥାନ ପାଇଁ ଅତ୍ୟନ୍ତ ଅନିର୍ବାର୍ଯ୍ୟ। ଅଙ୍ଗାରକାମ୍ଳ ତଥା ଅନ୍ୟାନ୍ୟ ସବୁଜଗୃହ ବାଷ୍ପକୁ ଶୋଷିବାରେ ଅନ୍ୟ ଜଙ୍ଗଲ ତୁଳନାରେ ଲୁଣା ଜଙ୍ଗଲ ଅଧିକ ସମର୍ଥ। ଏହି ସବୁ କାରଣରୁ ଲୁଣା ଜଙ୍ଗଲର ସୃଷ୍ଟି, ସୁରକ୍ଷା ଏବଂ ସମୃଦ୍ଧି ଏକାନ୍ତ କାମ୍ୟ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। ଅପରାହ୍ନରେ ଉପସ୍ଥିତ ଅତିଥି, ସ୍ଥାନୀୟ ଅଞ୍ଚଳ ମହିଳା, ଯୁବ ବନ୍ଧୁମାନେ ଭଉଁରିଆ ବ୍ରିଜ ଠାରୁ ଦେବୀ ମୁହାଣ ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ହେନ୍ତାଳ ଚାରାରୋପଣ କରିଛନ୍ତି।

## କେନ୍ଦ୍ରୀୟ ଡେପୁଟେଶନରେ ୩ ଆଇପିଏସ୍ ଅଧିକାରୀ

ଭୁବନେଶ୍ୱର,୧୯।୪(ସତ୍ୟଜିତ୍ ରାଉତ)

ରାଜ୍ୟରେ କାର୍ଯ୍ୟରତ ଥିବା ୩ ଆଇପିଏସ୍ ଅଧିକାରୀ କେନ୍ଦ୍ରୀୟ ଡେପୁଟେଶନରେ ଯିବେ। ଏନେଇ ରାଜ୍ୟ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତିପ୍ରକାଶ ପାଇଛି। ଭିଜିଲାନ୍ସ ଏସ୍‌ପି ଥିବା ଲୋଗନାୟାଗି ଦିବ୍ୟା ଓ ରାହୁଲ୍ ପିଆର୍‌ଙ୍କୁ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି)ର ଜଏଣ୍ଟ ଡେପୁଟି ଡାଇରେକ୍ଟର (ଏସ୍‌ପି ପାହ୍ୟା) ଏବଂ ଭିଜିଲାନ୍ସ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର କ୍ୟାବିନେଟ୍ ସେକ୍ରେଟାରିଏଟ୍‌ରେ ଡେପୁଟି ସେକ୍ରେଟାରି ଭାବେ ଯୋଗଦେବାକୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏନେଇ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକଙ୍କ ଅନୁମୋଦନକ୍ରମେ ସମସ୍ତ ଅଧିକାରୀଙ୍କୁ ପୂର୍ବ ଦାୟିତ୍ୱରୁ ମୁକ୍ତ କରାଯାଇଛି।

## ମା' ହିଙ୍ଗୁଳାଙ୍କ ଶୀତୁଳା ଯାତ୍ରା ସମାପନ

ତାଳଚେର,୧୯।୪(ମନୋଜ ନନ୍ଦ)


ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ସୁପ୍ରସିଦ୍ଧ ଶୀତୁଳା ଯାତ୍ରା ଶନିବାର ସମାପନ ହୋଇଛି। ଅପରାହ୍ନରେ ମା' ହିଙ୍ଗୁଳା ଓ କୁଟେଇଶ୍ୱରୀଙ୍କ ଚଳନ୍ତିପ୍ରତିମା ଆଲମକୁ ଦିଅଁଘରୁ ବଡ଼ମଣ୍ଡପ (ମୁଖ୍ୟ ମନ୍ଦିର)କୁ ଅଣାଯାଇଥିଲା। ମୁଖ୍ୟ ଦେହୁରୀ କିଶୋର ଦେହୁରୀ ଓ ଟଙ୍କଧର ଦେହୁରୀ ବିଧି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ଆଲମକୁ ଉଭାସ୍ଥଳୀକୁ ଶୋଭାଯାତ୍ରାରେ ନିଆଯାଇ ରୀତିନୀତି ଅନୁଯାୟୀ ପୂଜା ସହ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଏହାପରେ ଶୀତୁଳା ପୂଜା ଅନୁଷ୍ଠିତ ହୋଇଥିଲା। ଏହି ପୂଜାରେ ତାଳଚେର ରାଜା ସପରିବାର ଉପସ୍ଥିତ ରହି ମା'ଙ୍କୁ ପୂଜାର୍ଚ୍ଚନା କରିବା ସହ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ଶେଷରେ ବଡ଼ମଣ୍ଡପକୁ ମା' ହିଙ୍ଗୁଳାଙ୍କ ଆଲାମକୁ ବିଜେ କରାଯାଇ ଅଧରପଣା ନୀତି ସମ୍ପନ୍ନ କରାଯାଇଥିଲା।

# ଶିକ୍ଷା ଢାଞ୍ଚାରେ ଏଆଇ ଅନ୍ତର୍ଭୁକ୍ତୀକରଣ ଗୁରୁତ୍ୱପୂର୍ଣ୍ଣ

**ଆଇଆଇଏମ୍ ସମ୍ବଲପୁରର ନବମ ସମାବର୍ତ୍ତନ ଉତ୍ସବ**

**ଭାରତ ବାର୍ଷିକ ୮-୧୦ ନିୟୁତ ନିଯୁକ୍ତି ସୃଷ୍ଟି କରିବା ଆବଶ୍ୟକ**

ସମ୍ବଲପୁର,୧୯।୪(ପ୍ରମୋଦ ବହିଦାର)




ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଡ. ପ୍ରମୋଦ କୁମାର ମିଶ୍ରଙ୍କ ସହିତ ସ୍ୱର୍ଣ୍ଣପଦକ ହାସଲ କରିଥିବା ଛାତ୍ରୀଛାତ୍ର।

ଆଇଆଇଏମ୍ ସମ୍ବଲପୁରର ଶିକ୍ଷା ଢାଞ୍ଚାରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ଅନ୍ତର୍ଭୁକ୍ତୀକରଣ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଫଳରେ ଏହି ଶିକ୍ଷାନୁଷ୍ଠାନ ନବସୃଜନ, ସଙ୍କୋଚତା ଏବଂ ସାମଗ୍ରିକତାର ମୂଲ୍ୟବୋଧକୁ ବଜାୟ ରଖି ଖ୍ୟାତି ଅର୍ଜନ କରି ପାରିଛି। ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ଆଇଆଇଏମ୍ ସମ୍ବଲପୁରର ନବମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର ଏହା କହିଛନ୍ତି।

ଆଇଆଇଏମ୍ ସମ୍ବଲପୁର ପରିସରସ୍ଥ କୋଣାର୍କ ପ୍ରେକ୍ଷାଳୟରେ ଅନୁଷ୍ଠିତ ଉତ୍ସବରେ ପ୍ରମୁଖ ସଚିବ ଡ. ମିଶ୍ର ତାଙ୍କ ଦୀକ୍ଷାନ୍ତ ଅଭିଭାଷଣରେ କହିଥିଲେ, ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ସଂରକ୍ଷଣ ନେଇ ଦାବି ହୋଇଆସୁଛି। ହେଲେ ଆଇଆଇଏମ୍ ସମ୍ବଲପୁରରେ ମୋଟ ଶିକ୍ଷାର୍ଥୀଙ୍କ ମଧ୍ୟରୁ ଛାତ୍ରୀଙ୍କ ଅନୁପାତ ୬୦ପ୍ରତିଶତ, ତାହାପୁଣି ବିନା କୌଣସି ସଂରକ୍ଷଣରେ। କେବଳ ଯୋଗ୍ୟତାଭିତ୍ତିରେ ଏଠାରେ ଅଧିକ ସଂଖ୍ୟକ ଛାତ୍ରୀ ଅଧ୍ୟୟନ କରିବା ଅତ୍ୟନ୍ତ ଶୁଭଙ୍କର। ଏହାବ୍ୟତୀତ ପଶ୍ଚିମ ଓଡ଼ିଶାର ବୁଣାକାରମାନଙ୍କ ପାଇଁ ମାଷ୍ଟର ବୁଣାକାର କାର୍ଯ୍ୟକ୍ରମ ଆରମ୍ଭ କରିଥିବାରୁ ସେ ଏହି ଅବସରରେ ଆଇଆଇଏମ୍ ସମ୍ବଲପୁରକୁ ପ୍ରଶଂସା କରିଥିଲେ। ଏହା ଆଞ୍ଚଳିକ ବିକାଶରେ ବିଶେଷ ସହାୟକ ହେବ। ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ଗଢ଼ି ତୋଳିବାକୁ ଲକ୍ଷ୍ୟ ରଖାଯାଇଛି। ସଂସ୍କାର, ପ୍ରଦର୍ଶନ ଏବଂ ପରିବର୍ତ୍ତନ ତଥା ନବସୃଜନର ପ୍ରୟୋଗ ମାଧ୍ୟମରେ ଏହି ଲକ୍ଷ୍ୟକୁ ହାସଲ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି। ଏଥିରେ ଛାତ୍ରୀଛାତ୍ରମାନଙ୍କର ବିଶେଷ ଭୂମିକା ରହିଛି। ତେଣୁ ଆଗାମୀ ଦୁଇ ତିନି ଦଶନ୍ଧି ଛାତ୍ରୀଛାତ୍ରଙ୍କ ସହିତ ଦେଶ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଡ. ମିଶ୍ର କହିଛନ୍ତି।

ଡ. ମିଶ୍ର କହିଥିଲେ, କୋଭିଡ୍ ପରବର୍ତ୍ତୀ ସମୟରେ ଜଟିଳ ଆନ୍ତଃରାଷ୍ଟ୍ରୀୟ ସମ୍ପର୍କ ଉଭୟ ଅର୍ଥନୀତି ଓ ରାଜନୀତିକୁ ପ୍ରଭାବିତ କରିଛି। ନିକଟରେ ଆମେରିକା ଦ୍ୱାରା ଲାଗୁ ପାରସ୍ପରିକ ଶୁଳ୍କ ବିଶ୍ୱ ଅର୍ଥନୀତିକୁ ସୁଦୂରପ୍ରସାରୀ ପ୍ରଭାବିତ କରିବ। ତେଣୁ ଗୋଟିଏ ପଟେ ବ୍ୟାପକ ପରିବର୍ତ୍ତନଶୀଳ ଅନ୍ତର୍ଜାତୀୟ ସମ୍ପର୍କ ଓ ଅନ୍ୟପଟେ ବୈଷୟିକ ଜ୍ଞାନକୌଶଳର ଅଭୂତପୂର୍ବ ବିକାଶ ମଧ୍ୟରେ ଭାରତକୁ ନିଜର ଭବିଷ୍ୟତ ରୂପରେଖ ନିର୍ଦ୍ଧାରଣ କରିବାକୁ ପଡ଼ିବ। ବିଶ୍ୱ ମାନଚିତ୍ରରେ ଭାରତ ଏବେ ମର୍ଯ୍ୟାଦାଜନକ ସ୍ଥାନ ହାସଲ କରିଛି। କ୍ରମବର୍ଦ୍ଧିଷ୍ଣୁ ଅର୍ଥନୀତି, ଯୁବ ଜନସଂଖ୍ୟା, ଉନ୍ନତ ଭିତ୍ତିଭୂମି ଓ ବୈଷୟିକ ଜ୍ଞାନକୌଶଳ ଭାରତର ସ୍ଥିତିକୁ ବିଶ୍ୱ ପ୍ରେକ୍ଷାପଟରେ ସୁଦୃଢ଼ କରିବାର ସକ୍ଷମ ହୋଇଛି। ଭାରତକୁ ବାର୍ଷିକ ୮-୧୦ ନିୟୁତ ନିଯୁକ୍ତି ସୃଷ୍ଟି କରିବାର ଆବଶ୍ୟକତା ରହିଛି। ସରକାରଙ୍କ ଡିଜିଟାଲ ଇଣ୍ଡିଆ ଓ ସ୍କିଲ୍ ଇଣ୍ଡିଆ ଦ୍ୱାରା ଘରୋଇ ଶିଳ୍ପରେ ଦକ୍ଷ ଯୁବତୀ ଯୁବକଙ୍କ ପାଇଁ ଦେଶରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ସେମାନଙ୍କୁ ନିଯୁକ୍ତି ଦେବାକୁ ପଡ଼ିବ। ସଫଳତା ପାଇଁ କେବଳ ବୈଷୟିକ ଜ୍ଞାନ ପର୍ଯ୍ୟାପ୍ତ ନୁହେଁ। ବ୍ୟକ୍ତିଗତ ପ୍ରଜ୍ଞା ବା ଦକ୍ଷତା ଅପେକ୍ଷା ସାମୂହିକ ଭାବେ କାର୍ଯ୍ୟ କରିବାର ଦକ୍ଷତା ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ଡ. ମିଶ୍ର କହିଛନ୍ତି।

ଆଇଆଇଏମ୍ ସମ୍ବଲପୁରର ବୋର୍ଡ ଅଫ୍ ଗଭର୍ନାନ୍ସର ଅଧ୍ୟକ୍ଷା ପଦ୍ମଶ୍ରୀ ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ ଉତ୍ସବରେ ଅଧ୍ୟକ୍ଷତା କରି କହିଥିଲେ, ଶିକ୍ଷା ଏକ ଜୀବନବ୍ୟାପୀ ଯାତ୍ରା। ଦ୍ରୁତ ବିକାଶଶୀଳ ଜଗତରେ ଛାତ୍ରୀଛାତ୍ରଙ୍କୁ ଉଭୟ ସୁଯୋଗ ଓ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିବ। ମାତ୍ର ଜ୍ଞାନ ଏବଂ ଦକ୍ଷତା ବଳରେ ଏଭଳି ଯେକୌଣସି ପ୍ରତିବନ୍ଧକକୁ ମୁକାବିଲା କରିବାକୁ ସେମାନେ ସକ୍ଷମ ବୋଲି କହିଥିଲେ।

ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ସ୍ୱାଗତ ଅଭିଭାଷଣରେ କହିଥିଲେ, ପ୍ରଥମ ଥର ପାଇଁ ଏହି ଶିକ୍ଷାନୁଷ୍ଠାନରେ ଏମ୍‌ବିଏ, ଏକଜିକ୍ୟୁଟିଭ୍ ଏମ୍‌ବିଏ, ଏମ୍‌ବିଏ ଫର୍ ୱାର୍କିଂ ପ୍ରଫେସନାଲ୍ସ, ପିଏଚ୍‌ଡି ଓ ପିଏଚ୍‌ଡି ଫର୍ ୱାର୍କିଂ ପ୍ରଫେସନାଲ୍ସ ଆଦି ୫ଟି ଭିନ୍ନ ଭିନ୍ନ ପାଠ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଡିଗ୍ରୀ ହାସଲ କରିଛନ୍ତି। ଏହି ଅନୁଷ୍ଠାନର ୧୦ମ ବର୍ଷ ପୂର୍ତ୍ତି ଅବସରରେ ୬୦ ପ୍ରତିଶତ ଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ସମଗ୍ର ଭାରତରେ ଏକ ରେକର୍ଡ ସୃଷ୍ଟି କରିଛନ୍ତି। ସେହିଭଳି କ୍ୟାମ୍ପସ ନିଯୁକ୍ତିରେ ପ୍ୟାକେଜ ମଧ୍ୟ ୩୦ ପ୍ରତିଶତ ବୃଦ୍ଧିରେ ନିଯୁକ୍ତି ମିଳିବା ଏକ ଉଲ୍ଲେଖନୀୟ ଘଟଣା। ଉତ୍ସବରେ ବୋଷ୍ଟନ କନସଲଟିଂ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଆଶିଷ ଗର୍ଗ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଅମୃତ ମହାନ୍ତି ପରିଚାଳନା କରିଥିଲେ। ଏହି ଅବସରରେ ୩୧୩ ଜଣ ଏମ୍‌ବିଏ, ୩୮ ଜଣ ଏକ୍‌ଜିକ୍ୟୁଟିଭ୍ ଏମ୍‌ବିଏ, ୧୦ ଜଣ ଏମ୍‌ବିଏ ଫର୍ ୱାର୍କିଂ ପ୍ରଫେସନାଲ, ୬ ଜଣ ପିଏଚ୍‌ଡି ସ୍କଲାରଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଶିକ୍ଷାଗତ ଉତ୍କର୍ଷ ହାସଲ କରିଥିବା ୭ ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା।

## ବଜ୍ରପାତରେ ଜୀବନଗଲା

ରାଇରଙ୍ଗପୁର,୧୯।୪(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅନ୍ତର୍ଗତ ବଡ଼ମୌଦା ଗ୍ରାମ ରାଖାସାହି ବସ୍ତି ଅଞ୍ଚଳରେ ଶୁକ୍ରବାର ଅପରାହ୍ନ ୪ଟାରେ ବଜ୍ରପାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରାଖାସାହି ବସ୍ତି ଅଞ୍ଚଳର ସତ୍ୟ ଗିରି(୫୮)। ପ୍ରକାଶ ଯେ, ସତ୍ୟ ତାଙ୍କ ବାସଗୃହ ପାର୍ଶ୍ୱ ଗୁହାଳ ଘର ନିକଟରେ ଥିବାବେଳେ ବଜ୍ରପାତର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଗୋରୁମହିଷାଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ମାମଲା (ନଂ.୬/୨୫) ରୁଜୁ କରିଛି। ପୋଲିସ ଶନିବାର ରାଇରଙ୍ଗପୁର ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।






## ଅଂଶୁଘାତରେ ମହିଳା ଚାଷୀଙ୍କ ମୃତ୍ୟୁ ସନ୍ଦେହ

ଛେଣ୍ଡିପଦା,୧୯।୪ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କୁମ୍ଭାରସାହିର ମହିଳା ଚାଷୀ ଅଇଁଠା ବେହେରାଙ୍କ ଶନିବାର ଅଂଶୁଘାତରେ ମୃତ୍ୟୁ ହୋଇଥିବା ପରିବାର ଲୋକେ ସନ୍ଦେହ କରିଛନ୍ତି। ଏ ନେଇ ସେମାନେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ମହିଳା ଚାଷୀ ଅଇଁଠା ବଗିଚାରେ କାମ କରୁଥିବା ବେଳେ ହଠାତ ଅଚେତ ହୋଇଯାଇଥିଲେ। ଏହାଦେଖି ପରିବାର ଲୋକେ ତାଙ୍କୁ ତୁରନ୍ତ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ମା' ତାରିଣୀଙ୍କ ଦର୍ଶନକଲେ ଶକ୍ତିକାନ୍ତ



ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶକ୍ତିକାନ୍ତ ଦାସ ଓ ତାଙ୍କ ସ୍ତ୍ରୀଙ୍କୁ ପୂଜକମାନେ ସ୍ୱାଗତ କରୁଛନ୍ତି।

କେନ୍ଦୁଝର/ଘଟଗାଁ,୧୯।୪ (ନରେଶ ଚନ୍ଦ୍ର ପଟ୍ଟନାୟକ/ରାଜେନ୍ଦ୍ର ପଟ୍ଟନାୟକ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ଶକ୍ତିକାନ୍ତ ଦାସ ୩ ଦିନିଆ ଓଡ଼ିଶା ଗସ୍ତରେ ଅଛନ୍ତି। ଏହି ଅବସରରେ ଶନିବାର ପୂର୍ବାହ୍ନ ୧୧ଟାରେ କେନ୍ଦୁଝର ଜିଲା ଘଟଗାଁସ୍ଥିତ ମା'ତାରିଣୀଙ୍କ ଦର୍ଶନ କରିଛନ୍ତି। ଧର୍ମପତ୍ନୀଙ୍କ ସହ ସେ ତାରିଣୀ ମନ୍ଦିରରେ ପହଞ୍ଚିବା ପରେ ଜିଲା ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ସପରିବାର ଦର୍ଶନ କରାଇବାରେ ସହଯୋଗ କରାଯାଇଥିଲା। ପ୍ରମୁଖ ସଚିବ ଦାସ ମା'ଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରି ଆଶିଷ ଲାଭ କରିଥିଲେ। ଏହି ଅବସରରେ ମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ମା'ତାରିଣୀଙ୍କ ଧାନରେ ନିର୍ମିତ ମୂର୍ତ୍ତି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମା'ଙ୍କ ଦର୍ଶନ ନେଇ ବହୁ ଦିନରୁ ଅଭିଳାଷା ଥିଲା। ସେ ନେଇ ଆଜି ଆସି ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କଲେ ବୋଲି ଦର୍ଶନ ପରେ ପ୍ରମୁଖ ସଚିବ ଦାସ ଖବରଦାତାଙ୍କୁ ସୂଚନା ଦେଇଥିଲେ। ଏହି ସମୟରେ ଜିଲାପାଳ ବିଶାଳ ସିଂହ ଓ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

## ୮୪ ବର୍ଷରେ ଏମ୍‌ବିଏ




ସମ୍ବଲପୁର,୧୯।୪(ପ୍ରମୋଦ ବହିଦାର)

ଶିକ୍ଷାର ଅନ୍ତ ନାହିଁ। ବୟସ ପ୍ରବନ୍ଧକ ନୁହେଁ, ଏକ ସଂଖ୍ୟା ମାତ୍ର ବୋଲି କହିଛନ୍ତି ୮୪ ବର୍ଷ ବୟସରେ ଏମ୍‌ବିଏ ଫର୍ ୱାର୍କିଂ ପ୍ରଫେଶନାଲ ଡିଗ୍ରୀ ହାସଲ କରିଥିବା ଇଂ. ଗିରିଶ ମୋହନ ଗୁପ୍ତା। ଆଇଆଇଏମ୍ ସମ୍ବଲପୁର ୯ମ ସମାବର୍ତ୍ତନ ଉତ୍ସବରେ ଏମ୍‌ବିଏ ଡିଗ୍ରୀ ହାସଲ କରିଥିବା ଗୁପ୍ତା ଦିଲ୍ଲୀର ଗ୍ଲୋବାଲ ଇଞ୍ଜିନିୟର୍ସ ଲିମିଟେଡର ମାଲିକ। ଦିଲ୍ଲୀରେ ଆରମ୍ଭ ହୋଇଥିବା ବିଶ୍ୱସ୍ତରୀୟ ଆଇଆଇଏମ୍ ସମ୍ବଲପୁରର କ୍ୟାମ୍ପସ ତାଙ୍କୁ ପୁନଃ ପାଠ ପଢ଼ା ପାଇଁ ଆକୃଷ୍ଟ କରିଥିଲା ବୋଲି ସେ କହିଛନ୍ତି।

## ପେଣ୍ଟୋଗ୍ରାଫ୍ ଅଚଳ, ୫ ଘଣ୍ଟା ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ

ରାୟଗଡ଼ା/ଟିକିରି,୧୯।୪ (ଆଶିଷ ରଞ୍ଜନ ପଣ୍ଡା/ପ୍ରଫୁଲ୍ଲ କୁମାର ବେହେରା)

ରାଉରକେଲାରୁ ଜଗଦଲପୁର ଯାଉଥିବା ଇଣ୍ଟରସିଟି ଏକ୍ସପ୍ରେସ୍ ଟ୍ରେନ ଇଞ୍ଜିନର ପେଣ୍ଟୋଗ୍ରାଫ କାଶୀପୁର ବ୍ଲକ ଲେଲିଗୁମା ଓ ରାଉଳି ଷ୍ଟେଶନର ମଧ୍ୟବର୍ତ୍ତୀ ଅଞ୍ଚଳରେ ଅଚଳ ହେବା ଯୋଗୁ କୋରାପୁଟ – ରାୟଗଡ଼ା (କେଆର୍) ରେଳଲାଇନରେ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ୫ଘଣ୍ଟାରୁ ଅଧିକ ସମୟ ଧରି ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଶନିବାର ଭୋରରୁ ଏହି ସମସ୍ୟା ଦେଖାଦେଇଥିଲା। ଫଳରେ ଯାତ୍ରୀ ହନ୍ତସନ୍ତ ହୋଇଛନ୍ତି।



ରେଳଧାରଣରେ ଅଟକି ରହିଥିବା ରାଉରକେଲା-ଜଗଦଲପୁର ଇଣ୍ଟରସିଟି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସ୍ପେନ୍ ରାଷ୍ଟ୍ରଦୂତ



ଭୁବନେଶ୍ୱର,୧୯।୪(ସୁନିତ୍ ମିଶ୍ର)

**ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କ ସୁଦୃଢ଼ କରିବା ଉପରେ ଗୁରୁତ୍ୱ**

ଭାରତରେ ଅବସ୍ଥାପିତ ସ୍ପେନର ରାଷ୍ଟ୍ରଦୂତ ଜୁଆନ୍ ଆଣ୍ଟୋନିଓ ମାର୍ଚ୍ଚ ପୁଜୋଲ ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସାକ୍ଷାତ କରିଛନ୍ତି। ସ୍ପେନ ଏବଂ ଓଡ଼ିଶା ମଧ୍ୟରେ ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ସ୍ପେନ୍ ରାଷ୍ଟ୍ରଦୂତ କହିଛନ୍ତି, ରିନିୱେବଲ୍ ଏନର୍ଜି, ମେଟାଲର୍ଜି, ବୟନଶିଳ୍ପ ଏବଂ ଅଟୋମୋବାଇଲ ଭଳି ପ୍ରମୁଖ କ୍ଷେତ୍ରରେ ଓଡ଼ିଶା ଓ ସ୍ପେନ ମଧ୍ୟରେ ଅଧିକ ସହଯୋଗ ହୋଇପାରିବ। ଆଲୋଚନାରୁ ଜଣାପଡ଼ିଛି, ୨ ଦେଶ ମଧ୍ୟରେ ଶିଳ୍ପ, ପ୍ରଯୁକ୍ତିବିଦ୍ୟା ଏବଂ ସାଂସ୍କୃତିକ ସହଯୋଗର ଏକ ନୂତନ ଅଧ୍ୟାୟ ଆରମ୍ଭ କରାଯିବ। ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ସତ୍ୟବ୍ରତ ସାହୁ ଏବଂ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

ଧର୍ମ ରହିଥାଏ ନିଜକୁ ସଂସ୍କୃତି କରି ତା'ର ବାହ୍ୟ ଆଙ୍ଗିକଗୁଡ଼ିକ ଉପରେ– ତା'ର ନିର୍ଦ୍ଦିଷ୍ଟ ସଂସ୍କୃତି ଭିତରେ ଓ କେତେକ ଭାବାଦର୍ଶ ଭିତରେ। କିନ୍ତୁ ଧର୍ମର ମହାନତା ପାଇଁ ସେତିକି ବେଳେ, ଯେତେବେଳେ କେତେକ ଯଥାର୍ଥ ଅସାଧାରଣ ବ୍ୟକ୍ତି ସତତ ସତ ତାଙ୍କ ଜୀବନରେ କିଛି ଅଧ୍ୟାତ୍ମ ଉପଲବ୍ଧି ଅର୍ଜନ କରିଥାନ୍ତି। –ଶ୍ରୀମା



# ଚାଇନା ଆଗକୁ ବଢ଼ୁଛି



ଆକାର ପଟେଲ

ଚାଇନା ଆଗାମୀ କିଛିବର୍ଷ ମଧ୍ୟରେ, ସମ୍ଭବତଃ ୨୦୩୫ ସୁଦ୍ଧା ବିଶ୍ୱର ବୃହତ୍ତମ ଅର୍ଥ ବ୍ୟବସ୍ଥା ହେବ। ଏହାର ମୋଟ ଘରୋଇ ଉତ୍ପାଦ(ଜିଡିପି) ସେତେବେଳେକୁ ଆମେରିକାଠାରୁ ଅଧିକ ହୋଇଯିବ। ଏହା ଆମେରିକା ପାଇଁ ଗ୍ରହଣୀୟ ହେଉନାହିଁ, କାରଣ ବିଗତ ଶତାବ୍ଦୀରେ ଏହା ବିଶ୍ୱ ଶକ୍ତି ଭାବେ ପ୍ରାଧାନ୍ୟ ବିସ୍ତାର କରିଆସିଛି ଏବଂ ଏହା ମୁଖ୍ୟତଃ ତାହାର ଅର୍ଥ ବ୍ୟବସ୍ଥା ଯୋଗୁ ହୋଇପାରିଛି। ଏହା ଏବେ ୧ ନମ୍ବରରୁ ୨ ନମ୍ବର ଆଡ଼କୁ ଯାଉଥିବା ଆମେ ସ୍ପଷ୍ଟଭାବେ ଦେଖିପାରୁଛୁ। ତାହା ଚାଇନାର ପ୍ରଗତିର ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ଯୁଦ୍ଧକୁ ଘଟିବାକୁ ଯାଉଛି। ପାଶ୍ଚାତ୍ୟ ଅନ୍ତର୍ଜାତୀୟ ନିୟମ ଆଧାରିତ ବ୍ୟବସ୍ଥାରେ ଉପନିବେଶବାଦ ମାଧ୍ୟମରେ ସିଧାସଳଖ ଶାସନ କରୁଥିଲେ। ଏବେ କିନ୍ତୁ ସେହି ସ୍ଥାନ ନେଇଛି ଜାତିସଂଘ ସୁରକ୍ଷା ପରିଷଦ, ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଏବଂ ବିଶ୍ୱବ୍ୟାଙ୍କ। ଛଅ ଭଳି ଗୋଷ୍ଠୀଗୁଡ଼ିକ ମଧ୍ୟ କାର୍ଯ୍ୟରେ ସମସ୍ତଙ୍କ ରକ୍ଷା କରିବା ପାଇଁ ବ୍ୟବହାର କରାଯାଉଛି। ଅଷ୍ଟାଦଶ ଶତାବ୍ଦୀରେ ଭାରତ ଓ ଚାଇନା ସବୁଠୁ ବଡ଼ ଅର୍ଥ ବ୍ୟବସ୍ଥା ଥିଲେ। ସେତେବେଳେ ଜାତୀୟ ଉତ୍ପାଦକତା ଓ ଜିଡିପି ଲୋକଙ୍କ ଉପରେ ନିର୍ଭର କରୁଥିଲା ଏବଂ ଅଧିକାଂଶ ଲୋକ କୃଷିକ୍ଷେତ୍ରରେ ଥିଲେ। କିନ୍ତୁ ଶିଳ୍ପ ବିପ୍ଳବ ତାହାକୁ ପରିବର୍ତ୍ତନ କରିଦେଲା ଏବଂ ଉତ୍ପାଦକତା ମାନବ ଶ୍ରମ ଉପଯୋଗରୁ ଦୂରେଇଯିବା ଆରମ୍ଭକଲା। ତେବେ ୧୮୦୦ ଦଶନ୍ଧିରୁ ଏଯାବତ୍ ପାଶ୍ଚାତ୍ୟ ସବୁବେଳେ ପ୍ରଯୁକ୍ତିଗତ ପରିବର୍ତ୍ତନରେ ଆଗରେ ରହିଆସିଥିଲା। କିନ୍ତୁ ଚାଇନା ଏବେ ସେଥିରେ ସାମିଲ ହୋଇଯାଇଛି। ଚାଇନା ଖୁବ୍ ଶୀଘ୍ର ତାକୁ ଟପିଯିବ। ଜାନୁଆରୀ ୨୦୨୩ରେ ସିଟିଗ୍ରୁପ୍ ଏକ ରିପୋର୍ଟ ପ୍ରକାଶ କରିଥିଲା, ଯାହାର ଶୀର୍ଷ ଥିଲା 'ଚାଇନାର ଜିଡିପି କେବେ ଆମେରିକାକୁ ଟପିବ?' ଶେଷରେ ଦର୍ଶାଇଥିଲା ଯେ, ୨୦୩୦ ଦଶକ ମଧ୍ୟରେ ଯେକୌଣସି ସମୟରେ ସମ୍ଭବତଃ ଏହି ଦଶନ୍ଧିର ମଧ୍ୟଭାଗରେ ଏହା ହୋଇପାରେ। ଅଧିକାଂଶ କ୍ଷେତ୍ରରେ ଏହା ଘଟିସାରିଲାଣି। ଚାଇନା ଆଗକୁ ବଢ଼ିବାରେ ଲାଗିଛି। ଚାଇନାର ନେଭି ପାଖରେ ଆମେରିକା ନେଭିଠାରୁ ଅଧିକ ଯୁଦ୍ଧଜାହାଜ ଅଛି। ଚାଇନା ପୃଥକ୍ ତଥା ସ୍ୱାଧୀନ ଭାବେ ଏକ ମହାକାଶ କେନ୍ଦ୍ର ଚଳାଉଛି। ଏହା ଆମେରିକା, ଋଷିଆ ନେତୃତ୍ୱରେ ଚାଲୁଥିବା ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରର ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଛି। ଗତବର୍ଷ ପ୍ୟାରିସ୍ ଅଲିମ୍ପିକ୍ସରେ ହଂକଂ ସମେତ ଚାଇନା ୪୭ଟି ସ୍ୱର୍ଣ୍ଣ ପଦକ ଜିତିଥିଲା। ଏଥିରେ ଆମେରିକା ୪୦ଟି ସ୍ୱର୍ଣ୍ଣ ଜିତିଥିଲା। ଏପରିକି ବୃହତ୍ତମ ଅର୍ଥ ବ୍ୟବସ୍ଥା ଭାବେ ଆମେରିକାକୁ ଟପୁରୁ ଚାଇନା ଗତ ଦଶନ୍ଧିରେ ବିଶ୍ୱରେ ବୃହତ୍ତମ ଭିତ୍ତିଭୂମି ପ୍ରୋଜେକ୍ଟ ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍(ବିଆରଆଇ)କୁ ଚାଲୁ କରିଛି। ଚାଇନା ଏବେ ୧୨୦ଟି ଦେଶ ପାଇଁ ସବୁଠୁ ବଡ଼ ବାଣିଜ୍ୟିକ ଭାଗୀଦାରି ହୋଇପାରିଛି, ଅପରପକ୍ଷେ ଆମେରିକା ୭୦ଟି ଦେଶ ସହ ବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିଛି।

ସିଟିଗ୍ରୁପ୍ ଭଳି ଅନେକ ଆଭ୍ୟନ୍ତରୀଣ ରିପୋର୍ଟ ରାଷ୍ଟ୍ରପତି ଓବାମା, ଟ୍ରମ୍ପଙ୍କ ପ୍ରଥମ ପାଳି ଓ ପରେ ବାଇଡେନ୍‌ଙ୍କ ପ୍ରଶାସନ ଉପରେ ସମୀକ୍ଷା କରିଛନ୍ତି। ଏସବୁରେ ଦର୍ଶାଯାଇଛି ଯେ, ସେମାନେ ସମସ୍ତେ ଚାଇନାକୁ ପଙ୍ଗୁ କରିଦେବାକୁ ଚେଷ୍ଟା କରିଛନ୍ତି। ପ୍ରଥମେ ଆମେରିକାରେ ଡିଜାଇନ୍ କରାଯାଉଥିବା ତାଇୱାନ୍ ନିର୍ମିତ ସେମିକଣ୍ଡକ୍ଟର ଚିପ୍ସ ଯୋଗାଣ ଉପରେ କଟକଣା ଲଗାଇ ଏହା କରିବାକୁ ପ୍ରୟାସ କରାଯାଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) କ୍ଷେତ୍ରରେ ଆମେରିକାର ପ୍ରାଧାନ୍ୟ ସୁରକ୍ଷିତ ରଖିବା। ଏହା କାମ ଦେଲାନାହିଁ। ଚାଇନାର କମ୍ପାନୀ ଡିପ୍‌ସିକ୍ ଆକର୍ଷକ ଏଆଇ ପ୍ରସ୍ତୁତକରି ବିଶ୍ୱକୁ ଦେଖାଇଦେଲା ଏବଂ ପ୍ରଯୁକ୍ତି କ୍ଷେତ୍ରରେ ଆମେରିକାର ଏକଚାଟିଆ ପଦକ୍ଷେପରେ ଏହା ବାଧକ ସାଜିଛି। ଚାଇନାର ବହୁରାଷ୍ଟ୍ରୀୟ ଟେକ୍ନୋଲୋଜି କମ୍ପାନୀ ହୁଆୱେ ୨୦୧୯ରେ ପାଶ୍ଚାତ୍ୟ ନିଷିଦ୍ଧ କରି ଏହାର ଉତ୍ପାଦ ଉପରେ କଟକଣା ଲାଗୁ କରିଥିଲା। କିନ୍ତୁ ଏହା ଉତ୍ପାଦନ ଜାରି ରଖିଥିଲା। କେତେକ ଆକଳନରୁ ଜଣାପଡ଼ିଛି ଯେ, କିଛିବର୍ଷ ପୂର୍ବରୁ ସେମିକଣ୍ଡକ୍ଟର କ୍ଷେତ୍ରରେ ଅଗ୍ରଣୀ ତାଇୱାନ୍‌ର ଟିଏସ୍‌ଏମ୍‌ସି ଏବଂ ଡଚ୍ କମ୍ପାନୀ ଏଏସ୍‌ଏମ୍‌ଏଲ୍ ଅତ୍ୟାଧୁନିକ ଚିପ୍ସ ନିର୍ମାଣ କରୁଛନ୍ତି। କିନ୍ତୁ ଏ କ୍ଷେତ୍ରରେ ଆବଶ୍ୟକତା ରହିଛି ଶିଳ୍ପକ୍ଷେତ୍ରର ଡିଜାଇନ୍ ଓ ମାନୁଫାକ୍ଚରିଂ ଏବଂ ଏହି ଦୁଇଟି ବିଭାଗରେ ଚାଇନାର କମ୍ପାନୀଗୁଡ଼ିକ ସେମାନଙ୍କ ଶ୍ରେଷ୍ଠତା ପ୍ରତିପାଦନ କରିଛନ୍ତି। ଟ୍ରମ୍ପଙ୍କ ଟାରିଫ ଯୁଦ୍ଧ ପାଶ୍ଚାତ୍ୟ ଓ ତାହାର ଅର୍ଥ ବ୍ୟବସ୍ଥାଗୁଡ଼ିକୁ ଚାଇନାଠାରୁ ଅଲଗା କରିବାକୁ ଚେଷ୍ଟା କରୁଛି। ସମ୍ଭବତଃ ଏସିଆ ଓ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକୁ ଅଲଗା କରିବାର ଏହା ହେଉଛି ସଦ୍ୟ ତଥା ଶେଷ ପ୍ରଚେଷ୍ଟା। ଏହା ଯଦି ବିଫଳ ହୁଏ, ତେବେ ଏକମାତ୍ର ବିକଳ୍ପ ହେବ ସାମରିକ ଶକ୍ତି ପ୍ରୟୋଗ ଏବଂ ଏହା ଉପରେ ୱାଶିଂଟନ୍‌ରେ ଅନୌପଚାରିକ ଭାବେ ଆଲୋଚନା ହେଉଛି।

ଅସଙ୍ଗତ ଭାବେ ୧୪୫ ପ୍ରତିଶତ ଟାରିଫ ବୃଦ୍ଧି କରାଯିବା ପରେ ଚାଇନାର ଜାହାଜଗୁଡ଼ିକ ଆମେରିକାର ବନ୍ଦରଗୁଡ଼ିକରୁ ଫେରି ଆସିବାକୁ ଆରମ୍ଭ କରିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ମେ ୨ରେ, ଚାଇନାରୁ ଯାଉଥିବା ୮୦୦ ଡଲାର ତଳେ ଥିବା ପ୍ୟାକେଜ୍‌ଗୁଡ଼ିକ ଉପରେ ଆମଦାନୀ ଶୁଳ୍କ ଛାଡ଼ ବ୍ୟବସ୍ଥା ଶେଷ ହୋଇଯିବ। ସେ ସମୟରେ ବାଣିଜ୍ୟ ବନ୍ଦ ହେବା ସହିତ ଆମେରିକା ଅର୍ଥ ବ୍ୟବସ୍ଥାରେ ପ୍ରଭାବ ଅନୁଭୂତ ହେବ। ହଁ, ଏହା ସତ୍ୟ ଯେ, ଏଥିରେ ଚାଇନାର କ୍ଷତି ହେବ, କିନ୍ତୁ ବେଶି ନୁହେଁ। ତା' ଜିଡିପିର ମାତ୍ର ୨ ପ୍ରତିଶତ ଆମେରିକାକୁ ରପ୍ତାନି ହୁଏ। ଅପରପଟେ ଆମେରିକା ଅଧିକ କ୍ଷତି ସହିବ। ମାର୍କେଟ ନିୟମ ଦର୍ଶାଏ ଯେ, ଯୋଗାଣ ଏହାର ନିଜସ୍ୱ ଚାହିଦା ସୃଷ୍ଟିକରେ। ଅର୍ଥାତ୍ ସାମଗ୍ରୀ ଉତ୍ପାଦନ ଉପରେ ଧ୍ୟାନ ଦେଉଥିବା ଗୋଟିଏ ଅର୍ଥ ବ୍ୟବସ୍ଥା ଶେଷରେ ତାହାର ଜିନିଷ ବିକ୍ରି କରିବାକୁ ବଜାର ପାଇବ। ଦେଶ ଭିତରେ ମଧ୍ୟ ଏଭଳି ବଜାର ପାଇପାରିବ କାରଣ ଉତ୍ପାଦ ପ୍ରସ୍ତୁତ କରୁଥିବା କର୍ମଚାରୀମାନେ ତାହାକୁ କିଣିପାରିବେ। ଏ ହେଉଛି ଚାଇନା, ଯିଏ ବିଶ୍ୱରେ ସବୁଠୁ ଅଧିକ ସାମଗ୍ରୀ ଉତ୍ପାଦନ କରୁଛି ଏବଂ ଏହା ଏକମାତ୍ର ମାନୁଫାକ୍ଚରିଂ ସୁପରପାୱାର। ଆମେରିକା ହେଉଛି ଉପଭୋକ୍ତା। ଯେଉଁ ସାମଗ୍ରୀ ବ୍ୟବହାର କରିବାକୁ ଚାହିଁବ, ତାହାକୁ ଏବେ ଆମେରିକା ଉତ୍ପାଦନ କରିବା ଆରମ୍ଭ କରିବ, ଯାହା ବାସ୍ତବରେ କଠିନ କାର୍ଯ୍ୟ। ଏଥିରେ ସନ୍ଦେହ ରହିଛି ଏବଂ ଏଥିପାଇଁ ଆର୍ଥିକ କ୍ଷତି ସହିବ।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | 8 | | | | 4 | 3 |
| | | | | | 2 | | | |
| 4 | 6 | | 9 | 7 | | 2 | | 5 |
| | 1 | | | | 9 | | 7 | 6 |
| | | 3 | | | 5 | | | 2 |
| | | | | 1 | | | | |
| | 9 | | | | | | 2 | |
| 5 | 2 | | | | | | | |
| 6 | | | | | 1 | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 1 | 8 | 3 | 9 | 7 | 5 | 6 |
| 7 | 3 | 6 | 4 | 5 | 2 | 8 | 9 | 1 |
| 9 | 8 | 5 | 6 | 7 | 1 | 2 | 3 | 4 |
| 3 | 7 | 9 | 2 | 1 | 6 | 4 | 8 | 5 |
| 6 | 5 | 8 | 9 | 4 | 7 | 3 | 1 | 2 |
| 4 | 1 | 2 | 3 | 8 | 5 | 6 | 7 | 9 |
| 5 | 2 | 7 | 1 | 6 | 8 | 9 | 4 | 3 |
| 1 | 9 | 3 | 7 | 2 | 4 | 5 | 6 | 8 |
| 8 | 6 | 4 | 5 | 9 | 3 | 1 | 2 | 7 |

ଗତକାଲିର ଉତ୍ତର

# ଭଲ ସମୟ କେବେ ଆସିବ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ରାଜ୍ୟରେ ନୂଆ ସରକାର ଆସିବା ପରେ ବାରମ୍ବାର ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀ ଯେଉଁଭଳି ଭାବେ ବିଭିନ୍ନ ଗଣମାଧ୍ୟମରେ ଖବର ପାଲଟିଯାଉଛନ୍ତି, ତାହା ଦେଖି ଲାଗୁଛି ବହୁଦିନ ପରେ ଏକ ଦୁର୍ନୀତିମୁକ୍ତ ସମାଜର ସଂରଚନା କରିବାକୁ ସରକାର ସକ୍ରିୟ ଭାବେ କାମ କରିଚାଲିଛନ୍ତି! ଏମିତି ତ ଲାଗୁଛି ଲାଞ୍ଚ ମିଛ ଅସତ୍ୟ ଅନାଚାର ଓ ଦୁର୍ନୀତି ଦୁରାଚାରଭରା ଦୁର୍ଦ୍ଦିନର ଅବସାନ ଘଟି ଜନଜୀବନକୁ ଭଲ ସମୟ ଆସିଯାଇଛି। ଲକ୍ଷ ଲକ୍ଷ ନଗଦ ଟଙ୍କା, କେଜି କେଜି ସୁନା ଅଳଙ୍କାର, ପାଞ୍ଚଦଶ ବହୁମୂଲ୍ୟ ବିଶିଷ୍ଟ ସୁରମ୍ୟ ପ୍ରାସାଦ, ଦଶଟି ଭିନ୍ନ ଭିନ୍ନ ସ୍ଥାନରେ ଦଶଟି ପ୍ଲଟ୍ ଭଳି ଅକଳନ ସମ୍ପତ୍ତିର ହିସାବତାଲିକା ଦେଖି ସାଧାରଣ ଲୋକଟିର ଆଖି ଖୋସିହୋଇଯାଉଛି। ଅବଶ୍ୟ ଏହା ଭିନ୍ନ କଥା ଯେ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ଘରେ ଚଢ଼ାଉ ଖବର ଯେଉଁ ତୀବ୍ର ଗତିରେ ସାରା ସମାଜରେ ସଞ୍ଚରିଯାଇଥାଏ, ତାହାର ଶେଷ ଗତି ଅବା ପରିଣାମ ସେଇ ଅନୁପାତରେ ଥାଏ ଅତ୍ୟନ୍ତ ସ୍ୱାଦହୀନ। ସେ ଯାହା ବି ହେଉ ଦୁର୍ନୀତି ନିବାରଣ ବିଭାଗର ଚଢ଼ାଉ ବେଳେ ସମାଜର ପ୍ରତ୍ୟେକ ପ୍ରାନ୍ତରେ ଦୁର୍ନୀତିର ଦୁର୍ଗନ୍ଧ ମଧ୍ୟରେ ନାକ ଚିପି ବଞ୍ଚୁଥିବା ସାଧାରଣ ଲୋକଟିକୁ ଲାଗେ– 'ଭଲ ସମୟ ଆସିଯାଇଛି'!!

ଲାଞ୍ଚ ନେଇ ଅବା ସରକାରୀ ଅର୍ଥ ତୋସରପାତକରି ଥରେ ଅଧେ ଧରା ପଡ଼ିବା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ତା'ଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ହେଉଛି ଲାଞ୍ଚ ଦେଇ ନିଜ କାମ ହାସଲ କରୁଥିବା ଲୋକର ବିବଶତା ଓ ବାଧ୍ୟବାଧକତା। ପ୍ରକୃତରେ ଲାଞ୍ଚ ଦେବି ନାହିଁ ବୋଲି ବଜ୍ର ଶପଥ ନେଇଥିବା ପୁରୁଷଟିଏ ହୋଇ ଜୀବନ ନିର୍ବାହକରିବା ତ୍ୟାଗୀ ତପସ୍ୱୀଙ୍କ ସାଧନାଠୁଁ ବଳି ଆହୁରି କଠୋର, ଅଧିକ କଷ୍ଟକର। ତାଙ୍କ ଆଗରେ ପ୍ରତିପକ୍ଷ ଜଣେ ଲାଞ୍ଚ ମିଛର ଲାଞ୍ଜ ଧରି ଆଶା ବୈତରଣୀ ପାରହୋଇଯାଉଥିବ। ତା'ପାଇଁ ଅପ୍ରାପ୍ୟ ହୋଇ ରହିବ, ଏମିତି କିଛି ଚିଜ ନ ଥିବ ଦୁନିଆରେ। ଥରେ ପଇସା ଫିଙ୍ଗିଲେ ବାଘ ଭଳି ହିଂସ୍ର ପ୍ରାଣୀ ତା' ଦେହରେ ଘଷିହେଉଥିବ। ମୂକଟିଏ ବାଚାଳଙ୍କ ପରି ପ୍ରକାଶ କରୁଥିବ ତ ପଙ୍ଗୁଟିଏ ପର୍ବତ ଡେଇଁଯିବାର ସାମର୍ଥ୍ୟ ରଖୁଥିବ। ମାତ୍ର ସଦାଚାରୀ ଲୋକଙ୍କ ପାଇଁ ଏ ମନ୍ତ୍ର ଚମତ୍କାର ତ ଦୂରର କଥା, ସାଧାରଣ ଭାବେ ସର୍ବନିମ୍ନ ଅଧିକାର ମଧ୍ୟ ଅପ୍ରାପ୍ୟ ହୋଇ ରହିଥିବ ଚିରକାଳ। ସକଳ ପ୍ରକାର ଅପ୍ରାପ୍ତିର ବୋଝ ମୁଣ୍ଡାଇ ବଞ୍ଚିରହିବା ଯେମିତି ଲାଞ୍ଚ ବିରୋଧୀଙ୍କ କପାଳଲିଖନ।

ଏମିତି ଜଣେ ସଦାଚାରୀ ସେଦିନ ନିଜ ଆଦର୍ଶକୁ ଅଭିଶାପ ଦେଇ ଅବସୋସ ପ୍ରକାଶ କରୁଥିଲେ। କହୁଥିଲେ, ଜୀବନରେ କେବେ ବି କାହାକୁ ଲାଞ୍ଚ ନ ଦେବାକୁ ବା କାହାଠୁ ଲାଞ୍ଚ ନ ନେବାକୁ ଯେଉଁ ପଣ କରିଥିଲି ସେଥିପାଇଁ ଢେର ମୂଲ୍ୟ ଦେଲିଣି। ଲାଞ୍ଚ ଦେଇ କାମ ହାସଲକରିବା ଭଳି ଆଦର୍ଶକୁ ଆଦରି ନେଇ ମୋର ଜଣେ ସହକର୍ମୀ ଏମିତି କରିତ୍‌କର୍ମା ହୋଇଛନ୍ତି ଯେ ଯେକୌଣସି ସରକାରୀ ଫାଇଲ ତାଙ୍କ ପାଇଁ ପକ୍ଷୀରାଜ ଘୋଡ଼ାର ବେଶ ସାଧାରଣ କରିପାରୁ ଥିଲାବେଳେ ମୋ ଭଳି ଲାଞ୍ଚ ବିଦ୍ୱେଷୀଟି ପାଇଁ ତାହାର ଗତି କଚ୍ଛପଠୁ ଆହୁରି ମନ୍ଥର। ଲାଞ୍ଚ ମିଛର ପ୍ରତିକୂଳ ସ୍ରୋତରେ ପହଁଞ୍ଚିବା ଭଳି ମିଥ୍ୟା ଆଦର୍ଶବୋଧକୁ ଆପଣାଇ ମୁଁ ଆଜି ମୋ ପରିବାର ଆଗରେ ଏକ ଅକର୍ମା ପୁରୁଷ।

ସେ ଆହରି କହୁଥିଲେ, ତାଙ୍କ ମନର କଥା– "ଶୁଣିବାକୁ ମିଠା ଲାଗେ ସାଧୁ ସଚ୍ଚୋଟ ଭଳି ବ୍ୟକ୍ତିତ୍ୱର ବିଶେଷଣମାନ। ମାତ୍ର ସଂସାର ସଡ଼କରେ ବାଟ ଚାଲୁଥିବା ଲୋକଟି ସିନା ଜାଣେ କେତେ କଷ୍ଟକର ଏ ଯାତ୍ରାପଥ! ଏଥର ଆଉ ନୁହେଁ ସାଧୁତା, ସଚ୍ଚୋଟତାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ମଣିଷର ଆବଶ୍ୟକତା। ସେଇ ଆବଶ୍ୟକତାର ପରିପୂରଣ ପାଇଁ ଅନ୍ୟମାନଙ୍କ ଭଳି ମୋତେ ବି ସେଇ ରାସ୍ତାକୁ ଆପଣାଇବାକୁ ପଡ଼ିବ।"

ବାସ୍, ବାଲ୍ୟକାଳରୁ ପିତାମାତା ବା ପୁସ୍ତକରୁ ଆହରଣ କରାଯାଇଥିବା ସତ୍ୟ ସଦାଚାରର ଜ୍ଞାନ ସେଇ ବାବୁଙ୍କ ବିସ୍ମୃତିରେ ବିଲୀନ ହୋଇଯିବ। ସକଳ ନୀତି ନୈତିକତାକୁ ବିସର୍ଜନ ଦେଇ ଜନ୍ମ ନେବ ସୁରୁଖୁରୁରେ ଜୀବନ ନିର୍ବାହ କରିବାର ଯେତେ ଯାହା ଗଳାବାଟ। ଜୀବନର ଆବଶ୍ୟକତା ସହ ମୂଳଚାଲ ତାଙ୍କୁ ବାଧ୍ୟକରିବ ନୂଆ ଏକ ରାସ୍ତାରେ ଚାଲିବା ପାଇଁ। ଏପଟେ ସଦାଚାରୀ ମଣିଷଙ୍କ ସଂଖ୍ୟାରୁ ଗୋଟିଏ କମିଯିବ ତ ସେପଟେ ଅନୈତିକ ଉପାୟରେ ନେଇଆଣି ଥୋଇପାରୁଥିବା ଲୋକଙ୍କ ତାଲିକାରେ ନୂଆ ନାଆଁଟିଏ ଯୋଡ଼ିହୋଇଯିବ।

ସମାଜକୁ ସୁଧାରିବା ପାଇଁ, ସମାଜରୁ ଅନ୍ୟାୟ ଅନାଚାର ଦୂରିକରିବା ପାଇଁ ଆମ ବ୍ୟବସ୍ଥାରେ ବହୁବିଧ ଯୋଜନା କାର୍ଯ୍ୟ କରୁଛି। ଅନ୍ୟାୟ ଅନାଚାରକୁ



ପ୍ରତିହତ କରିବାକୁ ବହୁବିଧ ଦଣ୍ଡ ବ୍ୟବସ୍ଥା ମଧ୍ୟ ପ୍ରଚଳିତ ଅଛି। ତଥାପି ଏ ସମାଜରୁ ଦୁର୍ନୀତି ଦୁରାଚାର କମୁନାହିଁ କାହିଁକି? ସାଧୁତା, ସତ୍ୟନିଷ୍ଠା ଆଦି ସୁଗୁଣ ମଣିଷ ଭିତରୁ ହଜିଯାଉଛି କାହିଁକି? ଦୁଃସମୟର ଦହନ ଉପରେ ଶୀତଳ ଚନ୍ଦନର ଲେପଦେବା ପାଇଁ ବିଭିନ୍ନ ସମୟରେ ଯେଉଁ ମହାପୁରୁଷମାନେ ଆବିର୍ଭୂତ ହୁଅନ୍ତି, ସେମାନେ ଆଉ ଏ ସଂସାରରେ ଆତଯାତ ହେଉନାହାନ୍ତି କାହିଁକି?

ଏ ସମସ୍ତ ପ୍ରଶ୍ନର ଉତ୍ତରରେ ବହୁବର୍ଷ ତଳେ ଘଟିଥିବା ଏକ ଘଟଣାର ଅବତାରଣା କରାଯାଇପାରେ। ଏକଦା ଆମ ଦେଶର ଏକ ଉତ୍ତରାଞ୍ଚଳ ରାଜ୍ୟର ଜଣେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବାକୁ ଯାଇଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ ବୃଦ୍ଧ। ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ ପାଇଁ ତାଙ୍କୁ ଅପେକ୍ଷା କରିବାକୁ ପଡ଼ିଥିଲା ପ୍ରାୟ ୭ଘଣ୍ଟା କାଳ। ଶେଷରେ ଯେତେବେଳେ ସାକ୍ଷାତ ମିଳିଲା, ବଡ଼ ଆବେଗରେ ସେ କହିଉଠିଲେ– "ମୁଁ ଜଣେ ସ୍ୱାଧୀନତା ସଂଗ୍ରାମୀ। ଏ ଦେଶର ମୁକ୍ତି ପାଇଁ ମୁଁ ମୋର ବଳ ବୟସ, ସାମର୍ଥ୍ୟ ସମ୍ବଳ ସବୁକିଛି ସମର୍ପିଦେଇଛି। ସ୍ୱାଧୀନତା ପରେ ଆମ ତ୍ୟାଗକୁ ସମ୍ମାନ ଜଣାଇ କୃତଜ୍ଞ ସରକାର ଆମ ପାଇଁ କେଇଟଙ୍କାର ପେନ୍‌ସନ ଖଞ୍ଜିଦେଇଥିଲେ। ସେଇ ପେନ୍‌ସନ ଗଣ୍ଡାକ ହିଁ ଆମ ସଂଗ୍ରାମର ସନ୍ତକ, ଆମ ପରିଣତ ବୟସର ସମ୍ବଳ। ଅଥଚ ସେତକ ପାଇବା ପାଇଁ ବି ଆମକୁ ଲାଞ୍ଚ ଦେବାକୁ ପଡ଼ିବ।"

ବୃଦ୍ଧ ସ୍ୱାଧୀନତା ସଂଗ୍ରାମୀଙ୍କ ଅଭିଯୋଗ ଥିଲା ସେଇ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ଅହଂକାର ଉପରେ ଏକ ପ୍ରଚଣ୍ଡ ପ୍ରହାର। ସେ ବିରକ୍ତିର ସହ କହିଲେ, "ଅତୀତକୁ ଫେରି ଚାହିଁଲେ ଦେଶ ପ୍ରଗତି ପଥରେ ଆଗେଇପାରିବ ନାହିଁ। ତୁମେ ଯେଉଁ ଦେଶର ମୁକ୍ତି ପାଇଁ ସଂଗ୍ରାମ କରିଥିଲ, ସେଇ ଦେଶର ବିକାଶ ପାଇଁ ଆମେ ଏବେ କମ୍ ପରିଶ୍ରମ କରୁନାହୁଁ। ରାଜ୍ୟର ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଆମେ ରାତିରେ ଶୋଇପାରୁ ନ ଥିବା ବେଳେ ତୁମର ଏ ମାମୁଲି ଅଭିଯୋଗ ଶୁଣିବାକୁ ଆମର ସମୟ କାହିଁ?" ରାଜ୍ୟ ମୁଖ୍ୟ ପକେଟରୁ ହଜାରେ ଟଙ୍କା କାଢ଼ି ବୃଦ୍ଧଙ୍କ ହାତକୁ ବଢ଼ାଇଦେଲେ ଓ କହିଲେ– "ସେଇ ପେନ୍‌ସନ ଅଧିକାରୀଙ୍କୁ ଦୁଇଶହ ଟଙ୍କା ଦେଇ ତୁମ ପେନ୍‌ସନ ନେଇଆସିବ। ବାକି ଆଠଶହ ପାଖରେ ରଖିଥିବ। ଭବିଷ୍ୟତରେ ଆଉ କେଉଁଠି କେହି ଲାଞ୍ଚ ମାଗିଲେ ଏ ଟଙ୍କା ଦେଇ ତୁମ କାମ କରିନେବ। ପୁଣି କେବେ ମୋ ପାଖକୁ ଆସି ମୋ ସମୟ ନଷ୍ଟ କରିବ ନାହିଁ।

ସେଦିନ ସେଇ ବୃଦ୍ଧ ସ୍ୱାଧୀନତା ସଂଗ୍ରାମୀ ଫେରିଆସିଲେ ତାଙ୍କ ସ୍ୱାଧୀନତା ସଂଗ୍ରାମର ମୂଳ ସେତକ ସେଇଠି ଥୋଇ। ଘଟଣାଟି ଘଟିବାର ପ୍ରାୟ ୬୦ ବର୍ଷ ବିତିଗଲାଣି। ଉଭୟ ସ୍ୱାଧୀନତା ସଂଗ୍ରାମୀ ଓ ମୁଖ୍ୟମନ୍ତ୍ରୀ ଦୁହେଁ ଆଉ ଏ ସଂସାରରେ ନାହାନ୍ତି। ମାତ୍ର ପ୍ରଶାସନର ଦୁର୍ନୀତି ଦୁରାଚାର ସେତେବେଳେ ଯାହା ଥିଲା, ଆଜି ତାହା ବଦଳିଯାଇନାହିଁ। କେବଳ ଯାହା ବଦଳିଯାଇଛି ଟଙ୍କାର ପରିମାଣ। ହଜାରଟା ଏବେ ଲକ୍ଷ ହୋଇଯାଇଛି ତ ଅନ୍ୟ କେଉଁଠି କୋଟିଏ। ଏହାକୁ ଦେଖି କୁହାଯାଇପାରେ ଯେ ଭଲ ସମୟ ନିଶ୍ଚୟ ଆସିଛି!!

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର,
ଚକେଇସିହାଣୀ, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# ଗୋପୀନାଥଙ୍କର ସାରସ୍ୱତ କୃତି



ଭାଗ୍ୟଲିପି ମଲ୍ଲ

ଗୋପୀନାଥ ମହାନ୍ତିଙ୍କର ସମଗ୍ର ସୃଷ୍ଟି, ଓଡ଼ିଶାର ମାଟି, ପାଣି, ପବନ ଓ ଆତ୍ମାର ସ୍ପନ୍ଦନରେ ସ୍ପନ୍ଦିତ। ଜୀବନର ଅଧିକ କାଳ ସାରସ୍ୱତ ସାଧନାରେ ବ୍ରତୀ ଏହି ମଣିଷଟି ଓଡ଼ିଆ ଭାଷା ସାହିତ୍ୟକୁ ଚିରନ୍ତନ ବଞ୍ଚାଇ ରଖିବାର ସମର୍ପଣରେ ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଚିରସ୍ମରଣୀୟ।

୧୯୪୦ରୁ ୧୯୯୧ ମସିହା ଭିତରେ ଛୋଟବଡ଼ ୨୫ଟି ଉପନ୍ୟାସ, ୧୧ଟି ଗଳ୍ପ ସଂକଳନ, ୨ଟି ଜୀବନୀ, ୪ଟି ନାଟକ, ୬ଟି ଅନୁବାଦ ଗ୍ରନ୍ଥ, ୨ଟି କବିତା, ଆଦିବାସୀ ଭାଷା ଓ ସାହିତ୍ୟ ଉପରେ ୫ଟି ଗବେଷଣାତ୍ମକ ପୁସ୍ତକ ଓ ଇଂଲିଶ୍‌ରେ ୧ଟି ଜୀବନୀ ପୁସ୍ତିକା ତାଙ୍କର ଅମୂଲ୍ୟ ଅବଦାନ। ଆଶ୍ଚର୍ଯ୍ୟ କଥା, ସେ ଇଂଲିଶ୍‌ରେ ଏମ୍‌ଏ ପଢୁଥିବାବେଳେ ୧୬ଟି ପାରିଭାଷିକ ସାହିତ୍ୟକୁ ନେଇ 'କଳାଶକ୍ତି' ନାମକ ଉଚ୍ଚକୋଟୀର ସମାଲୋଚନା ପୁସ୍ତକଟିଏ ଲେଖିଛନ୍ତି। ଏଥିସହିତ କେତେକ ଗ୍ରନ୍ଥ ବାଇବେଲ, କୋରାନ୍‌ର ଅନୁବାଦ, ସ୍ମୃତିଲିପି ଓ ଦସ୍ତାବିଜ ପ୍ରଭୃତି ଉଲ୍ଲେଖନୀୟ। ତାଙ୍କ ଆତ୍ମଜୀବନୀ 'ସ୍ରୋତସ୍ୱତୀ' ୩ଟି ଭାଗରେ ପ୍ରକାଶ ପାଇଛି, ଯାହା ପ୍ରତ୍ୟେକ ଓଡ଼ିଆଙ୍କର ଜୀବନ ବେଦ। ମଣିଷ ମନର ଅକୁହା କଥା ହୃଦୟର ଗଭୀର ପ୍ରଦେଶରୁ ଛଟପଟ ହେଉଥିବା ଆତ୍ମାର ଉଚ୍ଚାରଣ ସବୁକୁ ବ୍ୟଞ୍ଜନା ମାଧ୍ୟମରେ ଓଡ଼ିଆ ଭାଷାରେ ଖୁବ୍ ସହଜରେ ପ୍ରକାଶ କରିପାରିଛନ୍ତି। ତାଙ୍କର ସମଗ୍ର କାବ୍ୟ ସୌଷ୍ଠବ ତେଣୁ ଅଧିକ ମଞ୍ଜୁଳ ଓ ଆବେଗମୟ।

ଗୋପୀନାଥଙ୍କ ଉପନ୍ୟାସ ସୃଜନଧର୍ମର ଏକ ପରିପ୍ରକାଶ। ୧୯୪୪ରେ ପ୍ରକାଶିତ ଦାଦିବୁଢ଼ା, ୧୯୪୫ରେ ପରଜା, ୧୯୪୯ରେ ଅମୃତର ସନ୍ତାନ, ୧୯୫୫ରେ ଶିବଭାଇ, ୧୯୬୧ରେ ଅପହଞ୍ଚ, ୧୯୭୬ରେ ବଘେଇ, ୧୯୯୩ରେ ଅନାମ– ଏସବୁ ଆଦିବାସୀମାନଙ୍କ କୁରେଇଫୁଲ ଓ ମହୁଲି ବାସ୍ନାରେ ବାସ୍ନାୟିତ। ବିଶେଷକରି କନ୍ଧ ଓ ପରଜା ସମ୍ପ୍ରଦାୟର ସଂସ୍କୃତି, ପରମ୍ପରା, ସଂଘାତ, ଶୋଷଣ, ଗୋତିପ୍ରଥା ଓ ଅନ୍ୟାୟ ବିରୁଦ୍ଧରେ ହିଂସ୍ର ଆକ୍ରମଣ ପ୍ରଭୃତି ଯେମିତି ଗୋପୀନାଥଙ୍କ ଉପନ୍ୟାସରେ କାଚକେନ୍ଦୁ ପରି ଚକ୍‌ଚକ୍ ଦିଶେ।

୧୯୫୫ରେ ଲିଖିତ ଦାନାପାଣି ଉପନ୍ୟାସରେ ଆଧୁନିକ ସମାଜକୁ ଏକ ନୈତିକଶିକ୍ଷା ଦେଖାଇବାରେ ସଫଳ ହୋଇଛନ୍ତି। ବଳିଦତ୍ତର ଆଧୁନିକ ସମାଜ ପାଇଁ କୃଚ୍ଛ୍ର ଅଭିଳାଷ ଏବଂ ସରୋଜିନୀର ପରୋକ୍ଷ କଟାକ୍ଷ ଦାନାପାଣିକୁ ଦେଇଛି ବାସ୍ତବଜୀବନର ନିଚ୍ଛକ ପ୍ରତିଛବି। ରାହୁର ଛାୟା ଓ ଲୟବିଳୟ ବି ସେମିତି। ମନର ନିଆଁ ପୁଣି କିଛି କହିବାକୁ ଚାହେଁ, ମାତ୍ର କହିପାରେନି। ସବୁ ଚରିତ୍ରଗୁଡ଼ିକୁ ଜୀବନ୍ତ ଭାବେ ପ୍ରତିପାଦିତ କରେଇବାରେ ଗୋପୀନାଥ ସିଦ୍ଧହସ୍ତ।

୧୯୭୪ରେ ପ୍ରକାଶିତ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ତାଙ୍କ ମାଟି ମଟାଳ ଏପିକ୍ ଓଡ଼ିଆ ଭାଷା ଭଣ୍ଡାରର ଏକ ଅମୂଲ୍ୟକୀର୍ତ୍ତି। ଏଥିରେ ମାନବବାଦୀ ଦର୍ଶନ ଏବଂ ସାମ୍ୟବାଦୀ ଚିନ୍ତାଧାରା ସହିତ ଆଦର୍ଶ ଗ୍ରାମ୍ୟ ଜୀବନ, ସାମାଜିକ ନ୍ୟାୟକୁ ଗୋପୀନାଥ ଗୁରୁତ୍ୱ ଦେଇଛନ୍ତି। ସମୟସ୍ରୋତରେ ବଦଳିଯାଉଥିବା ମଣିଷର ଅନ୍ତଃପ୍ରକୃତିକୁ କିପରି ସ୍ୱଚ୍ଛ କରାଯାଇପାରିବ– ମାଟି ମଟାଳ ତାହାର

ଜୟନ୍ତୀ ଉପଲକ୍ଷେ



ଏକ ବାସ୍ତବ ପରୀକ୍ଷାଗାର। ବନ୍ଧମୂଳଗାଁର ବଟ ମହାନ୍ତିଙ୍କ ଶିକ୍ଷିତ ପୁଅ ରବି ଏବଂ ରବିର ଗାଁଠାରୁ ଅନତିଦୂରରେ ଥିବା ପାଟେଳିଗାଁର ସିନ୍ଧୁ ଚୌଧୁରୀଙ୍କ ଯୁବତୀଝିଅ ଛବି, ଗାଁ ଲୋକଙ୍କୁ ବନ୍ୟାଦାଉରୁ ରକ୍ଷା କରିଥିବାର ଉପସ୍ଥାପନା, ଗୋପୀନାଥଙ୍କର ଏକ ଅନନ୍ୟ ସଂସ୍କାରୀ ଉଦ୍ୟମ। ୧୯୪୦–୧୯୪୪ ଭିତରେ କୋରାପୁଟର ଉଚ୍ଚ ପଦବୀରେ ଥାଇ ସରକାରୀ ଜୀବନକାଳ ଭିତରେ ଦାଦିବୁଢ଼ା, ପରଜା, କୁଭିକନ୍ଧ ଭାଷାତତ୍ତ୍ୱ, ଗଦବା ଭାଷାପରିଚୟ, କନ୍ଧ– ପରଜାସ୍ତୋତ୍ର ଓ ସଂଗୀତ ଆଦି ତାଙ୍କୁ ଆଶ୍ଚର୍ଯ୍ୟର ଉଲ୍‌କାପିଣ୍ଡ ଭାବେ ପରିଚିତି ଦେଇପାରିଛି। କୋରାପୁଟର ପାହାଡ଼ିଆ ପବନର ନୀରବ ଗୀତ ଓ ନିଃସଙ୍ଗ ଇଲାକାରେ ଜୀବନ ବଞ୍ଚିଥିବା ଦାଦିବୁଢ଼ାର ଜୀବନଗାଥା, ଜଣେ ପଢ଼ିଲେ ଅନୁଭବ କରିପାରିବ ଗୋପୀନାଥ କେତେ ନିବିଡ଼ ଭାବରେ ଏମାନଙ୍କ ଭିତରେ ସଞ୍ଚରି ଯାଇଛନ୍ତି। ସେଇ କୋରାପୁଟର ସରଷୁପଦର ଗାଁର ଶୁକ୍ରୁଜାନି, ତା'ର ଦୁଇ ଭେଣ୍ଡିଆ ପୁଅ– ମାଣ୍ଡିଆ ଓ ଟିକ୍ରା, ଦୁଇ ଅଭିଆଡ଼ୀ ଧାଙ୍ଗେଡ଼ୀ ଜିଲି ଆଉ ବିଲିକୁ ନେଇ ପରଜା ଉପନ୍ୟାସର ପରିଧି। ସାହୁକାରମାନଙ୍କର ଯାବତୀୟ ନିର୍ଯାତନାର ସ୍ୱର ଏଥିରେ ଶାଣିତ। ଧନିକମାନଙ୍କ ପାଇଁ ଏକ ତୀକ୍ଷ୍ଣ ସମାଲୋଚନା।

୧୯୪୯ ମସିହାରେ ଗୋପୀନାଥଙ୍କର ଅନ୍ୟ ଏକ ଅନୁପମ ଉପନ୍ୟାସ ଅମୃତର ସନ୍ତାନ। ଏଥିରେ କୋରାପୁଟର ମଣିପାୟୁ ଗାଁର ଆଦିବାସୀ ଜୀବନର ନିଚ୍ଛକ ପ୍ରତିଛବି ପ୍ରତିଫଳିତ। ଏହାକୁ ଏକ ଗୀତିମୟ ଉପନ୍ୟାସ ବି କୁହାଯାଇପାରେ। ଭାଙ୍ଗିପଡୁଥିବା ଜୀବନକୁ ସାଉଁଟି ଆଣି ଜୀବନ ଦେବାରେ ସଫଳ ଗୋପୀନାଥଙ୍କର ଏହାହିଁ ସ୍ୱତନ୍ତ୍ରତା। ଜୀବନକୁ ନେଇ ସେ ଖୁବ୍ ଆଶାବାଦୀ। କହିଛନ୍ତି– "ଜୀବନରେ ସୁଆଦ ଅଛି। ମରଣ ନାହିଁ। ଦୁଃଖ ନାହିଁ।" ସତରେ କେତେ ଜୀବନବାଦୀ ମଣିଷଟିଏ! ଜୀବନର ବାସ୍ତବତା ଉପରେ ବିଶ୍ୱାସ ରଖିଥିବା ମଣିଷମାନଙ୍କର ନିରୀହ ଆଖିକୁ ସେ ପଢ଼ିପାରିଛନ୍ତି ଏବଂ ଲେଖିଛନ୍ତି ୧୯୪୮ରେ ହରିଜନ। ଏଥିରେ ହରିଜନ ଝିଅଟିଏ 'ପୁନି'ର ସରଳ ଚାହାଣି ତାଙ୍କ ହୃଦୟକୁ ଛିନ୍‌ଭିନ୍ କରିଦେଇଛି। ଜଣେ ଦାୟିତ୍ୱହୀନ ପଶ୍ଚିମ ଭାରତୀୟ ବ୍ୟକ୍ତି ସହ ସଂସ୍ପର୍ଶରେ ଆସିଥିବା ମେହେନ୍ତରାଣୀ ପୁନିମାଆର ସମ୍ପର୍କରୁ ସୃଷ୍ଟି ପୁନିର ଜୀବନଗାଥା। କେତେ କରୁଣ, କେତେ ଦୟନୀୟ ଗୋପୀନାଥଙ୍କ ଲେଖନୀରେ ତାହା ଜୀବନ୍ତ। ଶିବଭାଇ, ବଘେଇ ଉପନ୍ୟାସଗୁଡ଼ିକ ମଧ୍ୟରେ କନ୍ଧ, ଆଦିବାସୀମାନଙ୍କର ଜୀବନଯନ୍ତ୍ରଣାର ସ୍ୱରଲିପି ସୁସ୍ପଷ୍ଟ।

ତାଙ୍କ କୃତୀ ଓ କୃତିତ୍ୱକୁ ବଖାଣିବା ଏତେ ସ୍ୱଳ୍ପ ସମୟ ଭିତରେ କେବଳ ଦୁଃସାହସ ମାତ୍ର। ତାଙ୍କ ଗଳ୍ପ ସଂକଳନଗୁଡ଼ିକ ଭିତରେ ଘାସଫୁଲ, ପୋଡ଼ା କପାଳ, ନବବଧୂ, ରଣଧନ୍ଦୋଳ, ଛାଇଆଲୁଅ, ଉଡ଼ନ୍ତାଖଇ, ମନର ନିଆଁ, ସାତପାଞ୍ଚ, ଶରଶଯ୍ୟା ଇତ୍ୟାଦି ଏବଂ ମୃତ୍ୟୁ ପରେ ପ୍ରକାଶିତ ତିନିକାଳ, ବାଟବନ୍ଦ ଓ ଅନ୍ୟାନ୍ୟ ଗ୍ରନ୍ଥ ଏବଂ ଗୁରୁତ୍ୱପୂର୍ଣ୍ଣ କଥା ୨୦୦୭ ମସିହାରେ ୨୦ଟି ଗ୍ରନ୍ଥର ସମାହାରରେ ସୋପାଂଗାଡ଼ା, ସମଗ୍ର ଓଡ଼ିଆ ସାହିତ୍ୟ ଜଗତକୁ ଚମତ୍କୃତ କରିଦେଇଛି। ତାଙ୍କର ଅନ୍ୟତମ ଶ୍ରେଷ୍ଠ କୃତି ହେଉଛି ଆତ୍ମଜୀବନୀ ସ୍ରୋତସ୍ୱତୀ। ଏହା ତିନିଖଣ୍ଡରେ ପ୍ରକାଶ ପାଇଛି।

ଏତେସବୁ ସୃଷ୍ଟିର ସ୍ରଷ୍ଟା, ଉତ୍କଳ ମାଟିର ଯୋଗ୍ୟତମ ସନ୍ତାନ, ଓଡ଼ିଆ ଅସ୍ମିତାର ଆଦି ସ୍ୱରର ନାୟକ ଗୋପୀନାଥ ମହାନ୍ତି, ୧୯୧୪ ମସିହା ଏପ୍ରିଲ ୨୦ରେ ଜନ୍ମଗ୍ରହଣ କରି ୧୯୯୧ ମସିହା ଅଗଷ୍ଟ ୨୦ରେ ନଶ୍ୱର ଶରୀର ତ୍ୟାଗ କରିଛନ୍ତି। ଛାଡ଼ିଯାଇଛନ୍ତି ଓଡ଼ିଶାର ଅଗଣିତ ପାଠିକା ପାଠକଙ୍କ ପାଇଁ ଜୀବନବୋଧର ମନ୍ତ୍ର, ସମାଜ ସଂସ୍କାରର ସଂହିତା। ଗୋପୀନାଥଙ୍କର ଅମୂଲ୍ୟ କୃତିଗୁଡ଼ିକ ଚିରକାଳ ଓଡ଼ିଆ ଭୂମିରେ, ଓଡ଼ିଆ ହୃଦୟରେ ଓ ଓଡ଼ିଆ ସାହିତ୍ୟ ଜଗତରେ ଅମୂଲ୍ୟ କୀର୍ତ୍ତିସ୍ତମ୍ଭ ହୋଇ ରହିଥିବ।

ମୋ: ୮୯୧୭୩୩୨୫୮୫

## ଏଇ ଭାରତରେ

ଅଲିଭ ରିଡ୍‌ଲେ କଇଁଛ ସମୁଦ୍ର କୂଳ ବାଲିରେ ଅଣ୍ଡାଦେବା ସମୟରେ ସେହି ଅଞ୍ଚଳକୁ ପ୍ରଦୂଷଣମୁକ୍ତ ତଥା ସୁରକ୍ଷିତ ରଖିବାକୁ ହୋଇଥାଏ। ଚେନ୍ନାଇର ଷ୍ଟୁଡେଣ୍ଟ୍ସ ସି ଟର୍ଟଲ କଞ୍ଜରଭେଶନ ନେଟ୍‌ୱର୍କ(ଏସ୍‌ଏସ୍‌ଟିସିଏନ୍) ଏ କ୍ଷେତ୍ରରେ ଆଖିଦୃଶିଆ କାମ କରୁଛି। ଏଥିରେ ମାର୍କେଟିଂ, ପରିବେଶ ବିଜ୍ଞାନ, କନ୍‌ସଲଟିଂ ଏବଂ ଅନ୍ୟ କ୍ଷେତ୍ରରୁ ଆସିଥିବା ଛାତ୍ରୀଛାତ୍ରମାନେ ସ୍ୱେଚ୍ଛାସେବୀ ଭାବେ କାମକରନ୍ତି। ପ୍ରତିଦିନ ସେମାନେ ଚେନ୍ନାଇ ବେଳାଭୂମିରେ ଏକାଠି ହୋଇ ଅଲିଭ ରିଡ୍‌ଲେ ଅଣ୍ଡା ଦେଉଥିବା ସ୍ଥାନର ସୁରକ୍ଷା କରୁଛନ୍ତି। କଇଁଛ ଅଣ୍ଡାଦେଉଥିବା ସ୍ଥାନ ଚାରିପାଖରେ ବ୍ୟାରିକେଡ୍ କରାଯିବା ସହ ସେହି ସ୍ଥାନକୁ ପ୍ରଦୂଷଣ ଓ କୋଳାହଳମୁକ୍ତ ରଖାଯାଇଛି। ଏହି କାର୍ଯ୍ୟରେ ତାମିଲନାଡୁ ବନ ବିଭାଗ ସହଯୋଗ କରୁଛି। କଇଁଛ କିଭଳି ଅଣ୍ଡା ଦେଇ ସୁରକ୍ଷିତ ଭାବେ ଫେରିଯିବ ତା'ଉପରେ ଗୁରୁତ୍ୱ ଦିଆଯିବା ସହ ଅଣ୍ଡାକୁ କୌଣସି ପ୍ରାଣୀ ଯେପରି ନଷ୍ଟକରି ନ ଦିଅନ୍ତି ସେଥିପ୍ରତି ନଜର ରଖାଯାଉଛି। ସ୍ୱେଚ୍ଛାସେବୀମାନେ ପାଳିକରି ରାତି ୧୧ରୁ ଭୋର ୪ଟା ଯାଏ ଜଗି ରହୁଛନ୍ତି। ବଡ଼କଥା ହେଉଛି କଇଁଛ ଅଣ୍ଡା ଦେବା ପରେ ସେଗୁଡ଼ିକୁ ସଂଗ୍ରହ କରାଯାଏ। ପରେ ଏସ୍‌ଏସ୍‌ଟିସିଏନ ଦ୍ୱାରା ନିର୍ମିତ ହ୍ୟାଚେରିକୁ ନିଆଯାଏ। ଅଣ୍ଡାରୁ କଇଁଛ ଛୁଆ ବାହାରିବା ପରେ ସେମାନଙ୍କୁ ରାତିରେ ଟର୍ଚ୍ଚ ଲାଇଟ୍‌ରେ ବାଟ କଢ଼ାଇ ନେଇ ପାଣିରେ ଛାଡୁଛନ୍ତି। ଏହାବ୍ୟତୀତ ପାଣିରୁ ଛୁଆଗୁଡ଼ିକ ଯେମିତି ଫେରି ନ ଆସନ୍ତି ତାହାକୁ ନିରୀକ୍ଷଣ କରୁଛନ୍ତି ଏବଂ ଫେରିଆସୁଥିବା ଛୁଆକୁ ପୁନର୍ବାର ପାଣିରେ ଛାଡୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୦ ଏପ୍ରିଲ ୧୯୭୬

- ଲେବାନନ୍‌ରେ ଯୁଦ୍ଧବିରତି ଘୋଷଣା କରାଯିବା ସତ୍ତ୍ୱେ କ୍ରମାଗତ ସଂଘର୍ଷ ହେତୁ ଲେବାନନ୍‌ର ଶାନ୍ତି ପ୍ରଚେଷ୍ଟା ଉଦ୍ୟମ ବ୍ୟାହତ।
- ପଞ୍ଚମ ଯୋଜନା କାଳରେ ଦେଶର ପାର୍ବତ୍ୟ ଅଞ୍ଚଳରେ ବିକାଶ ପାଇଁ ସରକାର ୫ଶହ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି।

## ଚିରନ୍ତନୀ

ସକଳ ଗ୍ଲାନି ସକଳ ତାପ
ପୁଞ୍ଜୀଭୂତ ଜୀବନେ ପାପ
ଉଭେଇ ଗଲା ମାନବ ପରୁଁ
ସକଳ ଅବିଶ୍ୱାସ
ବିଶ୍ୱ ହେଲା ନିକଟତମ ଅତି ହିଁ ପ୍ରିୟ, ପ୍ରାସ।
(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମ୍ୟୁଜିୟମ ଦେୟ ହ୍ରାସ ହେଉ

ମହାଶୟ,

ନେତାଜୀ ସଂଗ୍ରହାଳୟରେ ପ୍ରବେଶ ପାଇଁ ୮୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଛୋଟପିଲା ଏବଂ ଦିବ୍ୟାଙ୍ଗମାନଙ୍କ ପାଇଁ ଦେୟମୁକ୍ତ ରଖାଯାଇଛି। କିନ୍ତୁ ଛାତ୍ରୀଛାତ୍ରମାନଙ୍କ ପାଇଁ ଅଧା ଦେୟ ଧାର୍ଯ୍ୟ ରହିଛି। ବୟସ୍କଙ୍କ ପାଇଁ ଯାନବାହନ ସହ ବିଭିନ୍ନ ପ୍ରକୋଷ୍ଠ ନିମନ୍ତେ ଅଲଗା ଦେୟ ରଖାଯାଇଛି। ଜଣେ ବୟସ୍କଙ୍କ ପାଇଁ ସବୁଶ୍ରେଣୀର ଲୋକଙ୍କ ପ୍ରତି ଯାହା ପ୍ରଯୁଜ୍ୟ ତାହା ହେବା ଉଚିତ ନୁହେଁ। ଏହି ଦେୟ ଗରିବଙ୍କ ପାଇଁ କୋହଳ କରାଯାଉ। ରାଜ୍ୟ ସରକାର ହ୍ରାସ କରିବାକୁ ଧ୍ୟାନ ଦିଅନ୍ତୁ।

– ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ନକୁଳ


@ ସ୍ୱରାଜ


@ ସନ୍ତୋଷ


@ ସୋମନାଥ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନକୁ ଗୁରୁତ୍ୱ

## ପ୍ରଥମ ଅଭିଭାବକ-ଶିକ୍ଷୟିତ୍ରୀଶିକ୍ଷକ ବୈଠକ


ବୈଠକରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଅଭିଭାବକମାନେ।

ଭୁବନେଶ୍ୱର,୧୯।୪(ଅନୁରାଧା ମହାରଣା)

ଚଳିତ ଶିକ୍ଷାବର୍ଷ ୨୦୨୫-୨୬ରେ ୪ଟି ଅଭିଭାବକ ଶିକ୍ଷକ/ଶିକ୍ଷୟିତ୍ରୀ ବୈଠକ କରାଯିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ଥିର କରାଯାଇଛି। ଶନିବାର ପ୍ରଥମ ଅଭିଭାବକ ଶିକ୍ଷୟିତ୍ରୀଶିକ୍ଷକ, ବିଦ୍ୟାଳୟ ପରିଚାଳନା ଓ ବିଦ୍ୟାଳୟ ପରିଚାଳନା ଉନ୍ନୟନ କମିଟି ବୈଠକ ସାରା ରାଜ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶିଶୁ ବାଟିକାରୁ ଦଶମ ଶ୍ରେଣୀ ଯାଏ ଶିକ୍ଷାର୍ଥୀଙ୍କ ଅଭିଭାବକ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶୈକ୍ଷିକ ପରିବେଶ ଓ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ସମାପ୍ତି ସୂଚକ ଆକଳନ- ୨ର ଉପଲବ୍ଧିକୁ ଅଭିଭାବକଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା। ଶୈକ୍ଷିକ କ୍ୟାଲେଣ୍ଡର, ମାଗଣାରେ ପାଠ୍ୟପୁସ୍ତକ ଯୋଗାଣ, ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା, ଅଧାରୁ ପାଠ ଛାଡୁଥିବା, ନାମ ଲେଖାଇ ନ ଥିବା, ବିଦ୍ୟାଳୟ ବାହାରେ ଥିବା ପିଲାଙ୍କ ସର୍ବେକ୍ଷଣ ଓ ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ଅଭିଯାନ, ପିଲାଙ୍କ ଶିକ୍ଷଣ ଅଭିବୃଦ୍ଧି ନିମନ୍ତେ ଗ୍ରୀଷ୍ମ ଅବକାଶରେ ଗୃହକାର୍ଯ୍ୟ, ଅଂଶୁଘାତ ପ୍ରତି ସାବଧାନତା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଛାତ୍ରୀଛାତ୍ର ତଥା ବିଦ୍ୟାଳୟର ଉନ୍ନତୀକରଣ ପ୍ରକ୍ରିୟାରେ ଗୋଷ୍ଠୀ ଓ ଅଭିଭାବକମାନେ ସମ୍ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ଯେ, ଅଭିଭାବକମାନଙ୍କୁ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଇବା ଲକ୍ଷ୍ୟ ପୂରଣ କରିବା ପାଇଁ ଏଭଳି ବୈଠକ କରାଯାଇଛି। ଏହାଦ୍ୱାରା ଅଭିଭାବକମାନେ ସିଧାସଳଖ ବିଦ୍ୟାଳୟ ସହିତ ସମ୍ପୃକ୍ତ ହୋଇ ଶିକ୍ଷାନୁଷ୍ଠାନର ବହୁବିଧ ବିକାଶ ପାଇଁ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ପାଇଥାନ୍ତି।

# ସୁଦର୍ଶନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୯।୪(ବନ୍ଦନା ସେଠୀ)

ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ୟୁନାଇଟେଡ କିଙ୍ଗଡମ୍ର ସମ୍ମାନଜନକ 'ସ୍ୟାଣ୍ଡ ମାଷ୍ଟର ଆୱାର୍ଡ'ରେ ସମ୍ମାନିତ ହୋଇଛନ୍ତି। ଶନିବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁଦର୍ଶନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ସୁଦର୍ଶନଙ୍କ ଏହି ସଫଳତାରେ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିବା ସହ ତାଙ୍କୁ ଓଡ଼ିଶାର ଆସେଟ୍ ବୋଲି କହିଛନ୍ତି। ଆଗାମୀ ଦିନରେ ଓଡ଼ିଶା ଓ ଦେଶ ପାଇଁ ଆହୁରି ଗୌରବ ଆଣିବେ ବୋଲି ସେ କହିଥିଲେ। ଏହି ସଫଳତା ପାଇଁ ପୂର୍ବରୁ ତାଙ୍କୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି। ସଂଯୁକ୍ତ ରାଷ୍ଟ୍ର ଡୋରସେଟ ଅଞ୍ଚଳର ୱେମାଉଥଠାରେ ଆୟୋଜିତ ଅନ୍ତର୍ଜାତୀୟ ବାଲୁକାକଳା ଉତ୍ସବରେ ସୁଦର୍ଶନ ପ୍ରଥମ ଭାରତୀୟ ଭାବେ ଏହି ସମ୍ମାନ ପାଇଛନ୍ତି।

# ଅନ୍‌ଲାଇନ୍ ଗେମ୍‌ରେ ୭ ଲକ୍ଷ ହରାଇ ଜୀବନ ହାରିଲେ ଯୁବକ

## ଫ୍ୟାନ୍‌ରୁ ଝୁଲନ୍ତା ମୃତଦେହ ଜବତ

ଭୁବନେଶ୍ୱର,୧୯।୪(ସତ୍ୟଜିତ୍ ରାଉତ)


ବିକାଶ ନାୟକ

ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଚିନ୍ତାମଣିଶ୍ୱର ଅଞ୍ଚଳରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। ଅନ୍‌ଲାଇନ୍ ଗେମ୍‌ରେ ୭ ଲକ୍ଷ ଟଙ୍କା ହରାଇବା ପରେ ଜଣେ ଯୁବକ ଜୀବନ ହାରିଦେଇଛନ୍ତି। ସେ ହେଲେ ବିକାଶ ନାୟକ(୨୪)। ବିକାଶ ସ୍ଥାନୀୟ ଏକ ପାଥୋଲୋଜି କ୍ଲିନିକ୍‌ରେ କାମ କରୁଥିଲେ। ନିଜ ରୁମ୍ ଫ୍ୟାନ୍‌ରେ ରଶି ଦ୍ୱାରା ଝୁଲୁଥିବା ଅବସ୍ଥାରେ ତାଙ୍କ ମୃତଦେହକୁ ପୋଲିସ ଜବତ କରିଥିଲା। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୮/୨୦୨୫) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ତେବେ ବିକାଶ ଏକ ଅନ୍‌ଲାଇନ୍ ଗେମ୍ ଆପ୍‌ରେ ପ୍ରାୟ ୭ ଲକ୍ଷ ଟଙ୍କା ହାରିବା କାରଣରୁ ମାନସିକ ଚିନ୍ତାରେ ପଡ଼ି ଏଭଳି ଚରମ ନିଷ୍ପତ୍ତି ନେଇଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଥାନାଧିକାରୀ ପି. ଶ୍ୟାମସୁନ୍ଦର ରାଓ କହିଛନ୍ତି। ସୂଚନା ଅନୁଯାୟୀ, ବିକାଶ କିଛିଦିନ ହେଲା ଏକ ଅନ୍‌ଲାଇନ୍ ଗେମ୍‌ରେ ଖେଳିବାରେ ବ୍ୟସ୍ତ ରହୁଥିଲେ। ଟଙ୍କା ହାରିବା ପରେ ମଧ୍ୟ ଅଧିକ ଟଙ୍କା ଲଗାଉଥିଲେ। ଏପରିକି ଲକ୍ଷାଧିକ ଟଙ୍କା ହାରିବା ପରେ ସେ ମାନସିକ ଚିନ୍ତାରେ ପଡ଼ିଥିଲେ ବୋଲି ସମ୍ପର୍କୀୟମାନେ ପୋଲିସକୁ କହିଛନ୍ତି। ଶନିବାର ଅପରାହ୍ନରେ ବିକାଶ ଦୀର୍ଘ ସମୟ ବନ୍ଦ ରୁମ୍‌ରେ ରହିବାରୁ ପରିବାର ଲୋକ ଚିନ୍ତାରେ ପଡ଼ିଥିଲେ। ଖବର ମିଳିବା ପରେ ପୋଲିସ ଟିମ୍ ପହଞ୍ଚି ତାଲା ଭାଙ୍ଗି ଭିତରେ ପଶିବା ସହ ରଶି କାଟି ମୃତଦେହ ଜବତ କରିଥିଲା। ପୋଲିସ ଟିମ୍ ବିକାଶଙ୍କ ମୋବାଇଲ ଜବତ କରିବା ସହ ଅଧିକ ତଦନ୍ତ ଚଳାଇଛି।

# କ୍ୱାର୍ଟର୍ସରେ ବନ କର୍ମଚାରୀଙ୍କ ଆତ୍ମହତ୍ୟା

## ପାରିବାରିକ କଳହର କରୁଣ ପରିଣତି

ଆଠଗଡ଼,୧୯।୪(ସତ୍ୟପ୍ରସାଦ ରଥ)

କଟକ ଜିଲା ଆଠଗଡ଼ ବନଖଣ୍ଡ କାର୍ଯ୍ୟାଳୟର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଶୁକ୍ରବାର ରାତିରେ ନିଜ କ୍ୱାର୍ଟର୍ସରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ପଞ୍ଚାନନ ସ୍ୱାଇଁ (୪୭)। ତାଙ୍କ ଘର ବଡମ୍ବା ଥାନା ଅନ୍ତର୍ଗତ ବାଦଭୂଇଁ ଗ୍ରାମରେ। ସୂଚନା ଅନୁଯାୟୀ, ପଞ୍ଚାନନ ବିଭିନ୍ନ ବ୍ୟକ୍ତିଙ୍କଠାରୁ ଚଢ଼ା ସୁଧରେ ବହୁ ଟଙ୍କା ଋଣ ଆଣିଥିଲେ। ଅଧିକାଂଶ ଦରମା ଟଙ୍କା ସୁଧ ବାବଦରେ ଚାଲିଯାଏ। ଏନେଇ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ କଳହ ହେଉଥିଲା। ଶୁକ୍ରବାର ସନ୍ଧ୍ୟାରେ ପଞ୍ଚାନନ ମଦ୍ୟପାନ କରି ନିଜ କ୍ୱାର୍ଟର୍ସକୁ ଫେରିଥିଲେ। ମଦ ପିଇ ଥିବାରୁ ସ୍ତ୍ରୀ ବିରୋଧ କରିବାରୁ ସେ ତାଙ୍କୁ ପ୍ରବଳ ମାଡ଼ ମାରିଥିଲେ। ପଡୋଶୀ କର୍ମଚାରୀମାନେ ତାଙ୍କ ସ୍ତ୍ରୀ ଓ ଝିଅକୁ ନେଇ ବନଖଣ୍ଡ କାର୍ଯ୍ୟାଳୟରେ ଆଶ୍ରୟ ଦେଇଥିଲେ। ଏହି ସମୟରେ ପଞ୍ଚାନନ ବେକରେ ଦଉଡି ବାନ୍ଧି ଝୁଲି ପଡ଼ିଥିଲେ। ସ୍ତ୍ରୀ ଓ ଝିଅ ଘରକୁ ଫେରିବା ପରେ ଏହା ଦେଖି ସହକର୍ମୀଙ୍କୁ ଜଣାଇଥିଲେ। ବନଖଣ୍ଡ ଅଧିକାରୀ ଡ. ଯଜ୍ଞଦତ୍ତ ପତିଙ୍କଠାରୁ ସୂଚନା ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୧୨/୨୫) ରୁଜୁ ହୋଇଛି।


## कार्यपालक अभियंता का कार्यालय
## ग्रामीण विकास विशेष प्रमंडल, लातेहार।

**अल्पकालीन ई–निविदा आमंत्रण सूचना**

संख्या – EE/RDSD/LATEHAR/2/2025-26

1. कार्य की विस्तृत विवरणी:

| क्र०सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | लातेहार जिलान्तर्गत प्रखण्ड लातेहार के पंचायत भुसूर में Integrated Sports cum Knowledge Center में Administrative Block का निर्माण। | 45015396 | 900500 | 10000 | 12 माह |

2. वेबसाइट में निविदा प्रकाशन की तिथि – 25.04.2025
3. ई–निविदा प्राप्ति की तिथि एवं समय – दिनांक 25.04.2025 से दिनांक 10.05.2025 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, लातेहार।
5. ई–निविदा खोलने की तिथि एवं समय –13.05.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, लातेहार।
7. ई–निविदा प्रकोष्ठ का दूरभाष सं० – 06565796434
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,
लातेहार।

PR 350643 (Rural Development) 25-26 (D)


# ମାଇଁ ୧୧ ସର୍କଲ୍ ଖେଳି ଦୋକାନୀ ଜିତିଲେ ୩କୋଟି, ଥାର୍

ଅସ୍ତରଙ୍ଗ,୧୯।୪(ମମତା ଜେନା)

କାକଟପୁର ବ୍ଲକ ବାଜପୁର ଗ୍ରାମ ଗାନୁ ନନ୍ଦୀଙ୍କ ପୁଅ ମହେନ୍ଦ୍ର ନନ୍ଦୀ (୩୦) ମାଇଁ ୧୧ ସର୍କଲ ଆପ୍‌ରେ କ୍ରିକେଟ୍ ଖେଳି ୩କୋଟି ଟଙ୍କା ସହ ଏକ ମହିନ୍ଦ୍ରା ଥର୍ କାର ଜିତିଛନ୍ତି। ମହେନ୍ଦ୍ର କାକଟପୁର ବଜାରରେ ଏକ ମୋବାଇଲ ଦୋକାନ କରି ପରିବାର ଚଳାନ୍ତି। ସେ ଗତ ୪ଦିନ ତଳେ ଏହି ଖେଳ ଖେଳିଥିବା ବେଳେ ଶନିବାର ଜିତିଥିବା ନେଇ ସୂଚନା ଦିଆଯାଇଛି। ଏହା ଜଣାପଡ଼ିବା ପରେ ପରିବାର ଓ ସାଙ୍ଗସାଥୀ ମହଲରେ ଖୁସିର ଲହରୀ ଖେଳିଯାଇଛି।

# ଶିଖରଚଣ୍ଡୀରୁ ଅଜଣା ଯୁବକଙ୍କ ମୃତଦେହ ଜବତ


ଭୁବନେଶ୍ୱର,୧୯।୪(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଶିଖରଚଣ୍ଡୀ ପାହାଡ଼ର ଜଙ୍ଗଲ ଭିତରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ତାଙ୍କ ପରିଚୟ ଜଣାପଡ଼ିନାହିଁ। ତେବେ ସେ ଆତ୍ମହତ୍ୟା କରିଛନ୍ତି ନା କେହି ହତ୍ୟା ପରେ ଟାଙ୍ଗି ଦେଇଛନ୍ତି ତାହାକୁ ନେଇ ନାନା ଚର୍ଚ୍ଚା ଚାଲିଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଇନ୍‌ଫୋସିଟି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖିଛି। ମୃତଦେହଟି ପଚିଶଢ଼ି ଯାଇଥିବାରୁ ୪ ଦିନ ତଳୁ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି।

# ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତିଙ୍କ ପରଲୋକ

## ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୧୯।୪
(ସୌମ୍ୟରଞ୍ଜନ ରାଉତ)



ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତିଙ୍କ ଶନିବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। କିଡ୍‌ନୀଜନିତ ସମସ୍ୟା ଯୋଗୁ ସେ ଗତ କିଛିବର୍ଷ ଧରି ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ରତିକାନ୍ତ ଭୁବନେଶ୍ୱର ୟୁନିଟ୍-୩ରେ ପରିବାର ସହ ରହୁଥିଲେ। ଦି ଏସିଆନ୍ ଏଜ୍, ଦିନଲିପି, ସ୍ୱରାଜ୍ୟ ଏବଂ ପର୍ଯ୍ୟବେକ୍ଷକ ଆଦି ଅନେକ ଗଣମାଧ୍ୟମ ସଂସ୍ଥାରେ କାମ କରିଥିଲେ। ସେ ପ୍ରାୟ ଚାରି ଦଶନ୍ଧି ଧରି ରାଜନୈତିକ ଖବର ପରିବେଷଣ କରୁଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ରତିକାନ୍ତଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି, ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତିଙ୍କ ଦେହାନ୍ତ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ରାଜ୍ୟର ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ସେ ବେଶ୍ ଜଣାଶୁଣା ଥିଲେ। ଦୀର୍ଘ ସାମ୍ବାଦିକତା ଜୀବନରେ ସଚ୍ଚୋଟତା, ନିରପେକ୍ଷତା ଓ କର୍ତ୍ତବ୍ୟ ନିଷ୍ଠା ପାଇଁ ସେ ସ୍ମରଣୀୟ ରହିବେ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରୁଛି ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।


## ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍
ଜୋନ୍-ଏ, ଚତୁର୍ଥ ମହଲା, ଫରଚୁନ୍ ଟାୱାର,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର -୭୫୧୦୨୩

**ସର୍ବସାଧାରଣ ବିଜ୍ଞପ୍ତି**

**କେଶ୍ ନମ୍ବର ୫ ଅଫ୍ ୨୦୨୫**

୧) ବିଦ୍ୟୁତ୍ ନିୟମ, ୨୦୦୩ର ଧାରା ୬୨ ଏବଂ ୮୬ ଅନୁଯାୟୀ ଆବେଦନ ପ୍ରକାଶନ ଓଡ଼ିଶା ଇଲେକ୍ଟ୍ରିସିଟି ରେଗୁଲେଟରୀ କମିଶନ୍ (ଓଇଆରସି) (ଜେନେରେସନ୍ ଶୁଳ୍କ ନିର୍ଣ୍ଣୟ ପାଇଁ ସର୍ତ୍ତାବଳୀ ଏବଂ ନିୟମାବଳୀ) ନିୟମାବଳୀ, ୨୦୨୦ ଏବଂ ଓଇଆରସି (ଇଣ୍ଟିଗ୍ରେଟେଡ୍ ଖଣିରୁ କୋଇଲାର ଇନପୁଟ୍ ମୂଲ୍ୟ ନିର୍ଣ୍ଣୟ) ନିୟମାବଳୀ, ୨୦୨୪ ସହିତ ଓଇଆରସି (କଣ୍ଡକ୍ଟ ଅଫ୍ ବିଜିନେସ୍) ନିୟମାବଳୀ, ୨୦୦୪ ଅନୁଯାୟୀ ଦାଖଲ କରାଯାଇଥିବା ଆବେଦନପତ୍ର ଯଥା (୧) ମଞ୍ଜୁରୀପ୍ରାପ୍ତ ନିମନ୍ତେ ମନୋହରପୁର ଏବଂ ଡିପସାଇଡ୍ ମନୋହରପୁର କୋଇଲା ଖଣିରୁ ପ୍ରଦାନ କରାଯାଇଥିବା ତା୩୦.୦୯.୨୦୨୧ (ବାଣିଜ୍ୟିକ କାର୍ଯ୍ୟ ତାରିଖ) ରୁ ୩୧.୦୩.୨୦୨୪ ପର୍ଯ୍ୟନ୍ତ କୋଇଲାର ଇନପୁଟ୍ ମୂଲ୍ୟ ନିର୍ଦ୍ଧାରଣ ଏବଂ (୨) ତା୦୧.୦୪.୨୦୨୪ରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ ଉକ୍ତ କୋଇଲା ଖଣିରୁ ପ୍ରଦାନ କରିବାକୁ ଥିବା କୋଇଲାର ଇନପୁଟ୍ ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ଓଇଆରସି (ଭୁବନେଶ୍ୱର-୨୧)କୁ କରାଯାଇଥିବା ଅନୁମୋଦନ ।

୨) ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍ (ଓସିପିଏଲ୍) ଦ୍ୱାରା ଓଇଆରସିକୁ ୧୧.୦୨.୨୦୨୫ରେ ଦାଖଲ କରାଯାଇଥିବା ଆବେଦନପତ୍ର ଯଥା (୧) ମଞ୍ଜୁରୀ ପ୍ରାପ୍ତ ନିମନ୍ତେ ମନୋହରପୁର ଏବଂ ଡିପସାଇଡ୍ ମନୋହରପୁର କୋଇଲା ଖଣିରୁ ପ୍ରଦାନ କରାଯାଇଥିବା ତା୩୦.୦୯.୨୦୨୧ (ବାଣିଜ୍ୟିକ କାର୍ଯ୍ୟ ତାରିଖ) ରୁ ୩୧.୦୩.୨୦୨୪ ପର୍ଯ୍ୟନ୍ତ କୋଇଲାର ଇନପୁଟ୍ ମୂଲ୍ୟ ନିର୍ଦ୍ଧାରଣ ଏବଂ (୨) ତା୦୧.୦୪.୨୦୨୪ରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ ଉକ୍ତ କୋଇଲା ଖଣିରୁ ପ୍ରଦାନ କରିବାକୁ ଥିବା କୋଇଲାର ଇନପୁଟ୍ ମୂଲ୍ୟ ନିର୍ଦ୍ଧାରଣର ସାର୍ବଜନୀନ ବିଜ୍ଞପ୍ତିର ଦାଖଲ ଏବଂ ସବିଶେଷ ବିଷୟଗୁଡିକ ଓସିପିଏଲ୍ ୱେବସାଇଟ୍ www.ocpl.org.in ଓ ଆୟୋଗର ୱେବସାଇଟ୍ www.orierc.org ରୁ ଡାଉନଲୋଡ୍ କରାଯାଇପାରିବ ।

୩) ଓସିପିଏଲ୍ ଦ୍ୱାରା ଦାଖଲ କରାଯାଇଥିବା ଆବେଦନପତ୍ରର ସମ୍ପୂର୍ଣ୍ଣ ସେଟ୍ ବିଦ୍ୟୁତ୍ ନିୟମ, ୨୦୦୩ର ଧାରା ୬୨ ଓ ୮୬ ଏବଂ ଓଇଆରସି (ଇଣ୍ଟିଗ୍ରେଟେଡ୍ ଖଣିରୁ କୋଇଲାର ଇନପୁଟ ମୂଲ୍ୟ ନିର୍ଣ୍ଣୟ) ନିୟମାବଳୀ, ୨୦୨୪ ଅନୁଯାୟୀ ଓସିପିଏଲ୍ କାର୍ଯ୍ୟାଳୟରୁ (ଭୁବନେଶ୍ୱର-୭୫୧୦୨୩) ତା୦୪.୦୫.୨୦୨୫ କିମ୍ବା ପୂର୍ବରୁ କାର୍ଯ୍ୟାଳୟ ସମୟରେ ୧୦୦ ଟଙ୍କା ଶୁଳ୍କ ପ୍ରଦାନ କରି ଉକ୍ତ ପତ୍ରର ଫଟୋକପି ମଧ୍ୟ ପାଇପାରିବେ ।

୪) ଯଦି କୌଣସି ପରାମର୍ଶ/ଆପତ୍ତି ଥାଏ, ଉକ୍ତ ପରାମର୍ଶ/ଆପତ୍ତିକୁ ପତ୍ର ମାଧ୍ୟମରେ ଆବଶ୍ୟକୀୟ ତଥ୍ୟ ସହିତ ଓଇଆରସିର ସଚିବଙ୍କ କାର୍ଯ୍ୟାଳୟ ଯଥା: "ଓଡିଶା ଇଲେକ୍ଟ୍ରିସିଟି ରେଗୁଲେଟରୀ କମିଶନ୍, ପ୍ଲଟ୍ ନମ୍ବର ୪, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୧" ଠିକଣାରେ ବ୍ୟକ୍ତିଗତ ଭାବରେ କିମ୍ବା ଡାକ ମାଧ୍ୟମରେ ଦାଖଲ କରାଯାଇପାରିବ, ଯାହା ଓଇଆରସିର କାର୍ଯ୍ୟାଳୟରେ ତା୦୪.୦୫.୨୦୨୫ କିମ୍ବା ପୂର୍ବରୁ ପହଞ୍ଚିବା ଆବଶ୍ୟକୀୟ ଅଟେ ଏବଂ ଉକ୍ତ ପତ୍ରର ଏକ ନକଲ ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତିଙ୍କୁ ପ୍ରଦାନ କରିବା ଜରୁରୀ ଅଟେ ।
(କ) ପରାମର୍ଶ/ଆପତ୍ତିପତ୍ର ସାତଟି କପି ସହିତ ଦାଖଲ କରାଯିବା ଜରୁରୀ ଅଟେ ଏବଂ ଏଥିରେ ସମ୍ପୃକ୍ତ ବ୍ୟକ୍ତିର ସମ୍ପୂର୍ଣ୍ଣ ନାମ ସହିତ ସଂସ୍ଥା/ପ୍ରତିଷ୍ଠାନର ସମ୍ପୂର୍ଣ୍ଣ ଡାକଠିକଣା, ଇ-ମେଲ୍ ଆଇଡି ଏବଂ ଯୋଗାଯୋଗ ଟେଲିଫୋନ୍ ନମ୍ବର ରହିବା ଆବଶ୍ୟକୀୟ ଅଟେ। ଉକ୍ତ ପତ୍ରଟି ଏକ ଆଫିଡେଭିଟ୍ ଦ୍ୱାରା ଦାଖଲ କରିବା ଜରୁରୀ ଅଟେ ।
(ଖ) କେବଳ ଆଫିଡେଭିଟ୍ ସହିତ ଗ୍ରହଣ କରାଯାଇଥିବା ବୈଧ ଆପତ୍ତି/ପରାମର୍ଶଗୁଡ଼ିକ ଶୁଣାଣି ପାଇଁ ବିଚାରକୁ ନିଆଯିବ ।

୫) ଯେଉଁ ପକ୍ଷମାନଙ୍କର ଆପତ୍ତି ସ୍ୱୀକାର କରାଯିବ, କମିଶନ ସେମାନଙ୍କୁ ଶୁଣାଣିର ତାରିଖଗୁଡ଼ିକ ବିଧିବଦ୍ଧ ଭାବରେ ଜଣାଇବେ।

ତାରିଖ: ୧୮.୦୪.୨୦୨୫ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ଓସିପିଏଲ୍)



House Construction
Starting @1599/per Sqft.
Simplex /Duplex / Triplex / Apartment
By The Experts Only.
(With Branded Materials like Rebar- Tata /Jsw /Jindal , Cement-Ultratech /Acc / Dalmia, Bricks-10", Tiles- kajaria / Somany, Paints-Asian / Berger, Sanitary Fittings-Jaquar / Hindware / Cera, Electrical Wire - Finolex / Havells / Polycab, Modular Switches Havells / Anchor / Cona / Goldmedal, UPvc Window- Fenesta / Veka / Lg / Saint Gobain)
M Planets -7008550473
L427, Baramunda, Bhubaneswar.



## ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍,
୨ୟ ମହଲା, ସି-୨, ଅଶୋକ ନଗର,
ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, କଲେଜ ସ୍କୋୟାର ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, କଲେଜ ସ୍କୋୟାର ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| କଲେଜ ସ୍କୋୟାର ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଫ୍ଲୁଟୋ ପେଟ୍ ସପ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସଂଗ୍ରାମ ସେନାପତି,** ପିତା: ଶ୍ରୀ ଯୁଧିଷ୍ଠିର ସେନାପତି, ସା: ରିଙ୍ଗ୍ ରୋଡ୍, ଖାନ୍ ନଗର, ଜିଲ୍ଲା: କଟକ-୭୫୩୦୧୨ / **ଗ୍ୟାରେଣ୍ଟିଦାତା: ଶ୍ରୀ ସୁଜିତ୍ ସେନାପତି,** ପିତା: ଶ୍ରୀ ଯୁଧିଷ୍ଠିର ସେନାପତି, ସା: ଗୋପେଶ୍ୱର ବିହାର, କଲ୍ୟାଣୀ ନଗର, ଦରଘାପାଟଣା, ଜିଲ୍ଲା: କଟକ-୭୫୩୦୧୩ | ଟ.୨୨,୮୫,୮୪୫.୮୬ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୮.୦୧.୨୦୨୫ / ୧୬.୦୪.୨୦୨୫ | **ଶ୍ରୀ ସୁଜିତ୍ ସେନାପତି,** ପିତା: ଶ୍ରୀ ଯୁଧିଷ୍ଠିର ସେନାପତିଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ନୂଆପଡ଼ା, ଥାନା: କଟକ ସଦର, ତହସିଲ: କଟକ ସଦର, ଜିଲ୍ଲା: କଟକ, ପ୍ଲଟ୍ ନଂ.: ୭୩/୬୨୦୦, ଖାତା ନଂ.: ୬୧୪/୨୬୯୩, ପରିମିତ କ୍ଷେତ୍ର: ଏକର ୦.୦୧୮ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଲକ୍ଷ୍ମୀ ନାରାୟଣ ସିଂ, ପୂର୍ବ: ପ୍ଲଟ୍ ନଂ.: ୨୩୫, ଦକ୍ଷିଣ: ଅବଧୂତ ମିଶ୍ର, ପଶ୍ଚିମ: ଇଜମାଇଲ୍ ରୋଡ୍ |

ସ୍ଥାନ: ଭୁବନେଶ୍ୱର, ତାରିଖ : ୧୯.୦୪.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ



## ବ୍ୟାଙ୍କ ଅଫ୍ ଇଣ୍ଡିଆ
ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି,
ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ତମାଣ୍ଡୋ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ତମାଣ୍ଡୋ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ସରଫେଶୀ ଆକ୍ଟ ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରିବା ପରେ ଯଦି କିଛି ଅର୍ଥ ପୈଠ କରାଯାଇଥାଏ ତେବେ ଆକାଉଣ୍ଟ ସମାଧାନ ସମୟରେ ପ୍ରଦାନ କରାଯିବାକୁ ଥିବା ଦେୟ ବିଷୟରେ ଜାଣିବା ପାଇଁ ସେହି ଅର୍ଥକୁ କଳନା କରାଯିବ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ତମାଣ୍ଡୋ ଶାଖା/ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ମମତା ଭେରାଇଟି ଷ୍ଟୋର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ କୃପାସିନ୍ଧୁ ପ୍ରଧାନ,** ପିତା: ସ୍ୱ କରୁଣାକର ପ୍ରଧାନ / **ଗ୍ୟାରେଣ୍ଟିଦାତା: ସ୍ୱ କରୁଣାକର ପ୍ରଧାନ,** ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ଏଲ୍-୧୧୫୬, ଫେଜ୍-୨, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୧୯ / **ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀ କୃପାସିନ୍ଧୁ ପ୍ରଧାନ** | ଟ.୮,୮୯,୨୯୫/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୧୫.୦୨.୨୦୨୫ / ୧୯.୦୪.୨୦୨୫ | **ସ୍ୱ କରୁଣାକର ପ୍ରଧାନ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ହାଉସ୍ ନଂ.: ଏଲ୍-୧୧୫୬, ଖାତା ନଂ.: ୫୧୭, ପ୍ଲଟ୍ ନଂ.: ଏଲ୍‌ଆଇଜି-୧୧୧୦(ଅଂଶ), କ୍ଷେତ୍ର: ଏକର୦.୦୨୬ ଡିସିମିଲି ଯାହା ୧୧୨୫ ବର୍ଗଫୁଟ, କିସମ: ଘରବାରୀ, ମୌଜା: ଡୁମୁଡୁମା, ଥାନା: ଖଣ୍ଡଗିରି, ଏସ୍ଆରଓ: ଖଣ୍ଡଗିରି, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ଉତ୍ତର: ୩୦ ଫୁଟିଆ ଚଉଡା ସିସି ରୋଡ, ଦକ୍ଷିଣ: ଏଲ୍-୧୧୫୭, ପୂର୍ବ: ୩୦ ଫୁଟିଆ ଚଉଡା ସିସି ରୋଡ, ପଶ୍ଚିମ: ଏଲ୍-୧୧୫୫ |

**(ଋଣଗ୍ରହୀତା ଏବଂ ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ),** ପିତା: ସ୍ୱ କରୁଣାକର ପ୍ରଧାନ, **୨) ଧାନି ପ୍ରଧାନ (ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ),** ସ୍ୱାମୀ: ସ୍ୱ କରୁଣାକର ପ୍ରଧାନ, **୩) ସୌଦାମିନୀ ପ୍ରଧାନ (ମୃତକ ଦିନବନ୍ଧୁ ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ ଏବଂ ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ),** ସ୍ୱାମୀ: ସ୍ୱ ଦିନବନ୍ଧୁ ପ୍ରଧାନ, **୪) ସୌଦାମିନୀ ପ୍ରଧାନ (ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ ଏବଂ ମୃତକ ଦିନବନ୍ଧୁ ପ୍ରଧାନଙ୍କ ନାବାଳକ ପୁତ୍ର ଶ୍ରୀ ସତ୍ୟଜିତ୍ ପ୍ରଧାନଙ୍କ ତରଫରୁ),** ସ୍ୱାମୀ: ସ୍ୱ ଦିନବନ୍ଧୁ ପ୍ରଧାନ, ସମସ୍ତଙ୍କ ଠିକଣା- ସା: ପ୍ଲଟ୍ ନଂ.: ଏଲ୍-୧୧୫୬, ଫେଜ୍-୨, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୧୯, **୫) ଶ୍ରୀମତୀ ମମତା ପାତ୍ର (ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ),** ସ୍ୱାମୀ: ଗଦାଧର ପାତ୍ର, ସା/ପୋ: ଡୁମୁଡୁମା, ଭୁବନେଶ୍ୱର-୭୫୧୦୧୯

ସ୍ଥାନ: ଭୁବନେଶ୍ୱର
ତାରିଖ: ୨୦.୦୪.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

**ମୁଣ୍ଡମୁହାଣରେ ଲକ୍ଷ୍ମଣ ଶକ୍ତିଭେଦ, ମହୀରାବଣ ବଧ**

ଯାଁଳା,(ବୁଲା ବାରିକ): ଜଟଣୀ ବ୍ଲକ୍ ଯାଁଳା ପଞ୍ଚାୟତର ମୁଣ୍ଡମୁହାଣ ଗ୍ରାମର ଶ୍ରୀଶ୍ରୀ ରଘୁନାଥଙ୍କ ପୀଠରେ ରଘୁନାଥ ନାଟ୍ୟ ପରିଷଦର କଳାକାରଙ୍କ ଦ୍ୱାରା ଲକ୍ଷ୍ମଣ ଶକ୍ତିଭେଦ ଓ ମହୀରାବଣ ବଧ ନାଟକ ପରିବେଷଣ ହୋଇଯାଇଛି। ଏହି ପୌରାଣିକ ନାଟକ ଦେଖି ଦର୍ଶକ ବିଭୋର ହୋଇଯାଇଥିଲେ। ନାଟକରେ ବିଭିନ୍ନ ଚରିତ୍ରରେ ବିଚିତ୍ର ପରିଡା, ସୁନିଲ୍ ମଙ୍ଗରାଜ, ଅରୁଣ ସ୍ୱାଇଁ, ସନ୍ତୋଷ ପ୍ରଧାନ, ଶକ୍ତି ମଙ୍ଗରାଜ, ପ୍ରସନ୍ନ ପରିଡା ଏବଂ ଶଙ୍କର୍ଷଣ ମଙ୍ଗରାଜ ଅଭିନୟ କରିଥିଲେ।



## ସଂକ୍ଷେପରେ

### ବାପା, ପୁଅଙ୍କୁ ଆକ୍ରମଣ: ଜଣେ ଗିରଫ

ଭୁବନେଶ୍ୱର, ୧୯।୪(ସୂର୍ଯ୍ୟକାନ୍ତ ବେହେରା)

ସାମାନ୍ୟ କଥାକୁ କେନ୍ଦ୍ରକରି ବାପା ଓ ପୁଅଙ୍କୁ ଆକ୍ରମଣ ହୋଇଛି। ଏପ୍ରିଲ ୪ରେ ଘଟିଥିବା ଏହି ଘଟଣାକୁ ନେଇ ଅଭିଯୋଗ ପରେ କ୍ୟାପିଟାଲ ଥାନା ପୋଲିସ ତଦନ୍ତ କରି ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ଫାଳିକିଆ ବସ୍ତିର ଡି. ରାମୁ। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଡି. ରାମୁଙ୍କ ନାମରେ ପୂର୍ବରୁ ମଧ୍ୟ କ୍ୟାପିଟାଲ ଥାନାରେ ୩ଟି ଆପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି। ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି।

# ଟୁଲୁଙ୍କ ସମେତ ୪ଜଣଙ୍କୁ ଖୋଜିପାଉନି ପୋଲିସ

ଭୁବନେଶ୍ୱର, ୧୯।୪(ସତ୍ୟଜିତ୍ ରାଉତ)

**ବିଲ୍ଡର ସସ୍ମିତ ବିଶ୍ୱାଳ ହତ୍ୟା ଘଟଣା**

ଜମି ବିବାଦକୁ କେନ୍ଦ୍ର କରି ଏୟାରଫିଲ୍ଡ ଥାନା ଅଞ୍ଚଳରେ ବିଲ୍ଡର ସସ୍ମିତ ବିଶ୍ୱାଳ ଓରଫ ଚିନୁ (୪୭)ଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାକୁ ଶନିବାର ୯ ଦିନ ବିତିଛି। ହେଲେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ପ୍ରଧାନ ସାହିର ଟୁଲୁ ମହାନ୍ତିଙ୍କ ସମେତ ୪ଜଣ ଫେରାର ଅଛନ୍ତି। ପୋଲିସ ସେମାନଙ୍କୁ ଧରିବାକୁ ଖୋଜାଖୋଜି ଚଳାଇଥିବା କହୁଥିଲେ ମଧ୍ୟ ଏଯାଏ ଧରିପାରୁ ନ ଥିବାରୁ ସସ୍ମିତଙ୍କ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଘଟଣାରେ ପୂର୍ବରୁ ହୋମଗାର୍ଡ ସୁକାନ୍ତ ବେହେରା, ଗୁଲୁ ମହାନ୍ତି ଓ ମନୋଜ ବେହେରା ଓରଫ ସିଲୁ ଗିରଫ ହୋଇ ଏବେ ଜେଲରେ ଅଛନ୍ତି। ତେବେ ଗିରଫଦାରି ଭୟରେ ଟୁଲୁ କେଉଁଠି ଲୁଚି ରହିଥିବା ପୋଲିସ ସନ୍ଦେହ କରୁଛି। ସେହିଭଳି ଅନ୍ୟ ୩ଜଣ ମଧ୍ୟ ଜିଲା କିମ୍ବା ରାଜ୍ୟ ବାହାରକୁ ପଳାଇ ଯାଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ପୋଲିସ ଟିମ୍ ଅଭିଯୁକ୍ତମାନଙ୍କ ସମ୍ପର୍କୀୟଙ୍କୁ ପଚରାଉଚରା କରି ତଥ୍ୟ ସଂଗ୍ରହ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ହେଲେ ସେମାନଙ୍କୁ ପାଉ ନ ଥିବାରୁ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଖୁବ୍‌ଶୀଘ୍ର ଫେରାର ଅଭିଯୁକ୍ତମାନଙ୍କୁ ଧରିବୁ ବୋଲି ଥାନାଧିକାରୀ ଶଶିକାନ୍ତ ରାଉତ କହିଛନ୍ତି। ସୂଚନାଯୋଗ୍ୟ, ଜମି ବ୍ୟବସାୟରେ ସସ୍ମିତଙ୍କ ପାର୍ଟନର ଥିଲେ ଟୁଲୁ। କିଛିମାସ ତଳେ ପ୍ରଧାନ ସାହି ମୌଜାରେ ସସ୍ମିତ ଏକ ବଡ଼ ଜମି କିଣିଥିଲେ। ତେବେ ଉକ୍ତ ଜମିକୁ ଲାଗି ଅଭିଯୁକ୍ତ ହୋମ୍‌ଗାର୍ଡ ସୁକାନ୍ତଙ୍କର ଏକ ପ୍ଲଟ୍ ଥିବା ବେଳେ ସେଥିରୁ ସସ୍ମିତଙ୍କୁ ରାସ୍ତା ଦେବେ ବୋଲି ଏଗ୍ରିମେଣ୍ଟ ହୋଇଥିଲା। ଏଥିପାଇଁ ସୁକାନ୍ତ ୩୯ ଲକ୍ଷ ଟଙ୍କା ନେଇଥିଲେ। ହେଲେ ଟୁଲୁଙ୍କ କଥାରେ ପଡି ସୁକାନ୍ତ ଆଉ ଧରାଛୁଆଁ ଦେଇ ନ ଥିଲେ। ସସ୍ମିତ ସେଠାରେ ରାସ୍ତା ସହ ପାଚେରି ନିର୍ମାଣ କରିବା ବେଳେ ସୁକାନ୍ତ ଓ ଟୁଲୁ ବିରୋଧ କରିଥିଲେ। ଏପ୍ରିଲ ୧୧ ସକାଳେ ସସ୍ମିତ ସ୍କୁଟି ଯୋଗେ ସେଠାକୁ ଯାଇଥିବାବେଳେ ଅଭିଯୁକ୍ତମାନେ ତାଙ୍କ ସହ ପ୍ରଥମେ ଗଣ୍ଡଗୋଳ କରିଥିଲେ। ଖବର ପାଇ ପୋଲିସ ସେଠାରେ ପହଞ୍ଚିଥିଲା। ହେଲେ କିଛି ସମୟ ରହି ପୋଲିସ ସେଠାରୁ ପଳାଇ ଆସିବା ପରେ ଅଭିଯୁକ୍ତମାନେ ସସ୍ମିତଙ୍କୁ ପିଟିପିଟି ହତ୍ୟା କରି ଫିଙ୍ଗି ଦେଇଥିଲେ।

## ଜେଇଇ ମେନ୍‌ରେ କିସ୍‌ର ୧୨ ଛାତ୍ରୀଛାତ୍ର କୃତକାର୍ଯ୍ୟ

ଭୁବନେଶ୍ୱର, ୧୯।୪(ସୌମ୍ୟରଞ୍ଜନ ରାଉତ)



ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ଶନିବାର ଯୁଗ୍ମ ପ୍ରବେଶିକା ପରୀକ୍ଷା(ଜେଇଇ ମେନ୍) ଫଳ ପ୍ରକାଶ ପାଇଥିବା ବେଳେ ଏଥିରେ କିସ୍‌ର ୧୨ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୭ ଛାତ୍ରୀ ଓ ୫ ଜଣ ଛାତ୍ର ରହିଛନ୍ତି। ଏମାନେ ଜେଇଇ ଆଡ୍‌ଭାନ୍ସଡ୍ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩ ଜଣ ଝାଡ଼ଖଣ୍ଡରୁ ଆସି କିସ୍‌ରେ ପାଠ ପଢ଼ି ଜେଇଇରେ ସଫଳତା ହାସଲ କରିପାରିଛନ୍ତି। ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ସାମନ୍ତ କହିଛନ୍ତି, ପ୍ରତିବର୍ଷ କିସ୍‌ର ଛାତ୍ରୀଛାତ୍ରମାନେ ଜେଇଇରେ ସଫଳତା ହାସଲ କରିଆସୁଛନ୍ତି। ଏଥିସହ ଆଞ୍ଚଳିକ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ହେଉଥିବା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ କିସ୍ ଛାତ୍ରୀଛାତ୍ର ଭଲ ପ୍ରଦର୍ଶନ କରୁଛନ୍ତି। ଉପଯୁକ୍ତ ଯତ୍ନ ନିଆଯିବା ସହ ଗୁଣାତ୍ମକ ଶୈକ୍ଷିକ ପରିବେଶ ସୃଷ୍ଟି କରାଯାଉଥିବାରୁ ସେମାନେ ଏଭଳି ସଫଳତା ହାସଲ କରିପାରୁଛନ୍ତି। ଏଥିପାଇଁ ଡ. ସାମନ୍ତ କିସ୍‌ର ସମସ୍ତ ଅଧ୍ୟାପିକା ଅଧ୍ୟାପକ ତଥା କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ପରମ୍ପରା ପାଳନ କଲେ ସଂସ୍କୃତି, ଐତିହ୍ୟ, ବରପୁତ୍ରଙ୍କ ସମ୍ମାନ ରହିବ



ଖଣ୍ଡଗିରି ପାଦୁକାଶ୍ରମଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିବା ସାଧୁସନ୍ଥମାନେ।

ଭୁବନେଶ୍ୱର, ୧୯।୪ (ସୌମ୍ୟରଞ୍ଜନ ରାଉତ)

ବିଶ୍ୱ ସନାତନ ବୈଦିକ ଧର୍ମ ପରିଷଦ, ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘ ଓ ଭାଗବତ ଟୁଙ୍ଗି ପ୍ରଚାର ସମିତି ପକ୍ଷରୁ ଖଣ୍ଡଗିରି ପାଦୁକାଶ୍ରମଠାରେ ରାଷ୍ଟ୍ରୀୟ ନବବର୍ଷ, ଓଡ଼ିଶା ଦିବସ, ରାଜଧାନୀ ପ୍ରତିଷ୍ଠା ଦିବସ, ଓଡ଼ିଆ ନବବର୍ଷ, ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ପକ୍ଷ, ହନୁମାନ ଜୟନ୍ତୀ ଓ ରାଧାରମଣ ଦେବ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପରିଷଦ ଅଧ୍ୟକ୍ଷ ବାବା ପଞ୍ଚଦେବଙ୍କ ଆବାହକତ୍ୱରେ ଖଣ୍ଡଗିରି ଦେବସଭାଠାରେ ଦେବଯଜ୍ଞ ସହ ସମସ୍ତ କାର୍ଯ୍ୟ କରାଯାଇଥିଲା। ଏହି ଅବସରରେ ପଞ୍ଚଦେବ କହିଲେ, ପରମ୍ପରା ପାଳନ କଲେ ଓଡ଼ିଶାର ସଂସ୍କୃତି, ଐତିହ୍ୟ, ମହାପୁରୁଷ ଓ ବରପୁତ୍ରଙ୍କ ସମ୍ମାନ ରହିବ। ଆଗାମୀ ପିଢ଼ି ଏ ପଥକୁ ଅନୁସରଣ କରିବାକୁ ସେ ଆହ୍ୱାନ ଦେଇଥିଲେ। ଶେଷରେ ବେଦମନ୍ତ୍ର ପାଠ ପୂର୍ବକ ଶାନ୍ତିପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାଗବତ ଟୁଙ୍ଗି ପ୍ରଚାର ସମିତି ଓଡ଼ିଶାର ସଭାପତି ଲଙ୍ଗୁଳି ବାବା(ବାବାଜୀ ସ୍ୱାଇଁ), ସମ୍ପାଦକ ସଞ୍ଜୟ କୁମାର ଦାସ, ନିଖିଳ ଉତ୍କଳ ଖୋର୍ଦ୍ଧା ଜିଲା ସଂକୀର୍ତ୍ତନ ମହାସଂଘ ସଭାପତି ଜଗନ୍ନାଥ ବେହେରା, ଯୁଗ୍ମ କୋଷାଧ୍ୟକ୍ଷ ଲଳିତ କୁମାର ବେହେରା, ପାଦୁକା ଆଶ୍ରମର ପୀଠାଧୀଶ ବାବା ନବ ଦାସ, ଜଗନ୍ନାଥ ଦାସ ପ୍ରମୁଖ ସାଧୁସନ୍ଥ ଓ ସଂକୀର୍ତ୍ତନ କଳାକାରମାନେ ଯୋଗଦେଇଥିଲେ।

## ମେ' ୫ରେ ଶ୍ରମ କମିଶନର ଅଫିସ ଘେରାଉ

ଭୁବନେଶ୍ୱର, ୧୯।୪ (ବନ୍ଦନା ସେଠୀ)

ଏଆଇଟିୟୁସି ଖୋର୍ଦ୍ଧା ଜିଲା କମିଟି ବୈଠକ ଜିଲା ସଭାପତି ସୁର ଜେନାଙ୍କ ଅଧ୍ୟକ୍ଷତାରେ ଶନିବାର କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ମନୋଭାବ ସମ୍ପର୍କରେ ସୂଚନା ଦେଇଥିଲେ। ଶ୍ରମିକ ଶ୍ରେଣୀର ହକ୍ ଓ ଅଧିକାର ହାସଲ କରିବା ପର୍ଯ୍ୟନ୍ତ ଐକ୍ୟବଦ୍ଧ ଶ୍ରମିକ ଆନ୍ଦୋଳନକୁ ଆହୁରି ବଳଶାଳୀ କରିବା ପାଇଁ ମେ' ପହିଲା ଆନ୍ତର୍ଜାତିକ ଶ୍ରମିକ ଦିବସକୁ ସଂକଳ୍ପ ଦିବସ ଭାବେ ପାଳନ କରାଯିବ। ଏହି ଅବସରରେ ବ୍ଲକସ୍ତରରେ ଶ୍ରମିକ ଶ୍ରେଣୀର ଲାଲ୍ ପତାକା ଉତ୍ତୋଳନ ହେବ। ଆଶାକର୍ମୀଙ୍କ ସମେତ ସମସ୍ତ ସ୍କିମ୍ ୱାର୍କରଙ୍କୁ ସର୍ବନିମ୍ନ ମଜୁରି ଆଇନର ଅନୁସୂଚିତ ଶ୍ରମ ତାଲିକାରେ ସାମିଲ କରିବା, ସର୍ବନିମ୍ନ ମଜୁରି ହାର ବୃଦ୍ଧି କରିବା ଦାବିରେ ମେ' ୫ରେ ସମଗ୍ର ଦେଶରେ ଏଆଇଟିୟୁସି ପକ୍ଷରୁ ଦାବି ଦିବସ ପାଳନ କରାଯିବ। ଉକ୍ତ ଦିନ ମାଷ୍ଟରକ୍ୟାଣ୍ଟିନ୍ ଛକଠାରୁ ଏକ ଶ୍ରମିକ ଶୋଭାଯାତ୍ରା ବାହାରି ରାଜ୍ୟ ଶ୍ରମ କମିଶନର କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହେବ। କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ସଂଗଠନ ଓ ସ୍ୱାଧୀନ କର୍ମଚାରୀ ଫେଡେରେଶନଙ୍କ ମିଳିତ ମଞ୍ଚ ଆହ୍ୱାନରେ ଶ୍ରମିକ ବିରୋଧୀ ୪ଟି ଶ୍ରମ କୋଡ୍ ବାତିଲ ଏବଂ ୧୨ଦଫା ଦାବିରେ ମେ'୨୦ ଦେଶବ୍ୟାପୀ ସାଧାରଣ ଧର୍ମଘଟର ସଫଳତା ପାଇଁ ବ୍ୟାପକ ପ୍ରଚାର ପ୍ରସାର କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଜିଲା ସମ୍ପାଦକ ଶ୍ରୀକୃଷ୍ଣ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଏଆଇଟିୟୁସି ରାଜ୍ୟ ସମ୍ପାଦକ ଜୟନ୍ତ ଦାସ, ନମିତା ସାହୁ, ସତ୍ୟବାଦୀ ବାଘ, ଛେଡାମ୍ବର ଭୋଇ, ମଞ୍ଜୁଲତା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶାରେ ୟୁନିଫାଏଡ୍. ଅଟୋମେଶନ ଆଟେଣ୍ଡାନ୍ସ ଅସମ୍ଭବ: ଶିକ୍ଷକ ମହାସଂଘ

ଭୁବନେଶ୍ୱର,୧୯।୪(ସୁଚିସ୍ମିତା ସାହୁ)

ଓଡ଼ିଶାର ଶୈକ୍ଷିକ ଭିତ୍ତିଭୂମିକୁ ଆକଳନ କଲେ ବିଦ୍ୟାଳୟରେ ୟୁନିଫାଏଡ୍ ଅଟୋମେଶନ ଆଟେଣ୍ଡାନ୍ସ ଲାଗୁ କରିବା ବର୍ତ୍ତମାନ ସମ୍ଭବ ନୁହେଁ ବୋଲି ଶୁକ୍ରବାର ସର୍ବଭାରତୀୟ ବିଦ୍ୟାଳୟ ଶିକ୍ଷକ ମହାସଂଘ କୋଷାଧ୍ୟକ୍ଷ ତଥା ଓଡିଶା ବିଦ୍ୟାଳୟ ଶିକ୍ଷକ ମହାସଂଘ ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି। ଜାରି ପ୍ରେସ୍ ବିବୃତ୍ତିରେ ସେ ଉଲ୍ଲେଖ କରିଛନ୍ତି ଯେ , ରାଜ୍ୟ ସରକାର ନବମ ଓ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଲାଗୁ କଲାପରେ ପ୍ରଥମରୁ ଦଶମଶ୍ରେଣୀ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ଦୈନିକ ଉପସ୍ଥାନକୁ ୟୁନିଫାଏଡ୍ ଅଟୋମେଶନ ଅଟେନାନ୍‌ସ ସିଷ୍ଟମ ମାଧ୍ୟମରେ କରିବାକୁ ନିଷ୍ପତ୍ତି କରିଛନ୍ତି। ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କେବଳ ଓଡ଼ିଶା ସରକାରଙ୍କ ଦ୍ୱାରା ଲାଗୁ ହୋଇନାହିଁ ଭାରତବର୍ଷର ପ୍ରତ୍ୟେକ ରାଜ୍ୟ ଏହାକୁ ଲାଗୁ କରିବା ସହିତ ପିଲାଙ୍କ ଖାଦ୍ୟକୁ ଅଧିକ ପୃଷ୍ଟିଯୁକ୍ତ କରିବା ପାଇଁ ବ୍ୟବସ୍ଥା କରୁଛନ୍ତି। ସେ ସବୁ ରାଜ୍ୟରେ ଅଦ୍ୟାବଧି ଏକିକୃତ ସ୍ୱୟଂଚାଳିତ ଉପସ୍ଥାନ ଲାଗୁ କରି ନାହାନ୍ତି । ଏହି ଓଡ଼ିଶାର ବିଦ୍ୟାଳୟରେ 'ମୋ ସ୍କୁଲ' ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିବା ବେଳେ ଶିକ୍ଷକ ନିଯୁକ୍ତି କରାଯାଇନାହିଁ। ସରକାର ବିଦ୍ୟାଳୟ ବିଦ୍ୟୁତ୍ ଦେୟ ବହନ କରୁ ନ ଥିବାରୁ ସେଠାରୁ ବିଦ୍ୟୁତ୍ ସଂଯୋଗ କଟିଗଲାଣି । ବାସ୍ତବତାକୁ ଅନୁଭବ ନ କରି ବିଦ୍ୟାଳୟର ଭିତ୍ତିଭୂମିକୁ ନ ସଜାଡ଼ି ରାଜ୍ୟ ସରକାର ଏକୀକୃତ ସ୍ୱୟଂଚାଳିତ ଉପସ୍ଥାନ ବ୍ୟବସ୍ଥା ଲାଗୁକଲେ ତାହା ପୁନଶ୍ଚ ଏକ ପ୍ରହସନରେ ପରିଣତ ହେବ ବୋଲି ମହାସଂଘ ଉପସଭାପତି ବିନୋଦ ବିହାରୀ ପାଣିଗ୍ରାହୀ, ସମ୍ପାଦିକା ଚାରୁଲତା ମହାପାତ୍ର ପ୍ରମୁଖ ଜଣାଇଛନ୍ତି।

## ଓଡିଏମ୍‌ର ୯ ଛାତ୍ରୀଛାତ୍ରଙ୍କ ଭଲ ପ୍ରଦର୍ଶନ

ଭୁବନେଶ୍ୱର, ୧୯।୪ (ସୌମ୍ୟରଞ୍ଜନ ରାଉତ)

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ଦ୍ୱାରା ପରିଚାଳିତ ସର୍ବଭାରତୀୟ ଜେଇଇ ମେନ୍ (ପର୍ଯ୍ୟାୟ – ୨) ୨୦୨୫ରେ ପଟିଆସ୍ଥିତ ଓଡିଏମ୍ ପବ୍ଲିକ ସ୍କୁଲ ଏବଂ ଓଡିଏମ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଗୁରୁଗ୍ରାମର ଛାତ୍ରୀଛାତ୍ର ଅଭୂତପୂର୍ବ କୃତିତ୍ୱ ହାସଲ କରି ବିଦ୍ୟାଳୟକୁ ଗୌରବମଣ୍ଡିତ କରିଛନ୍ତି। ଓଡିଏମ୍ ପବ୍ଲିକ ସ୍କୁଲର ଛାତ୍ର ସନ୍ଦିପ କୁମାର ସାହୁ ୯୯.୯୪ ପର୍ସେଣ୍ଟାଇଲ ରଖିଥିବାବେଳେ ଦିବ୍ୟାଂଶୁ ଦିବ୍ୟଜ୍ୟୋତି ଦାସ ୯୯.୮୦, ଗୌରବ ଦାସ ୯୯.୭୫, ଆଦିତ୍ୟ ବିଶ୍ୱାଳ ୯୯.୭୩, ଆଦିତ୍ୟ ଦାସ ୯୯.୬୭, ଦେବସ୍ମିତା ହାଲ୍‌ଦାର ୯୯.୫୭, ସୂର୍ଯ୍ୟାଂଶ ସିଂହ ୯୯.୫୬, ଜିଗ୍ନେସ ମିଶ୍ର ୯୯.୩୩ ଏବଂ ଓଡିଏମ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଗୁରୁଗ୍ରାମର ଛାତ୍ର ରୋହିତ୍ ଯାଦବ ୯୯.୪୧ ପର୍ସେଣ୍ଟାଇଲ୍ ସହ କୃତକାର୍ଯ୍ୟ ହୋଇଛନ୍ତି। ଏଥିସହ ୯୮ ପର୍ସେଣ୍ଟାଇଲ ଉପରେ ୧୭ଜଣ ଛାତ୍ର, ୯୭ ପର୍ସେଣ୍ଟାଇଲ୍ ଉପରେ ୨୯ଜଣ ଓ ୯୫ ପର୍ସେଣ୍ଟାଇଲ୍ ଉପରେ ୩୫ଜଣ ଛାତ୍ରୀଛାତ୍ର ରହିଛନ୍ତି। ଏହି ପରିପ୍ରେକ୍ଷୀରେ ଓଡିଏମ୍ ଶିକ୍ଷା ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ, ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ସ୍ୱୟନ ସତ୍ୟେନ୍ଦୁ ଓ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଅଧ୍ୟକ୍ଷ ମୀନକେତନ ଛାତ୍ରୀଛାତ୍ରଙ୍କୁ ଜଣେ ଉତ୍ତମ ନାଗରିକ ହୋଇ ରାଷ୍ଟ୍ରନିର୍ମାଣରେ ଅବଦାନ ରଖିବାକୁ ଆହ୍ୱାନ ଦେବା ସହ ଆଗାମୀ ସିବିଏସ୍‌ଇ ପରୀକ୍ଷା, ଜେଇଇ ମେନ୍ ପର୍ଯ୍ୟାୟ–୩ ଏବଂ ଜେଇଇ ଆଡଭାନ୍ସଡ୍ ପାଇଁ ପୂର୍ଣ୍ଣ ସଫଳତା କାମନା କରିଥିଲେ।



ବରମୁଣ୍ଡାସ୍ଥିତ ଓଏଫ୍‌ଡିଆର୍‌ଏଠାରେ ଶନିବାର ଅଗ୍ନିଶମ ସେବା ସପ୍ତାହ ପାଳନ ଅବସରରେ ଆୟୋଜିତ ପରେଡରେ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ ଅଭିବାଦନ ଗ୍ରହଣ କରୁଛନ୍ତି।

## ମଣିପାଲ ହସ୍ପିଟାଲରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର




ଆଲୋଚନାଚକ୍ରରେ ଡା. ଶକ୍ତିମୟ ମହାପାତ୍ରଙ୍କ ସମେତ ଅନ୍ୟମାନେ।

ଭୁବନେଶ୍ୱର,୧୯।୪(ଅଭୟ ଦାଶ)

**ବିଶ୍ୱ ଲିଭର ଦିବସ**

ଭୁବନେଶ୍ୱର ମଣିପାଲ ହସ୍ପିଟାଲରେ ବିଶ୍ୱ ଲିଭର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ହସ୍ପିଟାଲ ପକ୍ଷରୁ ଏକ ମେଗା ସ୍ୱାସ୍ଥ୍ୟ ଶିବିର ୟୁନିଟ୍–୯ସ୍ଥିତ ମହାବୁଦ୍ଧ ସୋସାଇଟି ଅଫ୍ ଇଣ୍ଡିଆଠାରେ ଆୟୋଜନ କରାଯାଇଥିଲା। ସକାଳ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିଥିବା ଏହି ଶିବିରରେ ୨୫୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। ସେହିପରି ବିନା ମୂଲ୍ୟରେ ରୋଗୀମାନେ ବରିଷ୍ଠ ଚିକିତ୍ସକଙ୍କ ପରାମର୍ଶ ନେବା ସହିତ ଲିଭର ପରୀକ୍ଷା କରାଇଥିଲେ। ଏଥି ସହ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ରର ଆୟୋଜନ ମଧ୍ୟ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଡ. ରାଜାରାମ ଶତପଥୀ, ସମ୍ମାନୀତ ଅତିଥିଭାବେ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ମେଡିକାଲ ଡାଇରେକ୍ଟର ଡା. ଶକ୍ତିମୟ ମହାପାତ୍ରଙ୍କ ସମେତ ଡା. ପ୍ରତାପ ବେହେରା, ଡା. ଜ୍ଞାନରଞ୍ଜନ ରାଉତ, ଡା. ଜ୍ୟୋତିର୍ମୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ମଣିପାଲ ହସ୍ପିଟାଲର ମେଡିକାଲ ଡାଇରେକ୍ଟର ଡା. ଶକ୍ତିମୟ ମହାପାତ୍ର କହିଛନ୍ତି, ଏହି ଶିବିର ମାଧ୍ୟମରେ ଆମେ ସମୟୋପଯୋଗୀ ସଚେତନତା ଓ ନିଃଶୁଳ୍କ ବିଶେଷଜ୍ଞ ଚିକିତ୍ସା ଉପଲବ୍ଧ କରାଇବାକୁ ଚେଷ୍ଟା କରିଛୁ।

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା, ଜଣେ ଗିରଫ

ଭୁବନେଶ୍ୱର,୧୯।୪(ସୂର୍ଯ୍ୟକାନ୍ତ ବେହେରା)

ପୂର୍ବ ବିବାଦକୁ ନେଇ ଖଣ୍ଡଗିରି ଥାନା ଅନ୍ତର୍ଗତ ଗଣ୍ଡମୁଣ୍ଡା ଅଞ୍ଚଳରେ ରାସ୍ତା ଉପରେ ଛିଡ଼ା ହୋଇଥିବାବେଳେ କୁଲୁ ସ୍ୱାଇଁ ନାମକ ଯୁବକଙ୍କୁ ସଂଘବଦ୍ଧ ଭାବେ ମାଡ଼ ମରାଯିବା ସହ କାଚ ବୋତଲରେ ଆକ୍ରମଣ ହୋଇଥିଲା। ଗତ ମାର୍ଚ୍ଚରେ ଘଟିଥିବା ଏହି ଘଟଣାକୁ ନେଇ ଆହତ କୁଲୁଙ୍କ ବାପା ଖଣ୍ଡଗିରି ଥାନାରେ ଅଭିଯୋଗ କରିବାରୁ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଞ୍ଚଳର ଚିତ୍ତରଞ୍ଜନ ରଣସିଂ। ତାଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ଅଭିଯୁକ୍ତ ଚିତ୍ତରଞ୍ଜନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ଘଟଣାରେ ଫେରାର ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ୍ୟ ସମ୍ପୃକ୍ତ ଥାନାରେ ୪ଟି ଆପରାଧିକ ମାମଲା ରହିଥିବା ଜଣାପଡ଼ିଛି। ଅପରପକ୍ଷେ କୁଲୁଙ୍କ ଅବସ୍ଥା ଏବେ ବି ଗୁରୁତର ରହିଥିବାରୁ ଏକ ଘରୋଇ ହସ୍ପିଟାଲରେ ତାଙ୍କ ଚିକିତ୍ସା ଚାଲିଥିବା ପରିବାର ପକ୍ଷରୁ ସୂଚନା ମିଳିଛି।

## ୨୫ରୁ ଆର୍‌ସିଏମ୍‌ର ମେଗା ବି ଫେଷ୍ଟ 'ବ୍ରହ୍ମାସ୍ତ୍ର ୩.୦'

ଭୁବନେଶ୍ୱର,୧୯।୪(ଅଭୟ ଦାଶ)




ରିଜିଓନାଲ କଲେଜ ଅଫ୍ ମ୍ୟାନେଜ୍‌ମେଣ୍ଟ (ଆର୍‌ସିଏମ୍)ର ମେଗା ବି–ଫେଷ୍ଟ 'ବ୍ରହ୍ମାସ୍ତ୍ର ୩.୦' ଆସନ୍ତା ୨୫ ତାରିଖରୁ ଆରମ୍ଭ ହେବ। ଆରସିଏମ୍ ପକ୍ଷରୁ ଶନିବାର ଏକ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଛି। ଆରସିଏମ୍‌ର ନିର୍ଦ୍ଦେଶକ ଡ. ପ୍ରୀତମ ପାଲ୍, ଆରଜିବିଏସ୍‌ର ନିର୍ଦ୍ଦେଶିକା ଡ. ସଂଘମିତ୍ରା ପାଲ୍‌ଙ୍କ ସମେତ ଡ. ମନୋଜ କୁମାର ସତପଥୀ, ଡ. ଶ୍ରଦ୍ଧା ପାଢ଼ୀ, ପ୍ରଜ୍ଞା ଆନନ୍ଦ ମିଶ୍ର, ପ୍ରଫେସର ପ୍ରଜ୍ଞା ପାରମିତା ଦାସ, ଡ. ମୋନାଲିସା ମିଶ୍ର, ପ୍ରଫେସର ଶବନୁର ଖାତୁନ୍ ପ୍ରମୁଖ ଉପସ୍ଥିତ ରହି 'ବ୍ରହ୍ମାସ୍ତ୍ର ୩. ୦'ର ଆଭିମୁଖ୍ୟ ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ଚଳିତ ବର୍ଷ ଏହି ମେଗା–ଇଭେଣ୍ଟ ଅନେକ ଗୁଣରେ ବୃଦ୍ଧି କରାଯାଇଛି, ଯେଉଁଥିରେ ପରିଚାଳନା ଏବଂ ଆଇଟି ପ୍ରତିଯୋଗିତା, କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ, ଖାଦ୍ୟ ଫିଏଷ୍ଟା/ପ୍ରତିଯୋଗିତା ଏବଂ ଡ୍ରୋଣ, ଏକ ଅନନ୍ୟ ଅଧ୍ୟାପକ ନିବେଶ କାର୍ଯ୍ୟକଳାପ ଏବଂ ପ୍ରତିଯୋଗିତା ଭଳି ୩୭ଟି ଇଭେଣ୍ଟ ଅନ୍ତର୍ଭୁକ୍ତ ହୋଇଛି। ୫ ଦିନ ବ୍ୟାପୀ ଏହି ପ୍ରତିଯୋଗିତା ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

## ଜାତୀୟ କଳା ପ୍ରଦର୍ଶନୀରେ ୪ ଓଡ଼ିଆ ଶିଳ୍ପୀ ପୁରସ୍କୃତ

ଭୁବନେଶ୍ୱର, ୧୯।୪(ସୌମ୍ୟରଞ୍ଜନ ରାଉତ)

**ପଞ୍ଜାବରେ ଓଡ଼ିଶା କଳା, ସଂସ୍କୃତିର ଝଲକ**

ପଞ୍ଜାବ ଲଳିତକଳା ଏକାଡେମୀ ପକ୍ଷରୁ ଚଣ୍ଡିଗଡ଼ସ୍ଥିତ ଶୋଭା ସିଂ ଆର୍ଟ ଗ୍ୟାଲେରିରେ ଚାଲିଥିବା ଜାତୀୟ କଳା ପ୍ରଦର୍ଶନୀରେ ୪ ଜଣ ଓଡ଼ିଆ ଶିଳ୍ପୀଙ୍କ କଳାକୃତି ପ୍ରଶଂସିତ ହୋଇଛି। ଏଥିସହ ଏକାଡେମୀ ପକ୍ଷରୁ ଏହି ଶିଳ୍ପୀମାନଙ୍କୁ ପୁରସ୍କୃତ କରାଯାଇଛି। ସେମାନେ ହେଲେ ଧଉଳି ଚାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପଞ୍ଚାନନ ସାମଲ, ଜାତୀୟ ପୁରସ୍କାରପ୍ରାପ୍ତ ଭାସ୍କର୍ଯ୍ୟ ଶିଳ୍ପୀ ଚନ୍ଦନ କୁମାର ସାମଲ, ଜାତୀୟ ପୁରସ୍କାରପ୍ରାପ୍ତ ଭାସ୍କର୍ଯ୍ୟଶିଳ୍ପୀ ନରୋତ୍ତମ ଦାସ ଓ ରାଜ୍ୟ ପୁରସ୍କାରପ୍ରାପ୍ତ ଚିତ୍ରଶିଳ୍ପୀ ସୋଫିଆ ଜସ୍ମିନ। ଏହି ପ୍ରଦର୍ଶନୀରେ ଭାରତର ବିଭିନ୍ନ ରାଜ୍ୟରୁ ୧୫ଜଣ ଶିଳ୍ପୀଙ୍କ ୬୫ ଚିତ୍ରକଳା ଓ ୧୨ ଭାସ୍କର୍ଯ୍ୟକଳା ପ୍ରଦର୍ଶିତ ହୋଇଛି। ପଞ୍ଚାନନ ସାମଲଙ୍କ ୪ଟି ଏବ୍‌ଷ୍ଟ୍ରାକ ପେଣ୍ଟିଂରେ ସାଂପ୍ରତିକ ସମୟରେ ଆଧୁନିକତାର ନାଁରେ କିପରି ଆମେ ପ୍ରକୃତିକୁ ନଷ୍ଟ କରିଚାଲିଛୁ ତା'ର ଭୟାବହତା ପ୍ରଦର୍ଶିତ ହୋଇଛି। ଚନ୍ଦନ ସାମଲଙ୍କ ଦ୍ୱାରା ମୁଗୁନି ପଥର ଓ ମାର୍ବଲରେ ନିର୍ମିତ ସମସାମୟିକ ଭାସ୍କର୍ଯ୍ୟ କଳା ଦର୍ଶକଙ୍କୁ ବିମୋହିତ କରୁଛି। ଭାସ୍କର୍ଯ୍ୟଗୁଡ଼ିକରେ ଆଧୁନିକ ସମୟରେ ମଣିଷ କିପରି ଧୈର୍ଯ୍ୟହରା ହୋଇଯାଉଛି ଏବଂ ଖୁବ୍ କମ୍ ସମୟରେ କିପରି ସବୁକିଛି ହାସଲ କରିବାକୁ ବ୍ୟଗ୍ର ହେଉଛି, ତାହାକୁ ସେ ନିଛକ ଭାବେ ପ୍ରଦର୍ଶିତ କରିଛନ୍ତି। ଶିଳ୍ପୀ ନରୋତ୍ତମ ଦାସଙ୍କ ମିଲକ କାର୍ଟ ଓ ରାସକେଳି ଶୀର୍ଷକ ଦୁଇଟି ସେରାମିକ୍ସ ଭାସ୍କର୍ଯ୍ୟ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରୁଥିଲା। ଏହି ଭାସ୍କର୍ଯ୍ୟରେ ଓଡ଼ିଶାର ପରମ୍ପରା ଓ ଆଧୁନିକତାର ମିଶ୍ରଣ ଏକ ନୂତନ ସୌନ୍ଦର୍ଯ୍ୟବୋଧର ପ୍ରଦର୍ଶନ ଥିଲା। ସେହିପରି ଶୋଫିଆ ଜସ୍ମିନଙ୍କ ରୂପାନ୍ତରଣ ବିଷୟବସ୍ତୁ ଆଧାରିତ ୫ଟି ସମସାମୟିକ ଚିତ୍ରକଳା ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରୁଥିଲା। ତାଙ୍କ ଚିତ୍ରଗୁଡ଼ିକରେ ନିତ୍ୟ ବ୍ୟବହୃତ ଜିନିଷଗୁଡ଼ିକର ଅତି ବାସ୍ତବବାଦୀ ଚିତ୍ରଣ ଖୁବ୍ ପ୍ରଶଂସନୀୟ ହୋଇଥିଲା। ଏହି ପ୍ରଦର୍ଶନୀ ୨୨ ପର୍ଯ୍ୟନ୍ତ ଖୋଲାରହିବ।

**ଫଟୋରେ ଖବର**



ଭୁବନେଶ୍ୱର ବ୍ଲକ ଇଟିପୁର ପଞ୍ଚାୟତ ବିଜିପୁର ଗ୍ରାମରେ ବିଜେ ଶ୍ରୀ ଶ୍ରୀ ରାଧାମୋହନ ଦେବଙ୍କ ପ୍ରଥମ ପ୍ରତିଷ୍ଠା ବାର୍ଷିକ ଉତ୍ସବ ପାଇଁ କଳସ ଯାତ୍ରା।



ଭୁବନେଶ୍ୱର ଭିଏସ୍‌ଏସ୍ ନଗର ଦ୍ୱିତୀୟ ପୋଷ୍ଟାଲ କଲୋନୀ ନିକଟ ମା' ତାରିଣୀ ପୀଠରେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଛି।

**ବେଆଇନ ବାଲି ବୋଝେଇ ଟ୍ରକ୍ ଜବତ: ଡ୍ରାଇଭର ଗିରଫ**

ବାଲୁଗାଁ,(ସଂଗ୍ରାମ ପାଇକରାୟ): ବାଲୁଗାଁ ପୋଲିସ ଶନିବାର ଚଢ଼ାଉକରି ବେଆଇନ ଭାବେ ଚାଲାଣ ହେଉଥିବା ଏକ ବାଲିବୋଝେଇ ଟ୍ରକ୍ ଜବତ କରିବା ସହ ସମ୍ପୃକ୍ତ ଡ୍ରାଇଭରଙ୍କୁ ଗିରଫ କରିଛି। ସେ ହେଲେ ସରଳସିଂ ଗ୍ରାମର ସୁଶାନ୍ତ ବିଶ୍ୱାଳ। ଶନିବାର ସକାଳେ ଏକ ଟ୍ରକ୍(ନଂ. ଓଡି ୦୨ ଡବ୍ଲୁ ୦୧୮୯) ଯୋଗେ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ସମ୍ପର୍କରେ ପୋଲିସକୁ ଖବର ମିଳିଥିଲା। ପୋଲିସ ପିଛାକରି ଉକ୍ତ ଟ୍ରକ୍‌କୁ ବାଲୁଗାଁ କଲ୍ୟାଣମଣ୍ଡପ ଛକଠାରେ ଅଟକାଇ ତଲାସିବାରୁ ଡ୍ରାଇଭର କୌଣସି କାଗଜପତ୍ର ଦେଖାଇପାରି ନ ଥିଲେ। ଫଳରେ ପୋଲିସ ଉକ୍ତ ଟ୍ରକ୍‌କୁ ଜବତ କରିବା ସହ ଏ ସଂକ୍ରାନ୍ତରେ ଏକ ମାମଲା (ନଂ. ୧୧୭/୨୫) ରୁଜୁକରି ଡ୍ରାଇଭରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

## ସଂକ୍ଷେପରେ

### ପୂର୍ବଶତ୍ରୁତାରୁ ଛୁରାମାଡ଼

ଟାଙ୍ଗୀ,୧୯।୪(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ସୁନ୍ଦରପୁର ବଙ୍ଗାଳୀ କଲୋନୀରେ ଶନିବାର ପୂର୍ବଶତ୍ରୁତାରୁ ଜଣଙ୍କୁ ଛୁରାମାଡ଼ କରାଯାଇଛି। ସାନଭାଇକୁ ଅନ୍ୟ ସମ୍ପ୍ରଦାୟର ଜଣେ ଯୁବକ ଗାଳି କରୁଥିବାବେଳେ ବଡ଼ଭାଇ ବାରଣ କରିବାରୁ ତାଙ୍କୁ ଦୁର୍ବୃତ୍ତମାନେ ଛୁରାମାଡ଼ କରିଛନ୍ତି। ଆକ୍ରମଣର ଶିକାର ବ୍ୟକ୍ତି ହେଲେ ହେମନ୍ତ ମଣ୍ଡଳ (୪୦)। ହେମନ୍ତଙ୍କ ପେଟରେ ୪ଟି ସ୍ଥାନରେ ଛୁରାମାଡ଼ ହୋଇଛି। ଗୁରୁତର ଅବସ୍ଥାରେ ହେମନ୍ତଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରୁ ଦୁର୍ବୃତ୍ତ ଫେରାର ହୋଇଯାଇଥିବା ଜଣାପଡ଼ିଛି।

### ସ୍କୁଲ ଛାତ୍ର ନିଖୋଜ ନେଇ ଥାନାରେ ଅଭିଯୋଗ

ବାଲୁଗାଁ,୧୯।୪(ସଂଗ୍ରାମ ପାଇକରାୟ)

ବାଲୁଗାଁ ଅଶୋକନଗର ବଙ୍ଗୀୟ ବସ୍ତିରୁ ଜଣେ ୯ ବର୍ଷୀୟ ସ୍କୁଲ ଛାତ୍ର ନିଖୋଜ ହୋଇଯାଇଥିବା ନେଇ ପୋଲିସରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବଙ୍ଗୀୟ ବସ୍ତିରେ ରହୁଥିବା କାହ୍ନା ବିଶ୍ୱାସ(୯) ଚତୁର୍ଥ ଶ୍ରେଣୀରେ ପଢ଼ନ୍ତି। ତାଙ୍କ ମାତା ପିତା କୌଣସି କାରଣରୁ ଅନ୍ୟତ୍ର ରହୁଥିବାବେଳେ ସେ ଆଈ ପାଖରେ ରୁହନ୍ତି। ଗତ ୧୭ ତାରିଖରେ କାହ୍ନା ସବୁଦିନ ପରି ସକାଳୁ ସ୍କୁଲ ଯାଇ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ କାହ୍ନାଙ୍କ ସନ୍ଧାନ ନ ମିଳିବାରୁ ଆଈ ସବିତା ବିଶ୍ୱାସ ତାଙ୍କର ନିଖୋଜ ସମ୍ପର୍କରେ ଶନିବାର ବାଲୁଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୧୧୯/୨୫) ରୁଜୁକରି ଅନୁସନ୍ଧାନ ଜାରି ରଖିଛି।

### ବାଇକ୍ ଚାଳକଙ୍କୁ ଧକ୍କା ଦେଲା ବାର୍ହା

ବେଗୁନିଆ,୧୯।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଦଲକ ଗ୍ରାମର ଈଶ୍ୱର ବେହେରା ମଳିପଡ଼ାରୁ ବାଇକ ଯୋଗେ ଶୁକ୍ରବାର ରାତିରେ ଘରକୁ ଫେରୁଥିଲେ। ଏହି ସମୟରେ କେତେଗୁଡ଼ିଏ ବାର୍ହା ରାସ୍ତା ପାର୍ ହେଉଥିଲେ। ଏକ ବାର୍ହା ବେହେରାଙ୍କ ବାଇକ ସହିତ ଧକ୍କା ହୋଇଯିବାରୁ ସେ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ଫଳରେ ତାଙ୍କ ଡାହାଣ ହାତ ଭାଙ୍ଗିଯିବା ସହ ମୁଣ୍ଡରେ ଆଘାତ ଲାଗିଥିଲା। ଖବର ପାଇ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧାସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

### 'ଲୋକଙ୍କ ନିକଟରେ ପହଞ୍ଚିବ କଂଗ୍ରେସ'

କୃଷ୍ଣପ୍ରସାଦ,୧୯।୪(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବୁଦ୍ଧିବର ଗ୍ରାମପଞ୍ଚାୟତର ନଟା ଠାକୁରାଣୀଙ୍କ ପୀଠରେ କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୀପକ କୁମାର ଜେନା ସଭାପତିତ୍ୱ କରିଥିଲେ। କର୍ମୀମାନେ ନବାଠାରୁ ଏକ ଶୋଭାଯାତ୍ରାରେ ବାହାରି ନଟା ଠାକୁରାଣୀଙ୍କ ପୀଠରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ କଂଗ୍ରେସର ପୁରୀ ଜିଲା ପର୍ଯ୍ୟବେକ୍ଷକ ମନୋରଞ୍ଜନ ପଟନାୟକ ଯୋଗ ଦେଇଥିଲେ। କଂଗ୍ରେସ ଲୋକଙ୍କ ନିକଟରେ ପହଞ୍ଚିବ ଓ ବ୍ରହ୍ମଗିରି ବିକାଶର ବାଟ ଦେଖାଇବ ବୋଲି ସେ କହିଥିଲେ। କଂଗ୍ରେସ ତଳ ସ୍ତରରୁ ଲୋକଙ୍କ ନିକଟରେ ପହଞ୍ଚିବ। ଆଗାମୀ ଦିନରେ ଓଡ଼ିଶାରେ କଂଗ୍ରେସକୁ ସୁଦୃଢ଼ କରାଯିବ ବୋଲି ସଭାପତି କହିଥିଲେ।

### ରୋଶ୍‌ନି ଝୋଟଶିଳ୍ପ ଉତ୍ପାଦନ କେନ୍ଦ୍ର ପକ୍ଷରୁ ଜଳସେବା

ଖୋର୍ଦ୍ଧା,୧୯।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଟିପିସିଓଡିଏଲ୍ ଅନୁବନ୍ଧିତ ସଂସ୍ଥା ରୋଶନି ଝୋଟଶିଳ୍ପ ଉତ୍ପାଦନ କେନ୍ଦ୍ରର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଖୋର୍ଦ୍ଧା ଟିଏଲ୍‌ସି ରୋଡସ୍ଥିତ ବିଦ୍ୟୁତ କାର୍ଯ୍ୟାଳୟଠାରେ ଏକ ଜଳଛତ୍ର ସେବା ଆୟୋଜନ କରାଯାଇଛି। ଖୋର୍ଦ୍ଧା ବିଦ୍ୟୁତ ବିଭାଗ କାର୍ଯ୍ୟନିର୍ବାହୀ ଅଧିକାରୀ ପବିତ୍ର ମୋହନ ଜେନା, ପ୍ରଶିକ୍ଷଣ ସଂସ୍ଥାର ସମ୍ପାଦକ ସତ୍ୟନାରାୟଣ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଜଳସେବାର ଶୁଭାରମ୍ଭ କରିଥିଲେ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ଉତ୍ପାଦନ କେନ୍ଦ୍ରର ଗୋଷ୍ଠୀ ସହାୟକ ରଶ୍ମି ପଟ୍ଟନାୟକ ଓ ଶୁଭମ୍ ପୁରୋହିତ କହିଛନ୍ତି।

# ଜମିଲା ଐତିହାସିକ ୩୫ ମୌଜା ପଣାଯାତ୍ରା ମେଳଣ

କୃଷ୍ଣପ୍ରସାଦ, ୧୯।୪(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଐତିହାସିକ ୩୫ ମୌଜା ପଣାଯାତ୍ରା ମେଳଣ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ୩୫ ମୌଜା ପଣାଯାତ୍ରା ପରିଚାଳନା କମିଟି ତରଫରୁ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଚଳିତ ମାସ ୧୩ ତାରିଖରୁ ଠାକୁରମାନେ ପଡ଼ିଆରେ ବିରାଜମାନ କରିଥିଲେ। ଶନିବାର ସକାଳ ୬ଟାରେ ମହାମିଳନ ହୋଇଥିଲା। ପରେ ଠାକୁରମାନେ ନିଜ ନିଜ ଗମ୍ଭୀରାକୁ ପ୍ରସ୍ଥାନ କରିଥିଲେ। ତିତିପ ପଞ୍ଚାୟତ ଦେଉଳପଡ଼ାଠାରେ ପାରିକୁଦର ଆରାଧ୍ୟ ଦେବ ବାବା କମଳେଶ୍ୱରଙ୍କ ପୀଠରେ ୭୮ତମ ପଣାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅଞ୍ଚଳର ୧୭ ଠାକୁର ପୀଠାଧୀଶ କମଳେଶ୍ୱରଙ୍କ ନିମନ୍ତ୍ରଣ କ୍ରମେ ପାଟ ପଟୁଆରରେ ପଡ଼ିଆରେ ବିରାଜମାନ କରିଥିଲେ। ୫ ଦିନ ଧରି ଚାଲିଥିବା ଏହି ପଣାଯାତ୍ରା ମହୋତ୍ସବରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ମନୋରଞ୍ଜନ ଲାଗି ଖୋଲାମଞ୍ଚରେ ସୂର୍ଯ୍ୟମନ୍ଦିର ଓ ବିଶ୍ୱ ଦରବାର ଗଣନାଟ୍ୟ ୫ଦିନ ଯାତ୍ରା ପରିବେଷଣ କରିଥିଲେ। ଭାରତଲୀଳା, ସଂକୀର୍ତ୍ତନ, ସମରକଳା ପାଇକ ଆଖଡ଼ା ଲୋକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ପଣାଯାତ୍ରା ପଡ଼ିଆରେ ୭୦୦ରୁ ଅଧିକ ବ୍ୟବସାୟୀ ପସରା ମେଲାଇଥିଲେ।



ପଣାଯାତ୍ରାରେ ଯୋଗଦେଇଥିବା ଠାକୁରଙ୍କ ସମୂହ ମେଳଣ ପର୍ବ।

ଶନିବାର ସକାଳ ୬ଟାରେ କମିଟି ସଭାପତି ସୁରେନ୍ଦ୍ରନାଥ ମାଝୀ ଓ ସମ୍ପାଦକ ଦିଲ୍ଲୀପ କୁମାର ଦାଶଙ୍କ ନିର୍ଦ୍ଦେଶ କ୍ରମେ ପଣଯାତ୍ରା ମେଳଣ ମଣ୍ଡପରେ ହୋମ ଯଜ୍ଞ, ଘୃତାହୁତି ଦିଆଯାଇଥିଲା। ପରେ ୧୮ ଠାକୁରଙ୍କ ସେବାୟତ ଓ ନିଯୋଗୀମାନେ ବାଦ୍ୟ ଘଣ୍ଟଘଣ୍ଟା ନାଦରେ ଠାକୁରଙ୍କୁ ମେଳଣ ମଣ୍ଡପ ପରିକ୍ରମା କରାଇ ଅବିର ଖେଳ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁଙ୍କ ହରିବୋଲ ଓ ହୁଳହୁଳିରେ ପଣା ପଡ଼ିଆ ପ୍ରକମ୍ପିତ ହୋଇ ଉଠିଥିଲା। ଶେଷରେ ପଣାଯାତ୍ରା ପଡିଆକୁ ଆସିଥିବା ଠାକୁରମାନେ ପୀଠାଧୀଶ କମଳେଶ୍ୱରଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇ ପ୍ରସ୍ଥାନ କରିଥିଲେ। ୩୫ ମୌଜା କମିଟି ତରଫରୁ ସ୍ୱେଚ୍ଛାସେବୀ ସଂଗଠନ, ଭାଷ୍ୟକାର ଓ ବିମାନରେ ବିଜେ କରିଥିବା ଠାକୁରଙ୍କ ଟାହିଆ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତଯୋଗୀଙ୍କୁ ମାନପତ୍ର ସହ ଉପଢୌକନ ଦେଇ ପୁରସ୍କୃତ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବା ନିମନ୍ତେ କୃଷ୍ଣପ୍ରସାଦ ଥାନା ଆଇଆଇସି ଭାବଗ୍ରାହୀ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏସ୍ଆଇ ଚନ୍ଦ୍ରଶେଖର ନାୟକ ଏବଂ ଏସ୍ଆଇ ସୁଜିତ କୁମାର ସାହୁଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ରେଳଧାରଣାରୁ ମହିଳାଙ୍କ ମୃତଦେହ ଜବତ

## ଝିଅ ବାହାଘର ରାତିରେ ମୃତ୍ୟୁକୁ ନେଇ ଉଠିଲା ପ୍ରଶ୍ନ

ବାଲୁଗାଁ/ବାଣପୁର,୧୯।୪ (ସଂଗ୍ରାମ ପାଇକରାୟ/ଦିଲୀପ ସ୍ୱାଇଁ)

ଖୋର୍ଦ୍ଧାରୋଡ୍ ରେଳ ଡିଭିଜନ ଅନ୍ତର୍ଗତ ବାଲୁଗାଁ ଷ୍ଟେଶନର ଦକ୍ଷିଣ କ୍ୟାବିନ ନିକଟ ରେଳ ଧାରଣାରୁ ଶନିବାର ସକାଳେ ଜଣେ ମହିଳାଙ୍କ କ୍ଷତବିକ୍ଷତ ମୃତଦେହକୁ ଜିଆର୍‌ପି ଜବତ କରିଛି। ମୃତା ହେଲେ ବାଣପୁର ଥାନା ଅଧୀନ ମାଣିକପୁର ଗ୍ରାମର ବ୍ରଜବନ୍ଧୁ ସ୍ୱାଇଁଙ୍କ ସ୍ତ୍ରୀ କଲ୍ୟାଣୀ ସ୍ୱାଇଁ (୩୫)।

ସୂଚନା ଅନୁଯାୟୀ, ଶନିବାର ଭୋରରୁ ବାଲୁଗାଁ ଷ୍ଟେଶନର ୩ନଂ ପ୍ଲାଟଫର୍ମସ୍ଥିତ ଦକ୍ଷିଣ କ୍ୟାବିନ ନିକଟରେ ଜଣେ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। କଲ୍ୟାଣୀଙ୍କ ମୁଣ୍ଡ ଓ ବେକରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି। ଖବର ପାଇ ନିରାକାରପୁର ଜିଆର୍‌ପି ଅଧିକାରୀ ପରିକ୍ଷିତ ନାୟକ ପହଞ୍ଚି ତାହାକୁ ଜବତ କରିଥିଲେ। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ହେଁ ଶୁକ୍ରବାର ବିଳମ୍ବିତ ରାତ୍ରିରେ ବାଙ୍ଗାଲୋର-ଗୁଆହାଟୀ ଏକ୍ସପ୍ରେସ୍ ଟ୍ରେନ ଧକ୍କାରେ ମହିଳାଙ୍କ ମୃତ୍ୟୁ ଘଟିଥିବା ରେଲୱେ ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଜିଆର୍‌ପି ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୨୬/୨୫) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ଶୁକ୍ରବାର କଲ୍ୟାଣୀଙ୍କ ଝିଅର ବାହାଘର ହୋଇଥିବାବେଳେ ସେହିଦିନ ମଧ୍ୟରାତ୍ରିରେ ତାଙ୍କ ମୃତ୍ୟୁକୁ ନେଇ ଘଟଣା ରହସ୍ୟାବୃତ୍ତ ହୋଇପଡ଼ିଛି। ଶୁକ୍ରବାର ସକାଳେ କଲ୍ୟାଣୀ ଡାକ୍ତରଖାନାକୁ ଯାଉଥିବା କହି ଘରୁ ବାହାରିଥିଲେ। ତେବେ ସନ୍ଧ୍ୟାରେ ବରଯାତ୍ରୀ ଆସିଥିଲେ ମଧ୍ୟ ସେ ଆଉ ଘରକୁ ଫେରି ନ ଥିଲେ। କୌଣସିମତେ ବାହାଘର ସରିବା ପରେ ପରିବାର ପକ୍ଷରୁ କଲ୍ୟାଣୀଙ୍କୁ ଖୋଜାଖୋଜି କରାଯାଇଥିଲେ ମଧ୍ୟ ତାଙ୍କର ସନ୍ଧାନ ମିଳି ନ ଥିଲା। ଶନିବାର ସକାଳେ ଘଟଣା ପ୍ରଘଟ ହେବା ପରେ ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ତେବେ କଲ୍ୟାଣୀ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ଟ୍ରେନ୍ ଆଗକୁ କିଏ ଠେଲିଦେଇଛି, ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ପାଲଟିଛି।

# ବିଦ୍ୟାଳୟର ମାତାପିତା ଶିକ୍ଷକ ସଂଘ ବୈଠକ

ଟାଙ୍ଗୀ,୧୯।୪(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟରେ ମାତାପିତା ଶିକ୍ଷକ ସଂଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସୁନ୍ଦରପୁର ସରପଞ୍ଚ ସୁଜିତ ହାଲଦାର, ଅଙ୍ଗନୱାଡ଼ି କର୍ମୀ ରାଜେଶ୍ୱରୀ ହାଲଦାର, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ସୋନାଲି ମଣ୍ଡଳ, ସଭ୍ୟା ରୀତୁ ମଣ୍ଡଳ, ଶିକ୍ଷକ ବାଇଧର ବେହେରା, ସ୍ୱାଗତିକା ରାଜ, ମନୋରମା ସାହୁ ପ୍ରମୁଖ ଯୋଗଦେଇ ସମାପ୍ତି ସୂଚକ ଆକଳନ, ପିଏମ୍ ପୋଷଣ, ଗ୍ରୀଷ୍ମ ଅବକାଶକାଳୀନ ଗୃହକାର୍ଯ୍ୟ, ଅଂଶୁଘାତ ସଚେତନତା ଓ ସତର୍କତା, ଶୈକ୍ଷିକ କ୍ୟାଲେଣ୍ଡର, ମାଗଣା ପାଠ୍ୟପୁସ୍ତକ ବଣ୍ଟନ, ଅଧାରୁ ପାଠ ଛାଡୁଥିବା ପିଲା, ବିଦ୍ୟାଳୟରେ ନାମ ନ ଲେଖାଇଥିବା ପିଲାଙ୍କ ନାମ ଲେଖାଇବା ନିମନ୍ତେ ଅଭିଯାନ ଜାରିରଖିବା ନେଇ ଆଲୋଚନା କରିଥିଲେ। ବୈଠକରେ ଅଭିଭାବିକା ଅଭିଭାବକ, ପରିଚାଳନା କମିଟି ସଭ୍ୟାସଭ୍ୟ, ଶିକ୍ଷୟିତ୍ରୀଶିକ୍ଷକ, ଅଙ୍ଗନୱାଡ଼ିକର୍ମୀ, ଜନପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ରୁପାଲି ପାତ୍ର ଧନ୍ୟବାଦ ଦେଇଥିଲେ।

# ଖୋର୍ଦ୍ଧା ଇତିହାସ ସମ୍ପର୍କରେ ଆଲୋଚନା

ଖୋର୍ଦ୍ଧା,୧୯।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଚଳିତ ମାସ ୧୫ରୁ ଜିଲାସ୍ତରୀୟ ଓଡ଼ିଆ ସପ୍ତାହ ପାଳନ ଆରମ୍ଭ ହୋଇଥିବାବେଳେ ଏହା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହିଅବସରରେ ଓଡ଼ିଶାର ଇତିହାସ, ମହାପୁରୁଷଙ୍କ ବଳିଦାନ, ତ୍ୟାଗ, ଆଦର୍ଶ, ବୀରତ୍ୱ ସମ୍ବନ୍ଧରେ ଆଲୋଚନା କରାଯାଇ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ନିମନ୍ତେ ସମସ୍ତଙ୍କୁ ସଚେତନ କରାଯିବ। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଓଡ଼ିଆ ସପ୍ତାହ ପାଳନ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସହ ସମସ୍ତ ଜିଲାସ୍ତରୀୟ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀଙ୍କ ମଧ୍ୟରେ ଖୋର୍ଦ୍ଧାର

**ଜିଲାସ୍ତରୀୟ ଓଡ଼ିଆ ସପ୍ତାହ ପାଳିତ**

ଇତିହାସ, ଓଡ଼ିଶା ପ୍ରତି ଏହାର ଅବଦାନ ସମ୍ପର୍କିତ ଓଡ଼ିଆ ପ୍ରବନ୍ଧ, ପାଇକ ବିଦ୍ରୋହ ଓ ଭାରତର ସ୍ୱାଧୀନତା ସଂଗ୍ରାମରେ ଖୋର୍ଦ୍ଧାର ଅବଦାନ ବିଷୟ ଉପରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଅଧିକାରୀମାନେ ମୁଖ୍ୟତଃ ଅଂଶଗ୍ରହଣ କରିଥିବାବେଳେ ବରିଷ୍ଠ ଓ କନିଷ୍ଠ ରାଜସ୍ୱ ସହାୟକ, ସହାୟିକାମାନେ ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତାରେ ଭାଗନେଇଥିଲେ। ଜିଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ମୋହନ ଦାଶ, ଡେପୁଟି କଲେକ୍ଟର(ରାଜସ୍ୱ) ନିବେଦିତା ପରିଡ଼ା ବିଚାରକ ଭାବେ ଯୋଗଦେଇଥିଲେ। ଡେପୁଟି କଲେକ୍ଟର(ଜରୁରିକାଳୀନ) ଶ୍ରୀତପା ମିଶ୍ର, ଡେପୁଟି କଲେକ୍ଟର(ପ୍ରତିଷ୍ଠାନ) ଦେବବ୍ରତ କର, ଡେପୁଟି କଲେକ୍ଟର(ସୂଚନା ଅଧିକାର ଆଇନ) ଅନନ୍ୟା ସୃଷ୍ଟି ଶତପଥୀ, ଭୂଅର୍ଜନ ଅଧିକାରୀ କ୍ରିଷ୍ଣା କୁମାର ଜେନା, ଡେପୁଟି କଲେକ୍ଟର (ନିର୍ବାଚନ ଓ ନ୍ୟାୟିକ) ମନୋଜ କୁମାର ସେନାପତି, ଡେପୁଟି କଲେକ୍ଟର(ସାଧାରଣ ଓ ବିବିଧ) ଟୁଲି ଆମା, ଆସିଷ୍ଟାଣ୍ଟ କଲେକ୍ଟର ଅକ୍ଷୟ କୁମାର ଜେନା, ଆସିଷ୍ଟାଣ୍ଟ କଲେକ୍ଟର (ଅଭିଯୋଗ) ଭୁବନେଶ୍ୱରୀ କଅଁର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଏବଂ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସଙ୍କ ସମେତ ସବୁ ବର୍ଗର କର୍ମଚାରୀ ଯୋଗଦେଇଥିଲେ।

### ବାତ୍ୟା ଆଶ୍ରୟସ୍ଥଳୀ ତାଲା ଭାଙ୍ଗି ଚୋରି

ଟାଙ୍ଗୀ,୧୯।୪(ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅଧୀନ କୁଞ୍ଜୁରୀ ପଞ୍ଚାୟତର ଜୟମଙ୍ଗଳପୁର ଗ୍ରାମ ଉଚ୍ଚ ବିଦ୍ୟାଳୟ ପରିସରସ୍ଥ ବାତ୍ୟା ଆଶ୍ରୟସ୍ଥଳୀର ତାଲା ଭାଙ୍ଗି ଚୋରି ହୋଇଛି। ଏ ନେଇ ଥାନାରେ ଲିଖିତ ଅଭିଯୋଗ ମଧ୍ୟ କରାଯାଇଛି। ସୂଚନା ଅନୁଯାୟୀ, ଅଙ୍ଗନୱାଡି କର୍ମୀ ଶନିବାର ସକାଳେ ଆସି ବାତ୍ୟା ଆଶ୍ରୟସ୍ଥଳୀର ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ସେ ଚୋରି ହୋଇଥିବା ଜାଣିବା ପରେ ସ୍ଥାନୀୟ ସରପଞ୍ଚଙ୍କୁ ଅବଗତ କରାଇଥିଲେ। ସରପଞ୍ଚ ତୁରନ୍ତ ଏନେଇ ଟାଙ୍ଗୀ ଥାନାକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଅବକାରୀ ଚଢ଼ାଉ: ୨ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା),୧୯।୪(ରଘୁନାଥ ସାହୁ)

ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ଟାଙ୍ଗୀ ଥାନା ଅନ୍ତର୍ଗତ ଜରିପଡ଼ା ଓ ସୋରଣ ମାନସିଂପୁର ଗ୍ରାମରେ ଚଢ଼ାଉ କରାଯାଇ ଜରିପଡ଼ା ଦଧିବାମନପୁର ସାହିରୁ ଚୋରା ଭାଙ୍ଗ ବ୍ୟବସାୟୀ ବସନ୍ତ ସ୍ୱାଇଁଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୧୦ କେଜି ଭାଙ୍ଗ ଜବତ ଜବତ ହୋଇଛି। ସେହିପରି ଅବକାରୀ ବିଭାଗ ପକ୍ଷରୁ ସୋରଣ ମାନସିଂପୁର ଗୋପବନ୍ଧୁ ସାହିରେ ଚଢ଼ାଉ କରାଯାଇ ଚୋରା ମଦ ବେପାରୀ ମାଗୁଣି ବେହେରାଙ୍କୁ ଗିରଫ କରାଯିବା ସହ ୧୦୩ ଲିଟର ଚୋରା ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ବାଲୁଗାଁ ସହକାରୀ ଇନ୍ସପେକ୍ଟର ସୁଜିତ କୁମାର ମୁଦୁଲି ଏବଂ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ୍ ଏଏସ୍ଆଇ ସୁଜିତ କୁମାର ନାଗ ଚଢାଉର ନେତୃତ୍ୱ ନେଇଥିଲେ। ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।

# ଡା. ଅକ୍ଷୟ ପଲେଇଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

କୃଷ୍ଣପ୍ରସାଦ, ୧୯।୪(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ତିତିପ ପଞ୍ଚାୟତର ଚଢ଼େୟା ଠାରେ ବରିଷ୍ଠ ଚିକିତ୍ସକ ତଥା ସାମାଜିକ କର୍ମୀ ଡା. ଅକ୍ଷୟ କୁମାର ପଲେଇଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସ୍ମୃତି ଚାରଣ ସଭା ଏବଂ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଯାଇଛି। ଡା. ଅକ୍ଷୟ କୁମାର ପଲେଇ ସ୍ମୃତି କମିଟି ଆନୁକୂଲ୍ୟରେ ପାଉଁଶିଆ ଛକଠାରେ ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ଡା. ପଲେଇଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଥିଲା। ଏହି ଅବସରରେ ସ୍ମୃତି କମିଟି ସଭାପତି ନବୀନ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ସ୍ମୃତିଚାରଣ ସଭାର ଆୟୋଜନ ହୋଇଥିଲା। ପୁରୀ ଜିଲା ଭାଜପା ସଭାପତି ଡ. ଦେବେନ୍ଦ୍ର ନାଥ ତରେଇ, ୩୫ ମୌଜା ପରିଚାଳନା କମିଟି ସଭାପତି ସୁରେନ୍ଦ୍ରନାଥ ମାଝୀ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ଏମ୍‌ପିଙ୍କ ପ୍ରତିନିଧି ହରିହର ଦାଶ, ବ୍ଲକ ଆମ୍ବା କମିଟି ଅଧ୍ୟକ୍ଷ ସଞ୍ଜୟ କୁମାର ସେଠୀ, ଶିକ୍ଷାବିତ୍ କେଳୁଚରଣ ଜେନା, ଡ. ଅଭିମନ୍ୟୁ ଜେନା, ସମାଜସେବୀ ଦୀନବନ୍ଧୁ ଜେନା, ହେମନ୍ତ କୁମାର ଜେନା, କୃଷ୍ଣଚନ୍ଦ୍ର ଜେନା, ଦାମୋଦର ଜେନା, ମଣ୍ଡଳ ଭାଜପା ସଭାପତି ସଂଗ୍ରାମ କେଶରୀ ଜେନା, ସ୍ୱର୍ଗତ ପଲେଇଙ୍କ ଡାକ୍ତରୀ ଗୁରୁ ମନୋରଞ୍ଜନ ସାସମଲ, ଯୁବନେତା ପ୍ରଦୀପ କୁମାର ଜେନା, ଚଢ଼େୟା ଗ୍ରାମ୍ୟ କମିଟି ସଭାପତି ଭାଗିରଥି ପଲେଇ ପ୍ରମୁଖ ଅତିଥି ଭାବେ ଯୋଗଦେଇ ତାଙ୍କର ଜୀବନୀ ସମ୍ପର୍କରେ ଗୁଣଗାନ କରିଥିଲେ। ଏହି ଅବସରରେ ସ୍ମୃତି ଶ୍ରଦ୍ଧାଞ୍ଜଳି ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଶିକ୍ଷକ ଅକ୍ଷୟ କୁମାର ସାମନ୍ତସିଂହାର ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ସ୍ମୃତି କମିଟି ଉପସଭାପତି ସୁରେନ୍ଦ୍ର ତରେଇ, ସମ୍ପାଦକ ସହଦେବ ତରେଇ, ସହସମ୍ପାଦକ ବିଷ୍ଣୁ ଚରଣ ବେହେରା, କୋଷାଧ୍ୟକ୍ଷ ଭାଗିରଥି ଜେନା, ସ୍ମରଣିକା କମିଟି ସମ୍ପାଦକ ପ୍ରଧାନଶିକ୍ଷକ ସନାତନ ତରେଇ, ପ୍ରାକ୍ତନ ପ୍ରଧାନ ଶିକ୍ଷକ କାଶୀନାଥ ଜେନା, ଆଲୋକ କୁମାର ଖୁଣ୍ଟିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଜଟଣୀ ବ୍ଲକ୍ ଯାଁଳା ପଞ୍ଚାୟତର ମୁଣ୍ଡମୁହାଣ ଗ୍ରାମର ଶ୍ରୀଶ୍ରୀ ରଘୁନାଥଙ୍କ ପୀଠରେ ରଘୁନାଥ ନାଟ୍ୟ ପରିଷଦର କଳାକାରଙ୍କ ଦ୍ୱାରା ପରିବେଷିତ ଲକ୍ଷ୍ମଣ ଶକ୍ତିଭେଦ ଓ ମହୀରାବଣ ବଧ ନାଟକର ଏକ ଦୃଶ୍ୟ। (ଫଟୋ: ବୁଲା ବାରିକ)

# ଶିକ୍ଷାବର୍ଷର ପ୍ରଥମ ଅଭିଭାବକ ଶିକ୍ଷକ କମିଟି ବୈଠକ

ବାଣପୁର,୧୯।୪(ଦିଲ୍ଲୀପ କୁମାର ସ୍ୱାଇଁ)

ସ୍କୁଲ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶାନୁଯାୟୀ ସମଗ୍ର ଶିକ୍ଷା ଅଭିଯାନ ଯୋଜନା ଅନ୍ତର୍ଗତ ୨୦୨୫-୨୦୨୬ ଶିକ୍ଷା ବର୍ଷର ପ୍ରଥମ ଅଭିଭାବକ ଶିକ୍ଷକ କମିଟି ବୈଠକ ନାରୁଣୀ ଗୋଦାବରୀଶ ସରକାରୀ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ବସନ୍ତ ସରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଶିକ୍ଷା ପରିଚାଳନା କମିଟି ଅଧ୍ୟକ୍ଷ ପ୍ରଦୋଷ କୁମାର ଦାସ ଯୋଗଦେଇ ଏହାକୁ ଉଦଘାଟନ କରିବା ସହ ଶିକ୍ଷାନୁଷ୍ଠାନର ସମୃଦ୍ଧି ପାଇଁ ଉଭୟ ଶିକ୍ଷକ ଓ ଅଭିଭାବକ ମାତାପିତାଙ୍କ ଆତ୍ମିକ ଯୋଗଦାନ ପାଇଁ ଯତ୍ନଶୀଳ ହେବାକୁ ନିବେଦନ କରିଥିଲେ। ଏଥିରେ ଶିକ୍ଷକ ବାଣୀକାନ୍ତ ସାହୁ, ରାମଚନ୍ଦ୍ର ଦାଶ, ଶିକ୍ଷୟିତ୍ରୀ ସବିତା ଦେଈଙ୍କ ସହିତ ଶିକ୍ଷକ ପ୍ରତିନିଧି ରୂପେ ଅନିତା ଜେନା, ମିତାଲି ସେଠୀ, ଚୋନାଲିନ ମହାରଣା ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ୪ର୍ଥରୁ ୧୦ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୮ଶହରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀଙ୍କ ଅଭିଭାବକ ଯୋଗଦେଇଥିଲେ। ଏଥିରେ ପରୀକ୍ଷାଫଳ ଉପରେ ଆଧାରିତ ବିଶେଷ ସୂଚନା, ନବମ ଓ ଦଶମ ଶ୍ରେଣୀ ପାଇଁ ଲାଗୁ ହୋଇଥିବା ମଧ୍ୟାହ୍ନ ଭୋଜନ, ନୂତନ ଶିକ୍ଷା ନୀତି ସମେତ ଶିକ୍ଷାନୁଷ୍ଠାନର ଶୈକ୍ଷିକ ସମୃଦ୍ଧି ପାଇଁ ମାତାପିତାଙ୍କ ସମ୍ପୃକ୍ତି ନେଇ ଉଭୟ ପକ୍ଷରୁ ମତ ବିନିମୟ କରାଯାଇଥିଲା।

# ଅଭିଭାବକ-ଶିକ୍ଷକ ସମ୍ମିଳନୀ

ବାଘମାରୀ,୧୯।୪(ମିହିର ରଞ୍ଜନ ମହାପାତ୍ର)

ବାଘମାରୀ ରଘୁନାଥ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚଳିତବର୍ଷର ପ୍ରଥମ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକରୁ ୮୯୪୮ ମାତାପିତା ଯୋଗଦେଇ ଶିକ୍ଷଣ କାର୍ଯ୍ୟକ୍ରମ, ମୂଲ୍ୟାୟନ ଫଳାଫଳ, ଚଳିତବର୍ଷ ବିଭିନ୍ନ କାର୍ଯ୍ୟକ୍ରମର ସୂଚନା, ମଧ୍ୟାହ୍ନଭୋଜନ, ପାଠ୍ୟପୁସ୍ତକ ପ୍ରଦାନ, ଅନୁପସ୍ଥିତ ରହିଥିବା କିମ୍ବା ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କୁ ବିଦ୍ୟାଳୟମୁହାଁ କରାଇବା, ଅଂଶୁଘାତଜନିତ ସମସ୍ୟାରୁ ରକ୍ଷା ପାଇବାର ଉପାୟ, ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଉନ୍ନତି ଏବଂ ବିଦ୍ୟାଳୟ ଭିତ୍ତିଭୂମିର ବିକାଶ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମର ତଦାରଖ ନିମନ୍ତେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ. ପ୍ରଜ୍ଞା ପାରମିତା ଜେନା ବେଗୁନିଆ ବ୍ଲକ ଗସ୍ତରେ ଆସି ସାରୁଅ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ବାଘମାରୀସ୍ଥିତ ରଘୁନାଥ ଦେବ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମାତାପିତା ସମ୍ମିଳନୀରେ ଯୋଗଦେଇଥିଲେ। ବିଦ୍ୟାଳୟଗୁଡ଼ିକର ଶିକ୍ଷଣ କାର୍ଯ୍ୟକ୍ରମ ଉପରେ ସେ ନିଜ ସନ୍ତୋଷ ପ୍ରକାଶ କରିଥିଲେ। ଏହି ଅବସରରେ ରଘୁନାଥ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଗତ ଆଠବର୍ଷ ଧରି ଗଢ଼ାଯାଇପାରୁ ନ ଥିବା ବିଦ୍ୟାଳୟ ପରିଚାଳନା କମିଟି ଗଠନ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପଟ୍ଟନାୟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କାଙ୍କ ଉଦ୍ୟମ ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପ୍ରେରଣା ଯୋଗୁ ପରିଚାଳନା କମିଟି ନିମନ୍ତେ ସରକାରୀ ମାର୍ଗଦର୍ଶିକା ଅନୁଯାୟୀ ବିଦ୍ୟାଳୟ ପରିଚାଳନା କମିଟି ଗଠନ ହୋଇପାରିଛି। ଉକ୍ତ କାର୍ଯ୍ୟକ୍ରମକୁ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ରଞ୍ଜନ କୁମାର ସିଂହ ପରିଚାଳନା କରିଥିଲେ।

# 'ନୂତନ ଶିକ୍ଷାନୀତି ଶିକ୍ଷାକ୍ଷେତ୍ରରେ ନୂତନତ୍ୱ ଆଣିବ'

## ଡିଆଇଇଟିରେ ଆଲୋଚନାଚକ୍ର

ଖୋର୍ଦ୍ଧା,୧୯।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି) ପକ୍ଷରୁ 'ଅଭିନବ ଓ ଅଭିନିବେଶ ଶିକ୍ଷା ବିଜ୍ଞାନ' ଶୀର୍ଷକ ଆଲୋଚନାଚକ୍ର ଦୁଇଦିନ ଧରି ଅନୁଷ୍ଠାନର ଅଧ୍ୟକ୍ଷ ଡ. ତାପସ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଯୋଗଦେଇ ୨୦୨୦ ଶିକ୍ଷାନୀତି ଆଧାରରେ ଶିକ୍ଷା ବ୍ୟବସ୍ଥା ଓ ଶ୍ରେଣୀ କାର୍ଯ୍ୟ ପରିଚାଳନା ଉପରେ ଆଲୋକପାତ କରିଥିଲେ। ନୂତନ ଶିକ୍ଷାନୀତି ଶିକ୍ଷାକ୍ଷେତ୍ରରେ ନୂତନତ୍ୱ ଆଣିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

ଭାବେ ପୂର୍ବତନ ଅଧ୍ୟକ୍ଷ ହୃଦାନନ୍ଦ ମହାପାତ୍ର ଏବଂ ଅତିରିକ୍ତ ଶିକ୍ଷା ଅଧିକାରିଣୀ ଡ. ପ୍ରଜ୍ଞା ପାରମିତା ଜେନା ଯୋଗଦେଇ ଆଲୋଚନାଚକ୍ରର ଆଭିମୁଖ୍ୟ ଓ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ୬୦ ଜଣ ଶିକ୍ଷକ ଯୋଗଦେଇଥିଲେ। ୧୮ ଜଣ ଶିକ୍ଷକ ବିଭିନ୍ନ ଶୈକ୍ଷିକ ଅଧିବେଶନରେ ନିଜର ପ୍ରସ୍ତୁତି ଗବେଷଣାଉପଲବ୍ଧ ଧାରଣା ଉପସ୍ଥାପନ କରିଥିଲେ। ଏହି ଅନୁଷ୍ଠାନର ଅଧ୍ୟକ୍ଷ ନାୟକ ସାମ୍ପ୍ରତିକ କ୍ଷେତ୍ରରେ ଅଭିନବ ଏବଂ ଅଭିନିବେଶ ଶିକ୍ଷା ବିଜ୍ଞାନର ଦିଗ ସମ୍ପର୍କରେ ଆଲୋଚନା କରିବା ସହ ଜିଲାରେ ଶିକ୍ଷା ରୂପାନ୍ତରଣରେ ଏହା ସହାୟକ ହେବ ବୋଲି ମତ ଦେଇଥିଲେ। ସାଧନ କର୍ମୀ ଭାବେ ଡ. ମୀନାକ୍ଷୀ ପଣ୍ଡା, ଡ. ସ୍ୱର୍ଣ୍ଣଲତା ପଣ୍ଡା, ଉତ୍କଳ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ଗୌତମ କୁମାର, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଡ. ଶ୍ରବଣ କୁମାର ରଥ, ବଲାଙ୍ଗୀର ଡିଆଇଇଟି ଅଧ୍ୟକ୍ଷ ଜୟପ୍ରକାଶ ଦାସ, ପୂର୍ବତନ ଅଧ୍ୟକ୍ଷ ଡ. ପୀତବାସ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ପ୍ରଶିକ୍ଷକ ମୋନାଲିସା ପଣ୍ଡା, ସୌମ୍ୟା ଦାସ, ମୌସୁମୀ ମହାନ୍ତି ଏବଂ ଅନ୍ୟ ସମସ୍ତ ପ୍ରଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଦର୍ଶ ଶିକ୍ଷକଙ୍କ ପରଲୋକ

କୋଣାର୍କ,(ଜ୍ୟୋତିରାଜ ମହାନ୍ତି)- କୋଣାର୍କ ତଥା ଗୋପ ଅଞ୍ଚଳର ଆଦର୍ଶ ଶିକ୍ଷକ ଧନେଶ୍ୱର ନାୟକ (୬୫)ଙ୍କ ଶୁକ୍ରବାର ସନ୍ଧ୍ୟାରେ ପରଲୋକ ଘଟିଛି। ଫୁସଫୁସ ସଂକ୍ରମଣଜନିତ ରୋଗରେ ପୀଡ଼ିତ ହୋଇ ସେ ଗତ ୧୫ରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରୁ ଡିସ୍‌ଚାର୍ଜ ହୋଇ ଶୁକ୍ରବାର ଘରକୁ ଫେରିଥିଲେ। ତେବେ ହଠାତ୍ ହୃଦ୍‌ଘାତ ହେବାରୁ ତାଙ୍କୁ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପତ୍ନୀ ତଥା ଶିକ୍ଷୟିତ୍ରୀ କାଜଲାଲା ପରିଡ଼ା, ପୁତ୍ର ବାଚସ୍ପତିଙ୍କ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ମୃତଦେହକୁ ଗୋପ ଥାନା ଅନ୍ତର୍ଗତ ଦୋହଡ଼ା ଗ୍ରାମକୁ ନିଆଯାଇଥିଲା। ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏକମାତ୍ର ପୁତ୍ର ବାଚସ୍ପତି ନାୟକ ମୁଖାଗ୍ନି ଦେଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୯।୪।୨୦୨୫

| | |
|---|---|
| ୬,୯୬,୪୫୩ ଟଙ୍କା | |
| ସୁନା | ୧୨୨ ଗ୍ରାମ୍ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ଅଭିଭାବକ, ଶିକ୍ଷକ ବୈଠକ

ପିପିଲି,୧୯।୪(ଦୁର୍ଗାମାଧବ ମିଶ୍ର)

ସରକାରଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଚଳିତ ଶିକ୍ଷାବର୍ଷର ପ୍ରଥମ ଅଭିଭାବକ ଓ ଶିକ୍ଷକ ବୈଠକ ଗୋବିନ୍ଦପୁର ନୋଡାଲ ୟୁପି ସ୍କୁଲ୍‌ରେ ବରିଷ୍ଠ ସହକାରୀ ଶିକ୍ଷକ ଚିନ୍ତାମଣି ଓଝାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦ୍ୱିତୀୟ ସମାପ୍ତି ଆକଳନର ଫଳାଫଳ, ୨୦୨୫-୨୬ ଶିକ୍ଷାବର୍ଷର ଶୈକ୍ଷିକ କ୍ୟାଲେଣ୍ଡର, ମାଗଣା ପାଠ୍ୟ ପୁସ୍ତକ ଯୋଗାଣ, ଗ୍ରୀଷ୍ମ ଅବକାଶରେ ଗୃହକାର୍ଯ୍ୟ ପ୍ରଦାନ, ଅଂଶୁଘାତ ପ୍ରତି ସାବଧାନ ଆଦି ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଉମେଶ ଚନ୍ଦ୍ର ନାୟକ, ସଞ୍ଜିବ ରଥ, ସସ୍ମିତା ମିଶ୍ର, ବେବିରାଣୀ ବେହେରା, ବାସନ୍ତୀ ତ୍ରିପାଠୀ, ସୁନାମଣୀ ଦେଇ, ମୋନାଲିସା ରାଉତ, ପିଙ୍କି ମିଶ୍ର, ତେଜସ୍ୱିନୀ ଦାସ ପ୍ରମୁଖ ସହଯୋଗ କରିଥିଲେ।

### ଯୁବ ଖେଳାଳିଙ୍କୁ ସହଯୋଗର ହାତ ବଢ଼ାଇଲେ ପୁରୀ ଏମ୍‌ପି

ପୁରୀ,୧୯।୪(ଅଜିତ୍ କୁମାର ମହାନ୍ତି)

ଜାତୀୟ ବକ୍ସିଂ ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରୁଥିବା ଚନ୍ଦନ ଥାପାଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ସହାୟତାର ହାତ ବଢ଼ାଇଛନ୍ତି। ଚଳିତ ବର୍ଷ ଜାତୀୟ ବକ୍ସିଂ ପ୍ରତିଯୋଗିତା ଉତ୍ତରପ୍ରଦେଶର ଗ୍ରେଟର ନୋଇଡ଼ା ଠାରେ ଅନୁଷ୍ଠିତ ହେବ। ଉକ୍ତ ପ୍ରତିଯୋଗିତା ପାଇଁ ଟ୍ରେନ୍ ଯୋଗେ ଥାପା ଉତ୍ତରପ୍ରଦେଶ ଯିବାର ଥିଲା। ଶୁକ୍ରବାର ପ୍ରବଳ ବର୍ଷା ଯୋଗୁ ଚନ୍ଦନ ଟ୍ରେନ୍‌ରେ ଯାଇପାରି ନ ଥିଲେ। ଫଳରେ ଥାପା ଭାଗନେବା ଉପରେ ଆଶଙ୍କା ଦେଖାଦେଇଥିଲା। ଅପରପକ୍ଷରେ ରବିବାର ସକାଳେ ପ୍ରତିଯୋଗିତା ହେବାକୁ ଥିବାରୁ ଉଡ଼ାଜାହାଜରେ ଯିବା ତାଙ୍କର ଏକମାତ୍ର ବିକଳ୍ପ ଥିଲା। ହେଲେ ଚନ୍ଦନଙ୍କ ବାପା ଏକ ବିଦ୍ୟାଳୟରେ ପିଅନ୍ ଭାବେ କାମ କରୁଥିବା ବେଳେ ମା' ଦିନ ମଜୁରିଆ କାମ କରନ୍ତି। ଉଡ଼ାଜାହାଜ ଟିକେଟ କାଟି ଯାତ୍ରା କରିବା ତାଙ୍କ ପକ୍ଷେ ଅସମ୍ଭବ ଥିଲା। ଚନ୍ଦନ ଜାତୀୟ ପ୍ରତଯୋଗିତାରେ ଭାଗ ନେଇ ଓଡ଼ିଶା ତଥା ପୁରୀର ନାଁ ରଖିବାକୁ ଦେଖିଥିବା ସ୍ୱପ୍ନ ପୂରା କରିପାରିବେନି ବୋଲି ଭାଙ୍ଗି ପଡ଼ିଥିଲେ। ଏପରି ଖବର ପ୍ରସାର ହେବା ପରେ ଥାପାଙ୍କୁ ସାହାର୍ଯ୍ୟ ପାଇଁ ବିଭିନ୍ନ ମହଲରେ ସାମାଜିକ ଗଣମାଧମରେ ପ୍ରକାଶ ପାଇଥିଲା। ଏହିଖବର ଏମ୍‌ପି ସମ୍ବିତ ପାତ୍ରଙ୍କ ନିକଟରେ ପହଞ୍ଚିବା କ୍ଷଣି ସେ ତତ୍‌କ୍ଷଣାତ ସହଯୋଗର ହାତ ବଢ଼ାଇଥିଲେ। ଉତ୍ତରପ୍ରଦେଶ ଯିବା ପାଇଁ ଉଡ଼ାଜାହାଜ ଟିକେଟ ଚନ୍ଦନଙ୍କ ନିକଟକୁ ପଠାଇଥିଲେ। ଶନିବାର ସନ୍ଧ୍ୟାରେ ସେ ଭୁବନେଶ୍ୱରରୁ ବିମାନ ଯୋଗେ ଉତ୍ତରପ୍ରଦେଶ ଯାଇଛନ୍ତି। ପୁରୀର ଯୁବ ସାମାଜିକ କର୍ମୀ ଆଦିତ୍ୟ ନାରାୟଣ ବାରିକ ମଧ୍ୟ ଚନ୍ଦନଙ୍କ ସ୍ଥିତି ଜାଣି ତାଙ୍କୁ କିଛି ଆର୍ଥିକ ସହଯୋଗ ପ୍ରଦାନ କରିଥିବା ନେଇ ସୂଚନା ମିଳିଛି।

### ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରୁ ବାଇକ୍ ଚୋରି

ସାକ୍ଷୀଗୋପାଳ,୧୯।୪(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରୁ ଶନିବାର ରାତି ୧୦ଟାରେ ଏକ ବାଇକ୍ ଚୋରି ହୋଇଥିବା ଜଣାପଡ଼ିଛି। ବାଇକ ଚାଳକ ଶଙ୍କର୍ଷଣ ପଣ୍ଡା ଏ ନେଇ ସାକ୍ଷୀଗୋପାଳ ମନ୍ଦିର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ବାଇକ ଚାଳକ ପଣ୍ଡା ବଳଙ୍ଗାରୁ ସାକ୍ଷୀଗୋପାଳ ମନ୍ଦିର ଦର୍ଶନ ପାଇଁ ନିୟମିତ ଆସିଥାନ୍ତି। ମନ୍ଦିର ସମ୍ମୁଖରେ ବାଇକ ରଖି ଠାକୁରଙ୍କ ଦର୍ଶନ ସାରି ଫେରି ଦେଖିବା ସମୟରେ ବାଇକ୍‌ଟି ପାଇ ନ ଥିଲେ। ଦୀର୍ଘ ସମୟ ଖୋଜାଖୋଜି ପରେ ସେ ସାକ୍ଷୀଗୋପାଳ ମନ୍ଦିର ଫାଣ୍ଡିରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା କହିଛନ୍ତି, ମନ୍ଦିର ସିସିଟିଭି ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଉନ୍ନୟନମୂଳକ ଯୋଜନାର ସମୀକ୍ଷା କଲେ ରାଜ୍ୟପାଳ

ପୁରୀ,୧୯।୪(ଅଜିତ୍ କୁମାର ମହାନ୍ତି)



ସମୀକ୍ଷା ବୈଠକରେ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କ ସମେତ ଅନ୍ୟ ଅଧିକାରୀମାନେ ।

ପୁରୀ ସ୍ୱତନ୍ତ୍ର ସର୍କିଟ ହାଉସ୍‌ଠାରେ ଶନିବାର ପୂର୍ବାହ୍ନରେ ପୁରୀ ଜିଲାର ସ୍ଥିତି ଓ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯାଇଥିବା ସମସ୍ତ ଯୋଜନା କାର୍ଯ୍ୟର ସମୀକ୍ଷା କରିଛନ୍ତି। କେନ୍ଦ୍ର ସରକାରଙ୍କ ପ୍ରତ୍ୟେକ ସାମାଜିକ ସୁରକ୍ଷା ଯୋଜନା କିପରି ଲୋକଙ୍କ ନିକଟରେ ପହଞ୍ଚିପାରିବ ସେନେଇ ଜଲାପାଳଙ୍କ ସହ ଆଲୋଚନା କରିଛନ୍ତି। କେନ୍ଦ୍ରୀୟ ମୁଦ୍ରା ଯୋଜନାରେ ବିଭିନ୍ନ ବ୍ୟାଙ୍କ ଋଣ ପ୍ରଦାନ କରୁଛନ୍ତି କି ନାହିଁ, ତାହା ବିଭିନ୍ନ ବ୍ୟାଙ୍କ ଅଧିକାରୀଙ୍କ ସହ କଥା ହୋଇଛନ୍ତି। ସରକାରଙ୍କ ଯୋଜନା କିପରି ବାଟବଣା ନ ହେବ ଓ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ କିପରି ଯୋଜନାସବୁ ପହଞ୍ଚିବ, ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ଜିଲାରେ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇ କାର୍ଯ୍ୟ କରାଯିବାକୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଜିଲାରେ ହୃଦ୍‌ରୋଗ ବିଭାଗ କିପରି ଖୋଲାଯାଇ ନିରାକରଣ କରାଯିବ ତା' ଉପରେ ଆଲୋଚନା କରାଯାଇଛି।

ସରକାର ଓ ପ୍ରଶାସନ ସାଧାରଣ ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ ସହ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ଯୋଗ୍ୟତା ଅନୁସାରେ ସେମାନଙ୍କୁ ସାମିଲ କରିବା ଉଚିତ୍ ବୋଲି ରାଜ୍ୟପାଳ କହିଥିଲେ। ପିଏମ୍ ସୂର୍ଯ୍ୟଘର ଯୋଜନା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ସହ ସମସ୍ତ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଏହାର ଉପଯୋଗ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପୁରୀ ଏମ୍‌ପି ଡ. ସମ୍ବିତ୍ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ(ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲାପାଳ ରାଜକିଶୋର ଜେନା, ଯୋଜନା ଓ ପର୍ଯ୍ୟାଲୋଚନା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଧର ସେଠୀଙ୍କ ସମେତ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଆଇନଶୃଙ୍ଖଳା, ଜଙ୍ଗଲ ବିଭାଗ, ଚିଲିକା ଉନ୍ନୟନ, ମତ୍ସ୍ୟସମ୍ପଦ, ପ୍ରାଣୀସମ୍ପଦ, ବିଦ୍ୟୁତ୍, ପର୍ଯ୍ୟଟନ, କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ଗ୍ରାମ୍ୟ ଜଳଯୋଗାଣ, ଜଳସମ୍ପଦ ଇତ୍ୟାଦି ବିଭାଗ ସମ୍ପର୍କରେ ରାଜ୍ୟପାଳ ସମୀକ୍ଷା କରିବା ସହ ପରାମର୍ଶମାନ ଦେଇଥିଲେ। ଶେଷରେ ଜିଲାପାଳ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ହିତାଧିକାରୀଙ୍କ ଗୃହ ପରିଦର୍ଶନ କଲେ ରାଜ୍ୟପାଳ

ପୁରୀ,୧୯।୪(ଅଜିତ୍ କୁମାର ମହାନ୍ତି)

ରାଜ୍ୟପାଳ ଜିଲାର ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ସମୀକ୍ଷା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କ ଗୃହ ପରିଦର୍ଶନ କରିଛନ୍ତି। ରାଜ୍ୟପାଳ ପ୍ରଥମେ ବୀରହରେକୃଷ୍ଣପୁର ଗ୍ରାମ ଗସ୍ତ କରି ହିତାଧିକାରୀ ସରୋଜିନୀ ନାୟକ ଓ ସୀତା ପଣ୍ଡାଙ୍କ ଗୃହ ପରିଦର୍ଶନ ସହ ସେମାନଙ୍କ ସହ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରାଞ୍ଚଳର ସୁଭାଷ ବୋଷ ଛକସ୍ଥିତ ବୈଷ୍ଣବୀଦେବୀ କଲୋନୀର ରେଣୁବାଳା ପଣ୍ଡା ଓ ରାଧାମଣୀ ଦେବନାଥଙ୍କ ଗୃହ ପରିଦର୍ଶନ ସହ ସେମାନଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ସଦର ବିଡିଓ ସମ୍ବିତ କୁମାର ଶତପଥୀ, ଗ୍ରାମୀଣ ଆବାସର ପ୍ରୋଜେକ୍ଟ ମ୍ୟାନେଜର ରୋଜାଲିନ ପଣ୍ଡା, ଓରମାସ ସିଇଓ ଭକ୍ତିଲତା ପଟ୍ଟନାୟକ, ପୁରୀ ପୌରାଞ୍ଚଳ ନିର୍ବାହୀ ଯନ୍ତ୍ରୀ ଦେବବ୍ରତ ଷଡ଼ଙ୍ଗୀ, ସିଇଓ ରେସମା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଅନ୍ଧାରରେ ଘର ବୁଲିଲେ

ପୁରୀରେ ଶନିବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ରାଜ୍ୟପାଳ ସମୀକ୍ଷା କରୁଥିବା ବେଳେ ପାୱାର କଟ୍ ହୋଇଥିଲା। ବିଦ୍ୟୁତ୍ ବିଭାଗର ଏପରି ଦାୟିତ୍ୱହୀନ କାର୍ଯ୍ୟକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ସୂଚନାଯୋଗ୍ୟ ରାଜ୍ୟପାଳ ଶନିବାର ସର୍କିଟ ହାଉସ୍ ଠାରେ ଜିଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ସେହିଭଳି ସନ୍ଧ୍ୟାରେ ଭିଆଇପି ରୋଡ୍‌ସ୍ଥିତ ବୈଷ୍ଣବୀ ମନ୍ଦିର ଗଳିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ଘର ବୁଲିବାକୁ ଯାଇଥିବା ବେଳେ ଉକ୍ତ ଅଞ୍ଚଳରେ ପାୱାର କଟ୍ ହୋଇଥିଲା। ଫଳରେ ରାଜ୍ୟପାଳ ଅନ୍ଧାରରେ ବୁଲି ସମୀକ୍ଷା କରିଥିଲେ। ପ୍ରାୟ ୪୦ ମିନିଟ୍‌ରୁ ଅଧିକ ସମୟ ଧରି ରାଜ୍ୟପାଳ ସେହି ଅଞ୍ଚଳରେ ରହିଥିଲେ। ଯାହାକୁ ନେଇ ବିଦ୍ୟୁତ୍ ବିଭାଗର କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ସମୟରେ ରାଜ୍ୟପାଳଙ୍କ ସହ ଜିଲାର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିବାବେଳେ ଏପରି ଦାୟିତ୍ୱହୀନ କାର୍ଯ୍ୟ ପାଇଁ ସମ୍ପୃକ୍ତି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି କରାଯାଇଛି।

# କାଜୁ ତୋଳାକୁ ନେଇ ୨ଗାଁ ମଧ୍ୟରେ ଗୋଷ୍ଠୀ ସଂଘର୍ଷ





ଆହତମାନେ ଚିକିତ୍ସିତ ହେଉଛନ୍ତି ।

କାକଟପୁର/ଅସ୍ତରଙ୍ଗ,୧୯।୨(ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

### ୨୫ ଆହତ, ୩ ଗୁରୁତର

କାଜୁ ଜଙ୍ଗଲରୁ କାଜୁ ତୋଳିବା ନେଇ ଶନିବାର ୨ଗାଁ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଛି। ଏଥିରେ ଉଭୟ ଗାଁର ୨୮ ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ବାଲିଙ୍ଗିଆ ଗ୍ରାମର ଦେବୀନଦୀ ଅପରପାର୍ଶ୍ୱ ସୁନେଇଡିଆ ନାମକ ସ୍ଥାନରେ ଦୀର୍ଘବର୍ଷ ହେବ କାଜୁ ଜଙ୍ଗଲ ସୃଷ୍ଟି ହୋଇଛି। ସୁନେଇଡିଆରେ ବାଲିଙ୍ଗିଆ ଗ୍ରାମବାସୀ ଓ ତରାସାହି ଗ୍ରାମବାସୀ କାଜୁ ବୃକ୍ଷ ରୋପଣ କରିଥିଲେ। ୨ବର୍ଷ ତଳେ କାଜୁ ଜଙ୍ଗଲ ସମସ୍ୟାକୁ ନେଇ ଦୁଇ ଗ୍ରାମ ମଧ୍ୟରେ ବିବାଦ ହୋଇଥିଲା। ପୁନର୍ବାର ଶନିବାର ସକାଳୁ ଅସ୍ତରଙ୍ଗ ବ୍ଲକ ବାଲିଙ୍ଗିଆ ଗ୍ରାମର କେତେଜଣ ବ୍ୟକ୍ତି ଦେବୀନଦୀର ଅପରପାର୍ଶ୍ୱ ସୁନେଇଡିଆକୁ କାଜୁ ତୋଳିବାକୁ ଯାଇଥିବାବେଳେ ଜଗତ୍‌ସିଂହପୁର ଜିଲା ତରାସାହି ଗ୍ରାମର ଲୋକେ ମଧ୍ୟ ସେଠାକୁ କାଜୁ ତୋଳିବାକୁ ଆସିଥିଲେ। ଉଭୟଙ୍କ ମଧ୍ୟରେ କାଜୁ ତୋଳାକୁ ନେଇ ବଚସା ଆରମ୍ଭ ହୋଇ ଉଗ୍ରରୂପ ନେଇଥିଲା। ଉଭୟ ଗ୍ରାମର ଲୋକଙ୍କ ମଧ୍ୟରେ ପାଟିତୁଣ୍ଡ ସହ ଇଟା ମରାମରି, ମାରଣାସ୍ତ୍ରରେ ପରସ୍ପରକୁ ଆକ୍ରମଣ କରିଥିଲେ। ଫଳରେ ବାଲିଙ୍ଗିଆ ଗ୍ରାମର ୧୭ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ୩ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି। ତରାସାହି ଗ୍ରାମର ୧୧ଜଣ ବ୍ୟକ୍ତି ଆହତ ହୋଇଥିବାବେଳେ ଜଣେ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥାନାନ୍ତର ହୋଇଛନ୍ତି। ଖବରପାଇ ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିୟାରସିଂ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯାଇ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ସେହିପରି ଦେବୀ ନଦୀର ଅପରପାର୍ଶ୍ୱ ସୁନେଇଡିଆ କାଜୁ ଜଙ୍ଗଲକୁ ନିମାପଡ଼ା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ, ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିୟାର ସିଂ, ବାଲିକୁଦା ଥାନାଧିକାରୀ ସୁଶାନ୍ତ ସାହୁ ଓ ବାଲିକୁଦା ତହସିଲଦାର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଅସ୍ତରଙ୍ଗ ଥାନାଧିକାରୀ ସିଂ କହିଛନ୍ତି, ଜିରୋ ଏଫ୍‌ଆଇଆର୍ ରୁଜୁ ହୋଇଛି, ଏହି ଘଟଣା ବାଲିକୁଦା ଥାନା ଅଞ୍ଚଳରେ ହୋଇଥିବାରୁ ଏହାକୁ ସ୍ଥାନାନ୍ତର କରାଯିବ।

## କ୍ରୀଡ଼ାମନ୍ତ୍ରୀଙ୍କୁ ଚିଠି ଲେଖିଲେ ପୂର୍ବତନ ବିଧାୟକ

ପୁରୀ,୧୯।୪(ଅଜିତ୍ କୁମାର ମହାନ୍ତି)

ପୁରୀରେ ମୁଷ୍ଟିଯୁଦ୍ଧ ରାଜ୍ୟ କ୍ରୀଡ଼ା ଛାତ୍ରାବାସ ସହ ସିଟ୍ ସଂଖ୍ୟା ବୃଦ୍ଧି କରିବାକୁ ଅନୁରୋଧ କରି ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କ୍ରୀଡ଼ା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କୁ ଏକ ଚିଠି ଲେଖିଛନ୍ତି। ବିଧାୟକ ଷଡ଼ଙ୍ଗୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ପୂର୍ବ ସରକାରଙ୍କ ଦ୍ୱାରା ପୁରୀ କ୍ରୀଡ଼ା ଛାତ୍ରାବାସ ପାଇଁ କେବଳ ୫ଟି ସିଟ୍ ଘୋଷଣା କରାଯାଇଥିଲା, ଯାହା ମୁଷ୍ଟିଯୁଦ୍ଧ ଖେଳାଳିଙ୍କ ପାଇଁ ଯଥେଷ୍ଟ ନୁହେଁ। ଓଡ଼ିଶାରେ ବହୁ ପ୍ରତିଭାଶାଳୀ ମୁଷ୍ଟିଯୁଦ୍ଧ ଖେଳାଳି ଥିବା ସତ୍ତ୍ୱେ ତାଙ୍କୁ ଆବଶ୍ୟକ ସୁବିଧା ଓ ଆବାସ ମିଳି ନ ଥିବାରୁ ତାଙ୍କର ଜୀବନ ଓ କ୍ରୀଡ଼ା ଜଗତର ଅଗ୍ରଗତି ବାଧାପ୍ରାପ୍ତ ହେଉଛି। ତେଣୁ ପୁରୀରେ ମୁଷ୍ଟିଯୁଦ୍ଧ ରାଜ୍ୟ କ୍ରୀଡ଼ା ଛାତ୍ରାବାସ ଖୋଲିବା ଓ ସିଟ୍ ସଂଖ୍ୟାକୁ ୫ରୁ ୫୦ କରିବା ନେଇ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯାଉ। ଏହି ପଦକ୍ଷେପ ନେବା ଫଳରେ ଅଧିକ ଗ୍ରାମ୍ୟ ଓ ନବାଗତ ପ୍ରତିଭା ଅନୁକୂଳ ପରିବେଶରେ ପ୍ରଶିକ୍ଷଣ ଓ ଆଶ୍ରୟ ନେଇପାରିବେ। ଏହା ଓଡ଼ିଶା ମୁଷ୍ଟିଯୁଦ୍ଧ ଖେଳକୁ ଜାତୀୟ ଓ ଅନ୍ତର୍ଜାତୀୟ ମଞ୍ଚରେ ଗୌରବ ଆଣିବ ବୋଲି ଷଡ଼ଙ୍ଗୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

## ଗ୍ରାହକଙ୍କ ବୀମା ପାଇଁ ସଚେତନତା ସୃଷ୍ଟି କରାଯାଉ



ମୁଦ୍ରା ଯୋଜନାର ହିତାଧିକାରୀଙ୍କ ସହ ରାଜ୍ୟପାଳ, ଏମ୍‌ପି ଓ ବିଧାୟକମାନେ ।

ପୁରୀ,୧୯।୪(ଅଜିତ୍ କୁମାର ମହାନ୍ତି)

ପ୍ରତ୍ୟେକ ବ୍ୟାଙ୍କରେ ଆକାଉଣ୍ଟ ଖୋଲୁଥିବା ଗ୍ରାହକଙ୍କ ପାଇଁ ବୀମା ସୁବିଧା ରହିଛି। ବୀମା ସମ୍ପର୍କରେ ଅଜ୍ଞତା ପାଇଁ ଗ୍ରାହକମାନେ ସେହି ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ଜନସଚେତନତା ସୃଷ୍ଟି ସହ ଗ୍ରାହକଙ୍କୁ ସେମାନଙ୍କ ବୀମା କରାଇବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ଅପରାହ୍ନରେ ସ୍ୱତନ୍ତ୍ର ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ମୁଦ୍ରା ଯୋଜନା ଓ ବ୍ୟାଙ୍କ ପକ୍ଷରୁ ଗ୍ରାହକଙ୍କ ପାଇଁ ଥିବା ସୁବିଧା ସମ୍ପର୍କରେ ସେ ସମୀକ୍ଷା କରିଛନ୍ତି। ମୁଦ୍ରା ଯୋଜନା ଓ ଅନ୍ୟାନ୍ୟ ସରକାରୀ ଯୋଜନାରେ ହିତାଧିକାରୀଙ୍କୁ ଯେପରି ହଇରାଣ ନ କରିବା, ବାରମ୍ବାର ନ ଦୌଡ଼ାଇ ସହଜରେ କାର୍ଯ୍ୟ ସମ୍ପାଦନ ହେବ ସେଥିପ୍ରତି ଯତ୍ନବାନ୍ ହେବାକୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅନୁପସ୍ଥିତ ବ୍ୟାଙ୍କ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଲିଡ୍ ବ୍ୟାଙ୍କ ମ୍ୟାନେଜର କେ.କେ. ଆଚାର୍ଯ୍ୟ, ଯୋଜନା ଓ ପର୍ଯ୍ୟାଲୋଚନା ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଧର ସେଠୀ ଓ ବିଭିନ୍ନ ବ୍ୟାଙ୍କ ଅଧିକାରୀମାନେ ଯୋଗଦେଇଥିଲେ।

# ଓଡ଼ିଶା ଫେଷ୍ଟିଭାଲ ଅଫ୍ ଆର୍ଟ ଆଣ୍ଡ କଲ୍‌ଚରର ଦ୍ୱିତୀୟ ସନ୍ଧ୍ୟା

ପୁରୀ,୧୯।୪(ଅଜିତ୍ କୁମାର ମହାନ୍ତି)



କାର୍ଯ୍ୟକ୍ରମରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଭାରତ ସଂସ୍କୃତି ଯାତ୍ରା ଓ ଓଡ଼ିଶା ଫେଷ୍ଟିଭାଲ ଅଫ ଆର୍ଟ ଆଣ୍ଡ କଲ୍‌ଚରର ଦ୍ୱିତୀୟ ସନ୍ଧ୍ୟା ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ଜିଲା ତଥା ଭାରତର କୋଣଅନୁକୋଣରୁ ଆସିଥିବା ଶିଳ୍ପୀମାନେ କଳା ସଂସ୍କୃତି ପ୍ରଦର୍ଶନ କରିଛନ୍ତି। ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରସନ୍ନ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ କଲିକତା ପୌରପାଳିକାର କର୍ପୋରେଟର ସୁଦୀପ ବୋଲେ, ପୁରୀ ସିଟି ବ୍ରାଣ୍ଡ ଆମ୍ବାସଡର୍ କୁନା ଦାଶ, ଓଡ଼ିଶୀ ନୃତ୍ୟ ଗୁରୁ ଗୋବିନ୍ଦ ପାଲ, ଡ. ସନ୍ଦୀପ ନନ୍ଦୀ, ଗୁରୁ ଗଜେନ୍ଦ୍ର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ହିନ୍ଦୁସ୍ଥାନ ଆର୍ଟ ଆଣ୍ଡ ମ୍ୟୁଜିକ୍ ସୋସାଇଟିର ସମ୍ପାଦକ ପ୍ରସନ୍ନଜିତ ପୋଦାର ଅତିଥିଙ୍କୁ ସ୍ୱାଗତ କରିଥିଲେ। ବିଭିନ୍ନ ପ୍ରତିଷ୍ଠିତ ନୃତ୍ୟ ଦଳ ତଥା କର୍ଣ୍ଣାଟକ, କଲିକତା, ହିନ୍ଦୁସ୍ଥାନ, ତ୍ରିଧାରା, କଟକ, ବୌଦ୍ଧ, ପୁରୀର କଳାକାରମାନେ ସନ୍ଧ୍ୟାରେ ନିଜର ନୃତ୍ୟ ପ୍ରଦର୍ଶନ କରିଥିଲେ। ସମସ୍ତ କାର୍ଯ୍ୟକୁ ଇଣ୍ଡୋ ଜାପାନ ଫ୍ରେଣ୍ଡସିପ ସେଣ୍ଟରର ସଭାପତି ଶ୍ରୀମନ୍ତ କୁମାର ଦାସ ପରିଚାଳନା କରିଥିଲେ।

## କାର୍ଯ୍ୟରେ ଅବହେଳା ପାଇଁ ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସ

ପୁରୀ,୧୯।୪(ଅଜିତ୍ କୁମାର ମହାନ୍ତି)

ଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଶିରୁଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିୟମିତ ଆସୁ ନ ଥିବା ଡାକ୍ତରଙ୍କ ବିରୋଧରେ ହୋଇଥିବା ଅଭିଯୋଗର ତଦନ୍ତ ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଆଇନଜୀବୀ ଦିଲୀପ ବରାଳ ସୂଚନା ଦେଇଛନ୍ତି। ଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଶିରୁଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୋଜିତ ଥିବା ଏମବିବିଏସ୍ ଡାକ୍ତର ମେଡିକାଲ୍‌କୁ ନିୟମିତ ଭାବେ ଆସୁ ନ ଥିବା ଆଇନଜୀବୀ ବରାଳ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଉକ୍ତ ଘଟଣାର ସତ୍ୟତା ନେଇ ତଦନ୍ତ ପାଇଁ ସିଡିଏମ୍‌ଓଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପରେ ସିଡିଏମ୍‌ଓଙ୍କ ପକ୍ଷରୁ ଉକ୍ତ ଘଟଣାର ତଦନ୍ତ କରାଯାଇଥିଲା। ତଦନ୍ତ ସମୟରେ ଜଣାପଡ଼ିଥିଲା କି, ସମ୍ପୃକ୍ତ ଡାକ୍ତର ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିୟମିତ ଆସୁନାହାନ୍ତି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ରୋଗୀ ସେବା କରୁଛନ୍ତି।

## ଡକାୟତି ଯୋଜନା ପଣ୍ଡ, ୪ ଗିରଫ

ପୁରୀ,୧୯।୪(ଅଜିତ୍ କୁମାର ମହାନ୍ତି)

ଡକାୟତ ଯୋଜନା ପଣ୍ଡ କରି ୪ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ସମୁଦ୍ରକୂଳ ଥାନା ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଟାଉନ୍ ଥାନା ଅନ୍ତର୍ଗତ ଦୋଳମଣ୍ଡପ ସାହିର ରାଜକିଶୋର ନାୟକ, ବାସେଳୀ ସାହି ଥାନା ଅନ୍ତର୍ଗତ ମାର୍କଣ୍ଡେଶ୍ୱର ସାହିର କାହ୍ନା ସାହୁ, ଟାଉନ୍ ଥାନା ଅନ୍ତର୍ଗତ ଖୁଣ୍ଟିଆ କଲୋନୀ ଦାମୋଦର ରୋଡ୍‌ର ସାଇ ଜଗତଜ୍ୟୋତି ଆଇଚ, ଡେଲାଙ୍ଗ ଥାନା ଅନ୍ତର୍ଗତ ହରିରାଜପୁରର ପାର୍ଥ ପ୍ରସାଦ ପାତ୍ର। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ବନ୍ଧୁକ , ୧୦ଟି ଜୀବନ୍ତ ଗୁଳି, ୨ଟି ମାଗାଜିନ୍, ୪ଟି ମୋବାଇଲ୍, ୭୨ହଜାର ଟଙ୍କା ସହିତ ବୁଲେଟ ଓ ସ୍କର୍ପିଓ ଜବତ କରିଥିବା ନେଇ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୁଶୀଳ କୁମାର ମିଶ୍ର ସୂଚନା ଦେଇଛନ୍ତି। ଗତ ୧୮ ତାରିଖ ରାତିରେ ପୋଲିସ ପକ୍ଷରୁ ପ୍ରେଟୋଲିଂ କରାଯାଉଥିବା ସମୟରେ ବିଶେଷ ସୂତ୍ରରୁ ଖବରପାଇ ଥାନାଧିକାରୀ ଏକ ହୋଟେଲରେ ଚଢ଼ାଉ କରି ୨ ଅଭିଯୁକ୍ତକୁ ଗିରଫ କରିଥିଲେ। ପରେ ସିଟି ଡିଏସ୍‌ପିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଆବଶ୍ୟକୀୟ ଫୋର୍ସ ସହ ଉକ୍ତ ସ୍ଥାନରେ ଚଢ଼ାଉ କରି ଡେଲାଙ୍ଗ ଅଞ୍ଚଳରୁ ଆଉ ୨ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ତେବେ ଅପରାଧୀମାନେ ପୁରୀ, ଆଖାପାଖ ଅଞ୍ଚଳ ଏବଂ ରାଜପଥ ଆଦିରେ ଡକାୟତି କରିବା ପାଇଁ ଯୋଜନା କରିଥିଲେ। ଏନେଇ ପୋଲିସ ୯୩/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷରେ ଗିରଫ ଅପରାଧୀଙ୍କ ନାମରେ ପୂର୍ବରୁ ଅନେକ ଥାନାରେ ଏକାଧିକ ମାମଲା ଥିବା ପୋଲିସ ପୋଲିସ୍ କହିଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସିଟି ଡିଏସ୍‌ପି ଏବଂ ସମୁଦ୍ରକୂଳ ଥାନାଧିକାରୀ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୁଶୀଳ କୁମାର ମିଶ୍ରଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀମାନେ ।

# ସାହିତ୍ୟରେ ନିର୍ଜନତା, ଅନ୍ଧକାର ଥାଏ

### ଦ୍ୱିତୀୟ ଦିନରେ ପୁରୀ ସାହିତ୍ୟ ମହୋତ୍ସବ

ପୁରୀ,୧୯।୪(ଅଜିତ୍ କୁମାର ମହାନ୍ତି)




ମହୋତ୍ସବରେ ମଞ୍ଚାସୀନ ବିଧାୟିକାଙ୍କ ସହ ଅନ୍ୟ ଅତିଥିମାନେ ।

ପୁରୀ ସାହିତ୍ୟ ମହୋତ୍ସବର ଶନିବାର ଦ୍ୱିତୀୟ ଦିନରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଛି। ମୁଖ୍ୟତଃ ସାହିତ୍ୟ ଭିନ୍ନ ବାଣିଜ୍ୟ, ବୈଷୟିକ ଜ୍ଞାନକୌଶଳ, ସଂସ୍କୃତି, କୃତ୍ରିମ ବୁଦ୍ଧିମତ୍ତା ଭଳି ବିଭିନ୍ନ ଦିଗରୁ ସାହିତ୍ୟକୁ ଯୋଡ଼ାଯାଇ ଏହା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ହିନ୍ଦୋଳ ସେନ୍‌ଗୁପ୍ତା, ମଧୁପର୍ଣ୍ଣା ଦାସ ଏବଂ ଅଭିଜିତ୍ ମଜୁମ୍‌ଦାରଙ୍କୁ ନେଇ 'ବର୍ତ୍ତମାନ ସମୟରେ ଲେଖକଙ୍କର ଅବଦାନ' ଭଳି ଏକ ବିଷୟ ଆଧାରରେ ବିଶେଷ ଚର୍ଚ୍ଚା ହୋଇଥିଲା। ଆଲୋଚନାର ନିଷ୍କର୍ଷରେ ଜଣେ ଲେଖକ ନିର୍ଭୟରେ ତା'ର ଲେଖନୀ ଚଳାଇଥାଏ, କିନ୍ତୁ ଅପ୍ରାସଙ୍ଗିକ ଭାବେ ଲେଖିବା କେତେ ଗ୍ରହଣୀୟ, ତାହା ପ୍ରଶ୍ନ ଉଠିଥିଲା। ଦ୍ୱିତୀୟ ଅଧିବେଶନରେ ଦୀପ୍ ହଳଧର, ନନ୍ଦିନୀ ସେନ୍‌ଗୁପ୍ତା, ତୁହିତ ସିହ୍ନା, ଉତ୍ପଳ କୁମାର, ମୌପିଆ ବାସୁ ପ୍ରମୁଖଙ୍କ ମଧ୍ୟରେ 'ପରିବର୍ତ୍ତନର ସ୍ୱର ସାମାଜିକ ସମାଲୋଚକ ଏବଂ ସକ୍ରିୟ କର୍ମୀ ଭାବେ ଲେଖକଙ୍କ ଭୂମିକା' ଉପରେ ଚର୍ଚ୍ଚା ହୋଇଥିଲା।

ତୃତୀୟ ଅଧିବେଶନରେ ରାଘବ କୃଷ୍ଣ, ରାଜୀବ ବାସୁଦେବନ, ଅଜିତ ପଦ୍ମନାଭ ପ୍ରମୁଖ 'ନବୋତ୍ପାଦ ଏବଂ ନବଆକାଂକ୍ଷା ଭାରତରେ ଷ୍ଟାର୍ଟ-ଅପ୍ ବିପ୍ଳବ' ବିଷୟ ଉପରେ ଆଲୋଚନା ହୋଇଥିଲା। ଏହି ବିଷୟର ପ୍ରାଥମିକ ପର୍ଯ୍ୟାୟରେ ରୋଜାଲିନ୍ ପାଟଶାଣୀ ଏବଂ ପ୍ରିୟଦର୍ଶୀ ମିଶ୍ର ଉଭୟ ବକ୍ତାମାନଙ୍କୁ ପଟ୍ଟଚିତ୍ର ପ୍ରଦାନକରି ପବିତ୍ର ପାବନଭୂମିକୁ ସ୍ୱାଗତ ଜଣାଇଥିଲେ। ସେଭଳି ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଏଥିରେ ପ୍ରାଧାନ୍ୟ ଦିଆଯାଇ ସମାନ୍ତରାଳ ଅଧିବେଶନରେ, 'ଏକବିଂଶ ଶତାବ୍ଦୀରେ ଓଡ଼ିଆ ସାହିତ୍ୟ' ବିଷୟବସ୍ତୁ ଉପରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଡ. ଗୌରହରି ଦାସ ଏବଂ ଦାଶ ବେନହୁର, କଥାଶିଳ୍ପୀ ଡକ୍ଟର ଇତିରାଣୀ ସାମନ୍ତ, ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ରକ୍ଷକ ନାୟକ, ଓଡ଼ିଆ ଯୁବ କଥାକାର ଦେବବ୍ରତ ଦାସ, ଶୁଭ୍ରାଂଶୁ ପଣ୍ଡା ପ୍ରମୁଖ ଯୋଗଦାନ କରି ଏକବିଂଶ ଶତାବ୍ଦୀରେ ଓଡ଼ିଆ ସାହିତ୍ୟ ବିଷୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଗୌରହରି ଦାସ ବିଜ୍ଞାନ ଓ ସାହିତ୍ୟ ମଧ୍ୟରେ ପାର୍ଥକ୍ୟକୁ ଅତି ସହଜରେ ଆଲୋଚନା କରିଥିବା ବେଳେ ସାହିତ୍ୟ ନିର୍ଜନତା, ଅନ୍ଧକାର ମଧ୍ୟରେ ରହିଥାଏ, ଏହା କୌଣସି ହାଟରେ ଉପଲବ୍ଧ ହୋଇ ନ ଥାଏ ବୋଲି ମତପୋଷଣ କରିଥିଲେ।

ସେହିପରି ୨୦୩୬ରେ ଓଡ଼ିଶା ପୂର୍ବୋଦୟର ଓଡ଼ିଶା ଏବଂ ଓଡ଼ିଆଙ୍କ ଭୂମିକା' ବିଷୟ ଉପରେ ବ୍ରହ୍ମଗିରି ଯୁବ ବିଧାୟିକା ଉପାସନା ମହାପାତ୍ର, କଟକ-ବାରବାଟୀ ବିଧାୟିକା ସୋଫିଆ ଫିରଦୋସ୍, ପୂର୍ବତନ ପ୍ରଶାସନିକ ଅଧିକାରୀ ଜିତେନ୍ଦ୍ର ନାଥ ମିଶ୍ର ପ୍ରମୁଖ ଆଲୋଚକ ଭାବେ ଉପସ୍ଥିତ ଥିଲେ। ଅମିତ୍ କୁମାର ସିଂହ ଓ ସୋମ୍ ପରିଡ଼ା ଏହାକୁ ପରିଚାଳନା କରିଥିଲେ। ସୋଫିଆ ତାଙ୍କ ପ୍ରାରମ୍ଭିକ ଭାଷଣରେ କଟକର ଐତିହ୍ୟ ଏବଂ ହଜାର ବର୍ଷର ପୁରାତନ ସହର ଉପରେ ପରିଚୟ ରଖିଥିବା ବେଳେ ଉପାସନା ଆଗାମୀ ୨୦୩୬ରେ ଓଡ଼ିଶାର ପୂର୍ବୋଦୟକୁ କିଭଳି ଦେଖିବାକୁ ଚାହୁଁଛନ୍ତି ସେ ବିଷୟ ଉପରେ ଆଲୋକପାତ କରିଥିଲେ। ପୁରୀ ସାହିତ୍ୟ ମହୋତ୍ସବର ସଦସ୍ୟ ରାକେଶ ବାରିକ, ବାସୁଦେବ ସନତ, ମହେନ୍ଦ୍ର ସିଂ, ପୂର୍ଣ୍ଣିମା ମହାନ୍ତି, କଳ୍ପତରୁ ଦାସ, ହିମା ଠାକୁର ଏବଂ ଆଦ୍ୟାଶା ପ୍ରମୁଖଙ୍କ ଦ୍ୱାରା ଅତିଥିଙ୍କୁ ସ୍ମୃତିଫଳକ ଏବଂ ପଟ୍ଟଚିତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ଯୁବ ଲେଖକ ପୁରସ୍କାରପ୍ରାପ୍ତ ଓମ୍ ପ୍ରିୟଦର୍ଶୀ ଛୋଟରାୟଙ୍କ ସଂକଳନରେ 'ଆଧୁନିକ ଓଡ଼ିଆ ଗଳ୍ପ' ଏବଂ 'ଆଧୁନିକ ଓଡ଼ିଆ କବିତା' ଭଳି ୨ଟି ସଂକଳନ ଉନ୍ମୋଚନ ହୋଇଥିଲା।

**ମେଗା ସ୍ୱାସ୍ଥ୍ୟ ଶିବିର**

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ଗତିରାଉତ ପାଟଣାସ୍ଥିତ ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଶନିବାର ସ୍ଥାନୀୟ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏହାକୁ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଓ ବ୍ଲକ ଅଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଉପସ୍ଥିତ ରହି ୧୪ଟି ପଞ୍ଚାୟତର ୨ ହଜାରରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ପ୍ରଦାନ କରିଥିଲେ। ଏଥିରେ ଟ୍ରଷ୍ଟ ମୁଖ୍ୟ ବିକ୍ରମ ରାଉତ, ପ୍ରଫୁଲ୍ଲ ସିଂହ, ସମର ବେହେରା, ସୁବୋଧ ବେହେରା, ଜିଲାପରିଷଦ ଉପାଧକ୍ଷା ସୁଭଦ୍ରା ଦାସ, ଜିଲାପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ମାହାଲି, ସସ୍ମିତା ମହାର୍ଥା, ସନ୍ତୋଷ ରାଉତ, ସରପଞ୍ଚ ରାକେଶ ବେହେରା, ସୋନାଲି ପ୍ରଧାନ, ତ୍ରିଲୋଚନ ପାତ୍ର ପ୍ରମୁଖ ଯୋଗଦେଇଥିଲେ।



## ସଂକ୍ଷେପରେ

### ଚଇତି ପର୍ବ ପାଳିତ

ଚୌଦ୍ୱାର,୧୯।୪(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୧୭ ନମ୍ବର ୱାର୍ଡ ଅନ୍ତର୍ଗତ ନୂଆସାହିରେ ବାସୁଳେଇ କୈବର୍ତ୍ତ ସଂଘ ପକ୍ଷରୁ ଚଇତି ପର୍ବ ପାଳିତ ହୋଇଯାଇଛି। ଏଥିରେ ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ, ବିଜେଡି ନଗର କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ନାରୀନେତ୍ରୀ କବିତାରାଣୀ ଲେଙ୍କା, ହଂସଚରଣ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ପର୍ବ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସଭାପତି ଅଲେଖ ଚନ୍ଦ୍ର ବେହେରା, ପୂର୍ବତନ କାଉନସିଲର ଗିରିଧାରୀ ଦଳାଇ, ଯଦୁମଣି ଦଳାଇଙ୍କ ସମେତ ସଂଘର କର୍ମକର୍ତ୍ତା ଓ ସ୍ଥାନୀୟ ଯୁବକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସାଲେପୁର ପାଗା ଅଞ୍ଚଳର ମୋହନ ଚନ୍ଦ୍ର ବେହେରା ଓ ସାଥୀ କଳାକାର ଘୋଡ଼ାନାଚ ପରିବେଷଣ କରିଥିଲେ।

### ‘କବିତା ପାଠ, ଆଲୋଚନା ସଭା ଦ୍ୱାରା ସାହିତ୍ୟର ବିକାଶ ହୁଏ’

କଟକ,୧୯।୪(କାର୍ତ୍ତିକ ସାହୁ)

ଓଡ଼ିଆ ସାହିତ୍ୟକୁ ଆଗେଇ ନେବା ପାଇଁ ସାହିତ୍ୟ ମନସ୍କ ବ୍ୟକ୍ତିମାନେ ଅଧିକ ଯତ୍ନବାନ ହେବା ଆବଶ୍ୟକ। କବିତା ପାଠ, ଆଲୋଚନା ସଭା ଦ୍ୱାରା ସାହିତ୍ୟର ବିକାଶ ହୁଏ। ବିଶେଷକରି ସାରସ୍ୱତ ଅଭିବୃଦ୍ଧିରେ ସାହିତ୍ୟ ସଭାର ଭୂମିକା ଅତୁଳନୀୟ ବୋଲି ଶ୍ରୀଦୁର୍ଗା ସାହିତ୍ୟ ସଂସଦର ମାସିକ ଆସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସଂସଦର ସଭାପତି ପଣ୍ଡିତ ଡ. ଚୈତନ୍ୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଖପୁରିଆସ୍ଥିତ ସିଦ୍ଧିଦୁର୍ଗା ମଣ୍ଡପରେ ଅନୁଷ୍ଠିତ ଆସରକୁ ମୁଖ୍ୟ ଅତିଥି ପୃଷ୍ଠଭୂମିର ସମ୍ପାଦକ କୈଳାସ ଚନ୍ଦ୍ର ଜେନା ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ପଣ୍ଡିତ ଡ. ଅଭୟ କୁମାର ଦାସ, ସମ୍ମାନିତ ଅତିଥି ଚୈତନ୍ୟ ରାଉତ, ଉତ୍କଳ ସାହିତ୍ୟ ସମାଜର ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ, ବରେଣ୍ୟ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟନିର୍ବାହିକା ସଦସ୍ୟ ଦିଲୀପ କୁମାର ଦାସ ଯୋଗଦେଇ ଓଡ଼ିଆ କବିତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କବି ଗୀତାଞ୍ଜଳି ପୃଷ୍ଟି ଓ ଡ. ବସନ୍ତ କୁମାରୀ ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବାବାଜୀ ଜେନା, ପ୍ରମୋଦ କୁମାର ସାହୁ, କମଳାକାନ୍ତ ନାୟକ, ବିଧୁଭୂଷଣ ମହାନ୍ତି, ଆଦିତ୍ୟ ରଞ୍ଜନ ଦାଶ, ରାଜକିଶୋର ସ୍ୱାଇଁ, ଉତ୍ତମ ଚରଣ ପ୍ରଧାନ, ରଘୁନାଥ ତ୍ରିପାଠୀ, ସଚ୍ଚିଦାନନ୍ଦ କର, ଅନ୍ନପୂର୍ଣ୍ଣା ସାହୁଙ୍କ ସମେତ ଅନ୍ୟମାନେ କବିତା ପାଠ କରିଥିଲେ। ଅଶ୍ୱିନୀ କୁମାର ସେଠୀ ସ୍ୱାଗତ ଭାଷଣ, ରାଜୀବ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ଓ ସୁରେନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ବରିଷ୍ଠ ଖବରଦାତାଙ୍କ ପରଲୋକ

ବାରଙ୍ଗ/ତ୍ରିଶୁଳିଆ, ୧୯।୪(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)



ବାରଙ୍ଗ ଥାନା ଅନ୍ତର୍ଗତ ମଧୁବନ ଗ୍ରାମର ବରିଷ୍ଠ ଖବରଦାତା ନବଘନ ରାଉତ (୭୨)ଙ୍କ ଶନିବାର ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ସେ ଘରେ ରହି ଚିକିତ୍ସିତ ହେଉଥିଲେ। ଶନିବାର ଅପରାହ୍ନରେ ହଠାତ୍ ସେ ଅତ୍ୟଧିକ ଅସୁସ୍ଥ ହୋଇପଡିବାରୁ ଚିକିତ୍ସା ପାଇଁ ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କ ମରଶରୀରକୁ ବାସଭବନକୁ ନିଆଯାଇଥିଲା। ସେଠାରେ ବାରଙ୍ଗ ପ୍ରେସ୍ କ୍ଲବ୍‌ର ସଦସ୍ୟ ଓ ବହୁ ଲୋକ ପ୍ରତିନିଧି ଶେଷ ଦର୍ଶନ କରିଥିଲେ। ପରେ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା। ପୁଅ ତପନ କୁମାର ରାଉତ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ନବଘନ ବାରଙ୍ଗ ଅଞ୍ଚଳରେ ବିଭିନ୍ନ ଖବର କାଗଜରେ କାର୍ଯ୍ୟ କରିଛନ୍ତି। ସେ ବାରଙ୍ଗ ଅଞ୍ଚଳର ପ୍ରଥମ ଖବରଦାତା ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ପ୍ରଚେଷ୍ଟାରେ ବାରଙ୍ଗ ପ୍ରେସ୍‌କ୍ଲବ୍ ଗଠନ ହୋଇଥିଲା। ସେ ପ୍ରେସ୍ କ୍ଲବ୍‌ର ଉପସଭାପତି ଭାବେ ଦୀର୍ଘବର୍ଷ ଧରି ଦାୟିତ୍ୱରେ ଥିଲେ। ଏଥିସହ ସେ ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ।

# ଦୁର୍ନୀତି ଅଭିଯୋଗର ତଦନ୍ତ କଲେ ଏଆରସିଏସ୍

ବାଙ୍କୀ,୧୯।୪(ଶୁଭେନ୍ଦୁ ମହାପାତ୍ର)

କଟକ ଜିଲା ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ କଳା ପଥର ସେବା ସମବାୟ ସମିତିରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ଏହି ସମିତିରେ ଚାଷୀଙ୍କ ଦସ୍ତଖତ ଜାଲିଆତି କରିବା, ସାର ବିହନ ବଣ୍ଟନ ଓ ଧାନ ମଣ୍ଡିରେ ଧାନ ଦେବାରେ ପାତରଅନ୍ତର କରିବା, ବୋର୍ଡରେ ନିର୍ବାଚିତ ପ୍ରତିନିଧିଙ୍କୁ ଚାକିରିରେ ନିଯୁକ୍ତି ଦିଆଯିବା ଭଳି ଅଭିଯୋଗ ପ୍ରଶାସନ ନିକଟରେ ହୋଇଥିଲା। ବଂଶୀଧର ସାହୁ, ଉଦୟନାଥ ସାହୁ, ଅକ୍ରୂର ରଣା, ବାଳକୃଷ୍ଣ ସାହୁ, ଜୟଦେବ ବିଶ୍ୱାଳ, ମନୋରଞ୍ଜନ ମହାପାତ୍ର, ରବୀନ୍ଦ୍ର ରାଉତ ପ୍ରମୁଖ ଚାଷୀଙ୍କ ପକ୍ଷରୁ ଏବିଷୟରେ ପ୍ରଶାସନ ନିକଟରେ ଅଭିଯୋଗ କରିବା ପରେ ଶନିବାର ବାଙ୍କୀ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର କୋଅପରେଟିଭ ସୋସାଇଟି(ଏଆର୍‌ସିଏସ୍) ସୁରେନ୍ଦ୍ର ଜେନା କଳାପଥର ସମିତିରେ ପହଞ୍ଚି ତଦନ୍ତ କରିବା ସହ ଅଭିଯୋଗ କରିଥିବା ଚାଷୀ ଓ ଅନ୍ୟମାନଙ୍କ ସହିତ ଏକ ବୈଠକ କରିଛନ୍ତି। ଚାଷୀଙ୍କ ଅଭିଯୋଗ ଅନୁଯାୟୀ,



ଏଆର୍‌ସିଏସ୍ ସୁରେନ୍ଦ୍ର ଜେନା ଦୁର୍ନୀତି ଅଭିଯୋଗ ତଦନ୍ତ କରୁଛନ୍ତି।

ଏହି ସମିତିର ପୂର୍ବରୁ ସେଲ୍ସ ମ୍ୟାନ କାର୍ଯ୍ୟ କରୁଥିବା ବ୍ୟକ୍ତି ୨୦୧୫ରେ ପ୍ରମୋଶନ ପାଇ ସମ୍ପାଦକ ଭାବେ ନିଯୁକ୍ତି ହୋଇଥିଲେ। ଏହାପରେ ସେ ବିଭିନ୍ନ ଦୁର୍ନୀତିରେ ଲିପ୍ତ ରହିଥିଲେ। ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ଜମାଖାତାରୁ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ କରିନେଇଥିଲେ। ଉକ୍ତ ସମିତି ମଡେଲ ସମିତି ରୂପେ ମାନ୍ୟତା ପାଇଥିବାବେଳେ ପ୍ରାୟ ଦୀର୍ଘ ଆଠ ବର୍ଷ ଧରି ଅଡିଟ କରାଯାଇ ନ ଥିଲା। ଏହାଛଡ଼ା ସମ୍ପୃକ୍ତ ସମ୍ପାଦକଙ୍କ ନାମରେ ୯ ଲକ୍ଷ ୩୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ରିକଭରି ହେବାକୁ ରହିଛି। ଏନେଇ ଭୁବନେଶ୍ୱର ରେଜିଷ୍ଟ୍ରାରଙ୍କ ଅଦାଲତରେ ମାମଲା ବିଚାରାଧୀନ ରହିଛି। ଅପରପକ୍ଷେ ଏହି ସମବାୟ ବ୍ୟାଙ୍କ କେଉଁ ନିୟମ ଆଧାରରେ ମଡେଲ ସମବାୟ ସମିତି ମାନ୍ୟତା ପାଇଲା ସେନେଇ ଚାଷୀ ଓ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପଟେ ବୋର୍ଡରେ ନିର୍ବାଚିତ ୨ ଜଣ ପ୍ରତିନିଧିଙ୍କୁ ସମିତିରେ ଦରମା ବାବଦରେ କିପରି ୬ ହଜାର ଟଙ୍କା ପ୍ରଦାନ କରାଗଲା ସେନେଇ ମଧ୍ୟ ବୈଠକରେ ପଞ୍ଚାୟତ ସମିତି ସଭ୍ୟାଙ୍କ ପ୍ରତିନିଧି ଅକ୍ରୂର ରଣା, ଜୟଦେବ ବିଶ୍ୱାଳ, ରବୀନ୍ଦ୍ର ନାଥ ରାଉତ, ବ୍ରଜବନ୍ଧୁ ବେହେରା, ମନୋଜ ସାମନ୍ତରାୟ, ସୁଦର୍ଶନ ପ୍ରଧାନ, କାଳନ୍ଦୀ ବିଶ୍ୱାଳ, ଧ୍ରୁବ ଚରଣ ସାହୁ, ପ୍ରକାଶ କୁମାର ବିଶ୍ୱାଳ, ଦଣ୍ଡପାଣି ନାୟକ ପ୍ରମୁଖ ପ୍ରଶ୍ନ ଉଠାଇଥିଲେ।

ଏ ସମ୍ପର୍କରେ ବାଙ୍କୀ ଏଆର୍‌ସିଏସ ଜେନାଙ୍କୁ ପଚାରିବାରେ ଅଭିଯୋଗ ମୁତାବକ ଉକ୍ତ ସମିତିରେ ତଦନ୍ତ କରାଯାଇଛି। ଆଉ କେତେକ ଅଭିଯୋଗ ଉପରେ ତଦନ୍ତ ଜାରି ରହିଛି। ଏହି ଘଟଣାକୁ ନେଇ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକଙ୍କୁ ଚିଠି କରାଯାଇଛି। ସମ୍ପୂର୍ଣ୍ଣ ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ। ତା’ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏଆର୍‌ସିସି ଜେନା କହିଛନ୍ତି।

**କଳାପଥର ସମବାୟ ସମିତି**



କଟକ ଶ୍ରୀରାମଚନ୍ଦ୍ର ଭବନରେ ଭାଷା ପ୍ରକାଶନ ପକ୍ଷରୁ ଅନୁଷ୍ଠିତ ବୈଶାଖୀ ଉତ୍ସବ, କବିତାପାଠ ଓ ସାରସ୍ୱତ ସମାରୋହରେ ଅନୁବାଦକ ନିମଳେନ୍ଦୁ କୁମାର ଦାସଙ୍କୁ ଭାଷା ସମ୍ମାନ ପ୍ରଦାନ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

# ହତ୍ୟା ମାମଲା, ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

କଟକ,୧୯।୪(କାର୍ତ୍ତିକ ସାହୁ)

ଟାଙ୍ଗୀ ଥାନା ଅନ୍ତର୍ଗତ ନିର୍ଗୁଣ୍ଡି ଅଞ୍ଚଳରେ ୨୦୨୧ରେ ଘଟିଥିବା ଏକ ହତ୍ୟା ମାମଲାର ବିଚାର କରି କଟକ ଜିଲା ଓ ସେସନ୍ସ ଜଜ୍ କୋର୍ଟ ଜଣେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ବିପିନ ବେହେରା। ବିଚାରପତି ଶୀତିକଣ୍ଠ ସାମଲ ମାମଲାର ରାୟ ପ୍ରକାଶ କରି ଅଭିଯୁକ୍ତଙ୍କୁ ଦଣ୍ଡାଦେଶ ସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୩ ମାସ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ନିର୍ଗୁଣ୍ଡି ଛକ ନିକଟ ପୁରୁଣା ଟୋଲ୍ ପ୍ଲାଜାଠାରେ ଆର୍. ଭେଙ୍କଟ୍ ରାଓଙ୍କର ଏକ ଲରି କନସଲଟାଣ୍ଟ ଫାର୍ମ ଥିଲା। ହତ୍ୟାକାଣ୍ଡର ଶିକାର ହୋଇଥିବା କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅନ୍ତର୍ଗତ ଜୋକିଆର ବାସିନ୍ଦା ଅଶୋକ ମହାନ୍ତି ଉକ୍ତ ଫାର୍ମରେ କାମ କରୁଥିଲେ। ଅପରପକ୍ଷରେ ଅଭିଯୁକ୍ତ ବିପିନ ବେହେରା ସେଠାରେ ଥିବା ଏକ ହୋଟେଲରେ ରୋଷେୟା ଭାବେ କାମ କରୁଥିଲେ। ହୋଟେଲ ମାଲିକ ଝିଅାରୀ ବିବାହ ପାଇଁ ଗ୍ରାମକୁ ଯାଇଥିବାରୁ ହୋଟେଲ ବନ୍ଦ ଥିଲା। ୨୦୨୧ ଜୁଲାଇ ୧୫ ତାରିଖ ସନ୍ଧ୍ୟାରେ ଅଭିଯୁକ୍ତ ରୋଷେୟା ରୋଷେଇ କରୁଥିଲେ। ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗିବାରୁ ଅଭିଯୁକ୍ତ ଉତ୍ତ୍ୟକ୍ତ ହୋଇ ଛୁରିରେ ଅଶୋକଙ୍କ ବେକ କାଟି ଦେଇଥିଲେ। ଫଳରେ ପ୍ରଚୁର ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ଅଭିଯୁକ୍ତ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଏନେଇ ଅଶୋକ କାମ କରୁଥିବା ଫାର୍ମର ମାଲିକ ଆର୍. ଭେଙ୍କଟରାଓ ଟାଙ୍ଗୀ ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରିଥିଲା। ପରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କଟକ ଜିଲା ଓ ସେସନ୍ସ ଜଜ୍ କୋର୍ଟରେ ମାମଲାର ବିଚାର ଚାଲିଥିଲା। କୋର୍ଟ ୧୩ ଜଣ ସାକ୍ଷୀ ଓ ୨୫ଟି ଡକ୍ୟୁମେଣ୍ଟକୁ ଆଧାର କରି ମାମଲାର ରାୟ ପ୍ରକାଶ କରିଛନ୍ତି।




ବିଭିନ୍ନ ଦାବି ନେଇ ଶନିବାର କଟକ ରେଳ ଷ୍ଟେଶନ ସମ୍ମୁଖରେ ଏସ୍‌ୟୁସିଆଇ(ସି) ପକ୍ଷରୁ ବିକ୍ଷୋଭ।

# ଷଷ୍ଠ ସ୍ଥାନରେ ନୀତା ଫୁଟ୍‌ବଲ ଏକାଡେମୀ



ଖେଳାଳି ଓ କୋଚ୍‌ଙ୍କ ଗହଣରେ ନୀତା ଏକାଡେମୀର ଅଧକ୍ଷ ଇଂ. ସୁବ୍ରତ କୁମାର ଦାସ।

ଖୁଣ୍ଟୁଣୀ, ୧୯।୪(ସଚ୍ଚିଦାନନ୍ଦ ପଣ୍ଡା)

**ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ**

ଭୁବନେଶ୍ୱର ୟୁନିଟ୍-୩ସ୍ଥିତ କ୍ୟାପିଟାଲ ଆରେନା ଗ୍ରାଉଣ୍ଡରେ ଚାଲିଥିବା ସର୍ବଭାରତୀୟ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଶୁକ୍ରବାର ଶେଷ ହୋଇଛି। ଏଥିରେ ଭାରତର ୮ ଟିମ୍ ଭାଗ ନେଇଥିଲେ। ସେଥିମଧ୍ୟରେ ନୀତା ଫୁଟ୍‌ବଲ ଏକାଡେମୀ ଷଷ୍ଠ ସ୍ଥାନ ଅଧିକାର କରି ଆଠଗଡ଼ବାସୀଙ୍କ ପାଇଁ ଗୌରବ ଆଣିଛି। ଖୁଣ୍ଟୁଣୀସ୍ଥିତ ଧବଳେଶ୍ୱର ଆଇଟିଆଇ ଓ ପଲିଟେକ୍‌ନିକ୍‌ଠାରେ ଥିବା ନୀତା ଫୁଟ୍‌ବଲ ଏକାଡ଼େମୀ ଖେଳ ପଡ଼ିଆରେ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏକାଡେମୀର ଅଧକ୍ଷ ଇଂ. ସୁବ୍ରତ କୁମାର ଦାସ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ଖୁଣ୍ଟୁଣୀସ୍ଥିତ ରାଧାଦାମୋଦରପୁର ଠାରେ ୨୦୨୨ ନଭେମ୍ବରରେ ଏହି ଏକାଡେମୀର କାର୍ଯ୍ୟାଳୟ ଖୋଲାଯାଇଥିଲା। ସ୍ଥାନୀୟ ଅଞ୍ଚଳର ୯୫ ପ୍ରତିଶତ ମହିଳାଙ୍କୁ ଏହି ଏକାଡେମୀରେ ଖେଳିବା ପାଇଁ ସୁଯୋଗ ଦିଆଯାଇଥିଲା। ଏପରି କି ସେମାନଙ୍କ ପାଇଁ ମାଗଣାରେ ରହିବା, ଖାଇବା, ଅଭିଜ୍ଞ କୋଚ୍‌ଙ୍କ ଦ୍ୱାରା ଶିକ୍ଷା ଓ ପାଠ ପଢିବା ବ୍ୟବସ୍ଥା କରାଯାଇଥିଲା। ଗତ ଦୁଇବର୍ଷ ମଧ୍ୟରେ ବିଭିନ୍ନ ସ୍ଥାନରେ ହୋଇଥିବା ଫୁଟ୍‌ବଲ୍ ଟୁର୍ନାମେଣ୍ଟରେ ଏହି ଏକାଡେମୀ ଭାଗନେଇଛି। ସେଥିମଧ୍ୟରୁ କେତେକ ସ୍ଥାନରେ ଚାମ୍ପିୟନ ହୋଇଛି। ଏହି ଖବରଦାତା ସମ୍ମିଳନୀରେ ନୀତା ଏକାଡେମୀ ସମ୍ପାଦକ ଅରୁଣ ପରିଜା, ଫାଓ କୋଷାଧ୍ୟକ୍ଷ ଶୁଭେନ୍ଦୁ ଦାସ, ଉପସଭାପତି ବିଶ୍ୱରଞ୍ଜନ ଘଡ଼େଇ, ଭକ୍ତବଳ୍ଳଭ ଦାସ, ସମରେନ୍ଦ୍ର ପ୍ରତାପ ସ୍ୱାଇଁ, ମୁଖ୍ୟ କୋଚ ପରମିତା ସିଟ, ପ୍ରଦୀପ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

କଟକ ସଦର,୧୯।୪(ସୁଶାନ୍ତ କୁମାର ଜେନା)

କିଶନ ନଗର ଥାନା ଅନ୍ତର୍ଗତ ତେଲଦିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଭାସ୍କର ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ସମ୍ମାନିତ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରାନ୍ତ ପ୍ରଚାରକ ପ୍ରସନ୍ନ ମିଶ୍ର, ସାଧୁ ଜେନା, ରାଜକିଶୋର ମିଶ୍ର, ଗିରିଶ ପ୍ରକାଶ ସେଠୀ, ଛୋଟଲାଲ ମହାନ୍ତି, ସୁବଳ ଚରଣ ବେହେରା, ସମ୍ପାଦକ ସୁରତ କୁମାର ବେହେରା ଯୋଗଦେଇଥିଲେ। ସମ୍ପାଦକ ରଣଜିତ୍ ମହାନ୍ତି ବିବରଣୀ ପାଠ ଓ ଗୁରୁଜୀ ପରେଶ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ। କ୍ରୀଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିଶୁ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ସ୍ୱର୍ଗତ ନାଗେଶ୍ୱର ମହାନ୍ତିଙ୍କ ପ୍ରତିମୂର୍ତ୍ତି ମଧ୍ୟ ଉନ୍ମୋଚିତ ହୋଇଥିଲା।

# ଅନ୍ତ୍ୟୋଦୟ ଆବାସ ଯୋଜନାରୁ ଯୋଗ୍ୟ ହିତାଧିକାରୀ ବଞ୍ଚିତ

ଟିଗିରିଆ,୧୯।୪(ଜାଫର ଖାଁ)

**ଏବିଡିଓଙ୍କୁ ଦାବିପତ୍ର**

ଟିଗିରିଆ ବ୍ଲକ ଅନ୍ତର୍ଗତ ଭିରୁଡ଼ା ପଞ୍ଚାୟତର କେତେଜଣ ଯୋଗ୍ୟ ହିତାଧିକାରୀ ଅନ୍ତ୍ୟୋଦୟ ଗୃହ ଯୋଜନାରୁ ବାଦ ପଡ଼ିଛନ୍ତି। ଏନେଇ ସେମାନେ ଏବିଡିଓ ଯାଜ୍ଞସେନୀ ଗୋଛାୟତ ନିକଟରେ ଶନିବାର ଲିଖିତ ଅଭିଯୋଗ କରିଛନ୍ତି। ଟିଗିରିଆ ବ୍ଲକ ଅନ୍ତର୍ଗତ ଭିରୁଡ଼ା ଗ୍ରାମର ବାସିନ୍ଦା ସତ୍ୟାନନ୍ଦ ବିଶ୍ୱାଳଙ୍କ ସ୍ତ୍ରୀ ରଞ୍ଜୁ ବିଶ୍ୱାଳଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ପରିବାର ଦୀର୍ଘଦିନ ଧରି ପଲିଥିନ ତଳେ ବସବାସ କରୁଛି। ସେହିପରି ଗ୍ରାମର ଅକ୍ଷୟ କୁମାର ସାହୁଙ୍କ ସ୍ତ୍ରୀ ମିନତି ସାହୁଙ୍କ ଅଭିଯୋଗ ଅନୁସାରେ, ତାଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର। ପକ୍କାଘର ନ ଥିବାରୁ ବହୁ କଷ୍ଟରେ ପୂରା ପରିବାର ପଲିଥିନ ତଳେ ଦିନ କାଟୁଛନ୍ତି। ଗ୍ରାମର ମହେନ୍ଦ୍ର ବସ୍ତିଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କର ଚାଳ ଛପର ଘର ପୋଡ଼ିଯାଇଛି। ଏଭଳି ପରିସ୍ଥିତିରେ ଅର୍ଥ ଅଭାବରୁ ସେ ଘର ତିଆରି କରିବା ପାଇଁ ଅସମର୍ଥ। ଏନେଇ ଆଜକୁ ପ୍ରାୟ ୭ ବର୍ଷ ହେବ ମହେନ୍ଦ୍ର ଓ ତାଙ୍କ ପରିବାର ଲୋକେ ପଲିଥିନ ତଳେ ବସବାସ କରୁଛନ୍ତି। ପ୍ରଭାକର ରାଉତଙ୍କ ଅଭିଯୋଗ ଅନୁଯାୟୀ, ଗତ ବାତ୍ୟା ସମୟରେ ତାଙ୍କର ଓ ତାଙ୍କ ମୃତ ଭାଇ ସଦାଶିବ ରାଉତଙ୍କ ଘର ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯାଇଥିଲା। ଘର ଖଣ୍ଡେ ପାଇଁ ପ୍ରଭାକର ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପାଇପାରି ନାହାନ୍ତି। ଏନେଇ ପଞ୍ଚାୟତ କାର୍ଯ୍ୟାଳୟରେ କାର୍ଯ୍ୟରତ ପିଇଓଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଉ ନ ଥିବା ଅଭିଯୋଗ କରିଛନ୍ତି। ଏଣୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଭାକର ଦାବି କରିଛନ୍ତି। ଏ ସମ୍ପର୍କରେ ଏବିଡିଓ ଗୋଛାୟତଙ୍କୁ ପଚାରିବାରେ ମିଳିଥିବା ଅଭିଯୋଗଗୁଡ଼ିକର ତଦନ୍ତ ଦାୟିତ୍ୱ ପଞ୍ଚାୟତ କାର୍ଯ୍ୟାଳୟ ଅଧିକାରୀଙ୍କୁ ଦିଆଯାଇଛି। ତଦନ୍ତ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ବାହୁକୁସ୍ତି କ୍ରୀଡ଼ାବିତ୍‌ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

କଟକ,୧୯।୪(କାର୍ତ୍ତିକ ସାହୁ)

ନୟାସଡ଼କ ମାରୱାଡିପଟି ମହାଦେବ ପୂଜା କମିଟିର ପୂର୍ବତନ ସମ୍ପାଦକ ତଥା ଜାତୀୟ ସ୍ତରର ବାହୁକୁସ୍ତି କ୍ରୀଡ଼ାବିତ୍ ସ୍ୱର୍ଗତ ଅଶୋକ କୁମାର ଶର୍ମାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ସ୍ଥାନୀୟ ପିପଳେଶ୍ୱର ମହାଦେବ ମନ୍ଦିର ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମୁଖ୍ୟ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁମହାପାତ୍ର ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜନେତା, କଟକ ମହାନଗର ଶାନ୍ତି କମିଟି, ପୂଜା କମିଟି, ସାହି ମୁରବି, କର୍ପୋରେଟର ଏବଂ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ। ଏହି ଅବସରରେ ଦହିପଖାଳ ସେବନ କରାଯାଇଥିଲା।




କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁମହାପାତ୍ର ଓ ଅନ୍ୟମାନେ।

# ୱକ୍‌ଫ ସଂଶୋଧନ ଆଇନ ବିରୋଧରେ ବିକ୍ଷୋଭ

କଟକ,୧୯।୪(ଶିଳ୍ପା ପ୍ରିୟଦର୍ଶିନୀ)

ୱକଫ୍ ସଂଶୋଧନ ଆଇନକୁ ବିରୋଧ କରି ରାଜ୍ୟ ମାଇନରିଟି ସଂଘ ସହ ବିଭିନ୍ନ ସଙ୍ଗଠନ ପକ୍ଷରୁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ କଟକ ବାଖରାବାଦସ୍ଥିତ ଗାନ୍ଧୀଭବନରୁ ପଦଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ସେଠାରେ ବିକ୍ଷୋଭ ପ୍ରଦର୍ଶନ ପରେ ଏକ ପ୍ରତିନିଧି ଦଳ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କୁ ଭେଟି ରାଷ୍ଟ୍ରପତି ଓ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଆଇନକୁ ପୁଙ୍ଖାନୁପୁଙ୍ଖ ଭାବେ ଯାଞ୍ଚ କରାଯାଉ ବୋଲି ସଂଘର ଆବାହକ ଡା. ସାମି ସଲିମ୍ କହିଛନ୍ତି।




ୱକ୍‌ଫ ସଂଶୋଧନ ଆଇନ ବିରୋଧରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଗାନ୍ଧୀଭବନରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିବା ପଦଯାତ୍ରା।

ଜିଲାପାଳ ଏହି ଦାବିପତ୍ର ଗ୍ରହଣ କରିବା ସହ ଏ ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ଅବଗତ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ମୌଲାନା ନୌସଦ୍ ଅଲାନ୍ ଓ ଗୁଲାମ୍ ମୁର୍ତ୍ତୁଜା, ପୂର୍ବତନ କର୍ପୋରେଟର ରମ୍‌ଜାନ ଖାନ୍, ମୁମ୍‌ତାକିନ୍ ବକ୍ସ, ଆଇନଜୀବୀ ମହମ୍ମଦ ଫିରୋଜଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଓଡ଼ିଶାରେ ଧିମେଇଛି ଗାଡ଼ି ବିକ୍ରି ଗତି



| ଯାନବାହନର ବର୍ଗ | ଭାରତ ୨୦୨୩-୨୪ | ଭାରତ ୨୦୨୪-୨୫ | ଭାରତ ବିକ୍ରି ବୃଦ୍ଧି/ହ୍ରାସ | ଓଡ଼ିଶା ୨୦୨୩-୨୪ | ଓଡ଼ିଶା ୨୦୨୪-୨୫ | ଓଡ଼ିଶା ବିକ୍ରି ବୃଦ୍ଧି/ହ୍ରାସ |
|---|---|---|---|---|---|---|
| ୨ ଚକିଆ | ୧୭୫୨୭୧୧୫ | ୧୮୮୭୭୮୧୨ | ୭.୭୧%ବୃଦ୍ଧି | ୬୧୫୬୫୮ ୟୁନିଟ୍ | ୬୩୮୬୦୩ | ୩.୭୩% ବୃଦ୍ଧି |
| ୩ ଚକିଆ | ୧୧୬୭୯୮୬ | ୧୨୨୦୯୮୧ | ୪.୫୪% ବୃଦ୍ଧି | ୨୦୯୫୨ | ୨୩୪୭୧ | ୧୨.୦୨% ବୃଦ୍ଧି |
| କମର୍ସିଆଲ ଯାନ | ୧୦୧୦୩୨୪ | ୧୦୦୮୬୨୩ | ୦.୧୭% ହ୍ରାସ | ୪୦୬୮୪ | ୩୭୪୩୧ | ୮.୦୦% ହ୍ରାସ |
| ପାସେଞ୍ଜର ଯାନ | ୩୯୭୦୭୦୨ | ୪୧୫୩୪୩୨ | ୪.୮୭% ବୃଦ୍ଧି | ୮୧୦୨୬ | ୮୨୩୨୦ | ୧.୬୦% ବୃଦ୍ଧି |
| ଟ୍ରାକ୍ଟର | ୮୯୨୪୧୦ | ୮୮୩୦୯୫ | ୧.୦୪% ହ୍ରାସ | ୧୮୬୩୮ | ୨୦୩୫୪ | ୯.୨୧% ବୃଦ୍ଧି |
| ସମୁଦାୟ | ୨୪୫୫୮୪୩୭ | ୨୬୧୪୩୯୪୩ | ୬.୪୬% ବୃଦ୍ଧି | ୭୭୬୯୫୮ | ୮୦୨୧୭୯ | ୩.୨୫% |

**ଭୁବନେଶ୍ୱର,୧୯।୪(ଅନୁରାଧା ମହାରଣା)**

ଆର୍ଥିକ ବର୍ଷ ୨୦୨୪-୨୫ରେ ଦେଶରେ ମୋଟର ଯାନ ବିକ୍ରିରେ ଘରୋଇ ସ୍ତରରେ ପ୍ରାୟ ୬ ପ୍ରତିଶତର ବୃଦ୍ଧି ରେକର୍ଡ କରିଛି। ଅଟୋମୋବାଇଲ ଡିଲର୍ସ ସଂଗଠନ, ଫେଡେରେଶନ ଅଫ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ (ଫାଡା)ର ସୂଚନା ଅନୁସାରେ ଆର୍ଥିକ ବର୍ଷ ୨୦୨୪-୨୫ରେ ୨,୬୧,୪୩,୯୪୩ ୟୁନିଟ ରିଟେଲ ସେଲ ହୋଇଛି। ଏହି ଆର୍ଥିକବର୍ଷରେ ଓଡ଼ିଶାରେ ୮,୦୨,୧୭୯ ୟୁନିଟ୍ ରିଟେଲ ସେଲ ସହ ୨.୨୫ ଅଭିବୃଦ୍ଧି ରେକର୍ଡ କରାଯାଇଛି। ମାତ୍ର ଚଳିତବର୍ଷ ମାର୍ଚ୍ଚମାସରେ ରିଟେଲ ସେଲ ତଥ୍ୟ ଅନୁସାରେ ରାଜ୍ୟରେ ଗାଡ଼ିବିକ୍ରି ପରିମାଣ ଧିମେଇଛି। ୨୦୨୪ ମାର୍ଚ୍ଚ ଏବଂ ୨୦୨୫ ମାର୍ଚ୍ଚ ମାସର ରିଟେଲସେଲକୁ ତୁଳନା କଲେ ୫.୫୧% ହ୍ରାସ ଦେଖିବାକୁ ମିଳିଛି। ୨ଚକିଆ ଯାନ ବିକ୍ରି କ୍ଷେତ୍ରରେ ୬.୩୮% ହ୍ରାସ ଦେଖିବାକୁ ମିଳିଥିବାବେଳେ ୩ ଚକିଆ ଯାନ କ୍ଷେତ୍ରରେ ୧.୭୨%, କମର୍ସିଆଲ ଯାନକ୍ଷେତ୍ରରେ ସର୍ବାଧିକ ୨୬.୫୪% ହ୍ରାସ ଘଟିଛି। ପାସେଞ୍ଜର ଯାନକ୍ଷେତ୍ରରେ ୬.୪୪% ଏବଂ ଟ୍ରାକ୍ଟର ବିକ୍ରିରେ ୩୧.୨୭% ଅଭିବୃଦ୍ଧି ହୋଇଛି। 'ବାହନ' ତଥ୍ୟାନୁସାରେ ୨୦୨୫ ପ୍ରଥମ ତ୍ରୈମାସରେ ୪୫ଟି ବର୍ଗରେ ୨,୧୧,୩୧୩ ୟୁନିଟ୍ ଯାନ ବିକ୍ରି ହୋଇଛି। ୨୦୨୪ର ପ୍ରଥମ ତ୍ରୈମାସର ତଥ୍ୟ ଅନୁସାରେ ୫୦ବର୍ଗର ୨,୨୫,୫୩୫ ୟୁନିଟ୍ ଏବଂ ୨୦୨୩ର ପ୍ରଥମ ତ୍ରୈମାସରେ ୫୩ ବର୍ଗର ୧୯୯୦୧୪ ୟୁନିଟ୍ ଯାନ ବିକ୍ରି ହୋଇଥିଲା। ସମସ୍ତ ତଥ୍ୟକୁ ବିଶ୍ଳେଷଣ କରି ଅଟୋମୋବାଇଲ କ୍ଷେତ୍ର ସହ ଜଡ଼ିତ ବ୍ୟକ୍ତି ବିଶେଷ ନିଜ ନିଜର ମତାମତ ରଖିଛନ୍ତି।



# ବଢ଼ିଛି ବୈଦ୍ୟୁତିକ ଯାନ ପଞ୍ଜୀକରଣ



ଓଡ଼ିଶାରେ ପଞ୍ଜିକୃତ ବୈଦ୍ୟୁତିକ ଯାନ (ଇଭି) ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ୨୦୨୫ ମାର୍ଚ୍ଚ ୬ ସୁଦ୍ଧା ରାଜ୍ୟରେ ୮,୫୮୧ ଦୁଇ ଚକିଆ ଇଭି, ୯୬୫ ତିନି ଚକିଆ, ୮୫୪ ଚାରି ଚକିଆ ଏବଂ ୭୩ ବସ ପଞ୍ଜିକୃତ ହୋଇଛି। ସରକାର ଏ ପର୍ଯ୍ୟନ୍ତ ମୋଟ '୨୩୨.୪୫ କୋଟି ସବସିଡି ରାଶି ପ୍ରଦାନ କରିଛନ୍ତି। ଏହା ରାଜ୍ୟ ସରକାରଙ୍କ ଓଡ଼ିଶା ଇଲେକ୍ଟ୍ରିକ ଯାନ ନୀତି ୨୦୨୧ ଅଧୀନରେ ୧,୨୨,୫୭୮ ହିତାଧିକାରୀଙ୍କୁ ଲାଭ ଦେଇଛି। ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଇଭି ନୀତି ଅଧୀନରେ ପଞ୍ଜିକୃତ ଯାନବାହନ ସଂଖ୍ୟା ଏବଂ ବଣ୍ଟନ କରାଯାଇଥିବା ସବସିଡି ଏ ବିଷୟରେ ପଚାରିଥିବା ପ୍ରଶ୍ନର ଉତ୍ତର ଦେଇ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓଡ଼ିଶା ବିଧାନସଭାକୁ ସୂଚନା ଦେଇଥିଲେ। ଅନ୍ୟପଟେ ରାଜ୍ୟରେ ଇଭି ପାଇଁ ଭିତ୍ତିଭୂମିରେ ସୁଧାର ଆଣିବା ଜରୁରୀ ହୋଇପଡ଼ିଛି। ବିଶେଷକରି ଚାର୍ଜି ଷ୍ଟେଶନ ସ୍ଥାପନର ଆବଶ୍ୟକତା ପରିଲକ୍ଷିତ ହୋଇଛି। ୨୦୨୩-୨୪ ଆର୍ଥିକ ବର୍ଷର ସୂଚନାନୁସାରେ ଦେଶରେ ସମୁଦାୟ ୨୬୩୬ ଚାର୍ଜି ଷ୍ଟେଶନ ରହିଥିବବେବେଳେ ଓଡ଼ିଶାରେ ମାତ୍ର ୧୮ଟି ଚାର୍ଜିଂଷ୍ଟେଶନ ରହିଛି।

## ଚାର୍ଜିଂ ଷ୍ଟେଶନ ଭଳି ଭିତ୍ତିଭୂମିର ଅଭାବ

"ବିବାହ ଋତୁରେ ଗାଡ଼ି ବଜାର ଭଲ ପ୍ରଦର୍ଶନ କରିଥାଏ। ମାତ୍ର ଚଳିତବର୍ଷ ଏହା ଭଲ ପରିଦର୍ଶନ କରିନାହିଁ। ଯଦିଓ ପ୍ରିମିୟମ୍ ସେଗମେଣ୍ଟରେ ସେପରି ପ୍ରଭାବ ପଡ଼ିନାହିଁ ବର୍ତ୍ତମାନ ଲୋୟର ସେଗମେଣ୍ଟରେ ଖରାପ ପ୍ରଦର୍ଶନ ଦେଖିବାକୁ ମିଳିଛି। ଯୁବପିଢ଼ି ବିଶେଷ କରି ସହରାଞ୍ଚଳ ଗ୍ରାହକ ବର୍ତ୍ତମାନ ବର୍ତ୍ତମାନ ୧୦୦ରୁ ୧୫୦ ସିସି ଦୁଇ ଚକିଆ ଯା ପରିବର୍ତ୍ତେ ସେମାନେ ଇଭି ସ୍କୁଟର ବ୍ୟବହାର କରିବାକୁ ଚାହୁଁଛନ୍ତି। ଚାରିଚକିଆ ଯାନ ପାଇଁ ଚାର୍ଜିଂ ଷ୍ଟେଶନ ଭଳି ଭିତ୍ତିଭୂମିର ଅଭାବ ରହିଛି। ମାତ୍ର ଦୁଇଚକିଆ ଇଭି ସ୍କୁଟର କ୍ଷେତ୍ରରେ ସେପରି ସମସ୍ୟା ନାହିଁ। ଦୁଇଚକିଆ ଯାନ ଚଳାଉଥିବା ଅଧିକାଂଶ ଲୋକ ଦିନକୁ ୭୦ରୁ ୮୦ କିଲୋମିଟର ଯାତ୍ରା କରିଥା'ନ୍ତି। ତେଣୁ ଏଥିପାଇଁ ନିଜ ଘରେ ଥରେ ଇଭି ସ୍କୁଟର ଚାର୍ଜ କରି ସେ ଯାତ୍ରା କରିପାରନ୍ତି। ସେହିପରି ସହରାଞ୍ଚଳରେ ବିଶେଷ ସମସ୍ୟା ନାହିଁ ମାତ୍ର ଗ୍ରାମାଞ୍ଚଳରେ ଦୁଇଚକିଆ ଯାନ ବିକ୍ରି କ୍ଷେତ୍ରରେ ବ୍ୟବସାୟ ବିସ୍ତାର କରିବାରେ ଏବେ ଅନେକ ଆହ୍ୱାନ ରହିଛି।


**– ମନସୁର ବକ୍ସ, ପରିଚାଳନା ନିର୍ଦ୍ଦେଶକ, ଏମ୍‌ଏସ୍‌ବି ବଜାଜ୍, ଭୁବନେଶ୍ୱର**



## ଗ୍ରାମୀଣ ଅଞ୍ଚଳରେ ଚାହିଦା ବୃଦ୍ଧି ଜରୁରୀ

"ଅଟୋଶିଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ପ୍ରବେଶ କରୁଛି ଯେଉଁଠାରେ ଅଭିବୃଦ୍ଧିକୁ ରଣନୈତିକ ସତର୍କତା ସହିତ ସ୍ଥିର କରାଯିବା ଆବଶ୍ୟକ। ଆଗାମୀ ଦିନରେ ଏହି ଏହି କ୍ଷେତ୍ରରେ ଅଭିବୃଦ୍ଧି ପାଇ ଗ୍ରାମୀଣ ଏବଂ ଅର୍ଦ୍ଧସହରାଞ୍ଚଳରେ ଚାହିଦା ବୃଦ୍ଧି କରିବା ଜରୁରୀ। ସେହିପରି ବୈଦ୍ୟୁତିକ ଯାନ ଭିତ୍ତିଭୂମକୁ ସୁଦୃଢ଼ କରାଯିବାର ଆବଶ୍ୟକତା ରହିଛି। ଇନଭେଣ୍ଟରୀ ଏବଂ ରିଟେଲ ଷ୍ଟ୍ରାଟେଜି କାର୍ଯ୍ୟକାରୀ କରିବା ସହ ବାସ୍ତବବାଦୀ ବ୍ୟବସାୟ ଯୋଜନା ପାଇଁ ଓଇଏମ୍-ଡିଲର ସହଭାଗୀତାକୁ ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ଅଟୋମୋବାଇଲ ଶିଳ୍ପ କ୍ଷେତ୍ରର ପୁନରୁଦ୍ଧାର ପାଇଁ ବିଶେଷକରି ବ୍ୟକ୍ତିଗତ ଅଟୋମୋବାଇଲ କ୍ଷେତ୍ରରେ ଗଠନାତ୍ମକ ପରିବର୍ତ୍ତନ ପାଇଁ ସମୟ, ନିବେଶ ଏବଂ ସମନ୍ୱିତ କାର୍ଯ୍ୟର ଗୁରୁତ୍ୱ ରହିଛି। ଗ୍ରାହକଙ୍କ ଚାହିଦା ପୂରଣ ପାଇଁ ସମୋୟଚିତ ପଦକ୍ଷେପ, ଉତ୍ତମ ବ୍ୟବସାୟିକ ରଣନୀତି ଭାରତୀୟ ଅଟୋମୋବାଇଲ ଶିଳ୍ପ ଏହି ପରିବର୍ତ୍ତନକୁ ବୃଦ୍ଧି କରିପାରିବ ଏବଂ ୨୦୨୫-୨୬ ଆର୍ଥିକ ବର୍ଷଠାରୁ ଏହି କ୍ଷେତ୍ର ଅଧିକ ଶକ୍ତିଶାଳୀ ହୋଇ ଉଭା ହୋଇପାରିବ।


**– ସମଶେର ସିଂ ହୁରା, ସିଇଓ ଏବଂ ପ୍ରତିଷ୍ଠାତା, ଜାଶ୍ ମୋଟସର୍ସ ,ସମ୍ବଲପୁର**



## କମର୍ସିଆଲ ଯାନ ବଜାର ମାନ୍ଦା ପଡ଼ିଛି

"କମର୍ସିଆଲ ଯାନ କ୍ଷେତ୍ରରେ ଓଡ଼ିଶା ବଜାର ଟିକେ ମାନ୍ଦା ପଡ଼ିଛି । ନୂଆ ସରକାର ଗଠନ ହୋଇଥିବାରୁ ଏଦିଗରେ ପ୍ରୋତ୍ସାହନ ପ୍ରଦାନ ନେଇ ରାଜ୍ୟ ସରକାର ବର୍ତ୍ତମାନ ଯୋଜନା ପ୍ରସ୍ତୁତ କରୁଛନ୍ତି। ଯୋଜନାକୁ ରୂପରେଖ ଦେବାରେ ସାମାନ୍ୟ ବିଳମ୍ବ ହୋଇପାରେ ମାତ୍ର ଆଗକୁ ୫୦ ପ୍ରତିଶତରୁ ଅଧିକ ଅଭିବୃଦ୍ଧି ଆଶା କରାଯାଉଛି। କମର୍ସିଆଲ ଯାନ ବିକ୍ରି କ୍ଷେତ୍ରରେ ଗ୍ରାମାଞ୍ଚଳ କିମ୍ବା ସହରାଞ୍ଚଳରେ କିଛି ପାର୍ଥକ୍ୟ ନାହିଁ। ଯେଉଁଠାରେ ଶିଳ୍ପ ରହିଛି ସେଠାରେ ଏହି ବର୍ଗର ଯାନ ବିକ୍ରି ହେବ। ନିକଟରେ ରାଜ୍ୟ ସରକାର ଅନେକ ଶିଳ୍ପାନୁଷ୍ଠାନ ସହ ଚୁକ୍ତି କରିଛନ୍ତି। ତେଣୁ ରାଜ୍ୟରେ ଶିଳ୍ପ ଯେତେ ସୁଦୃଢ଼ ହେବ କମର୍ସିଆଲ ଯାନ ବିକ୍ରିର ପରିମାଣ ମଧ ବଢ଼ିବ। ମୋ ଜାଣିବାରେ କମ ଟନେଜ ପରିବହନ କରୁଥିବା ଯାନ ତୁଳନାରେ ଅଧିକ ଟନେଜ ପରିବହନ କରୁଥିବା ଯାନ ସଂଖ୍ୟା ବୃଦ୍ଧି ପାଇଛି। ଏହାର ମୁଖ୍ୟ କାରଣ ହେଉଛି ଭଲ ରାସ୍ତା, କମ ମୂଲ୍ୟ ଏବଂ ବଜାରରେ ଅଧିକ ମୂଲ୍ୟରେ ବିକ୍ରି ହେଉଥିବା ସାମଗ୍ରୀ। ପୂର୍ବରୁ ନବାଗତଙ୍କ ପାଇଁ ଋଣ ପାଇବା କଷ୍ଟସାଧ ଥିଲାବେଳେ ଏହା ବର୍ତ୍ତମାନ ସହଜ ହୋଇଯାଇଛି।


**– ବିମଳେନ୍ଦୁ ମହାନ୍ତି, ଏମଡି, ତୃପ୍ତି ଗ୍ରୁପ୍, କଟକ**



## ପୂର୍ବ ବର୍ଷର ଚାହିଦା ହ୍ରାସର ପ୍ରଭାବ ପଡିଛି

"ଆର୍ଥିକ ବର୍ଷ ଶେଷ ପୂର୍ବରୁ ମୂଲ୍ୟହ୍ରାସ ଭତ୍ତାରୁ ଲାଭ ଉଠାଇବା ଏବଂ ଏପ୍ରିଲର ମୂଲ୍ୟ ବୃଦ୍ଧିର ଲାଭ ଉଠାଇବା ପାଇଁ କର୍ପୋରେଟ ଏବଂ ବ୍ୟକ୍ତିଗତ କ୍ରୟ ବଢ଼ିଥାଏ। ତେବେ ୨୦୨୫ ମାର୍ଚ୍ଚରେ ଅଧିକ ଗିହାତି ଏବଂ ସାମଗ୍ରୀ ଚାପ ଏବଂ ଦୁର୍ବଳ ଗ୍ରାମୀଣ ଭାବନା କାରଣରୁ ଏହି ସେଗମେଣ୍ଟରେ ସାମାନ୍ୟ ଅଭିବୃଦ୍ଧି ଘଟିଥିଲା । ପର୍ବପର୍ବାଣୀ ବୃଦ୍ଧି ସତ୍ତ୍ୱେ ବଜାରରେ ଅନିଶ୍ଚିତତା ଏବଂ ଆଇସିଇ ସେଗମେଣ୍ଟରେ କୌଣସି ବଡ଼ ଉତ୍ପାଦ ଉନ୍ମୋଚନ ମଧ ସ୍ଥିର ଚାହିଦା ଦେଇନଥିଲା ଏବଂ ପୂର୍ବ ବର୍ଷର ଚାହିଦା ହ୍ରାସ ଯୋଗୁଁ ଚଳିତ ବର୍ଷ ଅଭିବୃଦ୍ଧି ହ୍ରାସ ପାଇଛି। ତେବେ ଏସୟୁଭିର ପ୍ରବଳ ଚାହିଦା ରହିଛି। ବଜାର ଏହି ସେଗମେଣ୍ଟରେ ଚାହିଦାକୁ ସମର୍ଥନ ଜାରି ରଖିଛି। ଟୋୟୋଟା ସହିତ ଆମେ ହାଇରାଇଡରରେ ଦୃଢ଼ ଚାହିଦା ଦେଖୁଛୁ । ଏହା ବହୁତ ସକାରାତ୍ମକ ପ୍ରଭାବ ପକାଇଛି। ସରକାରୀ ପ୍ରୋତ୍ସାହନ ୨ ଚକିଆ ସେଗମେଣ୍ଟରେ ଇଭି ବିକ୍ରିକୁ ଯଥେଷ୍ଟ ବୃଦ୍ଧି କରିଛି। ମାତ୍ର ମୋ ଜାଣିବାରେ ଅଭିବୃଦ୍ଧିକୁ ବଜାୟ ରଖିବା ପାଇଁ ଓଡ଼ିଶାରେ ଚାର୍ଜିଂ ଷ୍ଟେଶନ ଭିତ୍ତିଭୂମିକୁ ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ସରକାର ଉତ୍ତରପ୍ରଦେଶ ପରି ଅନ୍ୟ ରାଜ୍ୟଦ୍ୱାରା ଗ୍ରହଣ କରାଯାଇଥିବା ହାଇବ୍ରିଡ ମଡେଲ ଉପରେ ସମାନ ପ୍ରୋତ୍ସାହନ ପ୍ରଦାନ କରିବା ଉଚିତ୍। ବିକ୍ରୟ ଚାହିଦା, ସୁଧ ହାର, ମୌସୁମୀ, ନୂତନ ଉତ୍ପାଦ ଉନ୍ମୋଚନ ଇତ୍ୟାଦି ଅନେକ କାରଣ ଉପରେ ନିର୍ଭର କରେ, ମାତ୍ର ଏ କ୍ଷେତ୍ରରେ ମୁଁ ଖୁବ୍ ଆଶାବାଦୀ ଅଛି। ଇଣ୍ଡଷ୍ଟ୍ରି ପ୍ରିମିୟମ ବୈଶିଷ୍ଟ୍ୟ ଏବଂ ଏସୟୁଭି ଉପରେ ଧ୍ୟାନ ଦେଇ ଭଲ୍ୟୁମ ଅଭିବୃଦ୍ଧିରୁ ମୂଲ୍ୟ ଭିତ୍ତିକ ଅଭିବୃଦ୍ଧିକୁ ପରିବର୍ତ୍ତନ କରିବ।

**– ସିଦ୍ଧାର୍ଥ ଗର୍ଗ, ନିର୍ଦ୍ଦେଶକ, ଗର୍ଗସନ ଗ୍ରୁପ୍, ଭୁବନେଶ୍ୱର**



## ସ୍କ୍ରାପେଜ ନୀତି କଡ଼ାକଡ଼ି ହେବା ଜରୁରୀ

"କୋଭିଡ ପରେ ଓଡ଼ିଶାରେ ଅଟୋମୋବାଇଲ କ୍ଷେତ୍ରର ପ୍ରାରମ୍ଭିକ ଚାହିଦା ବଢ଼ିବା ପରେ ଅଭିବୃଦ୍ଧିରେ ସ୍ଥିରତା ଦେଖାଦେଇଛି। ଏହାପଛରେ ଅନେକ କାରଣ ରହିଛି। ନୂଆ ସରକାର ଗଠନ ସହିତ ଓଡ଼ିଶାର ରାଜନୈତିକ ସ୍ଥିତି ସମ୍ପୂର୍ଣ୍ଣ ରୂପେ ସରଗରମ ହୋଇଛି । ଯାହାର ପରିଣାମ ସ୍ୱରୂପ ନୀତି ନିର୍ଦ୍ଧାରଣ ହାର୍, ଭିତ୍ତିଭୂମି ବିକାଶ ଏବଂ ଖର୍ଚ୍ଚ ପାଇଁ ପାଣ୍ଠି ଆବଣ୍ଟନ ମନ୍ଥର ହୋଇଛି। ଗତ କିଛି ବର୍ଷ ମଧ୍ୟରେ ସୁଧ ହାରରେ କ୍ରମାଗତ ବୃଦ୍ଧି ଘଟିଛି, ଯାହାଫଳରେ କ୍ରୟ ମୂଲ୍ୟ ଅଧିକ ହେବ। ଏହି ଉତ୍ପାଦଗୁଡିକ ପାଇଁ ଆର୍ଥିକ ବ୍ୟବସ୍ଥାକୁ କଡ଼ାକଡ଼ି କରିବା। ବିଶେଷ କରି ୪ ଚକିଆ ଓ ୩ ଚକିଆ ଯାନ ବଜାରରେ ଇଭି ଯାନରେ ପରିଣତ ହେବା ନେଇ ଏକ ପ୍ରକାର ଦ୍ୱନ୍ଦ୍ୱ ରହିଛି। ଭିତ୍ତିଭୂମି ପାଣ୍ଠି ଉପରେ ଗୁରୁତ୍ୱ ଦେବା, ସଡ଼କ ଓ ଖଣି ଠିକା ପୁନଃ ଆରମ୍ଭ କରିବା, ଯାହା ଉଭୟ ବାଣିଜ୍ୟିକ ଏବଂ ବ୍ୟକ୍ତିଗତ ଭାବେ ୪ ଚକିଆ ଚାହିଦାକୁ ବଢ଼ାଇବ। ଭାରତ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ସ୍କ୍ରାପେଜ ନୀତିକୁ କଡ଼ାକଡ଼ି ଭାବେ ପାଳନ କରାଯିବା ଉଚିତ। ଇଭି କ୍ଷେତ୍ରକୁ ଅଭିବୃଦ୍ଧିରେ ସାହାଯ୍ୟ କରିବା ପାଇଁ, ବିଭିନ୍ନ ସୁବିଧା ପ୍ରଦାନପୂର୍ବକ ରାଜ୍ୟ ସରକାରଙ୍କ ତରଫରୁ ଏକ ନିର୍ଦ୍ଦିଷ୍ଟ ପ୍ରୋତ୍ସାହନର ଆବଶ୍ୟକତା ରହିଛି।


**ବ୍ରିଜେଶ ମେହେର, ପରିଚାଳନା ନିର୍ଦ୍ଦେଶକ, ମିନର୍ଭା ଅଟୋମୋବାଇଲ, ବଲାଙ୍ଗିର**



## ସେଡାନ ସେଗମେଣ୍ଟରେ ଚାହିଦା କମୁଛି

"ମାର୍ଚ୍ଚ ମାସ ରିପୋର୍ଟକୁ ଅନୁଧାନ କଲେ ଜଣାପଡୁଛି ଓଡ଼ିଶାରେ ୨ଚକିଆ ଯାନ ବିକ୍ରି କ୍ଷେତ୍ରରେ ୬.୩୮ ପ୍ରତିଶତ ହ୍ରାସ ଘଟିଛି। ମାତ୍ର ପାସେଞ୍ଜର ଗାଡ଼ି କ୍ଷେତ୍ରରେ ୬.୪୪% ଅଭିବୃଦ୍ଧି ଦେଖିବାକୁ ମିଳିଛି। ତେବେ ଜାତୀୟ ସ୍ତରରେ କମ୍ପାକ୍ଟ ଏସୟୁଭିର ଚାହିଦା ଦେଖିବାକୁ ମିଳୁଛି। ୫୦%ରୁ ଅଧିକ ଗ୍ରାହକ ଏହି ସେଗମେଣ୍ଟକୁ ବାଛିଛନ୍ତି । ଓଡ଼ିଶାରେ ମଧ ଏହି ଧାରା ପ୍ରତିଫଳିତ ହେଉଛି, ଯେଉଁଠାରେ କମ୍ପ୍ୟାକ୍ଟ ଏସ୍ୟୁଭି ଗ୍ରାହକଙ୍କ ମଧ୍ୟରେ ଅଧିକ ଲୋକପ୍ରିୟ ହେବାରେ ଲାଗିଛି। ପୂର୍ବରୁ ଭାରତୀୟ ଅଟୋମୋବାଇଲ ବଜାରରେ ଏକ ପ୍ରଭାବଶାଳୀ ସ୍ଥାନ ରେ ଥିବା ସେଡାନ ସେଗମେଣ୍ଟରେ ଏବେ ଉଲ୍ଲେଖନୀୟ ହ୍ରାସ ଦେଖିବାକୁ ମିଳୁଛି। ପ୍ରମୁଖ ଓଇଏମ ଗୁଡ଼ିକ ଧୀରେ ଧୀରେ ଏହି ବର୍ଗରୁ ଦୂରେଇ ଯାଉଛନ୍ତି, ସାମଗ୍ରିକ ବ୍ରାଣ୍ଡଗୁଡ଼ିକ ବର୍ତ୍ତମାନ ସମୁଦାୟ ୩ରୁ ୪ଟି ସେଡାନ ମଡେଲ ପ୍ରଦାନ କରୁଛନ୍ତି। ତେଣୁ ବିଶେଷ କରି ସେଡାନ ବର୍ଗରେ ଆଉ ଇନଭେଣ୍ଟୋରୀ ଲେଭେଲ ନାହିଁ। ବୈଦ୍ୟୁତିକ ଯାନ(ଇଭି) ଗ୍ରହଣରେ ଯଥେଷ୍ଟ ଅଭିବୃଦ୍ଧି ଏବଂ ଚାର୍ଜିଂ ଭିତ୍ତିଭୂମି ଏବଂ ପ୍ରୋତ୍ସାହନ ବୃଦ୍ଧି ପାଇଁ ପ୍ରୟାସ ଜାରି ରହିଥିବାରୁ ଓଡ଼ିଶା ବିଶେଷକରି ଭୁବନେଶ୍ୱର ଏକ ଆଶାଜନକ ମାର୍ଗରେ ଗତି କରୁଛି। ଏହି ଗତିକୁ ବଜାୟ ରଖିବା ଏବଂ ଦୀର୍ଘମିଆଦୀ ସ୍ଥାୟୀତା ଲକ୍ଷ୍ୟ ହାସଲ କରିବା ପାଇଁ ଚାର୍ଜିଂ ସୁବିଧା ଏବଂ ଜନସଚେତନତା କ୍ଷେତ୍ରରେ ନିରନ୍ତର ପୁଞ୍ଜିନିବେଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ। ମୋଟାମୋଟି ଭାବେ ସହରରେ ଇଭିର ଅଭିବୃଦ୍ଧି ଓ ବଜାର ଅଂଶ ବୃଦ୍ଧି ପାଉଛି।


**– ପ୍ରଦୀପ ଅଗ୍ରୱାଲ, ଟ୍ରେଜେରର, ଫାଡା**



## ଅଧିକ ଗବେଷଣା ଜରୁରୀ

"ଅଟୋମୋବାଇଲ କ୍ଷେତ୍ରରେ ଅଭିନବତାର ଅଭାବ କାରଣରୁ ଅଟୋମୋବାଇଲ କ୍ଷେତ୍ର କିଛି ପରିମାଣରେ ପଛାଇଯାଇଛି। ପାଶ୍ଚାତ୍ୟ ଦେଶତୁଳନାରେ ଅଟୋମୋବାଇଲ କ୍ଷେତ୍ରରେ ଆମକୁ ଅଧିକ ଗବେଷଣା ଏବଂ ବିକାଶର ଆବଶ୍ୟକତା ରହିଛି। ସେହପରି ଟିକସ ହ୍ରାସ ଦ୍ୱାରା ଉଚ୍ଚ ଅଭିବୃଦ୍ଧି ହୋଇପାରେ। ଉତ୍ତମ ସ୍କ୍ରାପେଜ ବୋନସ ମଧ ଅଟୋମୋବାଇଲ ଶିଳ୍ପକୁ ପ୍ରୋତ୍ସାହିତ କରିପାରିବ ବୋଲି ଆଶା କରୁଛି।


**– ପବନ କୁମାର ସୁଲତାନିଆ, ପରିଚାଳନା ନିର୍ଦ୍ଦେଶକ, ଇନଫିନିଟି ଭେଞ୍ଚର, ଝାରସୁଗୁଡ଼ା**



## ଗ୍ରାମୀଣ ଚାହିଦା ଦୁର୍ବଳ ହୋଇଛି

"ଭାରତୀୟ ଅଟୋମୋବାଇଲକ୍ଷେତ୍ର ବିଫଳ ହୋଇନାହିଁ, ବରଂ ଅନେକ ପରସ୍ପର ସହ ଜଡ଼ିତ ଆହ୍ୱାନ କାରଣରୁ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଏବଂ ସାମୟିକ ମାନ୍ଦାବସ୍ଥା ଦେଇ ଗତି କରୁଛି। ଅର୍ଥନୈତିକ ମାନ୍ଦାବସ୍ଥା ଏବଂ ନିମ୍ନ ଉପଭୋକ୍ତା ଭାବନା, କୋଭିଡ ପରବର୍ତ୍ତୀ ଆର୍ଥିକ ଚାପ, ମୁଦ୍ରାସ୍ଫୀତି ଏବଂ ଆୟରେ ଅନିଶ୍ଚିତତା କ୍ରୟ ପରିମାଣ ହ୍ରାସ କରିଛି। ୨ ଚକିଆ ଓ କ୍ଷୁଦ୍ର ଯାନ ବିକ୍ରିର ଏକ ମଜଭୁତ ସ୍ତମ୍ଭ ଭାବେ ପରିଚିତ ଗ୍ରାମୀଣ ଚାହିଦା ଦୁର୍ବଳ ହୋଇଛି। ଇଭି ଏବଂ ନିୟାମକ ଚାପରେ ପରିବର୍ତ୍ତନ, ସମ୍ପୂର୍ଣ୍ଣ ଭିତ୍ତିଭୂମି ପ୍ରସ୍ତୁତି ବିନା ହଠାତ୍ ଇଲେକ୍ଟ୍ରିକ ଯାନ (ଇଭି)ର ପ୍ରବେଶ ଦ୍ୱାରା କ୍ରେତାମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ବାରମ୍ବାର ନିୟାମକ ପରିବର୍ତ୍ତନ ଯୋଗୁଁ ଗାଡିର ମୂଲ୍ୟ ବୃଦ୍ଧି ପାଇଥିଲା। ସେହିପରି ସେମିକଣ୍ଡକ୍ଟର ଅଭାବ, କଞ୍ଚାମାଲ ମୂଲ୍ୟ ବୃଦ୍ଧି ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳା ବିଳମ୍ବ ଉତ୍ପାଦନ ସମୟସୀମାକୁ ପ୍ରଭାବିତ କରିଛି । ତୈଳ ଦର ବୃଦ୍ଧି, ବୀମା ପ୍ରିମିୟମ, ପଞ୍ଜୀକରଣ ଶୁଳ୍କ ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ମାଲିକାନାକୁ ପ୍ରଭାବିତ କରିଛି। ସହରୀ ଯୁବପିଢ଼ି ମାଲିକାନା ଅପେକ୍ଷା ଅଂଶୀଦାର ଗତିଶୀଳତା (ଓଲା, ଉବର) ପସନ୍ଦ କରନ୍ତି। ଆଇସିଇ ଏବଂ ଇଭିକୁ ସମାନ୍ତରାଳ ଭାବରେ ପ୍ରୋତ୍ସାହିତ କରି ଟିୟର ୨/୩ ବଜାରରେ ଆଇସିଇ ଏବେ ବି ପ୍ରାସଙ୍ଗିକତା ରଖିଛି। ସବ ସିଡି/ପ୍ରୋତ୍ସାହନ କେବଳ ଇଭିରେ ସୀମିତ ରହିବା ଉଚିତ ନୁହେଁ।

**ମନୋରଞ୍ଜନ ଦାସ, ପରିଚାଳନା ନିର୍ଦ୍ଦେଶକ, ପିଏମଜି ମୋଟର୍ସ, କଟକ**



## ବଜାର ସ୍ଥିରତା ପାଇଁ ସତର୍କତା ଜରୁରୀ

"ବର୍ତ୍ତମାନର ବିଶ୍ୱ ପରିବେଶ ନିଶ୍ଚିତ ଭାବରେ ଅନିଶ୍ଚିତତା ଦେଇ ଗତି କରୁଛି, ଯାହା ଫଳରେ ବାଣିଜ୍ୟ ଏବଂ ନିବେଶକୁ ପ୍ରଭାବିତ କରୁଥିବା ଭୂରାଜନୈତିକ ଉତ୍ତେଜନା ଏବଂ ଏଆଇ ସମନ୍ୱିତ ଚାକିରି ସୁରକ୍ଷା ବିଷୟରେ ଚିନ୍ତା ସୃଷ୍ଟି କରୁଛି। ବିଶେଷକରି କାର ପରି ବଡ଼ କ୍ରୟ ସହିତ ସତର୍କ ଗ୍ରାହକ ଆଚରଣ, ଷ୍ଟକ ଏକ୍ସଚେଞ୍ଜରେ କରାଯାଇଥିବା ନିବେଶରେ ଅନିଶ୍ଚିତତା, ଇଏମଆଇ (ମାସିକ କିସ୍ତି) ପ୍ରତି ପ୍ରତିଶ୍ରୁତିବଦ୍ଧ ହେବାରେ ସଂକୋଚ ଏହି ଅନିଶ୍ଚିତତାକୁ ପ୍ରତିଫଳିତ କରୁଛି। ଉନ୍ନତ ଇଭି (ବୈଦ୍ୟୁତିକ ଯାନ) ବିକଳ୍ପ, ପୁଞ୍ଜି କ୍ରୟକୁ ସ୍ଥଗିତ ରଖିବା ଏବଂ ବଜାରରେ ଅଧିକ ସ୍ଥିରତା ଏବଂ ସ୍ୱଷ୍ଟତା ନଆସିବା ପର୍ଯ୍ୟନ୍ତ ଏହି ସତର୍କ ଆଭିମୁଖ୍ୟ ଜାରି ରହିବାର ସମ୍ଭାବନା ଅଛି।

**– ଅଖିଳ ପୋଦ୍ଦାର, ଚେୟାରପର୍ସନ, ଫାଡା, ଓଡ଼ିଶା**



## ପାରମ୍ପରିକ ଯାନକୁ ପ୍ରୋତ୍ସାହନ ମିଳୁ

"ଅର୍ଥନୈତିକ ମାନ୍ଦାବସ୍ଥା, ଉପଭୋକ୍ତା କ୍ରୟ ଶକ୍ତି ହ୍ରାସ, ଚାକିରି ଅନିଶ୍ଚିତତା ଏବଂ ସାମଗ୍ରିକ ଅର୍ଥନୈତିକ ଚାପ ଯୋଗୁଁ ଗାଡ଼ି ଭଳି ବଡ଼ ବଡ଼ ଜିନିଷ ଉପରେ ଉପଭୋକ୍ତା ଖର୍ଚ୍ଚ ହ୍ରାସ ପାଇଛି। କୋଭିଡ-୧୯ର ପ୍ରଭାବ, ବଢୁଥିବା ଗାଡ଼ି ଦର ସହ ଇଲେକ୍ଟ୍ରିକ ଯାନ (ଇଭି)କୁ ଗ୍ରହଣ ପ୍ରତି ଉଦ୍ୟମ ଜାରି ରହିଥିବାରୁ ଯାନବିକ୍ରି କ୍ଷେତରେ ମାନ୍ଦାବସ୍ଥା ଦେଖିବାକୁ ମିଳିଛି। ସରକାର ଉଭୟ ଇଭି ଏବଂ ପାରମ୍ପରିକ ଯାନ ବର୍ଗରେ ପ୍ରୋତ୍ସାହନ ପ୍ରଦାନ କରିବା ଉଚିତ୍ । ଯାନବାହନ ଉପରେ ଅସ୍ଥାୟୀ ଜିଏସଟି ହ୍ରାସ ଚାହିଦା ବଢ଼ାଇପାରେ। ଇଭି ଇକୋସିଷ୍ଟମକୁ ମଜବୁତ କରିବାକୁ ମଧ ପଡ଼ିବ। ଚାର୍ଜିଂ ଷ୍ଟେସନ, ବ୍ୟାଟେରୀ ସ୍ୱାପିଂ ଏବଂ ଇଭି ଯନ୍ତ୍ରାଂଶର ସ୍ଥାନୀୟ ଉତ୍ପାଦନ ପରି ଇଭି ଭିତ୍ତିଭୂମିର ଦ୍ରୁତ ବିକାଶ ଉପଭୋକ୍ତାଙ୍କ ଦ୍ୱିଧାକୁ ହ୍ରାସ କରିବ। ସେହିପରି ଗ୍ରାମୀଣ ଭାରତରେ ସ୍ୱତନ୍ତ୍ର ଆର୍ଥିକ ଯୋଜନା, ସବସିଡି ପ୍ରଦାନ ଦ୍ୱାରା ଦୁଇ ଚକିଆ ଯାନ ଏବଂ କାର ବିକ୍ରିକୁ ପ୍ରୋତ୍ସାହିତ କରିବାରେ ସହାୟକ ହୋଇପାରିବ। ପରିବର୍ତ୍ତିତ ଅଟୋ ଲ୍ୟାଣ୍ଡସ୍କେପ ସହିତ ଖାପ ଖୁଆଇବା ପାଇଁ କ୍ଷୁଦ୍ର ଯୋଗାଣକାରୀମାନଙ୍କୁ କ୍ରେଡିଟ ଏବଂ ବୈଷୟିକ ସହାୟତାର ଆବଶ୍ୟକତା ରହିଛି। ଏହାସହ ଏନବିଏଫସିର ପୁନରୁଦ୍ଧାର ଏବଂ ନମନୀୟ ଋଣ ଯୋଜନା ନିମ୍ନ ଏବଂ ମଧ୍ୟମ ଆୟ କାରୀ କମ୍ପାନୀକୁ ସାହାଯ୍ୟ କରିପାରିବ।


**– ଆଦର୍ଶ ଧାୱନ, ନିର୍ଦ୍ଦେଶକ, ସେଣ୍ଟ୍ରାଲ ଏମଜି ଆଣ୍ଡ ସେଣ୍ଟ୍ରାଲ ବିୱାଇଡି, ଭୁବନେଶ୍ୱର**



## ହାଇବ୍ରିଡ୍ ଗାଡ଼ିକୁ ପ୍ରୋତ୍ସାହନ ଆବଶ୍ୟକ

"ଉତ୍ତରପ୍ରଦେଶ ସରକାର ଯେଉଁଭଳି ଯୋଜନା ଆଣୁଛନ୍ତି ସେପରି ଯୋଜନା ଓଡ଼ିଶାରେ ଲାଗୁ କରାଗଲେ ଯାନବାହାନ ଶିଳ୍ପ ଅଗ୍ରଗତି କରିବ। ଛତିଶଗଡ଼ ସରକାର ମଧ ଯାନାବହାନ ବାହାନ ଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ସଡ଼କ ଟିକସର ୫୦ପ୍ରତିଶତ ବ୍ୟୟ କରୁଛନ୍ତି। ଏପରି ପଦକ୍ଷେପ ସାରା ଓଡ଼ିଶାରେ ଗ୍ରହଣ କରାଯିବା ଉଚିତ। ସେହିପରି ସ୍ୱତନ୍ତ୍ର ସବସିଡି ବନ୍ଦୋବସ୍ତ ମଧ ଜରୁରୀ। ଦେଶର ଅନ୍ୟ ରାଜ୍ୟଗୁଡ଼ିକରେ ହାଇବ୍ରିଡ୍ ଗାଡ଼ିକୁ ସରକାର ପ୍ରୋତ୍ସାହିତ କରୁଛନ୍ତି। ସମାନ ଧାରା ଓଡ଼ିଶାରେ ଲାଗୁହେଲେ ଅଭିବୃଦ୍ଧି ସୁନିଶ୍ଚିତ ହେବ।

**– ପୁରୁଷୋତ୍ତମ ବୁଦ୍ଧରାଜା, ପରିଚାଳନା ନିର୍ଦ୍ଦେଶକ, ନାରାୟଣୀ ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍**



## ଭିତ୍ତିଭୂମି ବିକାଶ ଗ୍ରାହକଙ୍କ ଆତ୍ମବିଶ୍ୱାସ ବଢ଼ାଉଛି

"ବିଶେଷ କରି ଦୁଇ ଚକିଆ ଓ କମ୍ପାକ୍ଟ ଚାରି ଚକିଆ ଯାନ କ୍ଷେତ୍ରରେ ଭୁବନେଶ୍ୱରରେ ଇଲେକ୍ଟ୍ରିକ ଯାନ ବିକ୍ରି ଗତ ବର୍ଷକ ମଧ୍ୟରେ ଉଲ୍ଲେଖନୀୟ ବୃଦ୍ଧି ପାଇଛି। ସରକାରୀ ପ୍ରୋତ୍ସାହନ ଏବଂ ସହରରେ ଚାର୍ଜିଂ ଭିତ୍ତିଭୂମିର ଧୀରେ ଧୀରେ ସମ୍ପ୍ରସାରଣ ଗ୍ରାହକଙ୍କ ଆତ୍ମବିଶ୍ୱାସକୁ ବୃଦ୍ଧି କରିଛି। ଯଦିଓ ଆଭ୍ୟନ୍ତରୀଣ ଦହନ ଇଞ୍ଜିନ ଯାନ ତୁଳନାରେ ସାମଗ୍ରିକ ବିକ୍ରି ସାମାନ୍ୟ ରହିଛି, ତଥାପି ଆମେ ପ୍ରତିମାସରେ ସ୍ଥିର ଅଭିବୃଦ୍ଧି ଦେଖୁଛୁ। ବିଶେଷକରି ସହରାଞ୍ଚଳ ଏବଂ ଅର୍ଦ୍ଧ-ସହରାଞ୍ଚଳ କ୍ଲଷ୍ଟର ମଧ୍ୟରେ ଏହି ଅଭିବୃଦ୍ଧି ହେଉଛି। ହୁଣ୍ଡାଇ କ୍ରେଟା ଇଭି, ମହିନ୍ଦ୍ରା ଏସ୍‌ୟୁଭି୯ଇ ଏବଂ ବିଇ.୬ ଭଳି ମଡେଲ ପ୍ରତି ଗ୍ରାହକଙ୍କ ମଧ୍ୟରେ ଚାହିଦା ବଢ଼ିବାରେ ଲାଗିଛି।

**– ଆଦିତ୍ୟ ପାତ୍ର, ପରିଚାଳନା ନିର୍ଦ୍ଦେଶକ, ଆଦିତ୍ୟଗ୍ରୁପ୍, ଭୁବନେଶ୍ୱର**



## ସବ୍‌ସିଡି ପ୍ରଦାନ ଟ୍ରାକ୍ଟର ବିକ୍ରି ବଢ଼ାଇଛି


"ଓଡ଼ିଶାରେ ନୂଆ ସରକାର ଗଠନ ଓ ନିର୍ବାଚନ ପ୍ରକ୍ରିୟା ଯୋଗୁଁ ଅନେକ ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଉଛି କାରଣ ସାଧାରଣତଃ ସରକାରଙ୍କୁ ସମାଧାନ ହେବାକୁ କିଛି ସମୟ ଲାଗିଥାଏ। ନୂତନ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନାର ନବୀକରଣ ଏବଂ ନୂତନ ଲିଜ ପ୍ରଦାନ ଯୋଗୁଁ ମାନ୍ଦାବସ୍ଥା ସହିତ ଖଣି ଶିଳ୍ପରେ ମଧ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଯଦିଓ କର୍ପୋରେଟ କ୍ରେତା, ଠିକାଦାର ଯେଉଁମାନଙ୍କ ପାଖରେ ଏକ ଦୃଢ଼ ଅର୍ଡର ବୁକ ଥିଲା ସେମାନେ ଗାଡ଼ି କିଣିବା ଜାରି ରଖିଥିଲେ ମଧ ଖୁଚୁରା ଗ୍ରାହକ ଏବଂ ପ୍ରଥମ ଥର କ୍ରେତାମାନେ ଗାଡ଼ି ବଜାରର ଏକ ପ୍ରମୁଖ ଅଂଶ ହୋଇଥିବା କମ ବଜାର ଭାବନା କାରଣରୁ କିଣିବାରୁ ଦୂରେଇ ରହିଥିଲେ। ତେବେ ଟ୍ରାକ୍ଟର ପିଛା ୧୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ୮୦ ୟୁନିଟ ସବସିଡି ପ୍ରଦାନ କରି କୃଷକମାନଙ୍କୁ ଉପକୃତ କରିବା ପାଇଁ ସରକାର ଗୁରୁତ୍ୱାରୋପ କରିଥିଲେ ଏହା ଟ୍ରାକ୍ଟର ଶିଳ୍ପ ବୃଦ୍ଧିର ଏକ ପ୍ରମୁଖ କାରଣ । ଧାନ ଭଳି ଫସଲର ଉତ୍ତମ ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ସହିତ ସବସିଡ଼ି ଏବଂ ଚାଷୀଙ୍କ ଆକାଉଣ୍ଟକୁ ତୁରନ୍ତ ରାଶି ବଣ୍ଟନ ଟ୍ରାକ୍ଟର ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା


**– ତେଜିନ୍ଦର ସିଂହ ଭୁମ୍ବର, ନିର୍ଦ୍ଦେଶକ, ପାରାମାଉଣ୍ଟ ଅଟୋମୋଟିଭ୍ ପ୍ରାଇଭେଟ୍ ଲିମିଟେଡ୍**



# ସଫଳତା ପାଇଁ...

**ଜୀବନରେ ସଫଳ ହେବାକୁ ସମସ୍ତେ ଚାହାନ୍ତି। ଏଥିପାଇଁ ଅନେକ ବାଧାବିଘ୍ନକୁ ସାମ୍ନା ବି କରିବାକୁ ପଡ଼େ। କେବେ କେବେ ବିଫଳତାର ବି ସମ୍ମୁଖୀନ ହେବାକୁ ହୁଏ । ହେଲେ ଏଥିରେ ଭାଙ୍ଗି ପଡ଼ିଲେ ନିଜ ଲକ୍ଷ୍ୟପଥରେ ଅଗ୍ରସର ହେବା କଷ୍ଟକର ହୋଇଥାଏ। ତେଣୁ ସଫଳତା ପାଇବାକୁ ହେଲେ ମନୋବଳ ଦୃଢ଼ ରଖି ଆଗକୁ ବଢ଼ିବା ବୁଦ୍ଧିମତ୍ତାର କାର୍ଯ୍ୟ...**





ସଫଳତା ଏବଂ ବିଫଳତା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି। ତେଣୁ ସଫଳତାର ସ୍ୱାଦ ଚାଖିବାକୁ ହେଲେ ବିଫଳତାରେ ଭାଙ୍ଗି ନ ପଡ଼ି ଦୃଢ଼ ମନରେ ନିଜ ଲକ୍ଷ୍ୟପଥରେ ଆଗେଇ ଯିବା ଦରକାର। ତେଣୁ ଜୀବନରେ ଆଗକୁ ବଢ଼ିବା ଲାଗି କେତୋଟି ବିଷୟ ପ୍ରତି ବିଶେଷ ଦୃଷ୍ଟିଦେବା ନିହାତି ଆବଶ୍ୟକ...

**ପ୍ରଥମେ କରନ୍ତୁ ପ୍ଲାନିଂ:** ସଫଳତା ଏତେ ସହଜରେ ମିଳେନାହିଁ। ଏଥିପାଇଁ ଦରକାର ଯୋଜନା। ଅର୍ଥାତ୍ କୌଣସି ବି କାର୍ଯ୍ୟ କରିବାକୁ ହେଲେ ମନଇଚ୍ଛା ଆଗକୁ ବଢ଼ି ନ ଯାଇ ପ୍ରଥମେ ଆବଶ୍ୟକ ଜ୍ଞାନ, ଦକ୍ଷତା ହାସଲ କରିବା ଦରକାର। ଜବ୍, ବିଜ୍‌ନେସ୍ ହେଉ କିମ୍ବା ରୁଚିଥିବା ଯେକୌଣସି କ୍ଷେତ୍ରରେ ସଫଳ ହେବାକୁ ହେଲେ ଏକ ଯୋଜନା ମୁତାବକ କାର୍ଯ୍ୟ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଆଉ ପ୍ରଥମରୁ ହିଁ ଏକ ସକାରାତ୍ମକ ଚିନ୍ତା ରଖି ଏହାକୁ ଅନୁସରଣକରି ଆଗେଇଲେ ଲକ୍ଷ୍ୟ ହାସଲ କରିବା ଅପେକ୍ଷାକୃତ ସହଜ ହୋଇଥାଏ।

**ଭୟ ଦୂରାନ୍ତୁ :** ହାରିବା ବା ବିଫଳତାର ଡର ମନରୁ ସମ୍ପୂର୍ଣ୍ଣ ଦୂରେଇ ଉଦ୍ୟମ ଜାରି ରଖିବା ଦରକାର। କାରଣ ସବୁବେଳେ ଭୟ ରହିଲେ ଆଗକୁ ଆଗେଇବାରେ ବାଧକ ସାଜିଥାଏ। ତେଣୁ ଏପରି ଚିନ୍ତାଧାରାଠାରୁ ନିଜକୁ ଦୂରେଇ ରଖନ୍ତୁ। ଚେଷ୍ଟାକଲେ ଅନେକ କାର୍ଯ୍ୟରେ ସଫଳତା ମିଳିବା ଆଶା ଅଧିକ ଥାଏ। ତେଣୁ ଅସଫଳ ହେବା ଭୟରେ କାର୍ଯ୍ୟକୁ ଛାଡ଼ି ନ ଦେଇ ବାରମ୍ବାର ଚେଷ୍ଟା ଜାରି ରଖନ୍ତୁ ଏବଂ ନିଜ ମନକୁ ଦୃଢ଼କଲେ ସଫଳତାର ମାର୍ଗ ସହଜ ହୋଇପାରିବ।

**ଛାଡ଼ନ୍ତୁ ଜିଦ୍:** ନିଜ କଥା, ଚିନ୍ତାଧାରା ହିଁ ଠିକ୍ ବୋଲି ଅନେକଙ୍କ ମନରେ ଧାରଣ ଥାଏ। ତେଣୁ ବାସ୍ତବ କ'ଣ ଅବା ଭୁଲ୍ ଠିକ୍‌ର ବିଚାର ନ କରି ସେମାନେ ନିଜ ଜିଦ୍‌ରେ ଅଡ଼ି ବସନ୍ତି। ହେଲେ ଖରାପ ଜିଦ୍ ସବୁବେଳେ ଖରାପ ହିଁ କରିଥାଏ। ଏମିତିକି କେବେ କେବେ ଏହି ଜିଦ୍ ହିଁ ସଫଳତା ହାସଲ ପଥରେ ଜଟିଳ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ନିଜ ଜିଦ୍‌ରେ ଅଡି ନ ବସି ନିଜ ମାନସିକତାରେ ପରିବର୍ତ୍ତନ ଆଣନ୍ତୁ। ସବୁବେଳେ ସମସ୍ତଙ୍କଠୁ କିଛି ଶିଖିବା ଏବଂ ନୂଆ ନୂଆ କାର୍ଯ୍ୟ କରି ଲକ୍ଷ୍ୟ ହାସଲ କରିବାର ଇଚ୍ଛାଶକ୍ତି ରଖନ୍ତୁ।

**ହୁଅନ୍ତୁନି ଅଳସୁଆ :** ଆଳସ୍ୟ ହିଁ ମଣିଷର ସବୁଠୁ ବଡ଼ ଶତ୍ରୁ। ଅଳସୁଆ ହୋଇ ଯେକୌଣସି କାର୍ଯ୍ୟରେ ଆଗେଇଲେ ଅସଫଳ ହେବାର ଆଶଙ୍କା ଅଧିକ ରହିଛି। ତେଣୁ ସବୁବେଳେ ନିଜକୁ ଆକ୍ଟିଭ୍ ରଖିବା ସହ ଯେତେ ଅଧିକରୁ ଅଧିକ ଉଦ୍ୟମ କରିବେ ତାହା ଆପଣଙ୍କ ପାଇଁ ସଫଳତାର ମାର୍ଗକୁ ସେତେ ସୁଦୃଢ଼ କରିବ।

**ଜରୁରୀ ଆତ୍ମସମୀକ୍ଷା:** ନିଜକୁ ମାନସିକ ସ୍ତରରେ ଦୃଢ଼ ରଖିବା, ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ଆତ୍ମସମୀକ୍ଷା କରିବାକୁ ଭୁଲନ୍ତୁ ନାହିଁ। କାରଣ ଅନ୍ୟ କାହାକୁ କୌଣସି ଦିଗରେ ଆଗକୁ ବଢୁଥିବାର ଦେଖି ନିଜ ସାମର୍ଥ୍ୟକୁ ନ ଚିହ୍ନି ଭାବପ୍ରବଣ ହୋଇ ଏ ଦିଗରେ ଆଗେଇ ଆସିବା ଦ୍ୱାରା ସଫଳତା ପାଇବା ସହଜ ହୁଏନାହିଁ। ତେଣୁ ଆପଣ ବାସ୍ତବରେ କେଉଁ କ୍ଷେତ୍ରରେ ଆଗକୁ ବଢ଼ିବା ଲାଗି ଇଚ୍ଛୁକ ଏବଂ ଏଥିପାଇଁ କେତେ ସମର୍ଥ ସେ ନେଇ ଆତ୍ମସମୀକ୍ଷା କରିବା ପରେ ନିଷ୍ପତ୍ତି ନିଅନ୍ତୁ, ଦେଖିବେ ନିଶ୍ଚୟ ସଫଳ ହେବେ।






**ଓଭର କନ୍ଫିଡେନ୍ସ ରଖନ୍ତୁ ନାହିଁ:** ନିଜ ପ୍ରତି ଦୃଢ଼ବିଶ୍ୱାସ ରଖି ଆଗେଇ ଚାଲିବା ସଫଳତାର ଚାବିକାଠି। ହେଲେ ଅନେକ ସମୟରେ ଦେଖାଯାଏ କେହି କେହି ଏହାର ଅପବ୍ୟବହାରକରି ବସନ୍ତି, ଆଉ ଯାହାକି ସେମାନଙ୍କ ପାଇଁ ସବୁଠୁ ବଡ ଶତ୍ରୁ ପାଲଟିଯାଏ। ଉଦାହରଣ ସ୍ୱରୂପ ପାଠପଢ଼ା ହେଉ ଅବା ଯେକୌଣସି କାର୍ଯ୍ୟକୁ ଅନେକେ ଦୁଇଦିନର କାର୍ଯ୍ୟ ଏକା ସଙ୍ଗେ ସାରିଦେବା ଭାବି ଅବହେଳାକରି ବସନ୍ତି ଏବଂ ପରବର୍ତ୍ତୀ ସମୟରେ ତାହା ବଢ଼ି ବଢ଼ି ଚାଲେ ଏବଂ ଯଥା ସମୟରେ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଯାଏ। ମନେରଖନ୍ତୁ, ଓଭର କନ୍ଫିଡେନ୍ସ ଅନେକଙ୍କୁ ବିଫଳତା ଦିଗକୁ ଟାଣିନିଏ। ତେଣୁ ଲକ୍ଷ୍ୟ ହାସଲ କରିବାକୁ ହେଲେ ଓଭର କନ୍ଫିଡାଣ୍ଟ ହୋଇ ଆଳସ୍ୟକୁ ପ୍ରାଥମିକତା ଦେବା ପରିବର୍ତ୍ତେ ନିଜ କର୍ମ ପ୍ରତି ଯତ୍ନଶୀଳହେବା ଦରକାର।

**ସାହାଯ୍ୟ ନିଅନ୍ତୁ:** ସାହାଯ୍ୟ ଅର୍ଥ ନୁହେଁ କେବଳ କାହାଠାରୁ ଆର୍ଥିକ କିମ୍ବା ଶାରୀରିକ ସାହାଯ୍ୟ ନେବା। ଏଠାରେ ସାହାଯ୍ୟ ଅର୍ଥାତ୍ ବିଭିନ୍ନ ଦିଗରେ ନିଜର ଦକ୍ଷତା ପ୍ରତିପାଦନ କରିଥିବା ବ୍ୟକ୍ତିଙ୍କ ଠାରୁ ଏ ସମ୍ପର୍କରେ ଅଧିକ ଜାଣିବାକୁ ଚେଷ୍ଟା କରନ୍ତୁ ଏବଂ କିପରି ନିଜ ସ୍କିଲ୍ ବଢ଼ାଇପାରିବେ ଏବଂ ସଫଳ ହୋଇପାରିବେ ସେ ସମ୍ପର୍କରେ ଜାଣିବାରେ ସାହାଯ୍ୟ ନିଅନ୍ତୁ।

## ସ୍ୱାସ୍ଥ୍ୟ ଆଲର୍ଟ

# ଟକ୍ସିକ୍ ଫୁଡ୍

**ପାଟିକୁ ସ୍ୱାଦିଷ୍ଟ ଲାଗୁଥିବା ଖାଦ୍ୟ ଆମେ ବାରମ୍ବାର ଖାଇବାକୁ ଭଲ ପାଉ। ହେଲେ ଜାଣନ୍ତିକି, ଏଭଳି କେତୋଟି ଖାଦ୍ୟ ରହିଛି ଯାହାକି ସ୍ୱାଦିଷ୍ଟ ହୋଇଥିଲେ ହେଁ ଫ୍ୟାଟି ଲିଭର ଏବଂ ଅନ୍ୟାନ୍ୟ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିପାରେ। ଜାଣନ୍ତୁ ସୁସ୍ଥ ରହିବା ଲାଗି କେଉଁ ସବୁ ଟକ୍ସିକ୍ ଫୁଡ୍‌କୁ ଖାଦ୍ୟ ତାଲିକାରୁ ଦୂରକରିବା ଦରକାର...**



**ମୃଦୁ ପାନୀୟ:** ସାଧାରଣତଃ ଅନେକେ ଭାବନ୍ତି କେବଳ ଆଲକହଲ୍ ସ୍ୱାସ୍ଥ୍ୟ ପାଇଁ ଖରାପ କିନ୍ତୁ ପ୍ୟାକେଜ୍‌ଡ୍ ଜୁସ୍, ଏନର୍ଜି ଡ୍ରିଙ୍କ୍ସ, ସଫ୍ଟ ଡ୍ରିଙ୍କ୍ସ ଆଦି ଭଲ। ହେଲେ ଏହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ। କାରଣ ଯଦିଓ ଏଥିରେ ଆଲ୍‌କହଲ୍ ନାହିଁ କିନ୍ତୁ, ଥିବା ଅଧିକ ମାତ୍ରାରେ ସୁଗାର ଏବଂ ହାଇ ଫ୍ରୁକ୍ଟୋଜ୍ କର୍ନ ସିରପ ଲିଭରରେ ଫ୍ୟାଟ୍ ଜମାକରିଥାଏ, ଯାହାକି ଲିଭରରେ ଫ୍ୟାଟ୍ ଜମାକରିଥାଏ। କେବଳ ଏତିକି ନୁହେଁ, ନିୟମିତ ଏଭଳି ପାନୀୟ ପିଇବା ଦ୍ୱାରା ଡାଇବେଟିସ୍, ହାଇକୋଲେଷ୍ଟରଲ୍ ଏବଂ ଅନ୍ୟ ରୋଗ ସୃଷ୍ଟି କରିଥାଏ। ତେଣୁ ଆଲ୍‌କହଲ୍ ସହ ଏସବୁ ମୃଦୁପାନୀୟଠାରୁ ମଧ ଯଥା ସମ୍ଭବ ଦୂରେଇରହିବା ଭଲ।

**ପ୍ରୋସେସ୍‌ଡ୍ ମିଟ୍:** ବର୍ତ୍ତମାନ ବିଭିନ୍ନ ପ୍ରକାର ପ୍ରୋସେସ୍‌ଡ୍ ଫୁଡ୍‌କୁ ଅଧିକାଂଶ ଲୋକ ଏକ ଷ୍ଟାଟସ୍ ସିମ୍ବଲ୍ ଭାବେ ଗ୍ରହଣ କଲେଣି। ହେଲେ ଏଭଳି ଖାଦ୍ୟରେ ପ୍ରଚୁର ପରିମାଣରେ ସ୍ୟାଚୁରେଟେଡ୍ ଫ୍ୟାଟ୍, କ୍ୟାଲୋରି, ସୋଡିଅମ ଆଦି ରହିଛି ଯାହା ଲିଭର ଉପରେ ଅଧିକ ଚାପ ପକାଇଥାଏ। ଅଧିକ ଦିନ ଏଭଳି ଖାଦ୍ୟ ଖାଇଲେ ଲିଭରରେ ଫ୍ୟାଟ୍ ଟିସୁ ତିଆରି ହେବା ସହ ଫୁଲିବା ଆରମ୍ଭ କରିଥାଏ ଏବଂ ଧୀରେ ଧୀରେ ଲିଭରକୁ ନଷ୍ଟ କରିଦେଇଥାଏ। ତେଣୁ ଯଥା ସମ୍ଭବ ଏଭଳି ଖାଦ୍ୟ ନ ଖାଇବା ଭଲ।

**ଛଣା ଖାଦ୍ୟ:** ଛଣାଛଣି,ଚଟ୍‌ପଟି ଖାଦ୍ୟ କଥା କହିଲେ ଅନେକଙ୍କ ପାଟିରୁ ଲାଳ ବାହାରିଆସେ। କିନ୍ତୁ ପାଟିକୁ ସୁଆଦିଆ ଲାଗୁଥିବା ଏହି ଖାଦ୍ୟ ଲିଭରର ସବୁଠାରୁ ବଡ଼ ଶତ୍ରୁ। ଏଥିରେ ଟ୍ରାନ୍ସ ଫ୍ୟାଟ୍‌ର ମାତ୍ରା ବହୁ ଅଧିକ, ଯାହାକି ଶରୀରରେ କୋଲେଷ୍ଟରଲ୍ ବୃଦ୍ଧି କରିଥାଏ। ଏହା ଧୀରେ ଧୀରେ ଲିଭରରେ ଜମିବା ଫଳରେ ଏହାର କୋଷଗୁଡ଼ିକୁ ନଷ୍ଟ କରିଦେଇଥାଏ ଏବଂ ସଢ଼ାଇ ଦେଇଥାଏ।

**ବେକ୍‌ଡ୍ ଖାଦ୍ୟ:** ପେଷ୍ଟ୍ରି, କୁକିଜ୍, କେକ୍ ଭଳି ବେକରୀ ଖାଦ୍ୟରେ ଟ୍ରାନ୍ସ ଫ୍ୟାଟ୍, ରିଫାଇନ୍‌ଡ୍ ସୁଗାର ଅଧିକ ମାତ୍ରାରେ ଥିବା ବେଳେ ନ୍ୟୁଟ୍ରିଶନାଲ ଭାଲ୍ୟୁ ଖୁବ୍ କମ୍। ପ୍ରତିଦିନ ଏଭଳି ଖାଦ୍ୟ ଖାଇଲେ ଓଜନ ବଢ଼ିବା ସହ ଫ୍ୟାଟି ଲିଭର ମଧ ହୋଇଥାଏ। ହ୍ୱାଇଟ୍‌ବ୍ରେଡ୍‌କୁ ଅନେକେ ଖୁବ୍ ଭଲ ପାଆନ୍ତି। ହେଲେ ଏଥିରେ ମଇଦା ଏବଂ ରିଫାଇନ୍ଡ କାର୍ବସ୍, ସୁଗାର ଆଦି ଅଧିକ ରହିଛି ଯାହାକି ଖୁବ୍ କ୍ଷତିକାରକ।



## ଏ ସପ୍ତାହର ପ୍ରଶ୍ନ

୧– ଗ୍ରୀନ୍ କ୍ରେଡିଟ୍ ପ୍ରୋଗ୍ରାମ୍ .......... ମିନିଷ୍ଟ୍ରି ପକ୍ଷରୁ ଆରମ୍ଭ କରାଯାଇଛି ?
୨– ନିକଟରେ .......... ରାଜ୍ୟରେ ଏକ ଅଭୟାରଣ୍ୟକୁ ଡ. ଭୀମରାଓ ଆମ୍ବେଡକର ଅଭୟାରଣ୍ୟ ଭାବେ ନାମିତ କରାଯାଇଛି ?
୩– ୟିମ୍‌ଖିଅଙ୍ଗ୍ ଜନଜାତି ମୁଖ୍ୟତଃ .......... ରାଜ୍ୟରେ ଦେଖାଯାଆନ୍ତି ?
୪– ......... ରାଜ୍ୟ ସରକାରଙ୍କ ପକ୍ଷରୁ ଭୂ ଭାରତ ପୋର୍ଟାଲ ଆରମ୍ଭ କରାଯାଇଛି ?
୫– ଦୀନବନ୍ଧୁ ଛୋଟୁ ରାମ ଥର୍ମାଲ ପାୱାର ପ୍ଲାଣ୍ଟ .......... ରାଜ୍ୟରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ଆରାଭାଲ୍ଲି
୨ ଭାରତ ମହାସାଗର
୩ ବିହାର
୪ ବାଙ୍ଗାଲୋର
୫ ଏପ୍ରିଲ ୧୦

## ଉତ୍ତରଦାତା


ଶେଖ୍ ୟାକୁବ୍
ଗୋପ


ସୁଦୀପ୍ତା ପଟ୍ଟନାୟକ
ଭୁବନେଶ୍ୱର

## ଟପ୍ ୧୦

### ସବୁଠୁ ବଡ଼ ଡାଇନୋପାର୍କ



୧– ମ୍ୟୁଜିୟମ ଫର୍ ନେଚରକୁଣ୍ଡେ .................................. ବର୍ଲିନ୍
୨– ଫିଲ୍ଡ ମ୍ୟୁଜିୟମ.................................................. ଶିକାଗୋ
୩– ରୟାଲ ବେଲ୍‌ଜିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନାଚୁରାଲ୍ ସାଇନ୍ସ........... ବ୍ରସେଲ୍ସ
୪– ନ୍ୟାଶନାଲ ଡାଇନୋସର ମ୍ୟୁଜିୟମ ......................... କାନ୍‌ବେରା
୫– ରୟାଲ ଟାଇରେଲ୍ ମ୍ୟୁଜିୟମ୍ ଅଫ୍ ପାଲେଓଣ୍ଟୋଲୋଜି .......... ଆଲ୍‌ବେର୍ଟା
୬– ୟୋମିଙ୍ଗ୍ ଡାଇନୋସର ସେଣ୍ଟର..................... ୟୋମିଙ୍ଗ, ଆମେରିକା
୭– ଜିଗଙ୍ଗ୍ ଡାଇନୋସର ମ୍ୟୁଜିୟମ୍ ............................ ଜିଗଙ୍ଗ୍ , ଚାଇନା
୮– ଇଜିକୋ ମ୍ୟୁଜିୟମ .......................................... କେପ୍ ଟାଉନ୍
୯– ଜୁରାସିକ୍ ଲ୍ୟାଣ୍ଡ ............................................. ଇସ୍ତାନବୁଲ୍
୧୦– ଫର୍ନବ୍ୟାଙ୍କ୍ ମ୍ୟୁଜିୟମ ଅଫ୍ ନାଚୁରାଲ ହିଷ୍ଟ୍ରି ..................... ଆଟ୍‌ଲାଣ୍ଟା

## ଜାଣନ୍ତୁ ଦୁନିଆ

# ଲ୍ୟାଣ୍ଡ ଅଫ୍ ଇଗଲ୍ସ

**ୟୁରୋପୀୟ ଦେଶ ଆଲବାନିଆ ଲ୍ୟାଣ୍ଡ ଅଫ୍ ଇଗଲ୍ସ ନାମରେ ମଧ ପରିଚିତ। ଏଥିପାଇଁ ଏହି ଦେଶର ଜାତୀୟ ପତାକାରେ ଇଗଲ୍ ପକ୍ଷୀକୁ ସ୍ଥାନିତ କରାଯାଇଛି। ଜାଣନ୍ତୁ ଏହି ଦେଶ ସମ୍ପର୍କରେ କିଛି ତଥ୍ୟ...**



- ଆଲବାନିଆର ରାଜଧାନୀ ତିରାନା ଏହି ଦେଶର ସବୁଠୁ ବଡ଼ ସହର ଭାବେ ପରିଚିତ। ଏଠାରେ ମାତ୍ର ୩ ମିଲିୟନ ଲୋକ ବସବାସ କରନ୍ତି ଏବଂ ଅଧିକାଂଶ ଅଧିବାସୀ ମୁସଲିମ୍ ସମ୍ପ୍ରଦାୟର।
- ପୂର୍ବରୁ ୟୁରୋପ ମହାଦେଶରେ ଏହା ଏକ ଗରିବ ରାଷ୍ଟ୍ର ଭାବେ ପରିଚିତ ଥିଲା। ଧୀରେ ଧୀରେ ଅର୍ଥନୈତିକ ଅଭିବୃଦ୍ଧି ହେବା ଫଳରେ ଏଠାରେ ଏବେ ଟୁରିଜିମ୍ ଇଣ୍ଡଷ୍ଟ୍ରି ସହ ଇନ୍‌ଫ୍ରାଷ୍ଟ୍ରକ୍‌ଚର କ୍ଷେତ୍ରରେ ମଧ ଉନ୍ନତି ଘଟିଲା।
- କ୍ରୋମିୟମ ଉତ୍ପାଦନ ଓ ରପ୍ତାନୀରେ ଏହା ଆଗରେ ରହିଛି। ଏଠାରେ କୋଇଲା, ନିକେଲ୍ ଓ କପର ମଧ ବହୁ ପରିମାଣରେ ଉତ୍ପାଦନ କରାଯାଏ।
- ଏଠାରେ ୧୩ଟି ଛୋଟ ଦ୍ୱୀପ ରହିଛି। ସେଥିମଧ୍ୟରୁ ୨ଟି ଦ୍ୱୀପ ଯଥା କୁନେ, ସାଜାନ ଯାହାର କ୍ଷେତ୍ରଫଳ ପ୍ରାୟ ୧ ସ୍କୋୟାର କି.ମି.।
- ଏଠାରେ ଗୋଟିଏ କେବଳ ଅନ୍ତର୍ଜାତୀୟ ବିମାନବନ୍ଦର ରହିଛି, ଯାହା ମଦର ଟେରେସାଙ୍କ ନାମରେ ନାମିତ। ମଦର ଟେରେସା ହେଉଛନ୍ତି ଏଠାକାର ଏକମାତ୍ର ନୋବେଲ ପୁରସ୍କାର ବିଜେତା ମହିଳା।
- ଏଠାର ଲୋକମାନେ ଏହି ଦେଶକୁ 'ଆଲବାନିଆ' ବଦଳରେ 'ସିପେରି' ଭାବେ ସମ୍ବୋଧିତ କରିଥାନ୍ତି। ଏହାର ଅର୍ଥ ହେଉଛି 'ଲ୍ୟାଣ୍ଡ ଅଫ୍ ଇଗଲ୍ସ'। ସେଥିପାଇଁ ଇଗଲ୍ ପକ୍ଷୀକୁ ଏହାର ଜାତୀୟ ପତାକାରେ ସ୍ଥାନିତ କରାଯାଇଛି।
- ଏଠାର ପ୍ରିୟ ଖାଦ୍ୟ ହେଉଛି 'ଫ୍ରଗ୍ ଲେଗ୍'। ପ୍ରାୟ ଅଧିକାଂଶ ହୋଟେଲର ମେନୁରେ ଏହା ଥାଏ।
- ୱେଟ୍‌ଲିଫ୍ଟିଂ, ଶୁଟିଂ ଏବଂ ରେସ୍‌ଲିଂ ଏଠାର ଲୋକପ୍ରିୟ ଖେଳ। ହେଲେ ଆଜି ପର୍ଯ୍ୟନ୍ତ ଏଠାର ଜଣେ ହେଲେ ମଧ ଅଲିମ୍ପିକ୍‌ରେ ମେଡାଲ ଜିତିନାହାନ୍ତି।
- ଛୋଟ ଦେଶ ହେଲେ ମଧ ଏଠାରେ ୩,୨୫୦ ପ୍ରଜାତିର ଉଦ୍ଭିଦ ଦେଖାଯାଏ।

## କୋଟିଏ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ

ମୋହନା,୧୯।୪(ମନ୍ମଥ ମିଶ୍ର): ଗଜପତି ଜିଲା ମୋହନା ପୋଲିସ ଚାଲାଣ ପୂର୍ବରୁ ଚଢ଼ାଉ କରି ପ୍ରାୟ କୋଟିଏ ଟଙ୍କା (୧୦ କୁଇଣ୍ଟାଲରୁ ଉର୍ଦ୍ଧ୍ୱ)ର ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ରାମସିଂ ଗାଁର ଅସିମ ମାଝୀ ଓ ଅନନ୍ତ ମାଝୀ। ଅଡବା ଥାନା ଅନ୍ତର୍ଗତ ଗରଡମା ପଞ୍ଚାୟତ ରାମସିଂ ଗାଁ ନିକଟରେ ଗଞ୍ଜେଇ ଚୋରା ଚାଲାଣ ପାଇଁ ଗଚ୍ଛିତ ରଖାଯାଇଥିବା ଖବର ପାଇ ଅଡବା ଓ ମୋହନା ପୋଲିସ ଟିମ ମିଳିତ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ୪୦ ବସ୍ତା ଗଞ୍ଜେଇ ଜବତ ହୋଇଥିଲା। ଜବତ ଗଞ୍ଜେଇର ମୂଲ୍ୟ ଏକ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଗଜପତି ଏସ୍‌ପି କହିଛନ୍ତି।

**ଗର୍ଭବତୀ ନାବାଳିକା ଝିଅ ହତ୍ୟା ମାମଲା**

# ମା'ବାପାଙ୍କୁ ଆଜୀବନ କାରାଦଣ୍ଡ

ଯାଜପୁର ଟାଉନ,୧୯।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

୨୦୧୬ରେ ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଞ୍ଚଳରେ ଘଟିଥିବା ବହୁଚର୍ଚ୍ଚିତ ଅନରକିଲିଂ ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଜଣେ ୧୫ ବର୍ଷୀୟା ଗର୍ଭବତୀ ନାବାଳିକାଙ୍କୁ ଟିପି ଟିପି ହତ୍ୟା କରିବା ପରେ ପୋଡ଼ି ଦେବା ଏବଂ ପ୍ରମାଣ ନଷ୍ଟ ପାଇଁ ଖରସ୍ରୋତା ନଦୀରେ ପୋଡ଼ା ହାଡ଼ ପକାଇ ଦେବା ମାମଲାର ବିଚାର କରି ଯାଜପୁର ଆଡ୍‌ହକ ଫାଷ୍ଟଟ୍ରାକ୍ ବିଚାରପତି ବିଜୟ କୁମାର ଜେନା ଅଭିଯୁକ୍ତ ତଥା ନାବାଳିକାଙ୍କ ବାପା ନକୁଳ ଜେନା ଓ ମା' ସଞ୍ଜୁ ଜେନାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଉଭୟଙ୍କୁ ୧୦ହଜାର ଟଙ୍କା ଲେଖାଏ ଜରିମାନା ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟେ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବେ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ୩୦ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ତଥା ପ୍ରମାଣ ଅଭାବରୁ ୨୦ଜଣ ଗ୍ରାମବାସୀଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଯାଜପୁର ଜିଲା ବିଞ୍ଝାରପୁର ଥାନା ଲକ୍ଷ୍ମୀନାରାୟଣ ସାହିରେ ୨୦୧୬ ଫେବୃଆରୀ ୧୪ରେ ଜଣେ ୧୫ ବର୍ଷୀୟା ନାବାଳିକା ଝିଅକୁ ବାପା ନକୁଳ ଜେନା(୫୦) ଓ ମା' ସଞ୍ଜୁ ଜେନା(୪୮) ଟିପି ଟିପି ହତ୍ୟା କରିଥିଲେ। ଏହାପରେ ନକୁଳ ଓ ସଞ୍ଜୁ ଗ୍ରାମର କେତେଜଣ ଲୋକଙ୍କ ସହାୟତାରେ ନିଜ ବାଡ଼ି ପଛପଟେ ଝିଅର ମୃତଦେହ ପୋଡ଼ି ଦେଇଥିଲେ। ପରେ ପ୍ରମାଣ ନଷ୍ଟ ପାଇଁ ପୋଡ଼ା ହାଡ଼ ଓ ପାଉଁଶ ଗୋଟିଏ ପ୍ଲାଷ୍ଟିକ ଅଖାରେ ପୁରାଇ ଖରସ୍ରୋତା ନଦୀରେ ଫୋପାଡ଼ି ଦେଇଥିଲେ। ଏନେଇ ଗ୍ରାମର ମାତାଜୀ ଜେନା ୧୬ ତାରିଖରେ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ବିଞ୍ଝାରପୁର ଥାନାରେ ଏକ ମାମଲା(ନଂ.୪୫/୨୦୧୬) ରୁଜୁ ହୋଇ ପୋଲିସ ତଦନ୍ତ ଜାରି ରଖିଥିଲା। ପରେ ଖରସ୍ରୋତା ନଦୀବନ୍ଧ ପାର୍ଶ୍ୱରୁ ଗୋଟିଏ ପ୍ଲାଷ୍ଟିକ ଅଖାରୁ ପୋଡ଼ା ହାଡ଼ ପାଉଁଶ ଜବତ କରି ବିଜ୍ଞାନଗାରାକୁ ପରୀକ୍ଷା ପାଇଁ ପଠାଇଥିଲା। ତାହା ମୃତ ନାବାଳିକାଙ୍କ ବୋଲି ଜଣାପଡ଼ିଥିଲା। ଏହି ଘଟଣାକୁ ନେଇ ଏସ୍‌ଡିପିଓ ତଦନ୍ତ କରିଥିଲେ। ପରେ ବିଞ୍ଝାରପୁର ପୋଲିସ ନାବାଳିକାଙ୍କ ମା'ବାପାଙ୍କ ସହ ୨୦ଜଣ ଗ୍ରାମବାସୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରାଜେନ୍ଦ୍ର ପ୍ରସାଦ ନାୟକ ପରିଚାଳନା କରୁଥିଲେ।



ଦୋଷୀ ସାବ୍ୟସ୍ତ ଦମ୍ପତିଙ୍କୁ ପୋଲିସ ନେଉଛି।

**ବିଞ୍ଝାରପୁରର ବହୁଚର୍ଚ୍ଚିତ ଅନରକିଲିଂ ଘଟଣା**

## ୨୨ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୧୯।୪(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ନିକଟରେ ୨୨ ମାଓବାଦୀ ଶନିବାର ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୪୦ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ ସାମିଲ ଅଛନ୍ତି। ଜିଲା ପୋଲିସ ମହା ନିରୀକ୍ଷକ, କମାଣ୍ଡାଣ୍ଟ ୨୨୬ ବାଟାଲିୟନ ସିଆର୍‌ପିଏଫ୍‌ଙ୍କ ନିକଟରେ ଏମାନେ ଆତ୍ମସମର୍ପଣ କରିଥିଲେ। ମାଓବାଦୀଙ୍କ ମଧ୍ୟରେ ୮ ଲକ୍ଷ ପୁରସ୍କାର ଘୋଷିତ ମୁଚାକୀ ଜଗା, ମୁଚାକୀ ଯୋଗୀ, ୫ ଲକ୍ଷ ପୁରସ୍କାର ଘୋଷିତ କିକିଡ ଦେବେ, ମନୋଜ ଓରଫ ଦୁଧୀ ବୁଦରା, ୨ ଲକ୍ଷ ପୁରସ୍କାର ଘୋଷିତ ମାଡବୀ ଭିମା, ମାଡବୀ ସୋମଡି, ସଙ୍ଗୀତା ଓରଫ ହଡମେ, ମାଡବି କୋସୀ, ବଂଜାମ ସନି, ମାଡବି ମଙ୍ଗଲି ଓ ତାତା ବଣ୍ଡି ରହିଛନ୍ତି। ସେହିପରି ଅନ୍ୟ ୧୧ ଜଣ ବିଭିନ୍ନ ସଂଗଠନର ସକ୍ରୀୟ ଭାବେ କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ଛତିଶଗଡ଼ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ, ଦିନକୁ ଦିନ ଗଡ଼ ଧ୍ୱଂସ, ସଂଗଠନରେ ପୂର୍ବ ଆଦର୍ଶ ନ ଥିବା ଏବଂ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେଉ ନ ଥିବାରୁ ସେମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି।

## ୮ବର୍ଷୀୟାଙ୍କୁ ବଳାତ୍କାର କଲେ ୧୦ମ ଶ୍ରେଣୀ ଛାତ୍ର

**କିଶୋର ବୟସରେ ଅପରାଧ ମନୋବୃତ୍ତି ସମ୍ପ୍ରତି ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ସମୟରେ ନାବାଳକମାନେ ଅପରାଧରେ ସମ୍ପୃକ୍ତ ଥିବା ଅଭିଯୋଗ ଆସୁଛି। ନିକଟରେ ମଧ୍ୟପ୍ରଦେଶ ଭିଣ୍ଡରେ ୮ବର୍ଷୀୟା ପଡ଼ୋଶୀଙ୍କୁ ୧୦ମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ର ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଛାତ୍ରଙ୍କୁ ବାଳ ଅପରାଧ କୋର୍ଟରେ ହାଜର କରାଇବା ପରେ ତାଙ୍କୁ ସ୍ୱଧାରଗୃହକୁ ପଠାଇ ଦିଆଯାଇଛି।**

ଭିଣ୍ଡ(ମଧ୍ୟପ୍ରଦେଶ),୧୯।୪

ମହାରାଷ୍ଟ୍ର ଭିଣ୍ଡ ଅଞ୍ଚଳରେ ପୀଡ଼ିତା ନାବାଳିକାଙ୍କ ପରିବାର ରୁହନ୍ତି। ତାଙ୍କ ଘର ନିକଟରେ ଅଭିଯୁକ୍ତ ନାବାଳକ ରହୁଛନ୍ତି। ଅଭିଯୁକ୍ତ ଜଣକ ୧୦ମ ଶ୍ରେଣୀରେ ପଢ଼ନ୍ତି। ସେ ପୀଡ଼ିତାଙ୍କ ପରିବାର ସହିତ ପୂର୍ବରୁ ମିଳାମିଶା କରନ୍ତି। ଗୁରୁବାର ସନ୍ଧ୍ୟା ସମୟରେ ପୀଡ଼ିତା ତାଙ୍କ ଘରେ ଏକାକୀ ଥିବାବେଳେ ନାବାଳକ ଜଣକ ସେଠାକୁ ଯାଇଥିଲେ। ପରେ ଘର ଭିତରେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ନାବାଳିକା ଜଣକ ଚିତ୍କାର କରିବାରୁ ଅନ୍ୟ ପଡ଼ୋଶୀ ମାନେ ଆସି ଅଭିଯୁକ୍ତ ନାବାଳକଙ୍କୁ ଅଟକ ରଖିଥିଲେ। ଖବର ପାଇ ପୋଲିସ ପହଞ୍ଚି ନାବାଳକଙ୍କୁ ଜିମାରେ ନେବା ସହ ପୀଡ଼ିତାଙ୍କୁ ହସ୍ପିଟାଲ ପଠାଇଥିଲା। ପରେ ପୋଲିସ ପୋକ୍‌ସୋ ଆକ୍ଟର ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରିବା ସହ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଇଥିଲା। ସେଠାରୁ ତାଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସୁସ୍ଥ ରହିଛି ଏବଂ ସେ ଏବେ ପରିବାର ସହ ରହୁଛନ୍ତି ବୋଲି ପୋଲିସ ଅଧିକାରୀ ମୁକେଶ କୁମାର ଶାକ୍ୟ ସୂଚନା ଦେଇଛନ୍ତି।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପଖାଳ ଭାତକୁ ନ ଥାଏ ଲୁଣ,**
**ନିତି ଖୋଜୁଥାଏ ତିନି ତିଅଣ।**

ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କଠାରେ ଲାଳସା ଭାବନା ଶୋଭା ପାଇ ନ ଥାଏ। ଦିନକୁ ଦି'ଓଳି ଦି'ମୁଠେ ଖାଇବାକୁ ପାଉ ନ ଥିବା ଦରିଦ୍ର ବ୍ୟକ୍ତିଟିର ରୁଚିକର ତଥା ସ୍ୱାଦିଷ୍ଟ ଭୋଜନ କରିବା ନେଇ ମନରେ ରହିଥିବା ଲାଳସା ଭାବନାକୁ ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

**ପାନ ବିଡ଼ି ନୁହେଁ ଛୋଟିଆ ନିଶା**
**ଜଣା ନ ପଡ଼ଇ ଟାଣେ ପଇସା।**

ପାନ, ବିଡ଼ି ପରି ମାଦକ ଦ୍ରବ୍ୟ ସ୍ୱାସ୍ଥ୍ୟପ୍ରତି କ୍ଷତିକାରକ ହୋଇଥାଏ। ଉପରୋକ୍ତ ଦ୍ରବ୍ୟଗୁଡ଼ିକର ମୂଲ୍ୟ ଆଖିକୁ ସାମାନ୍ୟ ଲାଗୁଥିବାବେଳେ ଏହା ଅଭ୍ୟାସକାରୀର ଅବସ୍ଥାକୁ ବାରଣ୍ଡା ଦି'କଡ଼ା କରିବା ସହ ତାହାର ସ୍ୱଭାବ ମଧ୍ୟ ନଷ୍ଟ କରିଦେଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ମେଳାରୁ ୪ବର୍ଷର ଶିଶୁକନ୍ୟାକୁ ନେଇଗଲେ କିନ୍ନର

ଠାକୁରମୁଣ୍ଡା,୧୯।୪ (ତାରାକାନ୍ତ ପଟ୍ଟନାୟକ)

ଭୁବନେଶ୍ୱର ରାମ ମନ୍ଦିର ସମ୍ମୁଖରୁ ଜଣେ ଦୃଷ୍ଟିବାଧିତ ମା'ଙ୍କ ନିକଟରୁ ଦେଢ଼ବର୍ଷର ଶିଶୁପୁତ୍ର ଅପହରଣ ହେବା ଘଟଣାକୁ ୧୦ଦିନ ପୂରି ନ ଥିବାବେଳେ ଏବେ ମୟୂରଭଞ୍ଜ ଜିଲାରେ ଏକ ଶିଶୁ କନ୍ୟା ଚୋରି ଅଭିଯୋଗ ହୋଇଛି। ଠାକୁରମୁଣ୍ଡାରେ ଉଡ଼ା ପର୍ବ ଅବସରରେ ଚାଲିଥିବା ମେଳାରୁ ଗତ ୧୭ ତାରିଖ ରାତିରେ ୪ ବର୍ଷ ବୟସର ଶିଶୁକନ୍ୟାକୁ ଜଣେ କିନ୍ନର ଅପହରଣ କରି ନେଇଥିବା ଝିଅଙ୍କ ମା' ଠାକୁରମୁଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ତଦନ୍ତ କରୁଛି।

ସୂଚନା ଅନୁଯାୟୀ, କରଞ୍ଜିଆ ଥାନା ଅନ୍ତର୍ଗତ ମଲ୍ଲାରପଦା ଗ୍ରାମର ସିପି ପାତ୍ର ଓ ତାଙ୍କ ଝିଅ ଆଦ୍ୟଶା କରଞ୍ଜିଆରୁ ବସ୍ ଯୋଗେ ଆସି ଗୁରୁବାର ସନ୍ଧ୍ୟା ୬ଟା ସମୟରେ ଠାକୁରମୁଣ୍ଡାରେ ଓହ୍ଲାଇଥିଲେ। ସେମାନେ ଆସିଥିବା ବସ୍‌ରେ ତାଙ୍କ ସହିତ ବସି ଜଣେ କିନ୍ନର ଆସିଥିଲେ। ଠାକୁରମୁଣ୍ଡାରେ ପହଞ୍ଚିବା ପରେ ପାଖ ସିଟ୍‌ରେ ବସି ଆସିଥିବା କିନ୍ନରଙ୍କ ସହିତ ମିଶି ମା' ଓ ଝିଅ ମେଳା ବୁଲିବାକୁ ଯାଇଥିଲେ। ମେଳା ବୁଲି ସାରି ସେମାନେ ରାତି ପ୍ରାୟ ୧୦ଟାବେଳେ ଠାକୁରମୁଣ୍ଡା ବଜାରର ମସ୍‌ଜିଦ ନିକଟରେ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ସିପି ତାଙ୍କ ବ୍ୟାଗ ଓ ଝିଅଙ୍କୁ କିନ୍ନରଙ୍କ ପାଖରେ ଛାଡ଼ି ଶୌଚ ହେବାକୁ ଯାଇଥିଲେ। ଶୌଚ ହୋଇ ଫେରିବାପରେ ଝିଅକୁ ପାଇ ନ ଥିଲେ। ବହୁ ଖୋଜାଖୋଜି କରିବା ପରେ ନ ପାଇବାରୁ ଶୁକ୍ରବାର ଠାକୁରମୁଣ୍ଡା ଥାନାରେ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଠାକୁରମୁଣ୍ଡା ପୋଲିସ ବଜାରରେ ଲାଗିଥିବା ସିସି ଟିଭିକୁ ଯାଞ୍ଚ କରିଥିଲା। କିନ୍ନର ଜଣକ ଭୁବନେଶ୍ୱର ଯାଉଥିବା ବସ୍‌ରେ ଯିବା ପାଇଁ ବ୍ୟାଗ୍ ଓ ଝିଅକୁ ଧରି ଯାଉଥିବାର ସିସି ଟିଭି ଫୁଟେଜରେ ପୋଲିସ ଦେଖିବାକୁ ପାଇଥିଲା। ପୋଲିସ ଏକ ମାମଲା (ନଂ. ୩୮/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।



କିନ୍ନର ଜଣକ ଶିଶୁଟିକୁ ନେଇ ଯାଉଥିବାର ସିସିଟିଭି ଫୁଟେଜ୍।


# ଗୋଡ଼ାଇ ହାଣିଲେ, ଘର ପୋଡ଼ିଦେଲେ

**ଗଡ଼ଖୋର୍ଦ୍ଧାରେ ଦୁର୍ବୃତ୍ତଙ୍କ ଆତଙ୍କ**

ଖୋର୍ଦ୍ଧା,୧୯।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଗଡ଼ଖୋର୍ଦ୍ଧା ହାଉସିଂବୋର୍ଡ କଲୋନୀରେ ଶନିବାର ଦୁର୍ବୃତ୍ତଙ୍କ ଆତଙ୍କରାଜ ଦେଖିବାକୁ ମିଳିଛି। ଦୁର୍ବୃତ୍ତମାନେ ଜଣେ ବ୍ୟକ୍ତିଙ୍କ ଘରେ ନିଆଁ ଲଗାଇଦେବା ସହ ପରିବାରଲୋକଙ୍କୁ ଗୋଡ଼ାଇ ହାଣିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଥିବାବେଳେ ପୋଲିସ ପ୍ରତି ଚ୍ୟାଲେଞ୍ଜ ପାଲଟିଛି।

ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ସାଢେ ୩ଟାରେ ଜଟଣୀ ଅଞ୍ଚଳର ୧୦ରୁ ଉର୍ଦ୍ଧ୍ୱ ଅସାମାଜିକ ଯୁବକ ବାଇକରେ ଆସି ହାଉସିଂବୋର୍ଡ କଲୋନୀର ବିକ୍ରମ ଦାସଙ୍କ ଘର ମୁଖ୍ୟ ଫାଟକ ଭାଙ୍ଗି ଘରେ ପଶିଥିଲେ। ସେମାନେ ଖଣ୍ଡା, ଶାବଳ ଆଦିରେ ବିକ୍ରମ ଓ ତାଙ୍କ ପରିବାର ଲୋକଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ବିକ୍ରମଙ୍କ ନାକ, ବାମପଟ ଗୋଡ଼ରେ ଖଣ୍ଡାଚୋଟ ବାଜିଥିବାବେଳେ ବାପା, ଦାଦାଙ୍କୁ ମଧ୍ୟ ଆକ୍ରମଣ କରାଯାଇଛି। ଏଥିସହ ଦୁର୍ବୃତ୍ତମାନେ ତାଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ଏବେ ପୂରା ପରିବାର ଆତଙ୍କିତ ଅବସ୍ଥାରେ ରହିଥିବା ବିକ୍ରମ ଥାନାରେ ଅଭିଯୋଗ କରିଛନ୍ତି। ପୂର୍ବରୁ ସେ ସମ୍ପୃକ୍ତ ଅସାମାଜିକଙ୍କଠାରୁ ବିପଦ ରହିଥିବା ନେଇ ପୋଲିସକୁ ଜଣାଇଥିଲେ। ହେଲେ ପୋଲିସ ଶୁଣି ନ ଥିଲା। ଫଳରେ ଆଜି ଏଭଳି ଘଟଣା ଘଟିଲା ବୋଲି ବିକ୍ରମ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ କହିଛି।




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ୨ ଗିରଫ

ଭୁବନେଶ୍ୱର,୧୯।୪(ସତ୍ୟଜିତ୍ ରାଉତ)

ବାଲେଶ୍ୱର ଜିଲା ଜଲେଶ୍ୱରରୁ ବ୍ରାଉନସୁଗାର ଆଣି ରାଜଧାନୀ ଭୁବନେଶ୍ୱରରେ ବିକ୍ରି କରୁଥିବା ଦୁଇ ନିଶା ବେପାରୀଙ୍କୁ ଶନିବାର ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଖଣ୍ଡଗିରି ଡୁମୁଡୁମାର ସନ୍ତୋଷ ଓରଫ ବି. ନାରାୟଣ ରେଡ୍ଡୀ (୩୬) ଓ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିଆଣିରେ ରହୁଥିବା ନୟାଗଡ଼ ଜିଲା ଇଟାମାଟି ଥାନା ଅଞ୍ଚଳର ଲୁଲୁ ଓରଫ ଆକାଶ କୁମାର ମଲ୍ଲିକ (୨୯)। ସେମାନଙ୍କଠାରୁ ୨ ଲକ୍ଷ ଟଙ୍କାର ୨୦ ଗ୍ରାମ ବ୍ରାଉନସୁଗାର ସହ ୨ଟି ମୋବାଇଲ ଏବଂ ଏକ ନମ୍ବରବିହୀନ ଇଲେକ୍ଟ୍ରିକ୍ ସ୍କୁଟି ଜବତ ହୋଇଛି। କୋର୍ଟଚାଲାଣ ପରେ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଶନିବାର ସକାଳେ ଭିଏସ୍‌ଏସ୍ ନଗର ଫ୍ଲାଏ ଓଭରବ୍ରିଜ୍ ତଳେ ଅଭିଯୁକ୍ତଦ୍ୱୟ ବ୍ରାଉନସୁଗାର ବିକ୍ରି କରୁଥିବା ପୋଲିସ ସୂଚନା ପାଇଥିଲା। ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ଉଭୟଙ୍କୁ କାବୁ କରିଥିଲା। ଅଭିଯୁକ୍ତଦ୍ୱୟ ଦୀର୍ଘଦିନ ହେବ ଏହି ଧଳାଜହର କାରବାର ଚଳାଇ ଆସୁଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ସେମାନେ ଜଲେଶ୍ୱର ଅଞ୍ଚଳରୁ ବ୍ରାଉନସୁଗାର ଆଣି ଭୁବନେଶ୍ୱରରେ ଯୁବକଙ୍କୁ ଦେଉଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୨୦୨/୨୦୨୫) ରୁଜୁ କରିଛି।

**PANCHAYAT SAMITI OFFICE, BISRA**
**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବିଶ୍ରା**
At/Po : Bisra, Dist. : Sundargarh (Odisha), PIN : 770036
e-Mail Id : ori-bisra@nic.in, GSTN : 21BBNB02952F1DG
CORRIGENDUM No. 1112 Date : 17.04.2025
**CORRIGENDUM**
**No.i-30** : The Date of Opening of Tender Paper mentioned in the Tender Call Notice No.01 of 2025-26 issued vide this office Letter No.1095 Dated 15.04.2025 has been inadvertently mentioned as 30.09.2024, which may be read as 02.05.2025. The opening time remains the same.
Sd./- Block Development Officer, Bisra
OIPR-19343/11/0005/2526

**ODISHA PUBLIC SERVICE COMMISSION CUTTACK**
**NOTICE**
No.2399/P.S.C., Dt.16.04.2025
(1E-04-2024/25)(DR-II)
**No.D-13** : The Commission here with **cancels the Advertisement No. 28 of 2023-24** for recruitment to the post of **Language Officer** under the Law Department considering the Law Department Letter No.3070/L, dtd. 20.02.2025.
OIPR-12002/11/0193/2526 Sd./- Secretary

**BERHAMPUR MUNICIPAL CORPORATION**
QCN No. 5623 Date: 17.04.2025
**Quotation Call Notice**
**No.C-133** : Sealed Quotations are invited from Authorised Firms/ Agencies/ Dealer/ Companies/ Registered suppliers/ Reputed manufacturers from Odisha registered under appropriate authority for **"Supply of Laboratory Equipment, Glassware & Chemicals for FSTPs in Berhampur Municipal Corporation"**. The detailed terms & conditions are available at our office website www.berhampur.gov.in. The last date of receipt of Quotation in this office by 03.05.2025 17:00 Hrs and will be opened on 05.05.2025 at 11:30 Hrs. in the office of undersigned. The Authority reserves the right to accept or reject any Quotation without assigning any reason thereof.
Sd./- Commissioner, Berhampur Municipal Corporation
OIPR-13035/11/0046/2526

GOVT OF ODISHA
**OFFICE OF THE EXECUTIVE ENGINEER RURAL WORKS DIVISION SONEPUR**
1st Corrigendum
Letter No. 2057 Dtd.17.04.2025
**No.O-69** : In continuation to this office tender identification No. SNPR/Online 01 of 2025-26 invited vide this office letter no. 1869 dtd. 09.04.2025, under unavoidable circumstances partial modification of TCN has been made as follows.

| Sl. No. | Tender identification No | Items | Time Schedule as per original TCN | Time Schedule as per 1st Corrigendum notice |
|---|---|---|---|---|
| 1 | | 2 | 3 | 4 |
| 1 | Bid identification SNPR/Online-17 of 2024-25 | Availability of Tender on-line for bidding | 11.04.2025 at 11.00 A.M. to 22.04.2025 up to 5.00 P.M. | 21.04.2025 at 11.00 A.M. to 30.04.2025 up to 5.00 P.M. |
| 2 | | Date & time of seeking tender clarification | 21.04.2025 up to 4.00 P.M. | 29.04.2025 up to 4.00 P.M. |
| 3 | | Date & time of opening of tender | 23.04.2025 at 11.00 A.M. | 01.05.2025 at 11.00 A.M. |

Sd./- Executive Engineer, Rural Works Division, Sonepur
OIPR-25054/11/0031/2526

GOVERNMENT OF ODISHA No. O-64
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, RAYAGADA**
Emai ID- ccerwcrayagada@gmail.com
Letter No. 559/W.E./Date: 11.04.2025
**NATIONAL COMPETITIVE BIDDING THROUGH GEPNIC e Procurement Notice**
1. Name of the work : Construction & Maintenance of road works for the year 2024-25 (01 No.)
2. Class of contractor : "A" & Special Class of (Odisha PWD) or relevant class of other licensing authority
3. Estimated Cost : Rs.1055.00 Lakhs (Approximately)
4. Details project as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural works Circle, Rayagada | NCB-06/ RWCRG-DA/2025-26 | Dt. 25.04.2025 at 11.00 A.M. | Dt. 16.05.2025 Upto 5.00 P.M. | Dt.15.05.2025 Up to 5.00 P.M. | Dt. 17.05.2025 at 11.00 A.M. | Will be intimated later |

5. The details of works can be seen from the website **https://www.tendersorissa.gov.in**
6. Any Corrigendum/Addendum will be displayed in the above e-tender website.
Sd./- Chief Construction Engineer, Rural Works Circle, Rayagada
OIPR-25196/11/0005/2526

GOVT. OF ODISHA No.O-70
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE : KEONJHAR**
eMail : se_nerwkjr@rediffmail.com
No. 1761 Date : 15.04.2025
**1st Corrigendum Notice**
Under unavoidable circumstances, the availability of tender online for bidding & opening of Technical Bids of the tender invited vide eProcurement Notice No. 1497 Dtd : 27.03.2025 / Bid Identification No. NCB-43 / RWCKJR / 2024-25 of Chief Construction Engineer, Rural Works Circle, Keonjhar is hereby rescheduled as below.

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-43/ RWCKJR /2024-25 | Dt.02.04.25 at 11.00 A.M. | Dt.29.04.25 up to 5.00 P.M. | Dt.28.04.25 up to 5.00 P.M. | Dt.30.04.25 at 11.00 A.M. | Will be intimated later |

All other contents remain unchanged.
Sd./- Chief Construction Engineer, R.W. Circle, Keonjhar
OIPR-25177/11/0067/2526

GOVERNMENT OF ODISHA No.D-02
**OFFICE OF THE EXECUTIVE ENGINEER NATIONAL HIGHWAY DIVISION, DEOGARH**
Email Id - eenhdeogarh09@gmail.com
INVITATIONS FOR BIDS (IFB) {e-Procurement}
Bid Identification No. EE-NH-DGR/1/2025-26
No. 1064 Dated : 17.04.2025
1) The EXECUTIVE ENGINEER, N.H. DIVISION, DEOGARH on behalf of Governor of Odisha invites percentage rate bid in Single cover system in ONLINE MODE from eligible contractors for construction of Road work as detailed in the table below.
2) Nature of Work : Road
3) No. of Work : 2 No.
4) Tender Cost : Rs. 6000/- each
5) Class of Contractor : B' Class and C' Class
6) Availability of Bid document in portal : 18.04.2025 to 05.00 P.M. of 02.05.2025
7) Date of Opening of Bid : 03.05.2025 at 11 A.M.
8) The bidders have to participate in ONLINE bidding only. Further details can be seen from the website https://tendersodisha.gov.in
9) Any Corrigendum/Addendum/Cancellation of will be displayed in the e-tender website only.
Sd./- Executive Engineer, NH Division, Deogarh
OIPR-34019/11/0005/2526

**OFFICE OF THE CHIEF CONSTRUCTION ENGINEER ANANDPUR BARRAGE PROJECT, SALAPADA**
DIST : KEONJHAR, ODISHA, PIN : 758020
E-Mail : cceabp@gmail.com
E-procurement Notice No. CCEABP-02 of 2025-26
(Bid Id No. ABP-Soro-01/02 of 2025-26)
DETAILED NOTICE INVITING TENDER ON EPC CONTRACT
No.A-52

| Name of Work | Class/EMD/Tender Fee/Period of completion |
|---|---|
| Construction of Distribution system for 12155.80 Ha. of CCA including Command Area Development (CAD) of Salandi Left Main Canal from RD 45.570 km to 49.810 km through Under Ground Pipe Line Irrigation system (Gravity Flow) of Anandapur Barrage Project in Balasore District of Odisha on EPC-Turn Key Basis including operation and maintenance of the commissioned project | (1) **Class of Contractor** - Super Class or Equivalent Grade Bidders (2) **EMD : Rs. 362.50 lakh.** (3) **Tender Fee : Rs. 10,000.00** (4) **Period of completion : 27** (Twenty-seven) calendar months including rainy seasons. |

A. Period of Availability of Bid Document in the Portal : From 10.00 A.M. of 22.04.2025 to 19.05.2025 up to 5.00 P.M.
B. Date & time For Pre-Bid Conference : 06.05.2025 at 11.30 A.M.
C. Last Date and Time for Receipt of Bid : 19.05.2025 up to 5.00 P.M.
D. Place of Sale & Receipt of Bid : On-Line through e-Procurement
E. Time and Date of Opening of Technical Bid : 20.05.2025 at 11.30 A.M.
F. Place of Opening of Bid : O/o the Chief Construction Engineer, Anandapur Barrage Project, Salapada
G. Further details can be seen from E-Procurement Portal "https://www.tendersodisha.gov.in"
Sd./- Chief Construction Engineer, Anandpur Barrage Project, Salapada
OIPR-32068/11/0008/2526

**Government of Odisha**
**Home (SGH) Department**
**TENDER CALL NOTICE**
No. SGH(S)-26/2025. 1566 /SGH - Dt 19.04.2025
**No.D-24** : Sealed tenders are invited from reputed registered Suppliers/Wholesalers having legal existence for supply of Grocery, Toilet, Sanitary & Housekeeping materials etc. for a period of six months for the year 2025-26 from the date of commencement of the agreement. The interested Suppliers/Wholesalers shall furnish their bids in original **on or before 30.04.2025** with all credentials/documents as per the terms and conditions of the tender document. The tender documents can be obtained from the Reception counter, State Guest House on payment of **Rs.100/- (Rupees One Hundred)** only by cash **from 10.30 A.M. to 5.00 P.M. of 28.04.2025**.
The terms and conditions of the tender document can also be accessed from our website **www.homeodisha.gov.in**. The undersigned reserves the right to accept / reject any offer without assigning any reason thereof.
Manager, SGH-cum-Joint Secy. to Govt.
OIPR-12063/11/0001/2526

**ବ୍ରହ୍ମପୁର ମହାନଗର ନିଗମ**
ବିଜ୍ଞପ୍ତି ପତ୍ର ସଂଖ୍ୟା: 5628 ତା 17.04.2025
**ମଳ ଉପଚାର କେନ୍ଦ୍ରର କାର୍ଯ୍ୟ ଏବଂ ରକ୍ଷଣାବେକ୍ଷଣ ନିମନ୍ତେ ମିଶନ ଶକ୍ତି ଗୋଷ୍ଠୀଙ୍କ ପାଇଁ ଅଭିବ୍ୟକ୍ତି ପ୍ରକାଶନ**
No.C-132:- ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ (ଏମ୍‌ଏସ୍‌ଜି / ଏଏଲ୍‌ଏଫ୍ / ସିଏଲ୍‌ଏଫ୍ / ଟି.ଜି. ଟ୍ରାନ୍ସଜେଣ୍ଡର) ଗୋଷ୍ଠୀମାନଙ୍କଠାରୁ ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ଥିବା ମଳ ଉପଚାର କେନ୍ଦ୍ର (ଏଫ୍‌ଏସ୍‌ଟିପି)ର ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ) ଆହ୍ୱାନ କରାଯାଉଛି।
ବ୍ରହ୍ମପୁର ମହାନଗର ନିଗମ ଅଧୀନରେ ଥିବା (ମୋହୁଡା ଏବଂ ଶିତଳାପଲ୍ଲୀ)ଠାରେ ମଳ ଉପଚାର କେନ୍ଦ୍ର (ଏଫ୍‌ଏସ୍‌ଟିପି)ର ପରିଚାଳନା ପାଇଁ ୦୧ ବର୍ଷ ନିମନ୍ତେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ (ଏମ୍‌ଏସ୍‌ଜି / ଏଏଲ୍‌ଏଫ୍ / ସିଏଲ୍‌ଏଫ୍ / ଟି.ଜି. ଟ୍ରାନ୍ସଜେଣ୍ଡର)ମାନଙ୍କଠାରୁ ଲଫାପାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ) ସଂଲଗ୍ନ ସର୍ତ୍ତାବଳୀ ମୁତାବକ ଆହ୍ୱାନ କରୁଛନ୍ତି। ଏହି ମୁଦା ଲଫାପାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ) ସମ୍ପୃକ୍ତ ମହାନଗର ନିଗମର ସିଙ୍ଗଲ୍ ୱିଣ୍ଡୋ (Single Window)ରେ ତା 03.05.2025 ଅପରାହ୍ନ ୫ ଘଟିକା ସୁଦ୍ଧା ପକାଇବା ଆବଶ୍ୟକ। ମୁଦା ଲଫାପା ଉପରେ ସମ୍ପୃକ୍ତ ଆବେଦନକାରୀ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ (ଏମ୍‌ଏସ୍‌ଜି / ଏଏଲ୍‌ଏଫ୍ / ସିଏଲ୍‌ଏଫ୍ / ଟି.ଜି. ଟ୍ରାନ୍ସଜେଣ୍ଡର) ଗୋଷ୍ଠୀର ନାମ ଓ ଠିକଣା ଲିପିବଦ୍ଧ ରହିବା ଆବଶ୍ୟକ।

| କ୍ରମିକ ସଂଖ୍ୟା | ମଳ ଉପଚାର କେନ୍ଦ୍ରର ନାମ ଏବଂ ଠିକଣା | କ୍ଷମତା | କେଉଁ ୱାର୍ଡ ଆବେଦନ କରିପାରିବେ |
|---|---|---|---|
| ୧ | ମଳ ଉପଚାର କେନ୍ଦ୍ର, ମହୁଡା, ବ୍ରହ୍ମପୁର - ୧ (SeTP - I) | ୪୦ ହଜାର ଲିଟର ଦିନକୁ | ୱାର୍ଡ - ୧ରୁ ୨୧ |
| ୨ | ମଳ ଉପଚାର କେନ୍ଦ୍ର, ଶୀତଳାପଲ୍ଲୀ, ବ୍ରହ୍ମପୁର - ୨ (SeTP - II) | ୬୦ ହଜାର ଲିଟର ଦିନକୁ | ୱାର୍ଡ - ୨୨ରୁ ୪୨ |

ଅଧିକ ବିବରଣୀ ପାଇଁ www.berhampur.gov.in ଲିଙ୍କ୍ କରିଆରେ ଯାଞ୍ଚ କରନ୍ତୁ କିମ୍ବା ମହାନଗର ନିଗମ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।
ସ୍ୱା./- ଆୟୁକ୍ତ, ବ୍ରହ୍ମପୁର ମହାନଗର ନିଗମ
OIPR-13035/11/0044/2526

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# ନବୀନ ୯ମ ଥର ବିଜେଡି ସଭାପତି

**ଭୁବନେଶ୍ୱର, ୧୯।୪(ସୁନିତ୍ ମିଶ୍ର)**

ବିଜେଡିର ରାଜ୍ୟ ସଭାପତି ଭାବେ ନବୀନ ପଟ୍ଟନାୟକ ୯ମ ଥର ଲାଗି ଶନିବାର ନିର୍ବାଚିତ ହୋଇଛନ୍ତି। ଜଣେ ମାତ୍ର ପ୍ରାର୍ଥୀ ଭାବେ ନବୀନ ଏହି ପଦ ଲାଗି ନାମାଙ୍କନପତ୍ର ଦାଖଲ କରିଥିଲେ। ତନବୀନ ସଭାପତି ନିର୍ବାଚିତ ହେବାପରେ ଶଙ୍ଖ ଭବନଠାରେ ତାଙ୍କ ନେତୃତ୍ୱରେ ଦଳର ରାଜ୍ୟ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ହେଲେ ୨୪ ବର୍ଷରେ କ୍ଷମତାରେ ରହିଥିବା ବିଜେଡି ଏବେ ବିରୋଧୀ ଦଳକୁ ଆସିବା ପରେ ନବୀନଙ୍କ ଟିମ୍‌ରେ କେଉଁମାନେ ସ୍ଥାନ ପାଇବେ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ନବୀନ ସଭାପତି ହେବା ପରେ ଦଳର ବହୁ ବରିଷ୍ଠ ନେତା ଶଙ୍ଖ ଭବନ ଆସିନାହାନ୍ତି, ଯାହାକୁ ନେଇ ଦଳ ଭିତରେ ଚର୍ଚ୍ଚା ଓ ଆଲୋଚନା ଜୋର୍ ଧରିଛି। ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରଫୁଲ୍ଲ ମଲିକ, ଭୂପେନ୍ଦ୍ର ସିଂ, ପ୍ରଫୁଲ୍ଲ ସାମଲ, ନୃସିଂହ ସାହୁଙ୍କ ଭଳି ଅନେକ ନେତାଙ୍କୁ ଶଙ୍ଖଭବନରେ ଦେଖିବାକୁ ମିଳି ନ ଥିଲା। ଦଳର ଜଣେ ବିଧାୟକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ନବୀନଙ୍କ ପ୍ରିୟ ଏବେ ଏତେ ଅପ୍ରିୟ ହେଲେ କିପରି। ଯେଉଁମାନଙ୍କୁ ନବୀନ ବାରମ୍ବାର ସରକାର ସମୟରେ ମନ୍ତ୍ରୀ କରି ଦେଉଥିଲେ ସେମାନେ ଏବେ ଦଳଠାରୁ ଦୂରେଇ ଗଲେଣି। ତେବେ କେଉଁଥିଲାଗି ସେମାନଙ୍କୁ ଦଳ ଦୀର୍ଘଦିନ ଧରି ଗୁରୁତ୍ୱ ଦେଇଆସୁଥିଲା

### ଶଙ୍ଖଭବନ ଆସିଲେନି ବହୁ ବରିଷ୍ଠ ନେତା

ସେନେଇ ଦଳ ଭିତରେ ଚୁପୁରୁଚାପର ଚାଲିଛି। ରାଜ୍ୟ ପରିଷଦ ବୈଠକରେ କିଛି ସେପରି ଆଲୋଚନା ହେଲା ନାହିଁ। ପୁଣିଥରେ ନବୀନ ଦଳୀୟ କର୍ମୀମାନଙ୍କୁ ଅସନ୍ତୋଷ କରିଛନ୍ତି। ନବୀନ ସଭାପତି ହେବାପରେ ଯେଉଁ ଭାଷଣ ରଖିଲେ, ସେଥିରେ ସେ ପଦୁଟିଏ କେନ୍ଦ୍ର ସରକାରଙ୍କ ବିରୋଧରେ ମୁହଁ ଖୋଲିବାକୁ ସାହସ ଜୁଟାଇପାରିଲେ ନାହିଁ। କେମିତି କର୍ମୀମାନେ ଦଳ ଉପରେ ଭରସା କରିରହିବେ ବୋଲି ସମ୍ପୃକ୍ତ ବିଧାୟକ ପ୍ରଶ୍ନ କରିଛନ୍ତି।



ନବୀନ ପଟ୍ଟନାୟକ

ତେବେ ନବୀନ ତାଙ୍କ ବକ୍ତବ୍ୟରେ ଦଳର ସଭାପତି ଭାବେ ସେବା କରିବାର ସୁଯୋଗ ମିଳିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। ରାଜ୍ୟବାସୀଙ୍କ ଆଶୀର୍ବାଦରେ ବିଜେଡି ୨୪ ବର୍ଷ ଲୋକଙ୍କ ସେବା କରିବାର ସୁଯୋଗ ପାଇଲା। ରାଜ୍ୟର ସ୍ୱାଭିମାନ ଏବଂ ସ୍ୱାର୍ଥ ସହ ବିଜେଡି ସବୁବେଳେ ଯୋଡ଼ି ହୋଇ ରହିବ ବୋଲି ସେ କହିଛନ୍ତି।




ଉତ୍ତରପ୍ରଦେଶର ରାମପୁରରେ ଜଣେ ୧୧ ବର୍ଷୀୟା ମୂକ-ବଧିର ନାବାଳିକା ସହ ହୋଇଥିବା ବଳାତ୍କାର ବିରୋଧରେ ମିରଟରେ ଶନିବାର କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# 'ଭାଜପାର ଛାମୁଆ ସଙ୍ଗଠନ ଭାବେ କାର୍ଯ୍ୟ କରୁଛି ଇଡି'

**ଭୁବନେଶ୍ୱର, ୧୯।୪(ସୁନିତ୍ ମିଶ୍ର)**

ଭାଜପାର ଏକ ଛାମୁଆ ସଙ୍ଗଠନ ଭାବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟ କରୁଛି। ଭାଜପାର ଭ୍ରଷ୍ଟାଚାର, ଦୁର୍ନୀତି, ଦରଦାମ୍ ବୃଦ୍ଧି, ମହିଳା ନିର୍ଯାତନା, ଚାଷୀ ପ୍ରସଙ୍ଗ ଓ ବେକାରି ସମସ୍ୟା ନେଇ ଯେଉଁ ରାଜନୈତିକ ଦଳ ସଂସଦ ଭିତରେ ଏବଂ ବାହାରେ ସ୍ୱର ଶାଣିତ କରୁଛନ୍ତି ସେମାନଙ୍କ ବିରୋଧରେ ଅଗଣତାନ୍ତ୍ରିକ ଭାବେ ଇଡିର ପ୍ରୟୋଗ କରାଯାଉଛି ବୋଲି ପୂର୍ବତନ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କହିଛନ୍ତି।

ଯୁବ କଂଗ୍ରେସ ପକ୍ଷରୁ ରଣଜିତଙ୍କ ନେତୃତ୍ୱରେ ଶନିବାର ଭୁବନେଶ୍ୱରସ୍ଥିତ ଇଡି କାର୍ଯ୍ୟାଳୟ ଘେରାଉ କରାଯାଇଛି। ଯୁବ କଂଗ୍ରେସର କର୍ମୀମାନେ ଏକ ଶୋଭାଯାତ୍ରାରେ ଯାଇ ଇଡି ଅଫିସ

### ଇଡି କାର୍ଯ୍ୟାଳୟ ଘେରିଲା ଯୁବ କଂଗ୍ରେସ

ସମ୍ମୁଖରେ ଥିବା ପୋଲିସ ବାରିକେଡ୍ ଭାଙ୍ଗିବା ବେଳେ ପୋଲିସ ସହ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ଯୁବ କଂଗ୍ରେସ କର୍ମୀମାନେ ଇଡି ଅଫିସ ସମ୍ମୁଖରେ ଧାରଣା ଦେଇଛନ୍ତି। ଯୁବ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପୂର୍ବତନ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଏବଂ କଂଗ୍ରେସ ନେତୃତ୍ୱଙ୍କ ବିରୋଧରେ ଇଡି ଯେଉଁ ଚାର୍ଜଶିଟ ଦାଖଲ କରିଛି, ତାହା ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ରାଜନୈତିକ ପ୍ରତିହିଂସା ପରାୟଣତାର ନଗ୍ନ ନମୁନା। ନ୍ୟାଶନାଲ ହେରାଲ୍ଡ ଏବଂ ୟଙ୍ଗ୍ ଇଣ୍ଡିଆ ମାମଲା ଭାଜପାର ଏକ ଚକ୍ରାନ୍ତମୂଳକ ପ୍ରସଙ୍ଗ। ଏଥିରେ ଦୁର୍ନୀତି କିମ୍ବା ଅର୍ଥ କାରବାରର ଚିହ୍ନବର୍ଣ୍ଣ ହିଁ ନାହିଁ। କେବଳ ରାହୁଲ ଗାନ୍ଧୀଙ୍କ ନେତୃତ୍ୱକୁ ସହି ନ ପାରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅଗଣତାନ୍ତ୍ରିକ କାର୍ଯ୍ୟ କରୁଛନ୍ତି। ବଦ୍‌ନାମ କରିବା ପାଇଁ ଏଥିରେ ଷଡ଼ଯନ୍ତ୍ର ହୋଇଛି ବୋଲି ଯୁବ କଂଗ୍ରେସ ଅଭିଯୋଗ କରିଛି। ବିଶେଷକରି ଇଡି ଏବଂ ସିବିଆଇ ମୋଦିଙ୍କ ହତିଆର ସାଜିଛନ୍ତି। ଯୁବ କଂଗ୍ରେସର ରାଷ୍ଟ୍ରୀୟ ପ୍ରଭାରୀ ମୁକେଶ ଦେଶମୁଖ କହିଛନ୍ତି, ଏ ଅନ୍ୟାୟ ବିରୋଧରେ ଯୁବ କଂଗ୍ରେସ ନୀରବ ରହିବ ନାହିଁ। ଯୁବ କଂଗ୍ରେସ ମୋଦି ସରକାରଙ୍କ ସ୍ୱେଚ୍ଛାଚାରିତା ବିରୋଧରେ ସଂଗ୍ରାମ ଜାରି ରଖିବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କଂଗ୍ରେସର ବହୁ ବରିଷ୍ଠ ନେତା ଯୋଗ ଦେଇଛନ୍ତି।

# ୱାକ୍‌ଫ ଆଇନ ମୁସଲମାନଙ୍କୁ ଲାଭ ଦେବ: ଗୌତମ

**ଭୁବନେଶ୍ୱର, ୧୯।୪(ସୁନିତ୍ ମିଶ୍ର)**

ଗରିବଙ୍କ ହକ୍ କେବଳ ସେମାନଙ୍କୁ ହିଁ ମିଳିବ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଦେଶର ସମସ୍ତ ଗରିବ ବର୍ଗର ଉତ୍ଥାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂକଳ୍ପ ନେଇଛନ୍ତି। ୨୦୨୫ ଏପ୍ରିଲ ୨ ଏକ ଐତିହାସିକ ଦିନ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସଂସଦରେ ସଂଶୋଧିତ ୱାକ୍‌ଫ ବିଲ୍ ପାରିତ ହେବା ପରେ ଆଇନରେ ପରିଣତ ହୋଇଛି। ଦେଶ ଓ ଲୋକଙ୍କ ହିତ ପାଇଁ ଏହା କରାଯାଇଛି। ଏହି ଐତିହାସିକ ନିଷ୍ପତ୍ତିକୁ ଦେଶବାସୀ ସ୍ୱାଗତ କରିଛନ୍ତି। ଏହି ଆଇନ ଆସିବା ପରେ ୱାକ୍‌ଫ ଅନ୍ତର୍ଗତ ଦୁରୁପଯୋଗ ହେଉଥିବା ସମ୍ପତ୍ତିକୁ ରକ୍ଷା କରାଯାଇପାରିବ। ୱାକ୍‌ଫ ଆଇନ ଦ୍ୱାରା ଗରିବ ମୁସଲମାନ ଓ ମହିଳାମାନେ ଆଗକୁ ବଢ଼ିପାରିବେ। ଭାରତ ସରକାରଙ୍କ ଦ୍ୱାରା ଆଗତ କରାଯାଇଥିବା ଐତିହାସିକ ୱାକ୍‌ଫ ସଂଶୋଧିତ ଆଇନକୁ ନେଇ ଅନେକ ତର୍କବିତର୍କ ଚାଲିଛି। ଏହି ଆଇନ ବଳରେ ମୁସଲମାନ ସମ୍ପ୍ରଦାୟର କୌଣସି କ୍ଷତି ନ ହୋଇ ବରଂ ଲାଭ ହେବ। ବିଶେଷ ଭାବେ ମୁସଲମାନ ସମ୍ପ୍ରଦାୟର ଗରିବ ଓ ମହିଳାମାନେ ଲାଭାନ୍ୱିତ ହେବେ ବୋଲି ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଦୁଶ୍ୟନ୍ତ ଗୌତମ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶନିବାର ଅନୁଷ୍ଠିତ ୱାକ୍‌ଫ ସୁଧାର ଜନଜାଗରଣ ଅଭିଯାନ କର୍ମଶାଳାରେ ଯୋଗଦେଇ ଗୌତମ କହିଛନ୍ତି, 'ୱାକ୍‌ଫ'ର ଅର୍ଥ ହେଉଛି 'ଦାନ'। ମାତ୍ର ଦାନ ସୂତ୍ରରେ ମିଳୁଥିବା ସମ୍ପତ୍ତିକୁ କୌଣସି ଦାତବ୍ୟ କାର୍ଯ୍ୟରେ ବ୍ୟବହାର କରା ନ ଯାଇ ବ୍ୟକ୍ତିଗତ ସ୍ୱାର୍ଥ ଚରିତାର୍ଥ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିଲା। ମୁସଲମାନ ସମ୍ପ୍ରଦାୟର ଲୋକମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଆର୍ଥିକ ସ୍ଥିତିରେ କୌଣସି ସୁଧାର ଆସୁ ନ ଥିଲା। ବିଶେଷ ଭାବେ ମୁସଲମାନ ଗରିବ ମା' ଓ ଭଉଣୀମାନଙ୍କୁ ବଞ୍ଚିତ ରଖାଯାଉଥିଲା। ଦେଶର ତୃତୀୟ ସର୍ବାଧିକ ଜମିର ମାଲିକାନା ଥିବା 'ୱାକ୍‌ଫ ବୋର୍ଡ'ର ସମ୍ପତ୍ତିକୁ ମାତ୍ର କେଇଜଣ ଉପଭୋଗ କରୁଥିବାବେଳେ ଗରିବ ତଥା ମୁସଲମାନ ସମ୍ପ୍ରଦାୟର ମହିଳାମାନେ କେବଳ କଷ୍ଟ ଭୋଗୁଥିଲେ ବୋଲି ଗୌତମ କହିଛନ୍ତି।




ଭାଜପା ରାଜ୍ୟ କାର୍ଯ୍ୟାଳୟରେ ୱାକ୍‌ଫ ସୁଧାର ଜନଜାଗରଣ ଅଭିଯାନ କର୍ମଶାଳାରେ ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଦୁଶ୍ୟନ୍ତ ଗୌତମ ଓ ଅନ୍ୟମାନେ।


# Classified Everyday

**0674-2580101, 9692975378**




MATRIMONIAL

**BRIDE WANTED**

ସୁନ୍ଦର ଉଚ୍ଚଶିକ୍ଷିତ (MBA ଦିଲ୍ଲୀ) LLB କରିଥିବା ୩୪ ବର୍ଷୀୟ ପୁରୀର ଆଡଭୋକେଟ୍ ବ୍ରାହ୍ମଣ ପୁଅ ପାଇଁ ଘରୋଇ ଶିକ୍ଷିତ ବ୍ରାହ୍ମଣ ପାତ୍ରୀ ଦରକାର । କେବଳ Serious ଲୋକ ଯୋଗାଯୋଗ କରନ୍ତୁ- 7978626462. D-228

**GROOM WANTED**

Handsome Karan boy 1996, 6' BSC serving ASO Secretariat, BBSR, "SUNASANSAR". 9937512659. D-76260



REAL ESTATE

**SALE**

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258

**Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492.** D-200

Book 3BHK, 4BHK flat Jharapada, near Jagannath Avenue, Canal Road, Bhubaneswar with amenities. Contact: 7978584549. D-76811

**13720sqft Commercial Land with boundary wall sale at NH- 57, Pitapalli Square, Bhubaneswar. 7008634668.** D-76259

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି Plot ବିକ୍ରି ହେବ। Area- 2100sqft, 2250/- fix rate. 9556187814. D-014

**Duplex sale with gated Society near Aiims Hospital, Bhubaneswar. 9777433701.** D-76256



**CONSTRUCTION**

Construct your home with branded materials all complete furnishing, price start 1280/- per sqft. 9827152441. D-76812

**LEASE**

Lease for godown, Nursing home or for any purpose for 10 years 10000sft with Compound wall 3 sides road facing to Nakhara Niali NH ROAD. 7809525452. D-76444

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



FOR RENT

5800sqft Godown space available at Rasulgarh, beside Esplanade Mall, Bhubaneswar. 9040019183. D-189

Office Accommodation Commercial Hospital permises available Chandrasekharpur, Bhubaneswar, 4000sqft.- 9437008388. D-74726

**2 Office space- 1000sqft. in 3rd floor & 750sqft. in 2nd floor fully furnished office at 5- Janpath, Unit- 3, Kharvelnagar behind Kalsi Petrol Pump, Bhubaneswar, Odisha- 751001. Readily available to operate. Contact: 9437001845, 7504050186.** D-76813

Around 1800sft at Chintamaniswar, Walkable distance to Bhubaneswar Railstation, Ground Floor, Both side road for godown. Call- 7978968374. D-188

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**



Healthcare

Kerala Ayurveda massage therapy gents/ Ladies pain relief Bhubaneswar. 9337672475. D-141

Full body massage by experience therapist with homely atmosphere. 9114559860. D-76910

Positively health benefited SPA by expert female therapist, Bapujinagar. 8328803811. D-76909

**AFFIDAVIT**



I, Dillip Kumar Satapathy (54), S/o-Nrusingh Charan Satapathy, residing at Dakhinakali Road, along with my wife Ashanti Sahu, have legally adopted a child named Guru Charan Naik, born on 24.04.2012, Biological parents Fakir Naik and Jumala Nayak. The adoption was completed on 20.02.2025 under Adoption deed No.- 422500146. We hereby declared that the name of the adopted child has been changed from Guru Charan Naik to Omm Prakash Satapathy. Any objections may be communicated within 7 days. D-225

By virtue of an affidavit sworn before Executive Magistrate, Simulia, dated- 11.04.2025, I, Shiba Prasad Behera, S/o- Gouranga Behera of At- Mangarajpur, P.O.- Khirkona, P.S.- Simulia, Dist.- Balasore, Odisha, PIN- 756168, declare that I have changed my son's name from Dibyajyotiprakash Behera to Ayush Behera. Henceforth, he shall be known as Ayush Behera for all purposes. D-235

By virtue of an affidavit sworn before the Executive Magistrate, Darpan, dated 03.04.2025, I, KABIR SAMAL, Address: Vill/P.O.- Palai, P.S.- Balichandrapur, Dist.- Jajpur, Odisha- 754205, declare that I have changed my son's name from Ratik Kumar Samal to Ritik Kumar Samal. Henceforth, he shall be known as Ritik Kumar Samal for all purposes. D-229

By virtue of an affidavit sworn before the Executive Magistrate, Darpan, Dhanmandal, dated- 03.04.2025, I, Sk Atiqullah, Address- Nalipur (Md Nagar), P.O.- Charinangal, P.S.- Balichandrapur, Dist.- Jajpur, declare that I have changed my son's name from Sk Mahammed Adeeb to Shaikh Md Adeeb. Henceforth, he shall be known as Shaikh Md Adeeb for all purposes.
Sk Atiqullah
D-221

By affidavit in the Court of Executive Magistrate, Pattamundai, Cf No.- 65AA213430, dtd- 19.04.2025, I have been recognized, indentified & known as Sarojini Sarangi, W/o- Manoranjan Sarangi, At- Srirampur, P.O.- S.Palapatana, P.S.- Pattamundai, Dist.- Kendrapara, instead of Sarojini Barik for all purposes. D-226

By virtue of an affidavit sworn before the Executive Magistrate of Kujang on dated 17.07.2025, I, Manoranjan Behera, resident of Village- Kaladip, P.O.- Pankapal, P.S.- Kujang, Dist.- Jagatsinghpur, Odisha, PIN- 754140, declare that I have changed my daughter's name from Divyanshi Debadarshini Behera to Divyanshi Behera. Henceforth, she shall be known as Divyanshi Behera for all purpose at all.
Manoranjan Behera
D-227

By virtue of an affidavit sworn before the Executive Magistrate, Jagatsinghpur, Sl No.- 2378 dated 28.03.2025, I Gitanjali Swain, W/o- Samir Kumar Swain, Village- Badalahanga, P.O.- Taradapada, P.S./ Dist.- Jagatsinghpur, PIN- 754103, Odisha, declare that I have changed my minor son's name from Sai Suman Swain to Omm Shree Saisuman. Henceforth, he will be known as Omm Shree Saisuman for all purposes. D-234

**ମନେ ପଡ଼ନ୍ତି**

ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ତାରାମଣୀ ମିଶ୍ର

ସ୍ୱାମୀ: ସ୍ୱର୍ଗତ ଉଦୟନାଥ ମିଶ୍ର

ଗ୍ରାମ: ଗୋକୁଳପୁର, ପୁରୀ

ତିରୋଧାନ: ୦୫।୦୪।୨୦୧୦

ଜୀବନର ଚଲାପଥରେ ଆମ୍ଭେ ଏକାକୀ ଓ ତୁମର ଆଶୀର୍ବାଦ ଆମର ଏକାନ୍ତ କାମ୍ୟ। ତୁମ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।

ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୨୦୧

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ରବୀନ୍ଦ୍ର ନାଥ ଦାସ

ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ
ପ୍ରାକ୍ତନ ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ

ଆବିର୍ଭାବ: ତା ୧୭।୦୫।୧୯୪୨
ତିରୋଧାନ: ତା ୨୦।୦୪।୨୦୨୨

୨୦ ଏପ୍ରିଲ ୨୦୨୨ରେ ଆମ ସମସ୍ତଙ୍କୁ ଏଠି ଛାଡ଼ି ଆରପାରିକୁ ଚାଲିଗଲ ତମେ । ଚାହୁଁ ଚାହୁଁ ତିନିବର୍ଷ ବିତିଗଲାଣି ଯା ଭିତରେ । ତୁମ ଆବର୍ତ୍ତମାନରେ ତୁମକୁ ଝୁରିହଉଛୁ ଆମେ। ଆମ ଗହଣରେ ଏବେ ତୁମେ ନାହଁ ସତ, ଆମ ଭିତରେ ଆଗଭଳି ବଞ୍ଚି ରହିଛ ତୁମେ। ତୁମେ ସିନା ସାହିତ୍ୟ କୃତି ଲାଗି ଅମର ହୋଇ ଯାଇଛ, କିନ୍ତୁ ଓଡ଼ିଆ ସାହିତ୍ୟ ଜଗତରେ ତୁମ ସ୍ଥାନ ଖାଲି ପଡ଼ିଛି। ଏବେ ତୁମେ ଯେଉଁଠି ଅଛ ପ୍ରଭୁ ତୁମକୁ ସେଇଠି ଭଲରେ ରଖିଥାନ୍ତୁ, ବିଶ୍ୱନିୟନ୍ତାଙ୍କ ପାଖରେ ଆମର ଏତିକି ପ୍ରାର୍ଥନା

-:ଶୋକସନ୍ତପ୍ତ ପରିବାରବର୍ଗ:-
ଡଲି, ପିଙ୍କୁ, ପୁପୁନ, ବୁଲୁ, ନୁନୁନ ଓ ନୂପୁର

ଧ-୨୩୩

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


"M.B.K."
Great Eastern RETAIL
ଶୁଭ ଉଦ୍‌ଘାଟନ
ଟଙ୍କପାଣି ରୋଡ୍
ସାଇ ମନ୍ଦିର ପାଖ, ଭୁବନେଶ୍ୱର
98537 66293
INAGURAL FREE GIFT WITH EVERY PURCHASE
SMART WATCH
MIXER GRINDER
ELECTRIC KETTLE
10 LUCKY CUSTOMERS WILL WIN GOLD COIN*
upto 85% DISCOUNT*
upto ₹45000 CASH BACK*
upto ₹7000 EXCHANGE VALUE*
1 EMI OFF*
0 COST EMI*
0 DOWN PAYMENT*
FREE STANDARD INSTALLATION*
FREE HOME DELIVERY WITHIN 100KMS*
INAUGURAL DEAL
57% OFF
OUTDOOR BRACKET + PENDENT SET WORTH ₹ 4999
1 T 3* INVERTER AC
MRP ₹ 41900
OFFER PRICE ₹20490*
₹60/Day*
1 T 5* INVERTER AC
MRP ₹ 54900
OFFER PRICE ₹23490*
₹68/Day*
1.5 T 3* INVERTER AC
MRP ₹ 45900
OFFER PRICE ₹23990*
₹69/Day*
1.5 T 5* INVERTER AC
MRP ₹ 54900
OFFER PRICE ₹27990*
₹81/Day*
INAUGURAL DEAL
36% OFF
184L SINGLE DOOR REFRIGERATOR
MRP ₹ 17260
OFFER PRICE ₹10990*
₹31/Day*
INAUGURAL DEAL
45% OFF
36L PERSONAL AIR COOLER
MRP ₹ 11790
OFFER PRICE ₹6490*
₹18/Day*
INAUGURAL DEAL
65% OFF
32 HD LED TV
MRP ₹ 22990
OFFER PRICE ₹7990*
₹22/Day*
44% OFF
65 UHD TV
MRP ₹ 101990
OFFER PRICE ₹57290*
₹165/Day*
46% OFF
55 UHD TV
MRP ₹ 66990
OFFER PRICE ₹36490*
₹106/Day*
57% OFF
43 4K LED TV
MRP ₹ 50490
OFFER PRICE ₹21490*
₹62/Day*
38% OFF
7 kg FULL AUTO WASHING MACHINE
MRP ₹ 21050
OFFER PRICE ₹13070*
₹36/Day*
36% OFF
7 kg SEMI AUTO WASHING MACHINE
MRP ₹ 13250
OFFER PRICE ₹8490*
₹24/Day*
49% OFF
596 L SIDE BY SIDE REFRIGERATOR
MRP ₹ 101990
OFFER PRICE ₹519900*
₹150/Day*
41% OFF
237 L BUTTOM MOUNT REFRIGERATOR
MRP ₹ 42990
OFFER PRICE ₹25490*
₹74/Day*
39% OFF
235 L DOUBLE DOOR REFRIGERATOR
MRP ₹ 30690
OFFER PRICE ₹00000*
₹52/Day*
47% OFF
6 kg FRONT LOAD WASHING MACHINE
MRP ₹ 37490
OFFER PRICE ₹19990*
₹58/Day*
27% OFF
DISH WASHER
MRP ₹ 61190
OFFER PRICE ₹44490*
₹128/Day*
40% OFF
DESEART COOLER
MRP ₹ 22390
OFFER PRICE ₹13490*
₹37/Day*
30% OFF
230L DEEP FREEZER
MRP ₹ 32890
OFFER PRICE ₹22990*
₹67/Day*
34% OFF
20L CONVECTION MICROWAVE
MRP ₹ 15050
OFFER PRICE ₹9990*
₹28/Day*
44% OFF
ACTIVE WATER PURIFIER
MRP ₹ 12499
OFFER PRICE ₹6990*
₹19/Day*
SUPER SAVER
70% OFF
3 JAR MIXER GRINDER
DRY IRON
ELECTRIC KETTLE
MINI CHOPPER
MRP ₹ 6530
OFFER PRICE ₹1990*
SAMSUNG LG Panasonic SONY LLOYD Haier Whirlpool Godrej IFB BOSCH VOLTAS DAIKIN HITACHI GENERAL BLUE STAR HAVELLS EUREKA FORBES Livpure KUTCHINA GLEN hindware FABER Sunflame USHA
HDFC BANK upto ₹4000 INSTANT CASH BACK*
9 MEGA STORES IN ODISHA
90+ STORES ACROSS INDIA
SCAN FOR MORE OFFERS
Widest Range Of Products*
Extended Warranty*
Easy Finance Available
HDB FINANCIAL SERVICES
BAJAJ FINSERV EMI
IDFC FIRST Bank
www.greateasternretail.com | Great Eastern Retail | 033 4037 2000
ଭୁବନେଶ୍ୱର ବାପୁଜୀ ନଗର 9853945074 | ପଟିଆ 9853933698 | ସିଡିଏ 95836 47161 | କଟକ ଯୋବ୍ରା ରୋଡ 8908972713
ODISHA | WEST BENGAL | UTTAR PRADESH | DELHI | HARYANA | RAJASTHAN | ANDHRA PRADESH | 90+ STORES
*Terms & conditions - Price includes cashback and exchange offer. Pictures are indicative. Offer applicable on selected models and brands. U/E and * is under exchange offer only. Exchange value applicable for old working ac with two year purchase invoice.
virtual frame

# ଆଜିଠୁ କଳିଙ୍ଗ ସୁପର କପ୍

ଭୁବନେଶ୍ୱର,୧୯।୪(ଅନାଦି କର)

ଆଇକନିକ୍ କଳିଙ୍ଗ ଷ୍ଟାଡିୟମରେ ରବିବାରଠାରୁ ଆରମ୍ଭ ହେବାକୁଯାଉଛି କଳିଙ୍ଗ ସୁପର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ଇଷ୍ଟ ବେଙ୍ଗଲ ଓ କେରଳ ବ୍ଲାଷ୍ଟର୍ସ ମୁହାଁମୁହିଁ ହେବେ। ଏହି ପ୍ରତିଯୋଗିତାରେ ଭାଗନେଉଥିବା ୧୫ଟି ଦଳ ଟ୍ରଫି ଓ ଆଗାମୀ ସିଜନର ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ୨ରେ ଉପଲବ୍ଧ ଥିବା ଏକମାତ୍ର ସ୍ଥାନ ଲାଗି ପ୍ରତିଦ୍ୱନ୍ଦ୍ୱିତା କରିବେ। ଘରୋଇ ଦଳ ଓଡ଼ିଶା ଏଫ୍‌ସି ଗତବର୍ଷ ଫାଇନାଲରେ ଇଷ୍ଟ ବେଙ୍ଗଲ ଏଫ୍‌ସିଠାରୁ ୩-୨ ଗୋଲରେ ପରାସ୍ତ ହୋଇ ରନରଅପ ରହିଥିଲା। ଗତ ସଂସ୍କରଣରେ ଏହି ଟ୍ରଫି ସହ ଜାତୀୟ ଟାଇଟଲ ଲାଗି ଇଷ୍ଟ ବେଙ୍ଗଲର ୧୨ ବର୍ଷର ଅପେକ୍ଷା ଶେଷ ହୋଇଥିଲା। ଏଥର ଦଳ ତା'ର ଟାଇଟଲକୁ ସମାନ ଭେନ୍ୟୁରେ ଡିଫେଣ୍ଡ କରିବାକୁ ଲକ୍ଷ୍ୟ ରଖିଛି।

ଇଷ୍ଟ ବେଙ୍ଗଲ ୨୦୦୯-୧୦ ଓ ୨୦୧୦ରେ ଲଗାତର ଫେଡେରେଶନ କପ୍ ଜିତିଥିବାବେଳେ କେରଳ ବ୍ଲାଷ୍ଟର୍ସ ଜାତୀୟସ୍ତରରେ ତା'ର ପ୍ରଥମ ଟ୍ରଫି ଅପେକ୍ଷାରେ ରହିଛି। ଉଭୟ ଦଳ ଇଣ୍ଡିଆନ ସୁପର ଲିଗ୍‌ରେ ଆଶାନୁଯାୟୀ ପ୍ରଦର୍ଶନ କରି ନ ପାରି ପଏଣ୍ଟ ଟେବୁଲରେ ଯଥାକ୍ରମେ ନବମ ଓ ଅଷ୍ଟମ ସ୍ଥାନରେ ରହିଥିଲେ। ଏହି ମ୍ୟାଚ୍‌ର ବିଜେତା ମୋହନ ବାଗାନ ସୁପର ଜାଏଣ୍ଟକୁ ଭେଟିବ। ଆଇ-ଲିଗ୍ କ୍ଲବ ଚର୍ଚ୍ଚିଲ ବ୍ରଦର୍ସ ଟୁର୍ଣ୍ଣାମେଣ୍ଟରୁ ଓହରିଯିବାରୁ ମୋହନ ବାଗାନ ବାଇ ପାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏହି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଆସନ୍ତା ୨୬ ତାରିଖରେ ଖେଳାଯିବ। ଏପ୍ରିଲ ୨୧ ତାରିଖରେ ୨୦୧୯ ସଂସ୍କରଣର ଚାମ୍ପିୟନ ଏଫ୍‌ସି ଗୋଆ ଓ ଗୋକୁଲମ କେରଳ ଏଫ୍‌ସି ପରସ୍ପରକୁ ଭେଟିବେ। ଗତ ଦୁଇ ସଂସ୍କରଣରେ ଗ୍ରୁପ୍ ପର୍ଯ୍ୟାୟ ଅତିକ୍ରମ କରିପାରି ନ ଥିବା ଗୋଆ ଏଥର ଟ୍ରଫି ସହ ୨୦୨୧ ପରେ ଦ୍ୱିତୀୟଥର ପାଇଁ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍‌ରେ ଖେଳିବା ଲକ୍ଷ୍ୟରେ ରହିଛି। ସେହିଭଳି ଗୋକୁଲମ କେରଳ ୨୦୨୨ ପରେ ଏଏଫ୍‌ସି କପ୍‌ରେ ଖେଳିବା ଉଦ୍ଦେଶ ରଖିଛି। କିନ୍ତୁ ଏହି ଦଳ କଦାପି କଳିଙ୍ଗ ସୁପର କପ୍‌ରେ ରାଉଣ୍ଡ ଅଫ୍-୧୬ ଅତିକ୍ରମ କରିପାରିନାହିଁ। ଗତ ଦୁଇ ସଂସ୍କରଣରେ ଗୋକୁଲମ ଟୁର୍ଣ୍ଣାମେଣ୍ଟରେ ଗୋଟିଏ ବି ମ୍ୟାଚ୍ ନ ଜିତି ଅଭିଯାନ ଶେଷ କରିଥିଲା।

ସୋମବାର ପଞ୍ଜାବ ଏଫ୍‌ସିକୁ ଆୟୋଜକ ଘରୋଇ ଫେଭରାଇଟ ଓଡ଼ିଶା ଏଫ୍‌ସି ଭେଟିବ। ୨୦୨୩ ସଂସ୍କରଣର ଚାମ୍ପିୟନ ଓ ୨୦୨୪ ସଂସ୍କରଣର ରନରଅପ୍ ଓଡ଼ିଶା ଏଫ୍‌ସି ଲାଗି ଏହା ଫେଭରାଇଟ ଟୁର୍ଣ୍ଣାମେଣ୍ଟ। ୨୦୨୩ରେ ପଦାର୍ପଣ କରିଥିବା ପଞ୍ଜାବ ଏଫ୍‌ସି ଏପର୍ଯ୍ୟନ୍ତ କଦାପି ଗ୍ରୁପ୍ ପର୍ଯ୍ୟାୟ ଅତିକ୍ରମ କରିପାରିନାହିଁ।

ବେଙ୍ଗାଲୁରୁ ଏଫ୍‌ସି ଓ ଇଣ୍ଟର କାଶି ଆସନ୍ତା ୨୩ ତାରିଖରେ ପରସ୍ପରକୁ ଭେଟିବେ। ଏହି ଦୁଇ ଦଳ ଗତ ଦୁଇ ସଂସ୍କରଣରେ ତୃତୀୟଥର ପାଇଁ ମୁହାଁମୁହିଁ ହେବାକୁ ଯାଉଛନ୍ତି। ଆଇଏସ୍‌ଏଲ୍ ଫାଇନାଲରେ ପରାଜିତ ହୋଇଥିବା ବେଙ୍ଗାଲୁରୁ ଏଫ୍‌ସି ଟୁର୍ଣ୍ଣାମେଣ୍ଟକୁ ଦ୍ୱିତୀୟଥର ଜିତିବା ଲକ୍ଷ୍ୟରେ ରହିଛି। ଦଳ ଉଦ୍‌ଘାଟନୀ ୨୦୧୮ ସଂସ୍କରଣରେ ଚାମ୍ପିୟନ ହୋଇଥିଲା। ଏଥର ଟ୍ରଫି ସହ ୪ ବର୍ଷର ବ୍ୟବଧାନରେ ଏସିଆନ୍ ପ୍ରତିଯୋଗିତାରେ ଭାଗନେବାକୁ ଲକ୍ଷ୍ୟ ରଖିଛି। ଅନ୍ୟପକ୍ଷରେ ଗତବର୍ଷ କ୍ୱାଲିଫାଇଙ୍ଗ ରାଉଣ୍ଡ ଦେଇ ସୁପର କପ୍‌ରେ ପଦାର୍ପଣ କରିଥିବା ଇଣ୍ଟର କାଶି ଏପର୍ଯ୍ୟନ୍ତ କଦାପି ଗ୍ରୁପ୍ ପର୍ଯ୍ୟାୟ ଡେଇଁପାରିନାହିଁ।

ଆସନ୍ତା ବୁଧବାର ମୁମ୍ବାଇ ସିଟି ଏଫ୍‌ସି ଓ ଚେନ୍ନାୟିନ୍ ଏଫ୍‌ସି ଟୁର୍ଣ୍ଣାମେଣ୍ଟରେ ଚତୁର୍ଥ ଥର ପାଇଁ ମୁହାଁମୁହିଁ ହେବେ। ସୁପର କପ୍ ଇତିହାସରେ ଦୁଇ ନିର୍ଦ୍ଦିଷ୍ଟ ଦଳ ମଧ୍ୟରେ ଖେଳାଯାଇଥିବା ଏହା ସର୍ବାଧିକସଂଖ୍ୟକ ମ୍ୟାଚ୍ ହେବ। ଚେନ୍ନାୟିନ୍ ବିପକ୍ଷରେ ବିଭିନ୍ନ ପ୍ରତିଯୋଗିତାରେ ମୁମ୍ବାଇ ଏଫ୍‌ସି ଗତ ୧୩ଟି ମ୍ୟାଚ୍‌ରେ ଅପରାଜିତ ରହିଛି। ଚେନ୍ନାୟିନ୍ ଏଫ୍‌ସି ୨୦୨୦ ଫେବୃଆରୀଠାରୁ ସୁପର କପ୍‌ରେ ଗୋଟିଏ ବି ହେଲେ ମ୍ୟାଚ୍ ଜିତିନାହିଁ। ଉଭୟ ଦଳ ପୂର୍ବରୁ ଏସିଆନ ଟୁର୍ଣ୍ଣାମେଣ୍ଟରେ ଖେଳିସାରିଛନ୍ତି। ମୁମ୍ବାଇ ସିଟି ୨୦୨୨ ଓ ୨୦୨୩-୨୪ ଏଏଫ୍‌ସି ଚାମ୍ପିୟନଶିପ୍ ଖେଳିଥିବା ବେଳେ ଚେନ୍ନାୟିନ ୨୦୧୯ ଏଏଫ୍‌ସି କପ୍ ଖେଳିଥିଲା। ଗୁରୁବାର ଜାମ୍‌ଶେଦ୍‌ପୁର ଏଫ୍‌ସି ଓ ହାଇଦ୍ରାବାଦ ଏଫ୍‌ସି ମ୍ୟାଚ୍ ସହିତ ଟୁର୍ଣ୍ଣାମେଣ୍ଟର ରାଉଣ୍ଡ ଅଫ୍ ୧୬ ପର୍ଯ୍ୟାୟ ଶେଷ ହେବ। ଆସନ୍ତା ୨୬ ଓ ୨୭ ତାରିଖରେ ସମସ୍ତ କ୍ୱାର୍ଟର ଫାଇନାଲ ଏବଂ ୨୦ ତାରିଖରେ ଉଭୟ ସେମିଫାଇନାଲ ଖେଳାଯିବ। ମେ' ୩ରେ ଫାଇନାଲ ଅନୁଷ୍ଠିତ ହେବ।





କର୍ମକର୍ତ୍ତାଙ୍କ ଗହଣରେ ଉତ୍କଳ କରାଟେ ସ୍କୁଲ କଟକ ଶାଖାର କରାଟେକା ବ୍ଲାକ୍‌ବେଲ୍ଟ ପରୀକ୍ଷାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ।

## ଉତ୍କଳ କରାଟେ ସ୍କୁଲ କଟକ ଶାଖାର ଗ୍ରେଡିଂ ପରୀକ୍ଷା

ଭୁବନେଶ୍ୱର, ୧୯।୪ (ବିଜୟ ରଣା)

କଟକ ଦେଉଳ ସାହି ଆର. ସ୍କୋୟାର ସେଲିବ୍ରେଶନ ମଣ୍ଡପ ନିକଟସ୍ଥ ଉତ୍କଳ କରାଟେ ସ୍କୁଲ ଶାଖାରେ କରାଟେକା ବ୍ଲାକ୍‌ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଶାଖାରୁ ୧୦୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି କୃତକାର୍ଯ୍ୟ ହୋଇଛନ୍ତି। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ହାନ୍‌ସୀ ଡ. ହରିପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସେନ୍‌ସାଇ ଖାରବେଳ ମଲିକ, ଗୋପାଳ ଚନ୍ଦ୍ର ଦାସ, ନିରଞ୍ଜନ ବେବର୍ତ୍ତା ପଟ୍ଟନାୟକ ଓ ଉମାକାନ୍ତ ବେହେରା ପ୍ରମୁଖ ପରୀକ୍ଷା ପରିଚାଳନା କରିଥିଲେ। ସିନିୟର କରାଟେକା ଶୁଭାଶିଷ ମହାପାତ୍ର, ସୃଷ୍ଟି ମିଶ୍ର, ପ୍ରିୟଦର୍ଶିନୀ ଦାସ, ତନାଲି ମିଶ୍ର ଓ ସାଗର ସ୍ୱାଇଁ ପ୍ରମୁଖ ପରୀକ୍ଷା ପରିଚାଳନାରେ ସହାୟତା କରିଥିଲେ। ଶେଷରେ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ବେଲ୍ଟ ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

## ଭାରତ ଆସିବନି ପାକିସ୍ତାନ ଦଳ

**ଆଇସିସି ମହିଳା ଦିନିକିଆ ବିଶ୍ୱକପ୍**

ଲାହୋର, ୧୯।୪ (ପି.ଟି.)

ଚଳିତବର୍ଷ ପରବର୍ତ୍ତୀ ଭାଗରେ ଖେଳାଯିବାକୁ ଥିବା ଆଇସିସି ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍ ଖେଳିବା ଲାଗି ଭାରତ ଟୁର୍‌ରେ ଆସିବ ନାହିଁ ପାକିସ୍ତାନ ମହିଳା କ୍ରିକେଟ ଦଳ। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଚେୟାରମ୍ୟାନ ମହସିନ ନକ୍‌ଭି ଶନିବାର ଏହା ଘୋଷଣା କରିଛନ୍ତି। ଦଳ ଏହାର ମ୍ୟାଚଗୁଡ଼ିକ ନିରପେକ୍ଷ ଭେନ୍ୟୁରେ ଖେଳିବ। ଦୁଇ ଦେଶ ମଧ୍ୟରେ ତିକ୍ତ ସମ୍ପର୍କ ଯୋଗୁ

ଗତ ଆଇସିସି ଚାମ୍ପିୟନ୍ସ ଟ୍ରଫି ବେଳେ ଉଭୟ ଦେଶ ସହମତିରେ ଗ୍ରହଣ କରାଯାଇଥିବା ହାଇବ୍ରିଡ୍ ମଡେଲ ଅନୁସାରେ ଭାରତ ଏହାର ମ୍ୟାଚଗୁଡ଼ିକ ଅୟୋଜକ ଦେଶ ପାକିସ୍ତାନରେ ନ ଖେଳି ଦୁବାଇରେ ଖେଳିଥିଲା। ପିସିବି ବର୍ତ୍ତମାନ ଅନୁରୂପ ପନ୍ଥା ଅନୁସରଣ କରିବାକୁ ଯାଉଛି। ପିସିବି ମୁଖ୍ୟ କହିଛନ୍ତି ବର୍ତ୍ତମାନ ତାଙ୍କ ଦେଶ ଯେଉଁ ନିରପେକ୍ଷ ଭେନ୍ୟୁରେ ଖେଳିବ ତାହା ଉଭୟ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆଲୋଚନା କରି ସ୍ଥିର କରନ୍ତୁ। ଭାରତରେ ଆଇସିସି ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍ ଆସନ୍ତା ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୨୬ ପର୍ଯ୍ୟନ୍ତ ଖେଳାଯିବ। ଗତଥର ଅଷ୍ଟ୍ରେଲିଆ ଏହି ଟୁର୍ଣ୍ଣାମେଣ୍ଟର ଚାମ୍ପିୟନ ହୋଇଥିଲା।

**ଆଇପିଏଲ୍‌ରେ ୨୦୦ ଛକା**

## ରାହୁଲ ଦ୍ରୁତତମ ଭାରତୀୟ

ଅହମଦାବାଦ,୧୯।୪

ଦିଲ୍ଲୀ କ୍ୟାପିଟାଲ୍ସ ଉଇକେଟ୍‌କିପର-ବ୍ୟାଟର ଲୋକେଶ ରାହୁଲ ଦ୍ରୁତତମ ଭାରତୀୟ ବ୍ୟାଟର ଭାବେ ଆଇପିଏଲ୍‌ରେ ୨୦୦ ଛକା ମାରିବାର ସଫଳତା ହାସଲ କରିଛନ୍ତି। ଶନିବାର ଗୁଜରାଟ ଟାଇଟନ୍ସ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ସେ ଏହି ସଫଳତା ପାଇଥିବାବେଳେ ଏହା ତାଙ୍କ କ୍ୟାରିୟରର ୧୨୮ତମ ଆଇପିଏଲ୍ ଇନିଂସ୍ ଥିଲା। ମ୍ୟାଚ୍‌ରେ ସେ ୧୪ ବଲ୍‌ରେ ୪ ଚୌକା ଓ ୧ ଛକା ସହିତ ୨୮ ରନ୍‌ର ପାଳି ଖେଳିଥିଲେ। ଖୁବ୍ କମ୍ ଇନିଂସରେ ୨୦୦ ଛକା ମାରିବାର ରେକର୍ଡ ପୂର୍ବରୁ ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମ୍‌ସନଙ୍କ ନାମରେ ଥିଲା। ସେ ୧୫୯ ଇନିଂସ୍‌ରେ ଏହି ମାଇଲଷ୍ଟୋନ୍‌ରେ ପହଞ୍ଚିଥିଲେ। ତାଙ୍କ ପଛକୁ ମହେନ୍ଦ୍ର ସିଂ ଧୋନୀ(୧୬୫ ଇନିଂସ), ବିରାଟ କୋହଲି(୧୮୦), ରୋହିତ ଶର୍ମା (୧୮୫) ଓ ସୁରେଶ ରାଇନା(୧୯୩) ରହିଛନ୍ତି।

# ଲକ୍ଷ୍ନୌର ରୋମାଞ୍ଚକ ବିଜୟ

ଜୟପୁର,୧୯।୪

ଚଳିତ ଆଇପିଏଲ୍‌ରେ ଶନିବାର ରାତିରେ ଖେଳାଯାଇଥିବା ଏକ ରୋମାଞ୍ଚକ ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟସ(ଏଲ୍‌ଏସ୍‌ଜି) ୨ ରନରେ ରାଜସ୍ଥାନ ରୟାଲ୍ସ(ଆର୍‌ଆର୍)କୁ ପରାସ୍ତ କରିଛି। ଏହା ଲକ୍ଷ୍ନୌର ପଞ୍ଚମ ବିଜୟ ହୋଇଥିବା ବେଳେ ରାଜସ୍ଥାନ ଲାଗି ଏହା ଷଷ୍ଠ ପରାଜୟ। ଏହି ମ୍ୟାଚ୍ ଜରିଆରେ ଆଇପିଏଲ୍ ଇତିହାସର ସର୍ବକନିଷ୍ଠ ଖେଳାଳି ଭାବେ ବୈଭବ ସୂର୍ଯ୍ୟବଂଶୀ ପଦାର୍ପଣ କରିଛନ୍ତି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ୭.୪ ଓଭର ଶେଷ ସୁଦ୍ଧା ୫୪ ରନରେ ୩ ଉଇକେଟ ହରାଇ ସଂକଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ଅନ୍ୟତମ ଓପନର ମାରକ୍ରାମ ଓ ବଦୋନୀ ଚତୁର୍ଥ ଉଇକେଟରେ ଦ୍ରୁତ ୭୬ ରନ ଯୋଡ଼ି ଦଳୀୟ ସ୍ଥିତିରେ ସୁଧାର ଆଣିଥିଲେ। ଅର୍ଦ୍ଧଶତକ ପୂରଣ କରିବା ପରେ ମାରକ୍ରାମ ୬୬(୫ ଚୌକା ଓ ୩ ଛକା) ଏବଂ ବଦୋନୀ ୫୦ (୫ ଚୌକା ଓ ୧ ଛକା) ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ଅବଦୁଲ ସମଦ ୩୦(୪ ଛକା) ରନ କରିବାରୁ ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୮୦ ରନ କରିବାକୁ ସକ୍ଷମ ହୋଇଥିଲା। ରାଜସ୍ଥାନ ପକ୍ଷରୁ ୱାନିନ୍ଦୁ ହସରଙ୍ଗା ଦୁଇଟି ଉଇକେଟ ନେଇଥିଲେ। ଜବାବରେ ରାଜସ୍ଥାନକୁ ଯଶସ୍ୱୀ ଜୟସ୍ୱାଲ ଓ ବୈଭବଙ୍କ ଓପନିଂ ଯୋଡ଼ି ୮.୪ ଓଭରରେ ୮୫ ରନ ଯୋଡ଼ିଥିଲା। ପଦାର୍ପଣକାରୀ ବୈଭବ ୩୪(୨ ଚୌକା ଓ ୩ ଛକା) ରନ କରି ଆଉଟ୍ ହୋଇଥିବା ବେଳେ ନୀତିଶ ରାଣା (୮) ଫେଲ ମାରିଥିଲେ। ଏହାପରେ ଜୟସ୍ୱାଲ ଓ ଅଧିନାୟକ ରିୟାନ ପରାଗ ତୃତୀୟ ଉଇକେଟରେ ୬୨ ରନ ଯୋଡ଼ିଥିଲେ। ଜୟସ୍ୱାଲ ୫୨ ବଲରେ ୭୪ (୫ ଚୌକା ଓ ୪ ଛକା) ଓ ପରାଗ ୩୯ (୩ ଚୌକା ଓ ୨ ଛକା) ରନ କରି ଆଉଟ୍ ହୋଇଥିଲେ। ଶେଷ ଓଭରରେ ରାଜସ୍ଥାନକୁ ଜିତିବା ପାଇଁ ୯ ରନ ଦରକାର ଥିବା ବେଳେ ଆଭେଶ ଖାନ ଚମତ୍କାର ବୋଲିଂ ପ୍ରତିପକ୍ଷ ବ୍ୟାଟରଙ୍କୁ ବାନ୍ଧି ରଖିଥିଲେ।


ଜୟସ୍ୱାଲଙ୍କ ଉଇକେଟ ନେବାପରେ ଉଲ୍ଲସିତ ଅଭେଶ ଖାନ୍।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟସ: ୨୦ ଓଭରରେ ୧୮୦/୫ (ଏଡେନ ମାରକ୍ରାମ-୬୬, ଆୟୁଷ ବଦୋନୀ-୫୦, ୱାନିନ୍ଦୁ ହାସାରଙ୍ଗା-୨/୩୧, ତୁଷାର ଦେଶପାଣ୍ଡେ-୧/୨୬, ଜୋଫ୍ରା ଆର୍ଚ୍ଚର-୧/୩୨)। ରାଜସ୍ଥାନ ରୟାଲ୍ସ: ୨୦ ଓଭରରେ ୧୭୮/୫ (ଜଶସ୍ୱୀ ଜୟସ୍ୱାଲ-୭୪, ରିୟାନ ପରାଗ-୩୯, ବୈଭବ ସୂର୍ଯ୍ୟବଂଶୀ-୩୪, ଏଡେନ ମାରକ୍ରାମ-୧/୧୮, ଆଭେଶ ଖାନ୍-୩/୩୭)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

ପଞ୍ଜାବ
ବନାମ ବେଙ୍ଗାଲୁରୁ
ସ୍ଥାନ: ଚଣ୍ଡିଗଡ଼
ସମୟ: ଅପରାହ୍ନ ୩.୩୦

ମୁମ୍ବାଇ
ବନାମ ଚେନ୍ନାଇ
ସ୍ଥାନ: ମୁମ୍ବାଇ
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୭ | ୫ | ୨ | ୧୦ | +୦.୯୮୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୫ | ୨ | ୧୦ | +୦.୫୮୯ |
| ପଞ୍ଜାବ କିଙ୍ଗ୍ସ | ୭ | ୫ | ୨ | ୧୦ | +୦.୩୦୮ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୮ | ୫ | ୩ | ୧୦ | +୦.୦୮୮ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୭ | ୪ | ୩ | ୮ | +୦.୪୪୬ |
| କୋଲକାତା ନାଇଟ ରାଇଡର୍ସ | ୭ | ୩ | ୪ | ୬ | +୦.୫୪୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୩ | ୪ | ୬ | +୦.୨୩୯ |
| ରାଜସ୍ଥାନ ରୟାଲ୍ସ | ୮ | ୨ | ୬ | ୪ | -୦.୬୩୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୨ | ୫ | ୪ | -୧.୨୧୭ |
| ଚେନ୍ନାଇ ସୁପର କିଙ୍ଗ୍ସ | ୭ | ୨ | ୫ | ୪ | -୧.୨୭୬ |

## କ୍ରିସ୍‌ପିନ୍ ଘୋଷଣା କଲେ ୩୯ ଜଣିଆ ଦଳ

ନୂଆଦିଲ୍ଲୀ, ୧୯।୪(ପି.ଟି.)

ଜୁନ୍-ଜୁଲାଇରେ ହେବ ଏଏଫ୍‌ସି ଓମେନ୍ସ ଏସିଆନ କପ୍ ୨୦୨୬ କ୍ୱାଲିଫାୟର୍ସ। ଏଥିପାଇଁ ଆୟୋଜନ କରାଯାଇଥିବା ଏକ ଜାତୀୟ କ୍ୟାମ୍ପରେ ଭାରତୀୟ ସିନିୟର ମହିଳା ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ କ୍ରିସ୍‌ପିନ୍ ଛେତ୍ରୀ ଶନିବାର ୩୯ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରିଛନ୍ତି। ବ୍ଲୁ ଟାଇଗ୍ରେସ୍ ଦଳ ଜୁନ୍ ୨୩ରୁ ଜୁଲାଇ ୫ ମଧ୍ୟରେ ଥାଇଲାଣ୍ଡର ଚିଆଙ୍ଗମାଇଠାରେ ହେବାକୁଥିବା ଏଏଫ୍‌ସି ଓମେନ୍ସ ଏସିଆନ କପ୍ ୨୦୨୬ରେ ଅଂଶଗ୍ରହଣ କରିବ। ଭାରତୀୟ ମହିଳା ଦଳ ଗ୍ରୁପ୍ 'ବି'ରେ ଆୟୋଜକ ଥାଇଲାଣ୍ଡ, ମଙ୍ଗୋଲିଆ, ତିମୋରଲିଷ୍ଟ ଓ ଇରାକ୍ ସହ ସ୍ଥାନ ପାଇଛି। ସିନିୟର ମହିଳା ଦଳ କ୍ୟାମ୍ପ୍ ମେ'୧ରୁ ବେଙ୍ଗାଲୁରୁସ୍ଥିତ ପାଦୁକୋନ୍-ଦ୍ରାବିଡ ସେଣ୍ଟର ଫର୍ ସ୍ପୋର୍ଟ୍ସ ଏକ୍ସିଲେନ୍ସ ଅନୁଷ୍ଠିତ ହେବ।

**ଏଏଫ୍‌ସି ଓମେନ୍ସ ଏସିଆନ କପ୍ ୨୦୨୬ କ୍ୱାଲିଫାୟର୍ସ ପାଇଁ ସମ୍ଭାବ୍ୟ ଖେଳାଳି ତାଲିକା:** ଗୋଲ୍‌କିପର: ପାୟଲ ବାସୁଦେ, ଏଲାଙ୍ଗବାମ୍ ପାନ୍ଥୋଇ ଚାନୁ, କିଶାମ ମେଲୋଡି ଚାନୁ, ମୋଇରାଙ୍ଗଥେମ୍ ମୋନାଲିସା ଦେବୀ। ଡିଫେଣ୍ଡର: ପୂର୍ଣ୍ଣିମା କୁମାରୀ, ଫାନ୍‌ଜୋବାମ୍ ନିର୍ମଳା ଦେବୀ, ମାର୍ଟିନା ଥୋକ୍‌ଚୋମ୍, ଶୁଭାଙ୍ଗୀ ସିଂ, ସଞ୍ଜୁ ମାଳତୀ ମୁଣ୍ଡା, ତୋଇଜାମ ଥୋଇବିସାନା ଚାନୁ, ସୋରୋଖାଇବାମ ରଞ୍ଜନା ଚାନୁ, ଏନ୍‌ଗାଙ୍ଗବାମ୍ ସ୍ୱିଟି ଦେବୀ ଭିକ୍ସିତ ବାରା, ହେମାମ ସିଲ୍‌କି ଦେବୀ। ମିଡ୍‌ଫିଲ୍ଡର: କିରନ ପିସ୍ତା, ନଙ୍ଗମାଇଥେମ ରତ୍ନବାଳା ଦେବୀ, ମୁସ୍କାନ ସୁବା, ଲିଶାମ ବାବିନା ଦେବୀ, କାର୍ତ୍ତିକ ଆଙ୍ଗାମୁଥୁ, ସିଣ୍ଡି ରେମ୍‌ରୁଆତପୁଇ କୋଲ୍‌ନେ, ସଙ୍ଗୀତା ବାସ୍‌ଫୋର, ଏସ୍. ପ୍ରିୟଦର୍ଶିନୀ, ବେବି ସାନା, ସନ୍ତୋଷ, ଅଞ୍ଜୁ ତମାଙ୍ଗ। ଫରୱାର୍ଡ: ମୌସମୀ ମୁର୍ମୁ, ପି. ମାଳବିକା, ସନ୍ଧ୍ୟା ରଙ୍ଗନାଥନ, ସୌମ୍ୟା ଗୁଗୁଲୋଥ, ସୁଲଞ୍ଜନା ରାଉଲ, ଲିଣ୍ଡା କମ୍ ସେର୍ଟୋ, ରିମ୍ପା ହାଲ୍‌ଦାର, ମନୀଷା କଲ୍ୟାଣ, ଗ୍ରେସ୍ ଡାଙ୍ଗମେଇ।

## ଝାରସୁଗୁଡ଼ାରେ ଆନ୍ତଃ ରାଜ୍ୟ ବାଳିକା ୫-ଏ ସାଇଡ୍ ହକି

ଭୁବନେଶ୍ୱର, ୧୯।୪(ବିଜୟ ରଣା)

ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଝାରସୁଗୁଡ଼ା ଜିଲା ହକି ଆସୋସିଏଶନ ସହଯୋଗରେ ୧୭ ବର୍ଷରୁ କମ୍ ଆନ୍ତଃ ରାଜ୍ୟ ବାଳିକା ୫-ଏ ସାଇଡ୍ ହକି ପ୍ରତିଯୋଗିତା ଝାରସୁଗୁଡ଼ାର ଏସ୍. କଟାପାଲି ହକି ଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହା ରବିବାର ଉଦ୍‌ଯାପିତ ହେବ। ଏଥିରେ ବିହାର, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ଛତିଶଗଡ଼, ଓଡ଼ିଶାର ୯ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରତ୍ୟେକ ଦଳରେ ୮ ଖେଳାଳି, ଜଣେ ପ୍ରଶିକ୍ଷକ ଓ ଜଣେ ପରିଚାଳକ ରହିଛନ୍ତି। ଓଡ଼ିଶା ହକି ଆସୋସିଏଶନ ଦ୍ୱାରା ନିଯୁକ୍ତ ୧୦ଜଣ ଅଧିକାରୀ ଟୁର୍ଣ୍ଣାମେଣ୍ଟ ତଦାରଖ କରୁଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ଆସୋସିଏଶନର ବରିଷ୍ଠ ସଦସ୍ୟ, ସମ୍ପାଦକ ସନାତନ ସାହୁ. କୋଷାଧ୍ୟକ୍ଷ ପି.କେ. ମହାନ୍ତି, ବରିଷ୍ଠ ସଦସ୍ୟ ରଞ୍ଜନ ଦାସ, ଓଏସ୍‌ଡି କ୍ରୀଡ଼ା କାଳୁ ଚରଣ ଚୌଧୁରୀ ଓ ପୂର୍ବତନ ଭାରତୀୟ ଖେଳାଳି ତଥା ବର୍ତ୍ତମାନର ଚୟନକର୍ତ୍ତା ସୁଭଦ୍ରା ମହାନ୍ତି। ହକି ଇଣ୍ଡିଆର ସଭାପତି ତଥା ପଦ୍ମଶ୍ରୀ ଦିଲୀପ କୁମାର ତିର୍କୀ ଏହି ଟୁର୍ଣ୍ଣାମେଣ୍ଟର ମୁଖ୍ୟ ପରାମର୍ଶଦାତା ଅଛନ୍ତି।


ଅତିଥିଙ୍କ ଗହଣରେ ଖେଳାଳିମାନେ।

# ଟେବୁଲ ଶୀର୍ଷରେ ଗୁଜରାଟ

ଅହମଦାବାଦ,୧୯।୪

ପ୍ରସିଦ୍ଧ କ୍ରିଷ୍ଣାଙ୍କ ଘାତକ ବୋଲିଂ ଓ ଜୋସ୍ ବଟ୍‌ଲରଙ୍କ ଅପରାଜିତ ୯୭ ରନ୍‌ର ପାଳି ବଳରେ ଗୁଜରାଟ ଟାଇଟନ୍ସ ୭ ଉଇକେଟରେ ଦିଲ୍ଲୀ କ୍ୟାପିଟାଲ୍ସ(ଡିସି)କୁ ପରାସ୍ତ କରିଛି। ଦିଲ୍ଲୀ ପକ୍ଷରୁ ଧାର୍ଯ୍ୟ ୨୦୪ ରନ୍‌ର ଟାର୍ଗେଟ୍‌କୁ ଗୁଜରାଟ ୧୯.୨ ଓଭରରେ ୩ ଉଇକେଟ ହରାଇ ହାସଲ କରିନେଇଥିଲା। ଏହି ବିଜୟ ସହ ଗୁଜରାଟ ପଏଣ୍ଟ ଟେବୁଲ ଶୀର୍ଷକୁ ଉଠିଛି ଏବଂ ଦିଲ୍ଲୀ ଦ୍ୱିତୀୟ ସ୍ଥାନକୁ ଖସିଛି। ଏହା ଗୁଜରାଟର ୫ମ ବିଜୟ ହୋଇଥିବା ବେଳେ ଦିଲ୍ଲୀ ଲାଗି ଏହା ୨ୟ ପରାଜୟ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୨୦୩ ରନ୍ କରିଥିଲା। ଦଳ ପକ୍ଷରୁ ଅଧିନାୟକ ଅକ୍ଷର ପଟେଲ ସର୍ବାଧିକ ୩୯(୧ ଚୌକା ଓ ୨ ଛକା), ଆଶୁତୋଷ ଶର୍ମା ୩୭(୨ ଚୌକା ଓ ୩ ଛକା), ଟ୍ରିଷ୍ଟାନ ଷ୍ଟବ୍ସ ୩୧(୨ ଚୌକା ଓ ୧ ଛକା), କରୁନ ନାୟାର ୩୧(୨ ଲେଖାଏ ଚୌକା ଓ ଛକା) ଓ ଲୋକେଶ ରାହୁଲ ୨୮(୪ ଚୌକା ଓ ୧ ଛକା) ରନ୍ କରିଥିଲେ। ଗୁଜରାଟ ଲାଗି ପ୍ରସିଦ୍ଧ କ୍ରିଷ୍ଣା ୪ ଉଇକେଟ ନେଇଥିବା ବେଳେ ମହମ୍ମଦ ସିରାଜ, ଅର୍ଶଦ ଖାନ୍, ଇଶାନ୍ତ ଶର୍ମା ଓ ସାଇ କିଶୋର ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଗୁଜରାଟ ଆରମ୍ଭରୁ ଶୁବ୍‌ମନ ଗିଲ୍(୭)ଙ୍କ ଉଇକେଟ ହରାଇଥିଲା। ଅନ୍ୟତମ ଓପ୍‌ନର ସାଇ ସୁଦର୍ଶନ ଓ ବଟ୍‌ଲର ଦ୍ୱିତୀୟ ଉଇକେଟରେ ୬୦ ରନ୍ ଯୋଡ଼ିଥିଲେ। କ୍ରିଜ୍‌ରେ ସେଟ୍ ହୋଇଯାଇଥିବା ସୁଦର୍ଶନ ୨୧ ବଲରେ ୫ ଚୌକା ଓ ୧ ଛକା ସହିତ ୩୬ ରନ୍‌କରି ଆଉଟ୍ ହୋଇଯାଇଥିଲେ। ଏହାପରେ ଶେର୍ଫାନେ ରଦରଫୋର୍ଡ ଓ ବଟ୍‌ଲରଙ୍କ ଯୋଡ଼ି ତୃତୀୟ ଉଇକେଟରେ ୧୧୯ ରନ୍ ଯୋଡ଼ି ଦଳର ବିଜୟ ନିଶ୍ଚିତ କରିଥିଲେ। ରଦରଫୋର୍ଡ ୧ ଚୌକା ଓ ୩ ଛକା ସହିତ ୪୩ ରନ୍‌କରି ପାଭିଲିଅନ ଫେରିଥିଲେ। ଚତୁର୍ଥ କ୍ରମରେ ଆସିଥିବା ରାହୁଲ ଟେୱାଟିଆ ୧୧ ଓ ବଟ୍‌ଲର ୯୭ ରନ୍‌ରେ ଅପରାଜିତ ରହି ଦଳକୁ ମ୍ୟାଚ୍ ଜିତାଇଥିଲେ। ୫୪ ବଲର ସମ୍ମୁଖୀନ ହୋଇଥିବା ବଟ୍‌ଲରଙ୍କ ଇନିଂସ୍‌ରେ ୧୧ ଚୌକା ଓ ୪ ଛକା ସାମିଲ ଥିଲା। ଦିଲ୍ଲୀ ପାଇଁ କୁଲଦୀପ ଯାଦବ ଓ ମୁକେଶ କୁମାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଅପରାଜିତ ୯୭ ରନ୍‌ର ଇନିଂସ ଖେଳିବା ଅବସରରେ ଜୋସ୍ ବଟଲର।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ: ୨୦ ଓଭରରେ ୨୦୩/୮(ଅକ୍ଷର ପଟେଲ-୩୯, ଆଶୁତୋଷ ଶର୍ମା-୩୭, ଟ୍ରିଷ୍ଟାନ ଷ୍ଟବ୍ସ-୩୧, କରୁନ ନାୟାର-୩୧, ଲୋକେଶ ରାହୁଲ-୨୮, ପ୍ରସିଦ୍ଧ କ୍ରିଷ୍ଣା-୪/୪୧, ସାଇ କିଶୋର-୧/୯, ଇଶାନ୍ତ ଶର୍ମା-୧/୧୯)। ଗୁଜରାଟ ଟାଇଟନ୍ସ: ୧୯.୨ ଓଭରରେ ୨୦୪/୩(ଜୋସ୍ ବଟଲର-୯୭*, ଶେର୍ଫାନେ ରଦରଫୋର୍ଡ-୪୩, ସାଇ ସୁଦର୍ଶନ-୩୬, କୁଲଦୀପ ଯାଦବ-୧/୩୦, ମୁକେଶ କୁମାର-୧/୪୦)।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ